# ଧରିତ୍ରୀ DHARITRI

ଢେଙ୍କାନାଳ, ରବିବାର, ଫେବୃୟାରୀ ୭/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Dhenkanal, Sunday, February 7/2021 | ★★★★★

୧୬ଶ ଭାଗ ୨୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ସନାୟାଙ୍କ ବେଲି ଡ୍ୟାନ୍ସ ଭିଡିଓ ଭାଇରାଲ**

ସଞ୍ଜୟ କପୁରଙ୍କ ଝିଅ ସନାୟା କପୁର ଏକ ଭିଡିଓ ଓ ଫଟୋରେ ବେଲି ଡ୍ୟାନ୍ସ କରୁଥିବା ନଜର ଆସିଛି। ଏହା ଏବେ ଭାଇରାଲ ହେବାରେ ଲାଗିଛି। ୧୪

୧୬ **ସ୍ମିଥ୍‌ଙ୍କୁ ଆଲାନ ବର୍ଡର ପଦକ**

ଅଷ୍ଟ୍ରେଲିଆ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ତୃତୀୟ ଥର ଆଲାନ ବର୍ଡର ପଦକ ଜିତିଛନ୍ତି।











କଟକ -ଭୁବନେଶ୍ୱର ରାସ୍ତାର ହଂସପାଳ ଛକ ନିକଟରେ ଶନିବାର ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚକା ଜାମ୍ କରାଯାଇଛି।

# ଖୁବ୍‌ଶୀଘ୍ର ପ୍ରଥମରୁ ଅଷ୍ଟମ ପାଠପଢ଼ା

- **ସୋମବାରଠାରୁ ସ୍କୁଲ ଆସିବେ ନବମ, ଏକାଦଶ ପିଲା**
- **ପ୍ରାଥମିକ ସ୍କୁଲ୍, ଅବସରପ୍ରାପ୍ତ ଶିକ୍ଷକ ନିୟୋଜିତ ହେବେ**
- **ରବିବାର ପାଠପଢ଼ା ହେବନି**

ଭୁବନେଶ୍ୱର, ୬।୨ (ବ୍ୟୁରୋ)

କରୋନା ସ୍ଥିତି ସ୍ୱାଭାବିକ ହେଉଥିବାବେଳେ ଦୀର୍ଘ ୯ମାସ ଧରି ବନ୍ଦ ରହିଥିବା ଶିକ୍ଷା କ୍ଷେତ୍ରକୁ ପୁଣି ଟ୍ରାକ୍‌କୁ ଆଣିବାକୁ ରାଜ୍ୟ ସରକାର ପୂରା ଦମ୍‌ରେ ଲାଗିପଡ଼ିଛନ୍ତି। ପରୀକ୍ଷା ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରଥମେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ୍ ଖୋଲାଯାଇଥିଲା। ଆସନ୍ତା ସୋମବାରଠାରୁ ନବମ ଓ ଏକାଦଶ ଶ୍ରେଣୀର ପିଲା ସ୍କୁଲ୍ ଆସିବେ। ଇତିମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ଖୋଲିଯାଇଥିବାବେଳେ ଖୁବ୍‌ଶୀଘ୍ର ପ୍ରଥମରୁ ଅଷ୍ଟମ ପାଠପଢ଼ା ଆରମ୍ଭ ହେବାକୁ ଯାଉଛି। ଫେବୃୟାରୀ ଶେଷ ସପ୍ତାହରେ ଏସବୁ ଶ୍ରେଣୀ ଖୋଲିବାକୁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବାକୁ ଏସ୍‌ଓପି ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଏସ୍‌ଆର୍‌ସି ମାର୍ଗଦର୍ଶିକା ଜାରି କରିଛନ୍ତି। ଯେହେତୁ ଅଙ୍ଗନୱାଡ଼ି ଖୋଲି ସାରିଲାଣି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟ ଖୁବ୍‌ଶୀଘ୍ର ଖୋଲାଯିବ। ତେବେ କେବେ ଖୋଲିବ ସେ ନେଇ ମନ୍ତ୍ରୀ କିଛି ସ୍ପଷ୍ଟ କରିନାହାନ୍ତି।

ତେବେ ଆସନ୍ତା ୮ ତାରିଖରୁ ନବମ ଓ ଏକାଦଶ ଶ୍ରେଣୀ ଖୋଲୁଥିବାରୁ ଏଥିପାଇଁ ଶିକ୍ଷକ ଅଭାବ ରହିବ ନାହିଁ। ଦକ୍ଷ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ଏସବୁ ଶ୍ରେଣୀରେ ଶିକ୍ଷାଦାନ ପାଇଁ ନିୟୋଜିତ କରିବାକୁ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଅବସରପ୍ରାପ୍ତ ଶିକ୍ଷକ ମଧ୍ୟ ଶିକ୍ଷାଦାନରେ ନିୟୋଜିତ ହେବେ। ତେବେ ରବିବାର କ୍ଲାସ ହେବନି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ସେପଟେ ରବିବାର ସ୍କୁଲ ବନ୍ଦ ରଖିବା ପାଇଁ ଦାବି କରୁଛି ଓଡ଼ିଶା ମାଧ୍ୟମିକ ☞ପୃଷ୍ଠା-୧୧

# ଚକା ଜାମ୍ ସଫଳ

- **ସୁରକ୍ଷା ବଳୟରେ ଦିଲ୍ଲୀ**
- **ପଞ୍ଜାବ, ହରିୟାଣା, ମହାରାଷ୍ଟ୍ରରେ ବନ୍ଦ୍‌ର ଜୋର୍‌ଦାର ପ୍ରଭାବ**

ନୂଆଦିଲ୍ଲୀ, ୬।୨

କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକ ସଂଗଠନଗୁଡ଼ିକର ଡାକରାରେ ଶନିବାର ଦେଶବ୍ୟାପୀ ୩ ଘଣ୍ଟିଆ ଚକା ଜାମ୍ ଆନ୍ଦୋଳନ ସଫଳ ହୋଇଛି। ଚାଷୀମାନେ ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଦିଲ୍ଲୀରେ ଚକା ଜାମ୍ ଆନ୍ଦୋଳନ ହୋଇ ନ ଥିଲେ ମଧ୍ୟ ରାଜଧାନୀକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଦିଲ୍ଲୀ ଚାରିପଟେ ଯାଇଥିବା ଇଷ୍ଟର୍ନ ପେରିଫେରାଲ ଏକ୍ସପ୍ରେସ୍‌ୱେ ସମେତ ଉତ୍ତର ଭାରତର ସମସ୍ତ ରାଜପଥକୁ ଚାଷୀ ଅବରୋଧ କରିଥିଲେ।

ଚକା ଜାମ୍ ଆନ୍ଦୋଳନ ଯୋଗୁ ଶନିବାର ଦିଲ୍ଲୀର ସମସ୍ତ ୧୦ଟି ମେଟ୍ରୋ ଷ୍ଟେଶନକୁ ବନ୍ଦ କରିଦିଆଯାଇଥିଲା। ଅପରାହ୍ନ ୩ଟା ପରେ ସେଗୁଡ଼ିକ ଖୋଲିଥିଲା। ପଞ୍ଜାବ ଓ ହରିୟାଣାରେ ଚକା ଜାମ୍ ଆନ୍ଦୋଳନର ଜୋର୍‌ଦାର ପ୍ରଭାବ ଦେଖିବାକୁ ମିଳିଥିଲା। ଚାଷୀମାନେ ଜାତୀୟ ଓ ରାଜ୍ୟ ରାଜପଥଗୁଡ଼ିକରେ ଟ୍ରାକ୍ଟର ଟ୍ରଲି ରଖି ଅବରୋଧ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବିଭିନ୍ନ ସ୍ଥାନରେ ମହିଳାମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉଭୟ ରାଜ୍ୟରେ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ହୋଇଥିବା ଚାଷୀ ନେତାମାନେ ଦାବି କରିଛନ୍ତି। ☞ପୃଷ୍ଠା-୧୧

## ଓଡ଼ିଶାରେ କମ୍ ପ୍ରଭାବ

ଭୁବନେଶ୍ୱର,୬।୨ (ବ୍ୟୁରୋ)

ମିଳିତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଦେଶବ୍ୟାପୀ ଦିଆଯାଇଥିବା ଚକା ଜାମ୍ ଡାକରା ପ୍ରଭାବ ଓଡ଼ିଶାରେ ଆଂଶିକ ଭାବେ ଦେଖିବାକୁ ମିଳିଛି। ଶନିବାର ମଧ୍ୟାହ୍ନ ୧୨ଟାରେ ରାଜ୍ୟର ବିଭିନ୍ନ କୃଷକ ସଂଗଠନ ଚକା ଜାମ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଥିଯୋଗୁ ଅପରାହ୍ନ ୩ଟା ଯାଏ ବିଭିନ୍ନ ରୁଟ୍‌ରେ ବସ୍, ଟ୍ରକ୍ ଚଳାଚଳ ବନ୍ଦ ରହିଥିଲା। ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜାତୀୟ ରାଜପଥ ନମ୍ବର-୧୬ର ହଂସପାଳଠାରେ ଚକା ଜାମ୍ ଆନ୍ଦୋଳନ କରାଯାଇଥିଲା। ଫଳରେ କିଛି ସମୟ ଧରି ଯାନବାହନ ☞ପୃଷ୍ଠା-୧୧






# ମୋଦିଙ୍କ ଗୁଣଗାନ କଲେ ବିଚାରପତି

ନୂଆଦିଲ୍ଲୀ,୬।୨

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏମ୍.ଆର୍. ଶାହା ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର ସବୁଠୁ ପ୍ରିୟ, ଲୋକପ୍ରିୟ, ଜୀବନ୍ତ ଓ ଦୂରଦର୍ଶୀ ନେତା ଭାବେ ଅଭିହିତ କରିଛନ୍ତି। ଗୁଜରାଟ ହାଇକୋର୍ଟର ହୀରକ ଜୟନ୍ତୀ ପାଳନ ଅବସରରେ ଏକ ସ୍ମାରକ ଡାକଟିକେଟ ଉନ୍ମୋଚନ ବେଳେ ଭର୍ଚୁଆଲ କାର୍ଯ୍ୟକ୍ରମରେ ଜଷ୍ଟିସ୍ ଶାହା ଦେଇଥିବା ଏହି ମନ୍ତବ୍ୟକୁ ଗ୍ରହଣ କରିପାରି ନାହାନ୍ତି ଅନେକେ। ନ୍ୟାୟପାଳିକାର ସର୍ବୋଚ୍ଚ ପଦ ଅଳଙ୍କୃତ କରିଥିବା ଜଣେ ଜଷ୍ଟିସ୍ ଉଚ୍ଚ କ୍ଷମତାରେ ଥିବା ନେତାଙ୍କ ଏଭଳି ଗୁଣଗାନ କରିବା ବିଚାର ବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ ବୋଲି ମତ ପ୍ରକାଶ ପାଇଛି। ୨୦୧୮ରେ ଜଷ୍ଟିସ୍ ଶାହା ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ରୂପେ ଶପଥ ନେବାବେଳେ ପ୍ରଧାନମନ୍ତ୍ରୀଙ୍କୁ ☞ପୃଷ୍ଠା-୧୧



> “ ପ୍ରଧାନମନ୍ତ୍ରୀ ମୋଦି ଆମର ସବୁଠୁ ପ୍ରିୟ, ଲୋକପ୍ରିୟ, ଜୀବନ୍ତ ଓ ଦୂରଦର୍ଶୀ ନେତା। ଆମକୁ ଆମର ସର୍ବାଧିକ ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିବାକୁ ଥିବାରୁ ନିଜ ବକ୍ତବ୍ୟ ଶେଷ କରୁଛି।
>
> -ଜଷ୍ଟିସ୍ ଏମ୍. ଆର୍. ଶାହା, ସୁପ୍ରିମକୋର୍ଟ ବିଚାରପତି

# ଫେରାର ମୁଖ୍ୟ ଅଭିଯୁକ୍ତ ମୃତ

**ମାହାଙ୍ଗା ଡବଲ ମର୍ଡର ଘଟଣା**

- **ରାସ୍ତାରୁ ମିଳିଲା କ୍ଷତାକ୍ତ ମୃତଦେହ**
- **ଦୁର୍ଘଟଣା ମାମଲା ରୁଜୁ କଲା ଟାଙ୍ଗୀ ପୋଲିସ**
- **ଯୋଜନାବଦ୍ଧ ହତ୍ୟା: ପ୍ରକାଶ ବେହେରା**

ମାହାଙ୍ଗା/ନିଶ୍ଚିନ୍ତକୋଇଲି/ସାଲେପୁର/ ଟାଙ୍ଗୀ (କଟକ), ୬।୨ (ସ୍ୱ.ପ୍ର./ ଡି.ଏନ୍.ଏ.)

ମାହାଙ୍ଗା ଡବଲ ମର୍ଡର ଓ ବିକାଶ ଜେନା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ବ୍ଲକ ନୃତାଙ୍ଗ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ପ୍ରଫୁଲ୍ଲ ବିଶ୍ୱାଳ। ସେ ଦୀର୍ଘ ଦିନ ହେବ ଫେରାର ଥିଲେ। କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବନ୍ଦାଳୋ ନିକଟରେ ନିର୍ମାଣାଧୀନ ଟୋଲପ୍ଲାଜା ପାଖରୁ ତାଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପରେ ତାହାକୁ ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡିକାଲକୁ ପଠାଇଥିଲା। ହେଲେ ମୁଣ୍ଡ ଉପରେ ଟ୍ରକ ମାଡ଼ିଯାଇଥିବା ☞ପୃଷ୍ଠା-୧୧



ପ୍ରଫୁଲ୍ଲ ବିଶ୍ୱାଳ


**ଆଜିର ସମ୍ପାଦକୀୟ** ଲୋକତନ୍ତ୍ରର ସ୍ଥିତି କେଉଁଠି

## ଏଲ୍ଇଏମ୍ ମୁଖ୍ୟ ଗିରଫ

ଜୈଶ୍-ଇ-ମହମ୍ମଦର ଛାମୁଆ ସଂଗଠନ ଲଶ୍କର-ଇ-ମୁସ୍ତାଫା (ଏଲ୍ଇଏମ୍)ର ଆତ୍ମଘୋଷିତ କମାଣ୍ଡରଙ୍କୁ ଶନିବାର ଜମ୍ମୁ-କଶ୍ମୀର ପୋଲିସ ଗିରଫ କରିଛି। ଠିକ୍ ସମୟରେ ତାଙ୍କୁ ଗିରଫ କରାଯାଇଥିବାରୁ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣକୁ ପଣ୍ଡ କରିଦିଆଯାଇ ପାରିଥିବା ପୋଲିସ କହିଛି। ହିଦାୟତୁଲ୍ଲା ମଲିକ୍ ଓରଫ ହାସ୍ନାଇନ୍ ଶୋପିଆନ୍ ଜିଲାର ଜଣେ 'ଏ' କାଟାଗୋରିର ଆତଙ୍କବାଦୀ। ଜମ୍ମୁ ସହର ଉପକଣ୍ଠ କୁଞ୍ଜୱାନି ଅଞ୍ଚଳରୁ ଜମ୍ମୁ ଓ ଅନନ୍ତନାଗ ପୋଲିସର ମିଳିତ ଟିମ୍ ତାଙ୍କୁ ଗିରଫ କରିଛନ୍ତି।

### ସଂକ୍ଷେପରେ

## ୧୩ରୁ ଟିକାର ଦ୍ୱିତୀୟ ଡୋଜ୍

**ନୂଆଦିଲ୍ଲୀ, ୬।୨:** ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ କୋଭିଡ୍ ଟିକା ନେଇଛନ୍ତି, ସେମାନଙ୍କୁ ୧୩ ତାରିଖରୁ ଏହାର ଦ୍ୱିତୀୟ ଡୋଜ୍ ଦିଆଯିବ। ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କୁ ଏହି ଟିକା ଦିଆଯାଉଛି। ୨୧ ଦିନ ମଧ୍ୟରେ ୫୦ ଲକ୍ଷ ଟିକା ନେଇଛନ୍ତି। ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୬୦ ପ୍ରତିଶତ କିମ୍ବା ତାହାଠାରୁ ଅଧିକ ସ୍ୱାସ୍ଥ୍ୟସେବା କର୍ମଚାରୀ ଟିକା ନେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଆଗଧାଡ଼ିର କର୍ମଚାରୀମାନଙ୍କୁ ଟିକାଦାନ ଅଭିଯାନ ଶନିବାରଠାରୁ ଆରମ୍ଭ ହୋଇଛି। ମାର୍ଚ୍ଚ ୬ ସୁଦ୍ଧା ସେମାନେ ଟିକା ନେବା ଲାଗି ସମୟସୀମା ଧାର୍ଯ୍ୟ ହୋଇଛି। ଏହା ପରେ ତୃତୀୟ ପର୍ଯ୍ୟାୟରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ଓ ଅନ୍ୟାନ୍ୟ ରୋଗ ଥିବା ବ୍ୟକ୍ତିମାନଙ୍କୁ ଟିକାଦାନ କରାଯିବ।

## ର୍ୟାଗିଂ ମାମଲା: ୪ ମହିଳାଙ୍କୁ ଜେଲ

**ଭୋପାଳ, ୬।୨:** ମଧ୍ୟପ୍ରଦେଶରେ ଜଣେ ଛାତ୍ରୀଙ୍କୁ ର୍ୟାଗିଂ କରିବା ସହ ଆତ୍ମହତ୍ୟା ପାଇଁ ବାଧ କରିବା ମାମଲାରେ ୪ ମହିଳାଙ୍କୁ ୫ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ହୋଇଛି। ୨୦୧୩ ଅଗଷ୍ଟରେ ଭୋପାଳସ୍ଥିତ ଏକ ଫାର୍ମାସୀ କଲେଜରେ ଜଣେ ୧୮ ବର୍ଷୀୟା ଛାତ୍ରୀଙ୍କୁ ଉପର ଶ୍ରେଣୀର ୪ ଜଣ ଛାତ୍ରୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ପରେ ଛାତ୍ରୀ ଜଣକ ନିଜ ଘରେ ଆତ୍ମହତ୍ୟା କରିଥିଲେ। ସେ ତାଙ୍କ ସୁଇସାଇଡ୍ ନୋଟ୍ରେ ଉପରୋକ୍ତ ୪ ଛାତ୍ରୀଙ୍କ ନାଁ ଲେଖିଥିଲେ। ଅତିରିକ୍ତ ଜିଲା ଜଜ୍ ଅମିତ୍ ରଞ୍ଜନ ସମାଧିୟା ୪ ଛାତ୍ରୀ ଦେବାଂଶୀ ଶର୍ମା, କୀର୍ତ୍ତି ଗୌର, ଦୀପ୍ତି ସୋଲାଙ୍କି ଏବଂ ନିଧି ମାଗ୍ରେଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ସେମାନଙ୍କୁ ୫ ବର୍ଷ ଜେଲଦଣ୍ଡ ଏବଂ ୨୦୦୦ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି।

## ଆନ୍ଦୋଳନସ୍ଥଳରେ ଇଣ୍ଟରନେଟ ସେବା ବନ୍ଦ ବିରୋଧରେ ପିଟିଶନ

**ନୂଆଦିଲ୍ଲୀ, ୬।୨:** କୃଷି ଆଇନ ବିରୋଧରେ ଦିଲ୍ଲୀ-ହରିୟାଣା ସୀମାରେ ଚାଷୀ ଆନ୍ଦୋଳନ ଚଳାଇଥିବାବେଳେ ସରକାର ସେଠାରେ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଥିବାରୁ ଏହା ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି। ଆଇନଜୀବୀ ସନ୍ପ୍ରୀତ୍ ସିଂ ଅଜମାନି ଏବଂ ପୁଷ୍ପିନ୍ଦର ସିଂ ଏହି ପିଟିଶନ ଦାଏର କରିଛନ୍ତି। ଇଣ୍ଟରନେଟ ସେବା ବନ୍ଦ କରିବା ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ସେମାନେ କହିଛନ୍ତି। ଜାନୁୟାରୀ ୨୬ରେ କୃଷକମାନଙ୍କ ଟ୍ରାକ୍ଟର ରାଲି ବେଳେ ହିଂସାକାଣ୍ଡ ଘଟିବାରୁ ପ୍ରଶାସନ ଆନ୍ଦୋଳନ ସ୍ଥଳରୁ ଇଣ୍ଟରନେଟ ସେବା ବନ୍ଦ କରିଦେଇଥିଲା। ଦିଲ୍ଲୀରେ ଟ୍ରାକ୍ଟର ରାଲିବେଳେ ଜଣେ ଲୋକର ମୃତ୍ୟୁ ଘଟିଥିଲା, ଏହାର ବିଚାର ବିଭାଗୀୟ ତଦନ୍ତ ଲାଗି ପିଟିଶନରେ ଦାବି କରାଯାଇଛି।

## ସିଆର୍ପିଏଫ୍ କୋବ୍ରା କମାଣ୍ଡୋ ୟୁନିଟରେ ପ୍ରଥମ ମହିଳା ଟିମ୍

**ଗୁର୍ଗାଁଓ, ୬।୨(ପି.ଟି.):** ଜଙ୍ଗଲ ଯୁଦ୍ଧ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ସିଆର୍ପିଏଫ୍ର କୋବ୍ରା କମାଣ୍ଡୋ ଫୋର୍ସରେ ଶନିବାର ୩୪ ସିଆର୍ପିଏଫ୍ ମହିଳା ଯବାନମାନଙ୍କର ଏକ ଟିମ୍ ସାମିଲ ହୋଇଛି। ସେମାନଙ୍କୁ ଖୁବ୍ଶୀଘ୍ର ମାଓବାଦୀ ନିରୋଧୀ ଅଭିଯାନରେ ସାମିଲ କରାଯିବ। ମାଓବାଦୀମାନଙ୍କ ମୁକାବିଲା ପାଇଁ ୨୦୦୯ରେ ସିଆର୍ପିଏଫ୍ ଅଧୀନରେ କୋବ୍ରା ବାହିନୀ ଗଠନ କରାଯାଇଥିଲା। ଗୋଇନ୍ଦା ସୂଚନା ଆଧାରରେ ସେମାନେ ଜଙ୍ଗଲ ଯୁଦ୍ଧ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବାହିନୀରେ କେବଳ ପୁରୁଷ ଯବାନ ରହିଆସିଥିଲେ। ଉକ୍ତ ବାହିନୀ ପାଇଁ ମନୋନୀତ ମହିଳା ଯବାନମାନଙ୍କର ଗୁରଗାଁଓର କଦରପୁର ଗ୍ରାମସ୍ଥିତ କ୍ୟାମ୍ପରେ ଅନୁଷ୍ଠିତ ଏକ ଉତ୍ସବ କାର୍ଯ୍ୟକ୍ରମରେ ସିଆର୍ପିଏଫ୍ ଡିଜି ଏ.ପି. ମାହେଶ୍ୱରୀ ଉପସ୍ଥିତ ରହି ସେମାନଙ୍କ ଯୁଦ୍ଧାଭ୍ୟାସ ପରିଦର୍ଶନ କରିଥିଲେ।

# ମହାପଞ୍ଚାୟତରୁ ମହାସଂଗ୍ରାମ

**ନୂଆଦିଲ୍ଲୀ,୬।୨**



ଅନଶନରେ ବସିବି। ଗାଁରୁ ପାଣି ନ ଆସିବା ଯାଏ ଜଳ ସ୍ପର୍ଶ କରିବି ନାହିଁ। ଜାନୁୟାରୀ ୨୮ରେ ଗାଜିପୁର ସୀମାରେ କୃଷକ ନେତା ରାକେଶ ଟିକାଏତ୍ ଦେଇଥିବା ଏହି ଆବେଗପୂର୍ଣ୍ଣ ଆହ୍ୱାନ ପରେ ଚାରିଆଡୁ ପାଣିର ସୁଅ ଛୁଟିଥିଲା ଆନ୍ଦୋଳନସ୍ଥଳକୁ। କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ୭୭ ଦିନ ଧରି ପ୍ରାୟ ୪୦ ସଙ୍ଗଠନ ଉଦ୍ୟମ ଚଳାଇଥିଲେ ହେଁ ଏହି ଆନ୍ଦୋଳନର ସବୁଠୁ ବଡ଼ ଚେହେରା ଭାବେ ସାମ୍ନାକୁ ଆସିଛନ୍ତି ଭାରତୀୟ କିଷାନ ୟୁନିୟନ (ବିକେୟୁ) ମୁଖପାତ୍ର ରାକେଶ ଟିକାଏତ୍। କୃଷି ଆଇନ ନ ହଟିବା ଯାଏ ଘରକୁ ଫେରିବା ନାହିଁ ବୋଲି ମହାପଞ୍ଚାୟତଗୁଡ଼ିକରେ ରାକେଶଙ୍କ ହୁଙ୍କାର କୃଷକ ଆନ୍ଦୋଳନକୁ ନୂଆ ରୂପ ଦେଇଛି। ମୋଟାମୋଟି ଭାବେ ଦେଖିଲେ ମହାପଞ୍ଚାୟତ କୃଷି ଆଇନ ବିରୋଧରେ ମହାସଂଗ୍ରାମର ଡାକରା ଦେଇଛି।



ଗାଜିପୁର ସୀମାରେ ଉଦ୍ବୋଧନ ଦେଉଛନ୍ତି ବିକେୟୁ ନେତା ରାକେଶ ଟିକାଏତ୍ ।

ବିକେୟୁ ପ୍ରତିଷ୍ଠାତା ମହେନ୍ଦ୍ର ଟିକାଏତ୍ଙ୍କ ସାନପୁଅ ରାକେଶ ଟିକାଏତ୍ ଗତ ୨୯ ତାରିଖରେ ଉତ୍ତରପ୍ରଦେଶର ମୁଜାଫରନଗରରେ ମହାପଞ୍ଚାୟତର ଆୟୋଜନ କରିଥିଲେ। ଏହି ମହାପଞ୍ଚାୟତରେ ହୋଇଥିବା ଅଭୂତପୂର୍ବ ଜନସମାଗମ କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ କୃଷକଙ୍କ ଶକ୍ତି ପ୍ରଦର୍ଶନ କରିଥିଲା। ସେବେଠୁ ସପ୍ତାହେ ଧରି ପଶ୍ଚିମ ଉତ୍ତରପ୍ରଦେଶ, ହରିୟାଣା, ପଞ୍ଜାବ ଓ ରାଜସ୍ଥାନର ବିଭିନ୍ନ ସ୍ଥାନରେ ମହାପଞ୍ଚାୟତର ଆୟୋଜନ କରାଯାଉଛି। ବିଶେଷକରି ଶାମ୍ଲି, ମିରଟ, ବିଜ୍ନୋର, ବାଗ୍ପତ, ଦଉସା ଓ ଜିନ୍ଦ୍ର ମହାପଞ୍ଚାୟତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

ରାକେଶଙ୍କ ସହ ସ୍ୱରାଜ ଇଣ୍ଡିଆ ମୁଖ୍ୟ ଯୋଗେନ୍ଦ୍ର ଯାଦବ ଓ କୃଷକ ନେତା ଗୁର୍ନାମ ସିଂ ଚାରୁନି ରବିବାର ହରିୟାଣା-ରାଜସ୍ଥାନ ସୀମାର ନୁହରେ ଏକ ବିଶାଳ କିଷାନ ମହାପଞ୍ଚାୟତକୁ ସମ୍ବୋଧିତ କରିବେ। କୃଷି ଆଇନ ପ୍ରତ୍ୟାହାର ଲାଗି ଭବିଷ୍ୟତ କାର୍ଯ୍ୟପନ୍ଥା ଓ ରଣନୀତି ଏଇଠୁ ସ୍ଥିର ହେବ ବୋଲି କୁହାଯାଉଛି। ମହାପଞ୍ଚାୟତଗୁଡ଼ିକରେ ଏବେ ବିରୋଧୀ ଦଳଗୁଡ଼ିକର ନେତାଙ୍କ ଉପସ୍ଥିତି ଭବିଷ୍ୟତ ରାଜନୀତି ପାଇଁ ଭିନ୍ନ ସଙ୍କେତ ଦେଉଛି। ୨୦୨୨ରେ ହେବାକୁ ଥିବା ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ମଧ୍ୟ ମହାପଞ୍ଚାୟତର ବଡ଼ ପ୍ରାସଙ୍ଗିକତା ରହିବା ନେଇ ବିବେଚନା କରାଯାଉଛି।

## ମହାପଞ୍ଚାୟତ କ'ଣ

ପଶ୍ଚିମ ଉତ୍ତରପ୍ରଦେଶ ଓ ହରିୟାଣାରେ ମହାପଞ୍ଚାୟତଗୁଡ଼ିକୁ ପବିତ୍ର ଓ ଅଲଂଘନୀୟ ବିବେଚନା କରାଯାଏ। ଏହି ଦୁଇ ରାଜ୍ୟର ରାଜନୀତିକୁ ମଧ୍ୟ ମହାପଞ୍ଚାୟତ ବହୁଳ ଭାବେ ପ୍ରଭାବିତ କରିଥାଏ। ପଞ୍ଚାୟତ ହେଉଛି ୫ ଗ୍ରାମର ବୟୋଜ୍ୟେଷ୍ଠ ନେତାଙ୍କୁ ନେଇ ବସୁଥିବା ବୈଠକ, ଯେଉଁଠି କୃଷି, ସାମାଜିକ ଓ ନିର୍ବାଚନୀ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥାଏ। ସେହିପରି ମହାପଞ୍ଚାୟତ କହିଲେ ୧୦-୧୨ ଗ୍ରାମର ଲୋକଙ୍କ ସମ୍ମିଳନୀକୁ ବୁଝାଏ। ଖାପ୍ ପଞ୍ଚାୟତଗୁଡ଼ିକ ପକ୍ଷରୁ ମହାପଞ୍ଚାୟତର ବୈଠକ ଆୟୋଜନ ହୋଇଥାଏ। ଖାପ୍ ପଞ୍ଚାୟତର କଠୋର ନିୟମକୁ ନେଇ ସୁପ୍ରିମକୋର୍ଟ ଏହାକୁ ବେଆଇନ ଘୋଷଣା କରିଥିବାବେଳେ କୃଷି ଆଇନ ବିରୋଧୀ ଆନ୍ଦୋଳନ ନୂଆ ପରିଚୟ ଦେଇଛି। ୨୦୧୩ ମୁଜାଫରନଗର ସାମ୍ପ୍ରଦାୟିକ ଦଙ୍ଗା ବେଳେ ମଧ୍ୟ ଖାପ୍ ପଞ୍ଚାୟତ ସକାରାତ୍ମକ ଭୂମିକା ନେଇଥିଲା। ଖାପ୍ ଯାହା ନିଷ୍ପତ୍ତି ନେଇଥାଏ ଆମ ଲୋକେ ତାକୁ ସମ୍ମାନର ସହ ମାନିନିଅନ୍ତି ବୋଲି ବିକେୟୁ ନେତା ବୀରେନ୍ଦ୍ର ଡଗର କହିଛନ୍ତି।

## ସମାଗମରୁ ସମର୍ଥନ

କିଷାନ ଶକ୍ତି ସଂଘ ନେତା ପୁଷ୍ପେନ୍ଦ୍ର ଚୌଧରୀଙ୍କ ମତରେ ମହାପଞ୍ଚାୟତ କୃଷକମାନଙ୍କୁ ଏକତ୍ରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଚାଷୀଙ୍କୁ ଦିଲ୍ଲୀ ଯିବାକୁ ଦିଆଯାଉ ନ ଥିବାରୁ ଆଞ୍ଚଳିକ ସ୍ତରରେ ଆୟୋଜିତ ମହାପଞ୍ଚାୟତଗୁଡ଼ିକ କୃଷି ଆଇନ ବିରୋଧରେ ସମର୍ଥନ ଯୋଗାଡ଼ କରିବାରେ ସହାୟକ ହେଉଛି। ପ୍ରତି ମହାପଞ୍ଚାୟତରେ ଲକ୍ଷାଧିକ ଜନସମାଗମ ହେଉଥିବା ପୁଷ୍ପେନ୍ଦ୍ର ସୂଚନା ଦେଇଛନ୍ତି।



ପୁଷ୍ପେନ୍ଦ୍ର ଚୌଧରୀ

# ଚାଷୀଙ୍କ ସପକ୍ଷରେ ସୁସାନ

**ନୂଆଦିଲ୍ଲୀ, ୬।୨**

### ବଢୁଛି ସେଲିବ୍ରିଟିଙ୍କ ସମର୍ଥନ

ଭାରତରେ ଚାଷୀ ଆନ୍ଦୋଳନକୁ ହଲିଉଡ୍ର ବର୍ଷୀୟାନ ଅଭିନେତ୍ରୀ ସୁସାନ ସରାଣ୍ଡନ୍ ସମର୍ଥନ ଜଣାଇଛନ୍ତି। ପପ୍ ଷ୍ଟାର ରିହାନାଙ୍କ ଟୁଇଟ୍କୁ ଦେଇ ବିବାଦ ଦେଖାଦେବା ପରେ ହଲିଉଡ୍ର ଏହି ୭୪ ବର୍ଷୀୟା ସେଲିବ୍ରିଟି କୃଷକମାନଙ୍କ ସମର୍ଥନରେ ବାହାରିଛନ୍ତି। ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଖବରର ଶିରୋନାମା 'ହ୍ୱାଇ ଆର୍ ଫାର୍ମର୍ସ ପ୍ରୋଟେଷ୍ଟିଂ ଇନ୍ ଇଣ୍ଡିଆ ?'କୁ ସେ ଟୁଇଟର୍ରେ ଶେୟାର କରିଛନ୍ତି। ରିହାନାଙ୍କ ପୋଷ୍ଟ ପରେ ଚାଷୀ ଆନ୍ଦୋଳନକୁ ଅନ୍ତର୍ଜାତୀୟ ସ୍ତରରୁ ସମର୍ଥନ ମିଳିବାରେ ଲାଗିଛି। ଏହା ପୂର୍ବରୁ ସ୍ୱିଡେନର ଜଳବାୟୁ କର୍ମୀ ଗ୍ରେଟା ଥନ୍ବର୍ଗ, ଆମେରିକାର ଆଇନଜୀବୀ ତଥା ଉପରାଷ୍ଟ୍ରପତି କମଳା ହାରିସ୍ଙ୍କ ଝିଆରୀ ମୀନା ହାରିସ୍, ଅମଣ୍ଡା କେର୍ନି, ଗାୟିକା ଜୟ ସିଆନ୍, ଡ. ଜିଉସ୍ ଏବଂ ମିଆ ଖଲିଫା ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇ ସାରିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ୨ ମାସରୁ ଅଧିକ ସମୟ ଧରି କୃଷକ ଆନ୍ଦୋଳନ ଚାଲିଛି। କୃଷକଙ୍କ ଆନ୍ଦୋଳନସ୍ଥଳକୁ ଦିଲ୍ଲୀ ପୋଲିସ କଣ୍ଟାର ତାରବାଡ଼ ଦେଇ ସିମେଣ୍ଟ କଂକ୍ରିଟ୍ରେ ଆବଦ୍ଧ କରିବା ଚିତ୍ର ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି।



ହଲିଉଡ୍ ଅଭିନେତ୍ରୀ ସୁସାନ ସରାଣ୍ଡନ୍

# 'ବିଦାୟ ନେବ ଟିଏମ୍ସି ଶାସନ'

**ନବଦ୍ୱୀପ,୬।୨(ପି.ଟି.)**

### ପଶ୍ଚିମବଙ୍ଗରେ ପରିବର୍ତ୍ତନ ଯାତ୍ରାର ଶୁଭାରମ୍ଭ କଲେ ନଡ୍ଡା

ପଶ୍ଚିମବଙ୍ଗ ଜନସାଧାରଣ ତୃଣମୂଳ କଂଗ୍ରେସ (ଟିଏମ୍ସି) ଶାସନର ଅନ୍ତ ଘଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ବିଧାନସଭା ନିର୍ବାଚନରେ ସେମାନେ ମମତା ବାନାର୍ଜୀଙ୍କ ସରକାରକୁ ବିଦାୟ ଦେବେ ବୋଲି ଶନିବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦୃଢ଼ୋକ୍ତି ବାଢ଼ିଛନ୍ତି।

ପଶ୍ଚିମବଙ୍ଗର ନଦୀୟା ଜିଲା ନବଦ୍ୱୀପରେ 'ପରିବର୍ତ୍ତନ ରଥଯାତ୍ରା'ର ଶୁଭାରମ୍ଭ କରି ନଡ୍ଡା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଟିଏମ୍ସି ସରକାର ପ୍ରଶାସନର ରାଜନୀତୀକରଣ ଓ ପୋଲିସର ଅପରାଧୀକରଣ କରୁଥିବା ସେ ଅଭିଯୋଗ ଆଣିଛନ୍ତି। କହିଛନ୍ତି, ମା', ମାଟି, ମଣିଷର ସ୍ଲୋଗାନ ଦେଉଥିବା ଟିଏମ୍ସି ଏକଛତ୍ରବାଦ, ଲୁଣ୍ଠନ ଓ ତୁଷ୍ଟୀକରଣକାରୀ ଦଳରେ ପରିଣତ ହୋଇଯାଇଛି। ଏହି ଦଳ ଲୋକଙ୍କ ଆସ୍ଥାଭଙ୍ଗ କରି ସେମାନଙ୍କ ସହ ବିଶ୍ୱାସଘାତ କରିଛି। ମମତାଙ୍କ ଶାସନରେ କେବଳ ଟିଏମ୍ସି ନେତାମାନେ ଲାଭବାନ ହୋଇଛନ୍ତି। ଏପରି କି ଅମ୍ଫନ ଝଡ଼ ପରେ ରିଲିଫ ପାଣ୍ଠିରୁ ମଧ୍ୟ ସେମାନେ ଅର୍ଥ ଉଠାଇନେଇଛନ୍ତି। ଏହି ଅବସରରେ ନଡ୍ଡା 'ଜୟ ଶ୍ରୀରାମ' ସ୍ଲୋଗାନ ଦେଇ ଏହାକୁ ଦେଶର ସଂସ୍କୃତି ସହ ଯୋଡ଼ିଥିଲେ। ମମତା ଏହି ସ୍ଲୋଗାନକୁ ଏତେ ଘୃଣା କାହିଁକି କରୁଛନ୍ତି ବୋଲି ନଡ୍ଡା ପ୍ରଶ୍ନ କରିଥିଲେ।

ସେହିପରି ଭିତର-ବାହାର ପ୍ରସଙ୍ଗକୁ ନେଇ ମମତା ଆରମ୍ଭ କରିଥିବା ବିତର୍କ ସମ୍ପର୍କରେ ନଡ୍ଡା କହିଥିଲେ, ଭାଜପାର ରାଜ୍ୟ ନେତୃତ୍ୱ ପଶ୍ଚିମବଙ୍ଗ ସଂସ୍କୃତିର ସୁରକ୍ଷା କରିବା ସହ ରାଜ୍ୟକୁ ବିକାଶ ପଥରେ ଆଗେଇନେବେ। ଏହି ଅବସରରେ ଭାଜପା ଅଧ୍ୟକ୍ଷ ପଞ୍ଚଦଶ ଶତାବ୍ଦୀର ବୈଷ୍ଣବ ସନ୍ଥ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମସ୍ଥାନ ନବଦ୍ୱୀପରୁ ପଶ୍ଚିମବଙ୍ଗରେ ପରିବର୍ତ୍ତନ ଆଣିବା ପାଇଁ ରଥଯାତ୍ରାର ଶୁଭାରମ୍ଭ କରିଥିଲେ। ଆଗକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଅନ୍ୟ ୪ ରଥଯାତ୍ରା ମଧ୍ୟରୁ ୨ଟିର ଶୁଭାରମ୍ଭ କରିବେ ବୋଲି ନଡ୍ଡା ସୂଚନା ଦେଇଥିଲେ। ମାଲଦାରେ ନଡ୍ଡା ଏକ ସୁସଜ୍ଜିତ ଯାନରେ ୧ କି.ମି. ବ୍ୟାପୀ ରୋଡ୍ ଶୋ କରିଥିଲେ।



ନବଦ୍ୱୀପରେ ପରିବର୍ତ୍ତନ ରଥଯାତ୍ରାର ଶୁଭାରମ୍ଭ କରୁଛନ୍ତି ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ।

> ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ଅହଂକାର ପାଇଁ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରୁ ପଶ୍ଚିମବଙ୍ଗ ଚାଷୀଙ୍କୁ ବଞ୍ଚିତ କରିଛନ୍ତି। କୃଷକମାନେ ସେମାନଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି ସ୍ୱର ଉତ୍ତୋଳନ କରିବା ପରେ ମମତା ଏହି କଲ୍ୟାଣକାରୀ ଯୋଜନା ଲାଗୁ କରିବାକୁ ରାଜି ହୋଇଛନ୍ତି। ଆସନ୍ତା ମେ ମାସରୁ ରାଜ୍ୟରେ ସବୁକିଛି ସମ୍ଭବ ହେବ।

# ସ୍ୱର ଚପାଇ ପାରିବନି ସେନା

**ୟାଙ୍ଗୁନ୍, ୬।୨**

- ମ୍ୟାନ୍ମାରରେ ଆନ୍ଦୋଳନ ଜୋର୍ଦାର
- ରାସ୍ତାକୁ ଓହ୍ଲାଇଲେ ଲକ୍ଷାଧିକ ବିକ୍ଷୋଭକାରୀ
- ଇଣ୍ଟରନେଟ୍ ସେବା ବନ୍ଦ

ମ୍ୟାନ୍ମାରରେ ସାମରିକ ବିଦ୍ରୋହ ବିରୋଧରେ ଆନ୍ଦୋଳନ ତେଜିବାରେ ଲାଗିଛି। ଶନିବାର ଏଠାରେ ସବୁଠୁ ବଡ଼ ବିକ୍ଷୋଭ ଦେଖିବାକୁ ମିଳିଥିଲା। ନୂଆ ସାମରିକ ଶାସନ ବିରୋଧରେ ସୋସିଆଲ ମିଡିଆରେ ଜନମତ ଜାଗ୍ରତ ହେଉଥିବାରୁ ଏହାକୁ ଚାପିଦେବା ପାଇଁ ସୈନ୍ୟବାହିନୀ ଦେଶବ୍ୟାପୀ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଛି। ଏହା ସତ୍ତ୍ୱେ ଲକ୍ଷାଧିକ ଯୁବ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଥିଲେ। ଇଣ୍ଟରନେଟ୍ ସେବା ବନ୍ଦ ଆନ୍ଦୋଳନକୁ ଅଟକାଇ ପାରିବ ନାହିଁ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ୟାଙ୍ଗୁନ୍ ବିଶ୍ୱବିଦ୍ୟାଳୟ ନିକଟରେ ହଜାର ହଜାର ବିକ୍ଷୋଭକାରୀ ରୁଣ୍ଡ ହୋଇ ସେନାର କ୍ଷମତା ଦଖଲକୁ ବିରୋଧ କରିଥିଲେ। ସେମାନେ ସାମରିକ ଶାସନକୁ ବିରୋଧର ପ୍ରତୀକ ସ୍ୱରୂପ ତିନିଆଙ୍ଗୁଠି ସାଲ୍ୟୁଟ୍ ଦେଖାଇଥିଲେ। ଅଧିକାଂଶ ସୁ ଚୀଙ୍କ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି ପାର୍ଟି ପତାକା ରଙ୍ଗର ହାତପଟି ଲଗାଇଥିଲେ।

ବିକ୍ଷୋଭକାରୀଙ୍କୁ ଅଟକାଇବା ପାଇଁ ବହୁସଂଖ୍ୟାରେ ଦଙ୍ଗାନିରୋଧୀ ପୋଲିସ ବଳ ନିୟୋଜିତ କରାଯାଇଥିଲା। ସଂଘର୍ଷ ଭୟରେ କେତେଜଣ ବିକ୍ଷୋଭକାରୀ ସ୍ଥାନ ଛାଡ଼ି ପଳାଇଥିଲେ। ଅନ୍ୟମାନେ ସେଠାରେ ଉପସ୍ଥିତ ରହିଥିଲେ ହେଁ ପୋଲିସ ସହ ମୁହାଁମୁହିଁ ହୋଇ ନ ଥିଲା। ୟାଙ୍ଗୁନ୍ର ଅନ୍ୟ ସ୍ଥାନରେ ଦୁଇଟି ଗୋଷ୍ଠୀ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସବୁ ଯୋଗାଯୋଗ ମାଧ୍ୟମକୁ ବନ୍ଦ ରଖାଯାଇଥିବାବେଳେ ବହିଷ୍କୃତ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କ ଅଷ୍ଟ୍ରେଲୀୟ ଉପଦେଷ୍ଟା ଏକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ତାଙ୍କୁ ଏକ ହୋଟେଲରେ ଅଟକ ରଖାଯାଇଛି, ଯେଉଁଠୁ ସେ ବାହାରି ପାରୁନାହାନ୍ତି।

ଦେଶରେ ୧୦ ବର୍ଷର ଗଣତନ୍ତ୍ର ଶାସନକୁ ହଟାଇ ସୈନ୍ୟବାହିନୀ କ୍ଷମତା ଦଖଲ କରିବା ଘଟଣାକୁ ସବୁ ମହଲରେ ନିନ୍ଦା କରାଯାଇଛି। ସେମାନେ ଜନସାଧାରଣଙ୍କ ଭୋଟକୁ ସମ୍ମାନ ଦେଉନାହାନ୍ତି ଓ ଦେଶ ପ୍ରତି ବିଶ୍ୱାସଘାତ କରିଛନ୍ତି ବୋଲି ଜଣେ ବିକ୍ଷୋଭକାରୀ କହିଛନ୍ତି।



ସାମରିକ ଶାସନ ବିରୋଧରେ ୟାଙ୍ଗୁନ ୟୁନିଭର୍ସିଟି ନିକଟରେ ବିକ୍ଷୋଭ ।

## ଆକ୍ରମଣରେ ୧୨ ନିହତ

**ନାପିତାଉ, ୬।୨**

ମ୍ୟାନ୍ମାରର କୋକାଙ୍ଗ ସ୍ୱୟଂଶାସିତ ଜୋନ୍ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟିର ପୂର୍ବତନ ସଦସ୍ୟ ୟୁ ଖ୍ୱିନ୍ ମାଉଙ୍ଗ ଲ୍ୱିନ୍ଙ୍କ ସମେତ ଅନ୍ୟମାନଙ୍କ ଗାଡ଼ି ଉପରେ ଦେଶର ନ୍ୟାଶନାଲ ଡେମୋକ୍ରାଟିକ୍ ଆଲିଆନ୍ସ ଆର୍ମିର ଏକ ଗୋଷ୍ଠୀ ସଶସ୍ତ୍ର ଆକ୍ରମଣ କରିଛନ୍ତି। ଏଥିରେ ୩ ପୋଲିସ୍ଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୮ ଜଣ ସାଧାରଣ ନାଗରିକ ଓ ୫ ପୋଲିସ କର୍ମଚାରୀ ଆହତ ହୋଇଥିବା ଜଣାପଡ଼ିଛି। ମାଉଙ୍ଗ ଲ୍ୱିନ୍ ଲାଶିଓରୁ କୋକାଙ୍ଗ ରାଜଧାନୀ ଲାଉକାଇ ଯାଉଥିବାବେଳେ ବାଟରେ ଆକ୍ରମଣ ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୬୧,୦୬,୧୫୨ | ୨୩,୧୩,୫୪୯ | ୭,୭୭,୬୪,୮୮୨ |
| ଭାରତ | ୧,୦୮,୨୩,୬୯୧ | ୧,୫୪,୯୯୨ | ୧,୦୫,୧୮,୭୨୫ |
| ଓଡ଼ିଶା | ୩,୩୫,୫୪୮ | ୧୯୦୯(+୫୩) | ୩,୩୨,୮୫୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଟିକା ନ ନେଲେ ଦରମା କଟିବ ।




# ଚୂଡ଼ାନ୍ତ ରାୟ ନ ଆସିଲେ ରାଜ୍ୟବ୍ୟାପୀ ହେବ ଆନ୍ଦୋଳନ

### ମହାନଦୀ ଜଳ ବିବାଦ

**ଭୁବନେଶ୍ୱର,୬।୨(ବ୍ୟୁରୋ)**

ମହାନଦୀ ଜଳକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ବିବାଦ ଲାଗି ରହିଛି। ଏହି ମାମଲା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ନିକଟରେ ବିଚାରାଧୀନ ରହିଛି। ଫେବୃୟାରୀ ୧୨ ତାରିଖରେ ଟ୍ରିବ୍ୟୁନାଲରେ ମାମଲାକୁ ୩ ବର୍ଷ ପୂରିବ। ଟ୍ରିବ୍ୟୁନାଲ ଏ ନେଇ ୧୯ ଥର ଶୁଣାଣି କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ରାୟ ଶୁଣାଇ ନାହାନ୍ତି। ମହାନଦୀ ଜଳ ବିବାଦକୁ ନେଇ ରାଜ୍ୟବ୍ୟାପୀ ବିକ୍ଷୋଭ କରିବାକୁ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଚେତାବନୀ ଦିଆଯାଇଛି। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରୁଥିବା ବ୍ୟାରେଜକୁ ରୋକିବା ପାଇଁ ଟ୍ରିବ୍ୟୁନାଲ ଏ ପର୍ଯ୍ୟନ୍ତ ଅନ୍ତରୀଣ ଆଦେଶ ମଧ୍ୟ ଦେଇନାହାନ୍ତି। ଏହି ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଦ୍ୱାରା ବିବାଦ ସମାଧାନ ହେବା ନେଇ କମ୍ ସମ୍ଭାବନା ରହିଛି ବୋଲି ଆନ୍ଦୋଳନର ସଭ୍ୟମାନେ କହିଛନ୍ତି। ତେବେ ଓଡ଼ିଶାର ହକ୍ ପାଇଁ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

sdmimd
Shri Dharmasthala Manjunatheshwara Institute for Management Development (SDMIMD) Mysore, Karnataka
2-Year Fully Residential
Post Graduate Diploma in Management (PGDM)
Approved by AICTE | Accredited by NBA | MBA Equivalence by AIU
- 25 Years of Legacy | Ranked among top 50 B-Schools in India
- International Tie-up with 15 reputed Universities across the world
- 100% Placements: 7.7 Lakhs Average Salary
- Scholarships worth Rs. 75 Lakhs to meritorious students
- Single Occupancy hostel rooms | Students from 20 states
- SBI Scholar Loan: Educational loan facility without any tangible collateral security
- Air Conditioned classrooms
Last date to apply: 20th February 2021
www.sdmimd.ac.in
e-mail: admission@sdmimd.ac.in
Contact: 18001211535 (Toll Free), 95350 07893, 99161 22245
EFMD ACCREDITED | PGDM | ACBSP | AACSB | BSIS | QS I-GAUGE DIAMOND

# ଶାନ୍ତିସ୍ତୂପ ପାଦଦେଶରେ ନୃତ୍ୟର ମୂର୍ଚ୍ଛନା

**ଭୁବନେଶ୍ୱର, ୬।୨(ବ୍ୟୁରୋ)**

### ଧଉଳି କଳିଙ୍ଗ ମହୋତ୍ସବ ଆରମ୍ଭ


ଶନିବାର ୧୭ତମ ଧଉଳି କଳିଙ୍ଗ ମହୋତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଐତିହାସିକ ଶାନ୍ତସ୍ତୂପ ଧଉଳି ପାଦଦେଶରେ ୧୭ତମ ଧଉଳି କଳିଙ୍ଗ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଯେଉଁ ସ୍ଥାନରୁ ସମ୍ରାଟ ଅଶୋକ ଶାନ୍ତିର ବାର୍ତ୍ତା ପ୍ରଚାର କରିଥିଲେ ସେହି ସ୍ଥାନରୁ ଝଙ୍କୃତ ହୋଇଛି ଓଡ଼ିଶୀ, କଥକ, ସୃଜନଶୀଳ ନୃତ୍ୟର ଅପୂର୍ବ ଛନ୍ଦ ଓ ମୂର୍ଚ୍ଛନା।

ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ଆର୍ଟ ଭିଜନ ପକ୍ଷରୁ ଆରମ୍ଭ ହୋଇଥିବା ମହୋତ୍ସବର ପ୍ରଥମ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟ ଥିଲା ଓଡ଼ିଶୀ ନୃତ୍ୟରେ ଭଗବାନ ବିଷ୍ଣୁଙ୍କ ଦଶାବତାର-ଜୟ ଜଗଦିଶ ହରେ। ପରିବେଷଣ କରିଥିଲେ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ଶିଳ୍ପୀ। ନୃତ୍ୟ ପରିକଳ୍ପନା ତଥା ବ୍ୟାଖ୍ୟା କରିଥିଲେ ଡ. ସୁବାଷ ପାଣି ଓ ସଂରଚନା କରିଥିଲେ ଗୁରୁ ସର୍ମିଳା ବିଶ୍ୱାସ। ଦ୍ୱିତୀୟ ପ୍ରସ୍ତୁତିରେ କଥକ ନୃତ୍ୟ ପରିବେଷଣ କରିଥିଲେ କୋଲକାତାର ଉପାସନା ସେଣ୍ଟର ଫର୍ ଡ୍ୟାନ୍ସ ଅନୁଷ୍ଠାନର ଶିଳ୍ପୀମାନେ। ନୃତ୍ୟ ସଂରଚନା କରିଥିଲେ ଅସିମବନ୍ଧୁ ଭଟ୍ଟାଚାର୍ଯ୍ୟ। ଅନ୍ତିମ ପ୍ରସ୍ତୁତିରେ ଥିଲା ମୟୂରଭଞ୍ଜ ଛଉ ନୃତ୍ୟ କପତ କଥା। ପରିବେଷଣ କରିଥିଲେ ଅଙ୍ଗିକା ଅନୁଷ୍ଠାନର ଶିଳ୍ପୀମାନେ। କପତ କଥା ହେଉଛି ମହାଭାରତ ଉପାଖ୍ୟାନର ଭୀଷ୍ମପର୍ବ, ଚକ୍ରବ୍ୟୁହ, ପଦ୍ମବ୍ୟୁହ, କନିଷ୍କପର୍ବ ଆଦି ଯୁଦ୍ଧ ଉପାଖ୍ୟାନର ସମ୍ମିଶ୍ରଣ। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ସଦାଶିବ ପ୍ରଧାନ। ଛଉ ସମରକଳା ନୃତ୍ୟ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା।

ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରୀୟମ୍ବଦା ମହାନ୍ତି ହେଜମାଦୀ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନ୍‌ର ସଚିବ ଇଲିୟାନା ଚିତାରିସ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ସାୟିଦ୍ ପରିଚାଳନା କରିଥିଲେ।


ଧଉଳି କଳିଙ୍ଗ ମହୋତ୍ସବରେ ଶନିବାର ଓଡ଼ିଶା ଡ୍ୟାନ୍ସ ଏକାଡେମୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

# ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ

**ଭୁବନେଶ୍ୱର, ୬।୨(ବ୍ୟୁରୋ)**

- ପ୍ରଥମ ଦିନରେ ୮୧% ଟିକା ନେଲେ
- ୧୦ ଜିଲାରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ
- ରାୟଗଡ଼ାରେ ୧୭୩.୭%, ଗଜପତିରେ ୩୩%

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ ସମ୍ମୁଖ ଯୋଦ୍ଧାଙ୍କୁ ଟିକା ଦିଆଯାଉଛି। ପ୍ରଥମ ଦିନରେ ଟିକାକରଣରେ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ସାମିଲ ହୋଇଛନ୍ତି। କେତେକ ଜିଲାପାଳ, ଏଡିଏମ୍, ଏସ୍‌ପି ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଟିକା ନେବା ସହ ଅନ୍ୟ କୋଭିଡ୍ ଯୋଦ୍ଧାଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଆଉ କେତେକ ସ୍ଥାନରେ ଜନପ୍ରତିନିଧିମାନେ ଟିକା ନେଇଥିବା ସୂଚନା ମିଳିଛି।

ଶନିବାର ୪୮,୪୪୬ ଜଣଙ୍କୁ ଟିକା ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ୮୧.୩% ଅର୍ଥାତ୍ ୩୯,୩୭୫ଜଣ ଟିକା ନେଇଛନ୍ତି। ୪୩୦ଟି ସେସନରେ ଏହି ଟିକାକରଣ ହୋଇଥିଲା। ଭୁବନେଶ୍ୱରରେ ୧୦୯.୬% ଟିକାକରଣ ହୋଇଛି। ଏଠାରେ ୧୦ଟି ସେସନରେ ୧,୧୬୦ଜଣଙ୍କୁ ଟିକା ଦେବାର ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ୧,୨୭୧ଜଣ ଟିକା ନେଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରାଜ୍ୟର ୧୦ ଜିଲାରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଟିକାକରଣ ହୋଇଛି। ରାୟଗଡ଼ାରେ ସର୍ବାଧିକ ୧୭୩.୭% ଟିକାକରଣ ହୋଇଥିବାବେଳେ କୋରାପୁଟରେ ୧୪୦.୫%, ଭଦ୍ରକ ୧୩୬.୩%, ଦେବଗଡ଼ ୧୨୪.୯%, ଯାଜପୁର ୧୧୯.୨%, ନୂଆପଡ଼ା ୧୧୬.୭%, କଟକ ୧୧୬%, ବରଗଡ଼ ୧୦୬%, ପୁରୀ ୧୦୪.୬%, ନବରଙ୍ଗପୁର ୧୦୧.୯% ଟିକାକରଣ ହୋଇଛି। ଗଜପତି ଜିଲାରେ ସର୍ବନିମ୍ନ ୩୩.୧% ଟିକାକରଣ ହୋଇଛି। ଏହି ଜିଲାରେ ୧,୦୨୧ଜଣଙ୍କୁ ଟିକା ଦିଆଯିବାର କାର୍ଯ୍ୟକ୍ରମ ରହିଥିବାବେଳେ ମାତ୍ର ୩୩୮ଜଣ ଟିକା ନେଇଛନ୍ତି। ୧୬,୩୮୯ଜଣ ହେଲ୍‌ଥ କେୟାର ୱାର୍କର ଓ ୨୨,୯୮୬ଜଣ ଫ୍ରଣ୍ଟ ଲାଇନ ୱାର୍କର ଟିକା ନେଇଛନ୍ତି। ତେବେ ରାଜ୍ୟରେ ଏ ପର୍ଯ୍ୟନ୍ତ ୨,୫୨,୦୬୯ଜଣ ହେଲ୍‌ଥ କେୟାର ୱାର୍କର ଓ ୨୨,୯୮୬ଜଣ ଫ୍ରଣ୍ଟ ଲାଇନ ୱାର୍କର ଟିକା ନେଇଥିବା ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି।

# କରୋନା ଟିକା ସମ୍ପୂର୍ଣ୍ଣ ସୁରକ୍ଷିତ: ଡିଜିପି

**ଭୁବନେଶ୍ୱର,୬।୨(ବ୍ୟୁରୋ)/ କଟକ ଅଫିସ**

### ଟିକାନେଇ ବାର୍ତ୍ତା ଦେଲେ ଅଧିକାରୀ




କଟକ ଓ ଭୁବନେଶ୍ୱରରେ ଶନିବାରଠାରୁ ସମ୍ମୁଖ ଯୋଦ୍ଧାଙ୍କୁ ଟିକାକରଣ ଆରମ୍ଭ ହୋଇଛି। ଗୃହ ଓ ନଗର ଉନ୍ନୟନ ଏବଂ ରାଜସ୍ୱ ବିଭାଗ କର୍ମଚାରୀ ପ୍ରଥମଥର ଟିକା ନେଇଛନ୍ତି। ସେହିଭଳି ରାଜ୍ୟରେ କାର୍ଯ୍ୟରତ ପୋଲିସ ଅଧିକାରୀ ଓ କର୍ମଚାରୀ ଟିକା ନେବା ଆରମ୍ଭ କରିଛନ୍ତି। କଟକ ନେତାଜୀ ଇନ୍‌ଡୋର ଷ୍ଟାଡିୟମ ଟିକା ଗ୍ରହଣ କେନ୍ଦ୍ରରେ ସକାଳ ୯ଟାରେ ଡିଜିପି ଅଭୟ ଟିକାନେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଟିକା ନେବା ପରେ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରିବା ସହ ଏହା ସୁରକ୍ଷିତ ବୋଲି ଡିଜିପି କହିଛନ୍ତି। ପରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଏଡିଜିପି (ସିଆଇଡି) ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜିପି (ହେଡ୍‌କ୍ୱାର୍ଟର) ଲଳିତ ଦାସ, ଏଡିଜି(ଆଇନ ଶୃଙ୍ଖଳା) ୱାଇ.କେ. ଜେଠ୍‌ୱା, ଆଇଜିପି (ସିଆଇଡି) ଅମିତେନ୍ଦ୍ର ନାଥ ସିହ୍ନା, ସତୀଶ କୁମାର ଗଜ୍‌ଭିଏ, କଟକ ଡିସିପି ପ୍ରତୀକ ସିଂଙ୍କ ସମେତ ୨୩୦ଜଣ ପୋଲିସ ଅଧିକାରୀ କୋଭିଶିଲ୍ଡ ଟିକା ନେଇଛନ୍ତି। ଟିକା ନେବା ପରେ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଆମେ ଗୁଳିକୁ ଡରିନୁ, ଟିକାକୁ କାହିଁକି ଡରିବୁ। ଟିକା ନେବାକୁ ପଛଘୁଞ୍ଚା ନ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ତେବେ ରାଜ୍ୟରେ ପ୍ରାୟ ୬,୨୮୬ ପୋଲିସ ଅଧିକାରୀ ଓ କର୍ମଚାରୀ ଟିକା ନେଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଭୁବନେଶ୍ୱରରେ କୋଭାକ୍ସିନ ଟିକା ଦିଆଯାଇଥିବାବେଳେ ବିଏମ୍‌ସି ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ, ଡିସିପି ଉମାଶଙ୍କର ଦାଶ, ଟୁଇନ୍ ସିଟି ଅତିରିକ୍ତ କମିଶନର ରେଖା ଲୋହାନୀଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଟିକା ନେଇଛନ୍ତି। ପ୍ରଥମ ଦିନରେ ୬ଟି ସ୍ଥାନରେ ଟିକାକରଣ ହୋଇଛି। ୟୁନିଟ ୮, କଟକ ରୋଡ୍‌ସ୍ଥିତ ଯାତ୍ରୀ ନିବାସ ଓ ଚନ୍ଦ୍ରଶେଖରପୁର କଲ୍ୟାଣମଣ୍ଡପ ସହିତ କମିଶନରେଟ ପୋଲିସ ମୁଖ୍ୟାଳୟ, ୭ମ ବାଟାଲିଅନ ଓ ରିଜର୍ଭ ପୋଲିସରେ ଟିକାକରଣ କରାଯାଇଛି। ଏଥିପାଇଁ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱରରେ କମିଶନର ଅଫିସ, ଡିସିପି ଅଫିସ, ସପ୍ତମ ବାଟାଲିଅନ, ଏସ୍‌ଏସ୍ ବାଟାଲିଅନ, ରାଜ୍ୟ ଗୋଇନ୍ଦା ବିଭାଗ, ଏସ୍‌ଓଜି, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଆଦି ମୋଟ ୧୯ ପ୍ରତିଷ୍ଠାନର ୮୯୩୭ କର୍ମଚାରୀଙ୍କୁ ଟିକା ଦିଆଯିବାର ବ୍ୟବସ୍ଥା ରହିଛି। ସେହିପରି କଟକ ରାଜ୍ୟ ପୋଲିସ ସଦର ମହକୁମା, ଡିସିପି ଅଫିସ, କ୍ରାଇମବ୍ରାଞ୍ଚ, ଦୁର୍ନୀତି ନିବାରଣ ବିଭାଗ, ହୋମ୍‌ଗାର୍ଡ, ଫାୟାର ସର୍ଭିସେସ୍, ଷଷ୍ଠ ବାଟାଲିଅନ ଆଦି ୧୧ ପ୍ରତିଷ୍ଠାନର ୬୮୬୭ ପୋଲିସ କର୍ମଚାରୀ ଓ ହୋମ୍ ଗାର୍ଡଙ୍କୁ ଟିକା ଦିଆଯିବାର ଲକ୍ଷ୍ୟ ରହିଛି।

## ଝରାଫୁଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା



# ଶ୍ୱାସରୁଦ୍ଧ କରି ହତ୍ୟା

**ଯାଜପୁର ଅଫିସ/ ରସୁଲପୁର,୬।୨(ଡି.ଏନ୍.ଏ.)**

- ପ୍ରତିଶ୍ରୁତି ପାଳନ ନ ହେବାରୁ ପାଟିତୁଣ୍ଡ ହୋଇଥିଲା
- ଝରାଫୁଲଙ୍କ ମୋବାଇଲ ମିଳିନି, ସହଯୋଗୀ ଫେରାର

ରମାଦେବୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଦିନକୁ ଦିନ ରୋଚକ ତଥ୍ୟ ମିଳୁଛି। ଝରାଫୁଲଙ୍କ ମୃତ୍ୟୁ କୌଣସି ବିଷକ୍ରିୟା କିମ୍ବା ଗଣବଳାତ୍କାର ଯୋଗୁ ହୋଇ ନ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ତଦନ୍ତରେ ନିଶ୍ଚିତ ହୋଇଛି। ଏହାସହ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ଝରାଫୁଲଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବାରୁ ତକିଆ କିମ୍ବା ହାତରେ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରିଛି। ଝରାଫୁଲଙ୍କ ପୁରୁଷବନ୍ଧୁ ରାକେଶ କୁମାର ସ୍ୱାଇଁ ଝରାଫୁଲଙ୍କୁ ହତ୍ୟା କରିଥିବା ପୋଲିସର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ରାକେଶ କାହିଁକି ଓ କେଉଁ ପରିସ୍ଥିତିରେ ଝରାଫୁଲଙ୍କୁ ହତ୍ୟା କଲେ ତାହା ପୋଲିସ ଏଯାଏ ଜାଣି ପାରିନାହିଁ। ଗେଷ୍ଟହାଉସ୍‌ରେ ରାତ୍ରିଯାପନ ସମୟରେ ଝରାଫୁଲ ଅସୁସ୍ଥ ଥିବାରୁ ଶାରୀରିକ ସମ୍ପର୍କ ରଖିବାକୁ ମନା କରିଥିବା, ରାକେଶ ବିବାହ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଥିବା, ଝରାଫୁଲ ବାହାରକୁ ବୁଲି ଯିବାକୁ ଜିଦ୍ ଧରିଥିବା ଇତ୍ୟାଦି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାକେଶ ଉତ୍ତ୍ୟକ୍ତ ହୋଇ ଝରାଫୁଲଙ୍କୁ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ତେବେ ରାକେଶଙ୍କୁ ଦ୍ୱିତୀୟ ଥର ରିମାଣ୍ଡରେ ଆଣି ଜେରା କରିବାପରେ ହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ଯୋଜନା କରାଯାଇଛି।

ଗତ ୨୬ ତାରିଖ ରାତିରେ ଭୁବନେଶ୍ୱର ଧର୍ମବିହାରସ୍ଥିତ ଶିବସାଇ ଗେଷ୍ଟହାଉସର ୨୦୧ ନମ୍ବର ରୁମରେ ଉଭୟ ରାକେଶ ଓ ଝରାଫୁଲ ରାତ୍ରିଯାପନ କରିଥିଲେ। ସେତେବେଳେ ଝରାଫୁଲ ଅସୁସ୍ଥ ଥିଲେ। ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିବା ଗେଷ୍ଟହାଉସ କର୍ମଚାରୀମାନେ ଶୁଣିବାକୁ ପାଇଥିଲେ। କିଛି ସମୟ ପରେ ସେହି ରୁମରୁ ପାଟିତୁଣ୍ଡ ଆଉ ଶୁଭି ନ ଥିଲା। ତେବେ ଉଭୟଙ୍କ ଝଗଡ଼ା ସମାଧାନ ହୋଇଗଲା ବୋଲି କର୍ମଚାରୀମାନେ ଭାବି ଆଉ କୌଣସି ହସ୍ତକ୍ଷେପ କରି ନ ଥିଲେ। ଏହି ସମୟରେ ଝରାଫୁଲଙ୍କ ମୁହଁରେ ତକିଆ ଚାପି କିମ୍ବା ହାତଦେଇ ରାକେଶ ମାରିଦେଇଥିବା ପୋଲିସ ସନ୍ଦେହ କରୁଛି। ତେବେ ରାକେଶଙ୍କ ସହଯୋଗୀ ଶିବପ୍ରସାଦ ସ୍ୱାଇଁ ୨୭ ତାରିଖ ଭୋର ସମୟରେ ସେହି ଗେଷ୍ଟହାଉସକୁ ଯିବା ଏବଂ ଝରାଫୁଲଙ୍କ ମୃତଦେହ ଆଣିବା ସଂକ୍ରାନ୍ତରେ କର୍ମଚାରୀମାନେ କିପରି କିଛି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ତଥ୍ୟ ଗେଷ୍ଟହାଉସ କର୍ମଚାରୀମାନେ ଲୁଚାଉଥିବା ସନ୍ଦେହ କରାଯାଉଛି।

ଅଭିଯୁକ୍ତ ରାକେଶଙ୍କ ମୋବାଇଲ ଫୋନ ଓ ସ୍କୁଟିକୁ ପୋଲିସ ଜବତ କରିଛି। ମୋବାଇଲ ଫୋନରେ ହୋଇଥିବା କଥାବାର୍ତ୍ତାର ରେକର୍ଡ, ଚାଟିଂ ଆଦି ପ୍ରମାଣ ନଷ୍ଟ କରିବାକୁ ରାକେଶ ଉଦ୍ୟମ କରିଛନ୍ତି। ମୋବାଇଲରୁ ସମସ୍ତ ତଥ୍ୟ ରିକଭରି କରିବାକୁ ପୋଲିସ ଲ୍ୟାବକୁ ପଠାଇଛି। ଅନ୍ୟପକ୍ଷରେ ଝରାଫୁଲଙ୍କ ମୋବାଇଲ ଫୋନ ଏଯାଏ ପୋଲିସକୁ ମିଳି ପାରିନାହିଁ। ଝରାଫୁଲଙ୍କ ଶବ ମିଳିଥିବା ସ୍ଥାନକୁ ନେଇ ଡେମୋ ଦେଖାଇଲା ବେଳେ ଝରାଫୁଲଙ୍କ ମୋବାଇଲ ସେଠାରେ ଫିଙ୍ଗି ଦେଇଥିବା ନେଇ ରାକେଶ ପୋଲିସକୁ କହିଥିଲା। ପୋଲିସ ପକ୍ଷରୁ ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାହା ମିଳି ନ ଥିଲା। ଝରାଫୁଲଙ୍କ ମୋବାଇଲ ଫୋନ ମିଳିଲେ ପୋଲିସକୁ ତଦନ୍ତରେ ସଫଳତା ମିଳନ୍ତା ବୋଲି ଆଶା କରାଯାଉଛି। ଅପରପକ୍ଷରେ ଅଭିଯୁକ୍ତ ରାକେଶଙ୍କ ସହଯୋଗୀଙ୍କୁ ପୋଲିସ ଗିରଫ କରିବାରେ ଏଯାଏ ସଫଳ ହୋଇପାରିନାହିଁ।

# ବଳାତ୍କାର ଅଭିଯୁକ୍ତଙ୍କ ଦଣ୍ଡାଦେଶ ସ୍ଥଗିତ

**ମୁମ୍ବାଇ, ୬।୨**

**ନାବାଳିକାଙ୍କ ସହମତିରେ ସମ୍ପର୍କ ନେଇ ଆଇନଗତ ଆଭିମୁଖ୍ୟ ଅସ୍ପଷ୍ଟ: ବମ୍ବେ ହାଇକୋର୍ଟ**



ଗୋଟିଏ ଛାତତଳେ ରହୁଥିବା ସମ୍ପର୍କୀୟା ନାବାଳିକା ଭଉଣୀଙ୍କୁ ବଳାତ୍କାର ଅଭିଯୋଗରେ ତଳକୋର୍ଟ ଜଣେ ୧୯ ବର୍ଷୀୟ ଯୁବକଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଥିଲେ। ବମ୍ବେ ହାଇକୋର୍ଟ ଉକ୍ତ ଦଣ୍ଡାଦେଶକୁ ସ୍ଥଗିତ ରଖିବା ସହ ଅଭିଯୁକ୍ତଙ୍କୁ ଜାମିନରେ ଛାଡ଼ିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ନାବାଳିକାଙ୍କ ସହମତିରେ ଯୌନ ସମ୍ପର୍କ ନେଇ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଆଇନରେ ଆଭିମୁଖ୍ୟ ସ୍ପଷ୍ଟ ନ ଥିବା ହାଇକୋର୍ଟ କହିଛନ୍ତି। ଅଷ୍ଟମ ଶ୍ରେଣୀରେ ପଢୁଥିବା ପୀଡ଼ିତା ତାଙ୍କ ଦାଦାଙ୍କ ଘରେ ରହୁଥିବାବେଳେ ୨୦୧୭ ସେପ୍ଟେମ୍ବରରେ ସମ୍ପର୍କୀୟ ଭାଇ ତାଙ୍କ ସହ ଖରାପ ସମ୍ପର୍କ ରଖିଥିଲେ। ତାଙ୍କର ପେଟ ଯନ୍ତ୍ରଣା ହେବାରୁ ସେ ସ୍କୁଲ୍‌ରେ କହିଥିଲେ। ଶିକ୍ଷକ ଏ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ସମ୍ପର୍କୀୟ ଭାଇ ଯୌନ ଉତ୍ପୀଡ଼ନ ଦେଉଥିବା ଜାଣିପାରିଥିଲେ। ଏନେଇ ଶିକ୍ଷକ ୨୦୧୮ ମାର୍ଚ୍ଚ ୩ରେ ଥାନାରେ ଏତଲା ଦେଇଥିଲେ। ମେଡିକାଲ ରିପୋର୍ଟରୁ ତାଙ୍କଠାରେ କୌଣସି ବାହ୍ୟ କ୍ଷତ ନ ଥିବା ଜଣାପଡ଼ିଥିଲା। ସହମତିରେ ୪-୫ ଥର ସମ୍ପର୍କୀୟ ଭାଇଙ୍କ ସହ ସମ୍ପର୍କ ରଖିଥିବା ପୀଡ଼ିତା ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ଦେଇଥିଲେ। ଅଭିଯୁକ୍ତ ତଳକୋର୍ଟରେ ଦୋଷୀସାବ୍ୟସ୍ତ ହେବା ପରେ ଏହା ବିରୋଧରେ ହାଇକୋର୍ଟରେ ଅପିଲ୍ କରିଥିଲେ। ଜଷ୍ଟିସ୍ ଶିନ୍ଦେ ତଥ୍ୟ ପ୍ରମାଣ ଅନୁଧ୍ୟାନ କରିବା ପରେ କହିଥିଲେ, ନାବାଳିକାଙ୍କ ସହ ସହମତିରେ ଯୌନ ସମ୍ପର୍କ ବିଷୟରେ ଆଇନରେ ସ୍ପଷ୍ଟ କରାଯାଇନାହିଁ। କାରଣ ନାବାଳିକାଙ୍କ ସହମତିକୁ ଆଇନ ଆଖିରେ ବୈଧ ସହମତି ଭାବେ ଧରାଯାଏ ନାହିଁ। ଉଭୟ ପୀଡ଼ିତା ଓ ଅଭିଯୁକ୍ତ ଗୋଟିଏ ଛାତ ତଳେ ରହୁଥିବା ଓ ଉଭୟ ଛାତ୍ରୀଛାତ୍ର ହୋଇଥିବାରୁ ପୀଡ଼ିତାଙ୍କ ବୟାନକୁ ଅସ୍ୱୀକାର କରାଯାଇପାରିବ ନାହିଁ ବୋଲି ବିଚାରପତି କହିଥିଲେ। ଦଣ୍ଡାଦେଶକୁ ସ୍ଥଗିତ ରଖିବା ସହ ଉପଯୁକ୍ତ ସମୟରେ ଅଭିଯୁକ୍ତଙ୍କୁ ଶୁଣାଣି ପାଇଁ ଡକାଯିବ ବୋଲି ଅଦାଲତ କହିଛନ୍ତି।

**ଆଜିର ମନ୍ତବ୍ୟ**

"ଭାରତ ୧୫ ଦେଶକୁ କୋଭିଡ୍-୧୯ ଟିକା ଦେଇଥିବାବେଳେ 'ମେଡ୍ ଇନ୍ ଇଣ୍ଡିଆ' ଭାକ୍ସିନ୍ ପାଇଁ ଆଉ ୨୫ ଦେଶ ଅପେକ୍ଷା କରିଛନ୍ତି। **-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ**"

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ଅଭ୍ରେଶ୍
ପରିବାରବର୍ଗ


ଲକି
ପରିବାରବର୍ଗ


ପ୍ରସନ୍ନ କୁମାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମାଲ୍‌ବାହୀ ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୬।୨(ଡି.ଏନ.ଏ./ସ୍ୱ.ପ୍ର.)**

ହରିଦାସପୁର-ପାରାଦୀପ ରେଳପଥର ନାନପୁରଠାରେ ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଶନିବାର ଅପରାହ୍ଣ ୪ଟାରେ ପାରାଦୀପ ଆଡୁ କୋଇଲା ବୋଝେଇ କରି ହରିଦାସପୁର ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ୍ ସମ୍ପୃକ୍ତ ଯୁବକଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଯୁବକଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ବିଭିନ୍ନ ସ୍ଥାନରେ ଛିଟିକି ପଡିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ରେଳବାଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ଏହା ବାଲିଚନ୍ଦ୍ରପୁର ଥାନା ଅଧୀନରେ ହୋଇଥିଲେ ମଧ୍ୟ ରେଳବାଇ ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇନାହିଁ। ହରିଦାସପୁର-ପାରାଦୀପ ରେଳପଥରେ ଏହା ଦ୍ୱିତୀୟ ଦୁର୍ଘଟଣା ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଏହି ନୂଆ ରେଳପଥରେ ଅଗଷ୍ଟରୁ ପ୍ରଥମ କରି ମାଲବାହୀ ଟ୍ରେନ୍ ଯାତାୟାତ କରୁଛି। ଏ ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ୍ ଚଳାଚଳ କରିନାହିଁ।

# ବସ୍-ହାଇୱା ମୁହାଁମୁହିଁ: ୨୦ ଆହତ

**କଳିଙ୍ଗନଗର, ୬।୨(ଡି.ଏନ.ଏ.)**




ଯାଜପୁର ଜିଲା କୋରେଇ ଥାନା ଅଧୀନ ୨୦ନଂ. ଜାତୀୟ ରାଜପଥର ବନ୍ଦୀ ପେଟ୍ରୋଲ ପମ୍ପ ନିକଟରେ ଶନିବାର ଏକ ଯାତ୍ରୀବାହୀ ବସ୍ ଏବଂ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବସ୍‌ରେ ଥିବା ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ କେହି ଗୁରୁତର ହୋଇ ନ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ତାରିଣୀ ନାମକ ବସ୍ କେନ୍ଦୁଝରରୁ ଯାଜପୁର ରୋଡ୍ ଆସୁଥିବା ବେଳେ ଭାରସାମ୍ୟ ହରାଇ ହାଇୱା ସହ ଧକ୍କା ହୋଇଥିଲା। ଆହତମାନେ ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କୁହାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସହାୟତା ଲାଭ କରିବାର ସୁଯୋଗ ପାଇବେ। ଆଜକୁ କେତେଦିନ ହେଲା ମନେ ମନେ ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସାମାଜିକ ସ୍ତରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ** ବିଭିନ୍ନ ପ୍ରକାରର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଯେଉଁ କାମରେ ହାତ ଦେଇଛନ୍ତି ତାହାକୁ ଯେ କୌଣସି ପ୍ରକାରେ କରିବାରେ ସମର୍ଥ ହେବେ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଲୋଚନା ପରିସରରେ ବନ୍ଧୁଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** ଆଜି ଦିନସାରା ମନ ଭଲ ରହିବ ଏବଂ ବହୁତ ଦିନରୁ ଅଟକି ରହିଥିବା କାମ ସୁବିଧାରେ ହେବ। କିନ୍ତୁ ଆରଦ୍ରା ନକ୍ଷତ୍ରର କାମ କରିବାର ସ୍ପୃହା ଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ସକାଶେ କର୍ମମୁଖର ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** ଆଜି ହସଖୁସିରେ ସମୟ କଟାଇବେ ଏବଂ ବନ୍ଧୁ ମାନଙ୍କ ସାହାଯ୍ୟରେ କାମ ହାସଲ କରିବେ। ଅତୀତ କଥାକୁ ଚିନ୍ତା କରି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଶିଳ୍ପ,ବ୍ୟବସାୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ସିଂହ** ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ, କିନ୍ତୁ ଶେଷରେ କିଛି ପାଇବେ। ପ୍ରଶାସନ, ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ମାତ୍ର ସାବଧାନ ରହିବା ଭଲ ହେବ କାରଣ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ଶିଳ୍ପ,ବାଣିଜ୍ୟ ଓ ପରିବହନରେ ଲାଭବାନ ହେବେ।

**କନ୍ୟା** ମାଗଣାରେ କୌଣସି କାମ କରିବା ସମ୍ଭବପର ହେବ ନାହିଁ, ବରଂ କିଛି ଦେଇ କାମ ହାସଲ କରିପାରିବେ। ଯେତିକି ପାଇବେ ତାହାଠାରୁ ଅଧିକ କିଛି ବ୍ୟୟ କରିବାକୁ ବାଧ ହେବେ। ତଥାପି ପୂର୍ବ ପ୍ରସ୍ତୁତି ନ ଥାଇ ମଧ୍ୟ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇ ପାରନ୍ତି।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହେବ। ପୂର୍ବ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, କଳା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ହୋଇପାରେ। ବନ୍ଧୁଙ୍କ ସାହାଯ୍ୟରୁ ଅର୍ଥଲାଭ।

**ବିଛା** ମନଇଚ୍ଛା କାମ କରିଚାଲନ୍ତୁ ସାଧାରଣ ବ୍ୟତିକ୍ରମ ଦେଖାଗଲେ ମଧ୍ୟ କାମ ଅଟକିବ ନାହିଁ; ଯାହାକୁ ଅତି ଭଲ ପାଉଛନ୍ତି ତାହାଠାରୁ ପ୍ରତିଦାନ ପାଇବା କଷ୍ଟକର ହୋଇପଡିବ। ଆଲୋଚନା ପରିସରରେ ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାଖ ପଡୋଶୀ କିମ୍ବା ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଭିନ୍ନ ପ୍ରକାରର ମନ୍ତବ୍ୟ ଦେବେ। ପରିବାରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର** ନିକଟ ସମ୍ପର୍କୀୟମାନଙ୍କ ଅନୁକମ୍ପା ଲାଭ କରି କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ। ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ରପ୍ତାନି କାରବାର ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ବହୁତ ଦିନହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ଅତି ସୁବିଧାରେ ପାଇଯିବେ। ହଠାତ୍ ଜଣେ ବନ୍ଧୁ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ବହୁତ ଲାଭ ପାଇବେ।

**ମୀନ** ଆଜି ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। କିନ୍ତୁ ବନ୍ଧୁ ମାନଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଶାସ୍ତ୍ରାଲୋଚନା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ମାଘ କୃଷ୍ଣପକ୍ଷର ସ୍ମାର୍ତ୍ତସମ୍ମତ ଷଟ୍‌ତିଳା ଏକାଦଶୀ ରବିବାର, ଓଳାଶୁଣୀ ଯାତ୍ରା, ଫେବୃୟାରୀ ୭ ତାରିଖ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମେଷ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୦୮ମି.ଗତେ ଘ.୧୦.୦୮ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୨୦ମି. ଗତେ ଘ.୦୯.୦୨ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୨୩ମି.ଗତେ ଘ.୦୭.୦୮ମି. ମଧ୍ୟେ, ଘ.୦୧.୦୮ମି. ଗତେ ଘ.୦୧.୫୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ.୦୪.୧୪ମି. ଗତେ ଘ.୦୫.୩୮ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302




## BRIDE WANTED

Wanted Bride (38-44 years unmarried/ divorcee / widow) for a 52years Karan Corporate Manager (Widower with no issue) drawing about 2lakhs PM. Own residence at Bhubaneswar. Contact : 7008363909, 9425234282. D-19828

ବ୍ରାହ୍ମଣ କନ୍ୟାପାତ୍ରୀ ଆବଶ୍ୟକ। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ above Mob: 6371805091. D-69855

Teli groom well settled, fair, handsome, 32+, B.Tech (Early marriage). 9337197338. D-19870

**ସୁନ୍ଦର ବ୍ରାହ୍ମଣ କନ୍ୟାପାତ୍ରୀ ଆବଶ୍ୟକ। ଯୋଗ୍ୟତା Graduate +, groom 6',33, fair, B.Tech, etc, Senior Engineer, package 8.50lakhs pa. Contact: 7537820117, 7873059205.** D-69481

ତେଲି ଜାତିର MNC ମାସିକ ଦରମା ୮୦,୦୦୦/- ପୁଅ ପାଇଁ ତେଲିଜାତିର ୧୯୯୦ ପୂର୍ବର ଜନ୍ମ ଅବିବାହିତ ଝିଅ ଆବଶ୍ୟକ। ଯୋଗାଯୋଗ- 8093526172. D-19884

Brahmin boy 1988, Own establishes construction business settled Bhubaneswar. 9937832578. D-69371

## GROOM WANTED

CESU ଚାକିରିଆ AGE- 42 ବିଧବା ନିଃସନ୍ତାନ କରଣ ଝିଅଙ୍କ ପାଇଁ any- caste ପୁଅ ଦରକାର। 7681060805. D-67971

Cuttack ବାସିନ୍ଦା age-38 divorcee Government ସ୍କୁଲ teacher ଖଣ୍ଡାୟତ ଝିଅଙ୍କ ପାଇଁ ପୁଅ ଦରକାର। 7381460016. D-67970

Central Bank ଚାକିରିଆ 50 ବୟସ୍କା ନିଃସନ୍ତାନ ଖଣ୍ଡାୟତ divorcee ଝିଅଙ୍କୁ any-caste ଘରଜ୍ୱାଇଁ ଦରକାର। 9668711776. D-67972

BSNL Officeରେ କାର୍ଯ୍ୟରତ ବିଧବା ମହିଳା ପାଇଁ ବରପାତ୍ର ଆବଶ୍ୟକ, ବୟସ-47 ବର୍ଷ, ଘର କୋରାପୁଟ, ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7655858756. D-70176

Govt. Office, Bank, Doctor, Groom wanted for Khandayat bride 29, OAS, fair (Early marriage). 9337197338. D-19871

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




## SALE

Swift D'zire 2016 VDI Diesel, Swift D'zire-2016 (Petrol), Swift D'zire 2009 (Diesel). 7381091234, 9861194627. D-70182

## HIRE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX,JCB Compactor, JCB loadall, TATA/ Eicher Bus available for sale and hire. Contact: 9556240228, 9937292015. Email: kttbbsr@gmail.com. D-19804




## SALE

**ଭୁବନେଶ୍ୱର Balianta Canal roadରେ ଘରବାରି boundary and electricity ସହିତ ମିଳୁଛି। Sqft. 750/- ଯେଉଁମାନେ immediate ଘର କରିବେ Call କରନ୍ତୁ। 9437005434.** D-70184

Book premium duplex at Hanspal, Sivasakti Nagar, Bhubaneswar, 1km. from NH-16, surrounded by Colony apartment. 7327043914. D-70522

**Ready to move 1BHK at DHPL Villa One Kalarahanga. Cost 2300000/-, Contact- 9937059891.** D-19868

3BHK duplex at Atala near Hanspal Square handover on December 2021 & yellowzone plot at Ghatikia near Khandagiri Square: 9438419823, 9337086655. D-69683

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

ଭୁବନେଶ୍ୱର ସୁନ୍ଦରପଦା Hitech ଛକଠାରୁ 400mtr. ଦୂରରେ ଘରବାରି boundarywall ପ୍ଲଟ୍ 30ft. ରାସ୍ତା ଥାଇ ମିଳୁଅଛି। Contact: 8338932027. D-19790

**Pipili Highway Colonyରେ ପିଚୁରୋଡ୍‌କୁ ଲାଗି sqft.-799 Hanspal- 750 ଦିଆଯାଉଅଛି। 9437522338, 8328995545.** D-19781

**Plot Sale Kateni, near Vikas Residential School sqft-550. 8260171343.** D-19865

**Residential land/ plot immediately sale 2400sft. BDA plot Sum Hospital, 3000sft. Jharpada, 2200sft. Garage Square & 3000sft. Palasuni, Bhubaneswar please Contact: DEEPAK- 9937329999.** D-69967

ତମାଣ୍ଡୋ ବଜାର ପଛପଟେ yellowzone ଘରବାରି ପାଚେରି ହୋଇ ପ୍ଲଟ୍ ମିଳୁଅଛି। 9439864322. D-70172

**Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395.** D-70166

ଭୁବନେଶ୍ୱର ତମାଣ୍ଡୋ yellowzone plot 30' ରାସ୍ତାଥାଇ କିଣନ୍ତୁ। 7894216209, 7064615305. D-70167

**Ready to move Duplex for sale at DHPL Villa One Kalarahanga. Contact 9937059891.** D-19591

**Laxmi Sagar station ଠାରୁ 300mtr ଦୂରରେ residential plot sqft. 3550/- ରେ ବିକ୍ରିହେବ। 9937366406, 6370621085** D-70178

Book a 1BHK flat near Rasulgarh, Bhubaneswar, Price-26lakhs, Contact:7504392698. D-70526

**Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/, 9937166932.** D-69370

Book a independent duplex near ITER College Jagamara, Bhubaneswar. Price 61lakhs. Contact: 8260595320. D-70524

**Developed ଘରବାରି ପ୍ଲଟ୍ କେସୁରା ଛକରୁ 3 କିଲୋମିଟର ମଧ୍ୟରେ କିଣନ୍ତୁ। 7008492511.** D-69369

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

**ଭୁବନେଶ୍ୱର Sum Hospital ରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30' ରାସ୍ତା ଥାଇ sqft. 1050/- plot ମିଳୁଛି। 9090963952.** D-70154

ଭୁବନେଶ୍ୱର Rasulgarh GGP Highschoolକୁ ଲାଗି yellowzone plot sqft. 3500/- କିଣନ୍ତୁ। 9348767829. D-70173

**ଭୁବନେଶ୍ୱର- ପୁରୀ Bypass roadsideରେ ଏବଂ ସୁନ୍ଦରପଦାରେ ଘରବାରି plot 30' ରାସ୍ତାଥାଇ ବିକ୍ରିହେବ। 9556794241.** D-70183

ଘରବାରି ଫାର୍ମ ହାଉସ୍ ପ୍ଲଟ୍ sqft. ୧୨୫/- BJEM-II ଠାରୁ 7 K.M., 9348906496. D-19840

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

2BHK flat Garage Chhaka near Ravitalkies market area, Bhubaneswar. 7873492433. D-70222

**Bhubaneswar ତ୍ରିଶୂଳିଆଛକରୁ 1କି.ମି., Highcourtରୁ 3କି.ମି. ନନ୍ଦନକାନନରୁ 4କି.ମି. ସ୍ଥିତିବାନ ପ୍ଲଟ୍ sqft. 800/- ରେ ମିଳୁଛି। Immediate possession registration with 30ft. road, electrification. 9437834861.** D-19861

**NH-16ରେ ପିତାପଲ୍ଲୀରେ ଗୃହୋପଯୋଗୀ, ଭୁବନେଶ୍ୱର Sum Hospitalରୁ 7K.M. distance NH-16- Aର କଣ୍ଟାବାଡ଼ରେ free registration, ଘରବାରି boundary, electricity Water supply ସହ ପ୍ଲଟ ମିଳୁଅଛି। 7504861292.** D-19864

## PURCHASE

Immediately sale BDA house Badagada Brit Colony (Broker Excuse). 7205912222. D-48727

**Want to purchase firmhouse land in Big patches around Bhubaneswar/ Cuttack/ Jajpur. Interested land owner may contact- 7656070001, 8249139982.** D-70175

**Urgently require 2000-2400sqft. or 3000-3400sqft. gharabari sthitiban plot with minimum 20ft road in Pokhariput or Jagamara. Interested seller may contact- immediately. 7978074243, 8328867667 (Broker excuse).** D-70179

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**For construction only in your plot inside Bhubaneswar area, contact MRC- 9937064680.** D-27287




House for rent (Domestic) near Jhanjirmangala Gada infront of Canara Bank. Contact: 7008920577, 8249127872. D-70181

3BHK Semifurnished flat at Chandrama Complex (Block-A) Janpath Bhubaneswar is for rent. Call: 9437014718. D-69480

Well furnished house suitable for Family, Office, Godown at Pitapalli square, 2stored building 1575sqft. each. 9437470622. D-19849

House rooms for girls hostel purposes for College Institute. 7377774777. D-19863

TOLET COLD STORAGE 15×12×10 Near Rasulgard. Bhubaneswar. 7377774777 D-19862

LIG-123, PKRIT Colony, Puri, Small Family only, 9338382508/ 6370040155. D-67779

2BHK for rent Rs. 9,000/-, Old Town, Bhubaneswar. 9437025112, 9178514945. D-69482

2000sqft. First floor, 3bed room, Dining, Kitchen, 2Toilet, Big Balcony for rent N/3, Jayadev Vihar. Contact: 9337105357. D-70525




ଶିରିଡ଼ିସାଇ, ଶନିସିଗ୍ନାପୁର ଓ ତ୍ରୟମ୍ବକେଶ୍ୱର ଦର୍ଶନ ୨୩ଫେବୃୟାରୀ। ଯୋଗାଯୋଗ: ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର - 7978044197, 9437090931. D-70221




Shivam logistic packers movers. Household/ car relocation countrywide. 9777044177, 9338461133. D-19726

Odisha Packers & Movers Since-1999. Households, Car, Office, Shifting. Local / Countrywide. 9438133699, 9437390670. D-19789




Swarna SPA newly open positively health benefits with expert therapist. 9556978408. D-70519

New opening Saikrupa Panchakarma and SPA jointpain, fullbody massage, 8984068077. D-65910

Newly open full body massage ladies and gents. 9337349409. D-70423

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70520

Get refreshment Body Massage by Expert Therapist. Contact for: 6371537969. D-70516




SMS sending କାମକରି ଯୁବକ/ ଯୁବତୀ, ଗୃହିଣୀମାନେ ମାସିକ 12000-35000 + Laptop + Mobile + other facilities free (Part/ full time). 9667693638, 9667693639. D-70521

Consultant for Plastic Projects. Contact: A.C. JENA. 7609959730. D-19874

A reputed take away restaurant specializing in variety snacks/ meals requires franchisees. Low investment. High returns. 8337068899. D-19873

## ସଂକ୍ଷେପରେ

### ୭ ସ୍କୁଲକୁ ପୋଷ୍ୟ କରିବେ ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର, ୬।୨(ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ୭ଟି ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ସ୍କୁଲ ମଧ୍ୟରେ କେନ୍ଦୁଝର ଜିଲାର ୫ଟି ଥିବାବେଳେ ମୟୂରଭଞ୍ଜ ଜିଲାର ଦୁଇଟି ରହିଛି। ସ୍କୁଲଗୁଡ଼ିକ ହେଲା ଆନନ୍ଦପୁର ମଡେଲ ସ୍କୁଲ, କେନ୍ଦୁଝରଗଡ଼ ମୋଚିବନ୍ଧ ପ୍ରାଥମିକ ବିଦ୍ୟାଳୟ, ତେଲକୋଇସ୍ଥିତ ତେଲକୋଇ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁଝର ଡି.ଏନ୍. ସରକାରୀ ଉଚ୍ଚ ବିଦ୍ୟାଳୟ, ଆନନ୍ଦପୁର ବି.ଏନ୍. ସରକାରୀ ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜର ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାଙ୍ଗିରିପୋଷି ମଧ ଇଂରାଜୀ ବିଦ୍ୟାଳୟ(ବର୍ତ୍ତମାନ ଉଚ୍ଚ ବିଦ୍ୟାଳୟରେ ପରିଣତ)। ଏ ନେଇ ନିରଞ୍ଜନ ଶନିବାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେ ଲେଖିଛନ୍ତି ଯେ, 'ମୋ ସ୍କୁଲ' ଅଭିଯାନ କାର୍ଯ୍ୟକ୍ରମ ଅନୁଯାୟୀ ମୁଁ ଅତୀତରେ ପଢ଼ିଥିବା ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ସରକାରଙ୍କ ବିଧି ବ୍ୟବସ୍ଥା ମୁତାବକ ପୋଷ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରୁଛି। ଉକ୍ତ ବିଦ୍ୟାଳୟଗୁଡ଼ିକ ପ୍ରତି ମୋର ଭାବଗତ ସମ୍ପର୍କ ଓ କର୍ତ୍ତବ୍ୟ ପାଳନ ନିତାନ୍ତ ଆବଶ୍ୟକତା ଉପଲବ୍ଧି କରି ଯଥାଶୀଘ୍ର ମୋତେ ସେବାର ସୁଯୋଗ ପ୍ରଦାନ ଲାଗି ଆପଣଙ୍କୁ ଅବଗତ କରୁଛି ବୋଲି ସେ ଲେଖିଛନ୍ତି।

### ଅନୁଗୋଳରୁ ୩ ନାବାଳକ ନିଖୋଜ

ଅନୁଗୋଳ ଅଫିସ, ୬।୨: ଅନୁଗୋଳ ସହରରୁ ଦୁଇ ପରିବାରର ୩ ଜଣ ନାବାଳକ ନିଖୋଜ ହୋଇଯାଇଛନ୍ତି। ଗତ ଗୁରୁବାର ଏହି ଘଟଣା ଘଟିଛି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ସେମାନଙ୍କ ପତ୍ତା ମିଳିପାରିନାହିଁ। ଏ ନେଇ ଥାନାରେ ମଧ କୌଣସି ଅଭିଯୋଗ ହୋଇନାହିଁ। ନିଖୋଜ ଥିବା ୩ ଜଣ ନାବାଳକଙ୍କ ବୟସ ଯଥାକ୍ରମେ ୮, ୯ ଓ ୧୦ ବର୍ଷ ବୋଲି ସେମାନଙ୍କ ଅଭିଭାବକ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ପରିବାର ଲୋକେ କହିଛନ୍ତି, ଶିକ୍ଷକପଡ଼ାରେ ଜଣେ ୧୫ ବର୍ଷର ନାବାଳକ ରହୁଛି। ସେ ଗତ ଗୁରୁବାର ପିଲାମାନଙ୍କୁ ଧରି ତାଳଚେର ବ୍ଲକ ଚାଇଁପାଳ ଆଡ଼କୁ ନେଇଯାଇଥିଲେ। ସମ୍ପୃକ୍ତ ୧୫ ବର୍ଷର ନାବାଳକ ଶୁକ୍ରବାର ରାତିରେ ଘରକୁ ଫେରିଆସିଛନ୍ତି। ତେବେ ତାଙ୍କ ସହ ଯାଇଥିବା ୩ ଶିଶୁଙ୍କ ସମ୍ପର୍କରେ କୌଣସି ସୂଚନା ମିଳୁନାହିଁ। ଅନ୍ୟପଟେ ପିଲାମାନଙ୍କୁ ନେଇଯିବା ସମୟରେ ଅଭିଯୁକ୍ତ ନାବାଳକ ଶିକ୍ଷକପଡ଼ାର ଏକ ମାଛ ଦୋକାନରୁ ମାଛ ଚୋରି କରିଥିବା ବ୍ୟବସାୟୀ ଜଣକ କହିଛନ୍ତି। ପିଲାଙ୍କ ନିଖୋଜ ସମ୍ପର୍କରେ ଅନୁଗୋଳ ଥାନାରେ ମୌଖିକ ଭାବେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ନାବାଳକ ଫେରିବା ପରେ ନିଖୋଜ ଥିବା ପିଲା ମିଳିଯାଇଥିବା ନେଇ ଜଣେ ଅଭିଭାବକ ଆସି ଥାନାରେ କହିଥିଲେ। ହେଲେ ଶନିବାର ସନ୍ଧ୍ୟା ସୁଦ୍ଧା ସେମାନଙ୍କ ପତ୍ତା ମିଳି ନ ଥିବାରୁ ପରିବାର ଲୋକ ଚିନ୍ତାରେ ଅଛନ୍ତି। ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଥାନାରେ ବିଧିବଦ୍ଧ ଭାବେ ଲିଖିତ ଅଭିଯୋଗ ହୋଇନାହିଁ। କେତେଜଣ ଲୋକ ଆସି ପିଲା ନିଖୋଜ ଥିବା କହିଥିଲେ। ପରେ ଇକୋ ପାର୍କରେ ଖେଳୁଥିବା କହିଥିଲେ। ଥାନାରେ ଲିଖିତ ଅଭିଯୋଗ ହେବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

### ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ

ବାଙ୍କୀ, ୬।୨(ସ୍ୱ.ପ୍ର.) : ବାଙ୍କୀ ବ୍ଲକ ପୁଇଁଚିଆ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ବାରମ୍ବାର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇ ବିଭିନ୍ନ କାର୍ଯ୍ୟର କାଗଜପତ୍ର ଯାଞ୍ଚ କରାଯାଇଛି। ଭିଜିଲାନ୍ସ ବିଭାଗର ଏକ ୩ ଜଣିଆ ଦଳ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ରାସ୍ତା କାମ, ପାଚେରି ନିର୍ମାଣ, ହାଇମାଷ୍ଟ ଲାଇଟ ସଂଯୋଗୀକରଣ ଆଦି କାର୍ଯ୍ୟର ତଦାରଖ କରିଥିଲେ। ଏଥିସହ କିଛି କାଗଜପତ୍ର ସାଙ୍ଗରେ ନେଇ ଫେରିଯାଇଥିଲେ। ଯାଞ୍ଚ ସମୟରେ ସରପଞ୍ଚ ଆର୍ଯ୍ୟାଶ୍ରୀ ଆଦିତ୍ୟା ସହଯୋଗ କରିଥିଲେ ବୋଲି ଭିଜିଲାନ୍ସ ଟିମ୍ ପ୍ରକାଶ କରିଛି।

# ତୈଳଭଣ୍ଡାର ବନାମ ପଥର ଖାଦାନ

## କେନ୍ଦ୍ର ସରକାରଙ୍କ ୨ ଅଧିକାରୀଙ୍କ ଡଙ୍କାରୀ ଗସ୍ତ

ଯାଜପୁର ଅଫିସ,୬।୨

ଦେଶର ୪ର୍ଥ ସର୍ବବୃହତ୍ ଚଣ୍ଡିଖୋଲ ତୈଳଭଣ୍ଡାର ପ୍ରତିଷ୍ଠା କରିବାକୁ ୨୦୧୮ ଜୁନ ୨୭ରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଥିଲା। ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ ପାଦଦେଶରେ ଉକ୍ତ ତୈଳଭଣ୍ଡାର ପ୍ରତିଷ୍ଠା କରିବାକୁ ଜମି ଚିହ୍ନଟ ଚୂଡ଼ାନ୍ତ ହୋଇସାରିଛି। ଏଥିପାଇଁ ଏହାର ୧୦ କିମି ପରିଧି ମଧ୍ୟରେ ଚାଲିଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କଳାପଥର ଖାଦାନଗୁଡ଼ିକୁ ବନ୍ଦ କରାଯାଇଥିଲା। କିନ୍ତୁ କ୍ୟାବିନେଟ୍ ମଞ୍ଜୁରୀ ମିଳିବାର ଅଢ଼େଇ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ କେନ୍ଦ୍ର ସରକାରଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ ନ କରି ଡଙ୍କାରୀରେ ପୁଣି ବେଆଇନ କଳାପଥର ଖାଦାନଗୁଡ଼ିକୁ ପ୍ରଶାସନିକ ପ୍ରୋତ୍ସାହନ ଦିଆଯାଉଛି। ଏପରି କି ଧର୍ମଶାଳା ତହସିଲ ପକ୍ଷରୁ ୩ ଜଣ ପଥର ବ୍ୟବସାୟୀଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଥିଲେ ହେଁ ତାହା ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହିକ୍ରମରେ ଶନିବାର ପୂର୍ବାହ୍ନରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୨ ଜଣ ଅଧିକାରୀ ଡଙ୍କାରୀ ଗସ୍ତ କରି ଫେରିଯାଇଥିବା ସୂଚନା ମିଳିଛି।



ଆନ୍ଧ୍ରପ୍ରଦେଶ, କେରଳ, ରାଜସ୍ଥାନ ପରେ ଓଡ଼ିଶାରେ ଡଙ୍କାରୀ ପାଦଦେଶରେ ୩୮୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୪ ମିଲିୟନ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ପେଟ୍ରୋଲିୟମ ରିଜର୍ଭ ପ୍ରତିଷ୍ଠା ପ୍ରସ୍ତାବ ହୋଇଛି। ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୫୦୦ ଲୋକ ନିଯୁକ୍ତି ସୁଯୋଗ ପାଇବା ସମ୍ଭାବନା ରହିଛି। କିନ୍ତୁ ଦେଶ ସହ ସ୍ଥାନୀୟ ବେକାର ଯୁବତୀଯୁବକଙ୍କ ସ୍ୱାର୍ଥକୁ ଅଣଦେଖା କରି କେତେକ ପ୍ରଭାବଶାଳୀ ବ୍ୟକ୍ତି ପଥରଖାଦାନ ଉପରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ୨୦୧୮ ମେ ମାସରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ସମେତ ୪ଜଣ ଡଙ୍କାରୀ ପରିଦର୍ଶନରେ ଆସିଥିଲେ। କଳାପଥର ଖାଦାନକୁ ଦୃଷ୍ଟିରେ ରଖି ତୈଳଭଣ୍ଡାରକୁ ଆବଶ୍ୟକ ଜମି ଯୋଗାଇ ଦେବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ଉଠିଛି। ଏପରି କି ଧର୍ମଶାଳା ତହସିଲଦାର ଡଙ୍କାରୀ ଓ ଏହାର ଆଖପାଖରେ ଚାଲିଥିବା ଖାଦାନଗୁଡିକ ବନ୍ଦ ହେଲେ ସରକାର ପ୍ରାୟ ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା କ୍ଷତି ସହିବେ ବୋଲି ଜଣାଇଥିଲେ। ତଥାପି ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶମତେ ଲିଜ୍‌ଧାରୀମାନଙ୍କୁ ୧୨।୪।୨୦୧୮ରେ ଖାଦାନ ବନ୍ଦ କରିବାକୁ ନୋଟିସ ଜାରି ହୋଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବଶ୍ୟକ ୪୦୦ ଏକର ଜମି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଚିଠି ହୋଇଥିଲା। ତଥାପି କଳାପଥର ଖାଦାନ ବନ୍ଦ ନ ହେବାରୁ ସ୍ଥାନୀୟ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟ ଓ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ, ଯାହାକି ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ଶନିବାର ଭାରତ ସରକାରଙ୍କ ୨ ଅଧିକାରୀ ଡଙ୍କାରୀ ପରିଦର୍ଶନରେ ଆସି ପ୍ରାୟ ୧ ଘଣ୍ଟା ଧରି ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ଫେରିଯିବା ପରେ ସ୍ଥାନୀୟ ଅଞ୍ଚଳରେ ନାନା ଆଲୋଚନା ହୋଇଛି। ତୈଳଭଣ୍ଡାରକୁ ଗୁରୁତ୍ୱ ନଦେଇ ପୁଣି କଳାପଥର ଖାଦାନ ଚାଲିଥିବାରୁ ତାହାର ରିପୋର୍ଟ ପ୍ରସ୍ତୁତ ହେଉଥିବା ଏବେ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ପରିଦର୍ଶନ ସମ୍ପର୍କରେ ରାଜ୍ୟ ସରକାରଙ୍କ କୌଣସି ଅଧିକାରୀ ଜାଣିନାହାନ୍ତି। ଧର୍ମଶାଳା ତହସିଲଦାର ପ୍ରଶାନ୍ତ ସାମନ୍ତରାୟଙ୍କୁ ପଚାରିବାରେ ସେ କହିଛନ୍ତି, ଭାରତ ସରକାରଙ୍କ ଦୁଇ ଅଧିକାରୀ ଆସିଥିବା ସେ ଜାଣିଛନ୍ତି। ତେବେ କିଏ କିଏ ଆସିଥିଲେ ତାଙ୍କ ପରିଚୟ ଏଯାଏ ସେ ଜାଣି ପାରିନାହାନ୍ତି। ତୈଳ ଭଣ୍ଡାର ପ୍ରସଙ୍ଗରେ ଆସିଥିବା ସେ ଅନୁମାନ କରୁଛନ୍ତି।

# କାର୍ଟୁନିଷ୍ଟ ଅବନୀ ରଥଙ୍କୁ ଡିପ୍ଲୋମା ଡି ଏକ୍ସିଲେଣ୍ଟା ସମ୍ମାନ

ବଲାଙ୍ଗୀର ଅଫିସ, ୬।୨



ଚିତ୍ରଶିଳ୍ପୀ ଅବନୀ ରଥ

ରୋମାନିଆର ଗୁରା-ହୁମୋରୁଲୁଇଠାରେ ଆୟୋଜିତ ଆନ୍ତର୍ଜାତିକ ବ୍ୟଙ୍ଗ ରେଖାଚିତ୍ର ମହୋତ୍ସବର ୩୦ବର୍ଷ ପୂର୍ତ୍ତି ଉପଲକ୍ଷେ ବିଶ୍ୱର ବଛାବଛା କାର୍ଟୁନିଷ୍ଟଙ୍କୁ ମନୋନୀତ କରାଯାଇ ସମ୍ମାନିତ କରାଯାଇଛି । ଏହି ଅବସରରେ ଭାରତରୁ ବଲାଙ୍ଗୀର ନିବାସୀ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବ୍ୟଙ୍ଗ ଚିତ୍ରଶିଳ୍ପୀ ଅବନୀ ରଥଙ୍କୁ ଡିପ୍ଲୋମା ଡି ଏକ୍ସିଲେଣ୍ଟା ସମ୍ମାନରେ ସମ୍ମାନିତ କରାଯାଇଛି । ଏଭଳି ଏକ ମର୍ଯ୍ୟାଦାଜନକ ସମ୍ମାନ ପାଇ କାର୍ଟୁନିଷ୍ଟ ରଥ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ରୋମାନିଆର ଫେଷ୍ଟିଭେଲୁଲ ଇଣ୍ଟରନ୍ୟାଶନାଲ ଡି ଗ୍ରାଫିକା ସେଟିରିକା ଲିଟରେଚର ସେଟିରିକା ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରୋମାନିଆର ଆୟୋଜକ ଅନୁଷ୍ଠାନ ପକ୍ଷରୁ କାର୍ଟୁନିଷ୍ଟ ରଥଙ୍କ ବଲାଙ୍ଗୀର ବାସଭବନ ଠିକଣାରେ ଉକ୍ତ ସମ୍ମାନ ଓ ପ୍ରମାଣପତ୍ର ପ୍ରେରଣ କରାଯାଇଛି । ୨୦୧୨ ମସିହାରେ କାର୍ଟୁନିଷ୍ଟ ରଥଙ୍କ 'ଅବସରବାଦୀ' (ଅପର୍ଚ୍ୟୁନିଷ୍ଟ) ଶୀର୍ଷକ ଏକ ବ୍ୟଙ୍ଗଚିତ୍ରକୁ ରୋମାନିଆର ଆୟୋଜକ ଅନୁଷ୍ଠାନ ପକ୍ଷରୁ ମନୋନୀତ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି ଅନୁଷ୍ଠାନର ୩୦ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱସ୍ତରୀୟ କାର୍ଟୁନିଷ୍ଟମାନଙ୍କୁ ସମ୍ମାନିତ କରାଯାଇଛି। ତାଙ୍କର ଏହି କୃତିତ୍ୱ ସମ୍ପର୍କରେ ଜଣାପଡିବା ପରେ ବହୁ ଶୁଭେଚ୍ଛୁ ଓ କାର୍ଟୁନପ୍ରେମୀ ରଥଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଶିକ୍ଷକଙ୍କୁ ତାଲା ପକାଇ ରାସ୍ତାରୋକୋ



ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜଳାପୋଡ଼ା ଓ ତାଲାବନ୍ଦ।

ହିଞ୍ଜିଳିକାଟୁ,୬।୨(ଡି.ଏନ୍.ଏ.)

**ହିଞ୍ଜିଳିକାଟୁ ଆଇଟିଆଇ**
- ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ
- କାର୍ଯ୍ୟରୁ ଅନ୍ତର କଲେ ଜିଲାପାଳ, ତଦନ୍ତ ନିର୍ଦ୍ଦେଶ

ଅସହ୍ୟ ହେଲା ଶିକ୍ଷକଙ୍କ ନିର୍ଯାତନା। ଶେଷରେ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନ ଭିତରେ ସମ୍ପୃକ୍ତ ଶିକ୍ଷକଙ୍କୁ ତାଲା ପକାଇବା ସହ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ପୋଚିଲିମା ସ୍ଥିତ ସରକାରୀ ଆଇଟିଆଇରେ। ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ଶିକ୍ଷକଙ୍କୁ ଅଧ୍ୟକ୍ଷ କାର୍ଯ୍ୟରୁ ଅନ୍ତର କରିଛନ୍ତି।

ଆଇଟିଆଇର ଛାତ୍ରୀଛାତ୍ର ଶନିବାର ସକାଳେ ସମ୍ପୃକ୍ତ ଶିକ୍ଷକ ଶିକ୍ଷାନୁଷ୍ଠାନ ପରିସରରେ ଥିବାବେଳେ ମୁଖ୍ୟ ଫାଟକରେ ତାଲା ପକାଇବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଗାଡି ଚଳାଚଳ ବନ୍ଦ ହୋଇଯାଇଥିଲା। ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାଶ ଓ ଆଇଟିଆଇ ଅଧ୍ୟକ୍ଷ ଅମୂଲ୍ୟ କୁମାର ପଣ୍ଡା ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ଅନୁଷ୍ଠାନର ଶିକ୍ଷକ ଚନ୍ଦ୍ରକାନ୍ତ ଚାନ୍ଦୁଆ ଛାତ୍ରୀନିବାସରେ ମଧ୍ୟରାତ୍ର ପର୍ଯ୍ୟନ୍ତ ରହିବା ଓ କିଛି ଛାତ୍ରୀଛାତ୍ରଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ ସହ ପରୀକ୍ଷାରେ ଫେଲ୍ ଭୟ ଦେଖାଇ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ। କୋଭିଡ୍ ମହାମାରୀ କାରଣରୁ ହଷ୍ଟେଲ ବନ୍ଦ ଥିଲେ ମଧ ଛାତ୍ରୀଛାତ୍ରଙ୍କ ଫି' ଫେରସ୍ତ ହୋଇନାହିଁ ଓ ଏଥିସହ ଅନ୍ୟ କେତେକ ଦାବି ପୂରଣ ପାଇଁ ମଧ ଦାବି କରିଥିଲେ। ଆଇଆଇସି ଦାଶ ଓ ଅଧ୍ୟକ୍ଷ ଅମୂଲ୍ୟ କୁମାର ପଣ୍ଡା ଛାତ୍ରୀଛାତ୍ରଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବାପରେ ତାଲା ଖୋଲିବା ସହ ରାସ୍ତାରୋକୋ ହଟିଥିଲା।

ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ଶିକ୍ଷକ ଚନ୍ଦ୍ରକାନ୍ତଙ୍କୁ ଆଇଟିଆଇ ଅଧ୍ୟକ୍ଷ ପଣ୍ଡା ସନ୍ଧ୍ୟାରେ କାର୍ଯ୍ୟରୁ ଅନ୍ତର କରିଛନ୍ତି। ଏନେଇ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଏକ କମିଟି ଦ୍ୱାରା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡ଼ିଓ ପ୍ରସନ୍ନ କୁମାର ପାତ୍ର କହିଛନ୍ତି।

# ଆନ୍ଧ୍ର ନିର୍ବାଚନରେ ଓଡ଼ିଶା ପ୍ରାର୍ଥୀ, ଭୋଟର

ପାରଳାଖେମୁଣ୍ଡି,୬।୨(ଡି.ଏନ୍.ଏ.)

**ଓଡ଼ିଶାର ଗଙ୍ଗାବାଡ ଆନ୍ଧ୍ରର ସାବାକୋଟା ପଞ୍ଚାୟତ**

କୋଟିଆ ପରେ ବର୍ତ୍ତମାନ ଗଜପତି ଜିଲା ଗଙ୍ଗାବାଡର କେତେକ ଗ୍ରାମ ଉପରେ ଆନ୍ଧ୍ର ପକାଇଛି ଲୋଲୁପ ଦୃଷ୍ଟି। ବିଭିନ୍ନ ଯୋଜନାରେ ଲୋକଙ୍କୁ ସାମିଲ କରିବା ସହ ବର୍ତ୍ତମାନ ଫେବୃୟାରୀ ୧୩ରେ ପଞ୍ଚାୟତ ନିର୍ବାଚନରେ ଓଡ଼ିଶାରୁ ପ୍ରାର୍ଥୀ ଦେଇଛି। ଜିଲାର ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତ ମାଣିକପାଟଣା, ମାଦିଆଖୋଲ, ବୁରୁସିଂ, ଅମରିଙ୍ଗି ଓ ଗୁଡୁଖୁଡି ଗ୍ରାମରେ ଜମି ପଟ୍ଟା, ଭୋଟ ପରିଚୟ ପତ୍ର, ଆଧାର କାର୍ଡ, ରାଶନକାର୍ଡ, ଭତ୍ତା, ବିଦ୍ୟୁତ୍ ସଂଯୋଗ କରିବା ପରେ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ଦେଇ ଭୋଟଦାନ ପାଇଁ ଭୋଟରଙ୍କୁ ରାଜି କରାଉଛି। ଏହି ଗ୍ରାମର ଜଣେ ମହିଳା ଲକ୍ଷ୍ମୀ ଶବରଙ୍କୁ ୱାର୍ଡ ମେମ୍ବର ପ୍ରାର୍ଥୀ ମଧ କରାଯାଇଛି। ଆଗାମୀ ୧୩ ତାରିଖରେ ଭୋଟ ଦେବାକୁ ମଧ କେତେକ ଲୋକେ ମନସ୍ଥ କରିଥିବା ଜଣାପଡିଛି। ଗ୍ରାମର ଅଧା ଲୋକ ଆନ୍ଧ୍ରପ୍ରଦେଶ ଆଡେ ମନ ବଳାଉଥିବାବେଳେ ଆଉ ଅଧାଲୋକ ଓଡ଼ିଶା ମାଟିରେ ରହୁଛୁ ଓଡ଼ିଶାକୁ ସମର୍ଥନ କରିବୁ ବୋଲି କହିଛନ୍ତି। ଉପରୋକ୍ତ ଗ୍ରାମଗୁଡିକୁ ଆନ୍ଧ୍ର ଶ୍ରୀକାକୁଳମ୍ ଜିଲା ମନ୍ଦସା ମଣ୍ଡଳମ୍‌ର ସାବାକୋଟା ପଞ୍ଚାୟତ ବୋଲି ଭୋଟର କାର୍ଡରେ ଦର୍ଶାଇଛି। ବୁରୁସିଂ ଗ୍ରାମରେ ମଧ ପାଞ୍ଚ ପରିବାର ଉଭୟ ଆନ୍ଧ୍ର ଓ ଓଡିଶାରୁ ଭୋଟ ପରିଚୟପତ୍ର ପାଇଛନ୍ତି। ଉଭୟ ରାଜ୍ୟରୁ ସେମାନେ ବହୁ ସରକାରୀ ସୁବିଧା ପାଉଛନ୍ତି। ଉକ୍ତ ପରିବାର ଲୋକେ ଆନ୍ଧ୍ରରେ ଚାଷ ପାଇଁ ଜମି କିଣିଥିବାରୁ ପ୍ରସାଶନିକ ଓ ରାଜନୈତିକ ଚାପ ଯୋଗୁ ଭୋଟ ଦେବାକୁ ବାଧ୍ୟ ବୋଲି କହିଛନ୍ତି। ଗୁଡୁଖୁଡି ଗ୍ରାମବାସୀ ମଧ ଭୋଟ ଦେବେ ବୋଲି ସ୍ପଷ୍ଟ କରିଛନ୍ତି। ଆନ୍ଧ୍ରପ୍ରଦେଶ ସରକାର ସୁବିଧା ସୁଯୋଗ ଯୋଗାଇ ଦେବାସହ ରାଜସ୍ୱ ମଧ ଆଦାୟ କରୁଛି। କିନ୍ତୁ ଗଜପତି ଜିଲା ପ୍ରଶାସନ ବିଗତ ୫ମାସ ଧରି ରାଶନ ପ୍ରଦାନ କରିନାହିଁ, ତେଣୁ ଓଡିଶା ମାଟିରେ ରହି ମଧ ଆନ୍ଧ୍ରପ୍ରଦେଶ ନିର୍ବାଚନରେ ଭୋଟ ଦେବାରେ ଅସୁବିଧା କେଉଁଠି ବୋଲି କହିଛନ୍ତି। ଗଜପତି ଜିଲା ପ୍ରଶାସନର ଏକ ଟିମ୍ ଶନିବାର ଉପ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କ ନେତୃତ୍ୱରେ ସମ୍ପୃକ୍ତ ଗ୍ରାମ ପରିଦର୍ଶନ କରି ମାଣିକପାଟଣାରେ ବୈଠକ କରିଥିଲେ। ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ କରି ଆନ୍ଧ୍ର କରିଥିବା ଷଡ଼ଯନ୍ତ୍ର ପଣ୍ଡ କରିବାକୁ ପ୍ରଶାସନ ପ୍ରୟାସ ଆରମ୍ଭ କରିଛି। କୋଟିଆ ଭଳି ଏହି ଗ୍ରାମ ଗୁଡିକ ପ୍ରତି ମଧ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଲୋକମାନଙ୍କୁ ଆକୃଷ୍ଟ କରିବାକୁ ଦାବି ହେଉଛି।

# କୋଟିଆ ବିବାଦ: ଇଞ୍ଚେ ଜମି କାହାରିକୁ ଦେବା ପ୍ରଶ୍ନ ଉଠୁନାହିଁ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୬।୨(ବ୍ୟୁରୋ)

କୋରାପୁଟ ଓ ଗଜପତି ଜିଲାର କେତେକ ପଞ୍ଚାୟତରେ ଆନ୍ଧ୍ର ପଞ୍ଚାୟତ ନିର୍ବାଚନ କରିବାକୁ ପ୍ରସ୍ତୁତ ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଶୁକ୍ରବାର କୋରାପୁଟ ଜିଲାର କୋଟିଆ ଅଞ୍ଚଳ ପାଇଁ ପ୍ୟାକେଜ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁବ୍‌ଶୀଘ୍ର ସେହି ଅଞ୍ଚଳ ଗସ୍ତ କରିବେ ବୋଲି ଘୋଷଣା କରିଛନ୍ତି। ଶନିବାର ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଗଣମାଧ୍ୟମକୁ କହିଛନ୍ତି ଯେ ଓଡ଼ିଶାର ଇଞ୍ଚେ ବି ଜାଗା ଦିଆଯିବ ନାହିଁ। କୋରାପୁଟ ଓ ଗଜପତି ଜିଲାର କେତେକ ଅଞ୍ଚଳରେ ଆନ୍ଧ୍ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥିବା ସମ୍ପର୍କରେ ରାଜ୍ୟ ସରକାର ଅବଗତ ଅଛନ୍ତି। ୩ ଦିନ ତଳେ ମୁଖ୍ୟମନ୍ତ୍ରୀ କୋଟିଆ ଅଞ୍ଚଳ ପାଇଁ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଆମ ତରଫରୁ ଯାହା କରାଯିବା କଥା କରାଯିବ। ସେଥିପାଇଁ ଆମେ ଦୃଢ଼ସଂକଳ୍ପ। ଓଡ଼ିଶାର ଇଞ୍ଚେ ଜମି କାହାରିକୁ ଦେବା ପ୍ରଶ୍ନ ଉଠୁ ନାହିଁ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି କରିଛନ୍ତି।

# ଆନ୍ଦୋଳନ ବେଳେ ମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇବାରୁ ଉତ୍ତେଜନା



ଆନ୍ଦୋଳନକାରୀମାନେ ମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଉଛନ୍ତି।

ବାରିପଦା ଅଫିସ, ୬।୨

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ୧୮ ନଂ. ଜାତୀୟ ରାଜପଥ ବୁଡାମରାଠାରେ ଶନିବାର ଚକାଜାମ୍ ଆନ୍ଦୋଳନ ଚାଲିଥିବା ବେଳେ ଜେଏମ୍‌ଏମ୍ କର୍ମୀମାନେ ସେହି ବାଟ ଦେଇ ଯାଉଥିବା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଗାଡିକୁ ଅଟକାଇବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଭୟ ଆନ୍ଦୋଳନକାରୀ ଓ ମନ୍ତ୍ରୀଙ୍କ ସମର୍ଥକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ଦୀର୍ଘ ସମୟ ଧରି ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଶହ ଶହ ଟ୍ରକ, ବସ୍ ରାସ୍ତାରେ ଅଟକି ରହିଥିଲା। ଉତ୍ତେଜନା ଉଗ୍ରରୂପ ଧାରଣ କରିବାରୁ ମନ୍ତ୍ରୀଙ୍କ ଗାଡି ସେଠାରୁ ପଳାଇଯାଇଥିଲା। ଖାରପୋଖରିଆ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ରାତି ୯ଟା ବେଳେ ଜେଏମଏମ୍ ତରଫରୁ ମନ୍ତ୍ରୀଙ୍କ ସମର୍ଥକଙ୍କ ବିରୋଧରେ ବାଙ୍ଗିରିପୋଷି ଥାନାରେ ଏତଲା ଦିଆଯାଇଥିଲା। ଜିଲା ସଭାପତି ଫାଗୁ ହାଁସଦା ଓ ରାଇରଙ୍ଗପୁର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ଉପସ୍ଥିତିରେ ଜେଏମଏମ୍ କର୍ମୀମାନେ ଥାନା ସମ୍ମୁଖରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ବନ୍ଧୁକ ଦେଖାଇ କଲେଜ ଛାତ୍ରୀଙ୍କୁ ଅପହରଣ

ନିଶ୍ଚିନ୍ତକୋଇଲି,୬।୨(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଏକ କଲେଜ ନିକଟରୁ ଶନିବାର ସ୍ପଷ୍ଟ ଦିବାଲୋକରେ ଜଣେ ଛାତ୍ରୀଙ୍କୁ ବନ୍ଧୁକ ମୁନରେ ଅପହରଣ କରାଯାଇଛି। ଏନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣକ ଉକ୍ତ କଲେଜର ଯୁକ୍ତ ୩ରେ ପଢ଼ନ୍ତି। ସେ ପୋଖରୀ ନିକଟ ଏକ ଦୋକାନରୁ ଗୁପଚୁପ ନେଇ ଘରକୁ ଫେରୁଥିବା ସମୟରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରି ନେଇଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡା କହିଛନ୍ତି, ଘଟଣାର ତଦନ୍ତ ପରେ ମାମଲା ରୁଜୁ ହେବ।

# ସଙ୍କଟରେ ସୋସିଆଲ ମିଡିଆ 'ରାଉଟର'

ନାକଟିଦେଉଳ,୬।୨(ଡି.ଏନ୍.ଏ.)

**ସରକାରୀ ସହାୟତା ଲୋଡ଼ିଲେ ଆୟୁଷ**




ସୋସିଆଲ ମିଡିଆ ରାଉଟର ଚଳାଇବା ପାଇଁ ଭାରତର ସର୍ବକନିଷ୍ଠ ଡେଭଲପର ଆୟୁଷ ରଞ୍ଜନ ରାଉତ ଏବେ ସରକାରୀ ସହାୟତା ଲୋଡ଼ିଛନ୍ତି। ଏଥିପାଇଁ ସେ ଶନିବାର ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଆତ୍ମନିର୍ଭର ଭାରତ ଆହ୍ୱାନ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କୁ ଏ ଦିଗରେ ସହଯୋଗର ହାତ ବଢ଼ାଇବାକୁ ଚିଠି ଲେଖିଛନ୍ତି। ମାତ୍ର ୧୩ ବର୍ଷ ବୟସରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜାମୁଯୋରୀ ପଞ୍ଚାୟତର ଦୁର୍ଗମ କୁଡ଼ାନାଳୀ ଗ୍ରାମର ଆୟୁଷ ରଞ୍ଜନ ରାଉତ ବହୁ ପରିଶ୍ରମ କରି ଫେସ୍‌ବୁକ ପରି ଏକ ସୋସିଆଲ ମିଡିଆ ଦୁଇ ବର୍ଷ ତଳେ ନିର୍ମାଣ କରିଛନ୍ତି। କୌଣସି ବୈଷୟିକ ଶିକ୍ଷା ଗ୍ରହଣ ନ କରି ସେ ଏହାକୁ ସଫଳତାର ସହ ନିର୍ମାଣ କରିଥିଲେ ସୁଦ୍ଧା ଏହା ଏବେ ବଞ୍ଚାଇ ରଖିବା ତାଙ୍କ ପକ୍ଷେ ବହୁ କଷ୍ଟକର ହୋଇପଡିଛି। କାରଣ ଏହି ସୋସିଆଲ ମିଡିଆ ରାଉଟରକୁ ବଞ୍ଚାଇବାକୁ ହେଲେ ଏକ ସର୍ଭରର ଆବଶ୍ୟକତା ରହିଛି। ଏଥିପାଇଁ ମାସକୁ ଏହାର ଭଡ଼ା ବାବଦରେ ୧୦୦ ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ୭,୫୦୦ ଟଙ୍କା ଆବଶ୍ୟକତା ରହିଛି। ବର୍ତ୍ତମାନ ଏହା ଗୁଗଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ରହିଛି। ଏବେ ସୁଦ୍ଧା ଏହାର ୫ ହଜାରରୁ ଊର୍ଦ୍ଧ୍ୱ ବ୍ୟବହାରକାରୀ ରହିଛନ୍ତି। ରାଉଟର ନିର୍ମାଣକାରୀ ଆୟୁଷ ଟିକ୍‌ଟକ୍ ପରି ଆଉ ଏକ ଭିଡିଓ ଶେୟାରିଂ ଆପ୍ ରଙ୍ଗିଲା ନିର୍ମାଣ କରିଛନ୍ତି। ତେବେ ଆଗାମୀ ଦିନରେ ଯଦି କୌଣସି ସରକାରୀ ସହାୟତା ନ ମିଳେ, ତାହାଲେ ବହୁ କଷ୍ଟରେ ନିର୍ମାଣ କରିଥିବା ସୋସିଆଲ ମିଡିଆ ରାଉଟର ଅକାମୀ ହୋଇଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।



> ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ । ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ । କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ୍ତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ । —ଶ୍ରୀମା

# ଲୋକତନ୍ତ୍ରର ସ୍ଥିତି କେଉଁଠି



## ଆକାର ପଟେଲ

ଦି ଇକୋନୋମିଷ୍ଟ ଏକ ମାଗାଜିନ, କିନ୍ତୁ ଏହା ନିଜକୁ ଏକ ଖବରକାଗଜ ଭାବେ ପ୍ରତିପାଦିତ କରେ । ୧୭୫ ବର୍ଷର ପୁରୁଣା ଏହି ମାଗାଜିନ ସପ୍ତାହକୁ ୧୦ ଲକ୍ଷ କପି ବିକ୍ରି ହୁଏ । ଏହା ହିଁ ଏକମାତ୍ର ମାଗାଜିନ ଯାହା ବିଜ୍ଞାପନ ଠାରୁ ସବ୍‌କ୍ରିପ୍‌ସନରେ ଅଧିକ ଟଙ୍କା ପାଇଥାଏ । ଏହା ସୂଚାଉଛି କି ଏହାର ବିଷୟବସ୍ତୁ ପାଇଁ ପାଠକମାନେ ଅଧିକ କିଣିଥାନ୍ତି । ଏହି ମାଗାଜିନର ଗବେଷଣା ଏବଂ ବିଶ୍ଳେଷଣ ବିଭାଗ ହେଉଛି ଦି ଇକୋନୋମିକ ଇଣ୍ଟେଲିଜେନ୍ସ ୟୁନିଟ(ଇଆଇୟୁ) । ପ୍ରତିବର୍ଷ ଏହି ବିଭାଗ ଏକ ଡେମୋକ୍ରାସି ଇଣ୍ଡେକ୍ସ ବା ଲୋକତନ୍ତ୍ର ସୂଚକାଙ୍କ ପ୍ରସ୍ତୁତ କରେ, ଯାହା ବିଶ୍ୱର ବିଭିନ୍ନ ଦେଶର ଲୋକତନ୍ତ୍ରର ସ୍ଥିତି ଦର୍ଶାଇଥାଏ । ଚଳିତ ମାସରେ ୨୦୨୦ର ଏ ସମ୍ପର୍କିତ ଫଳାଫଳ ପ୍ରକାଶ କରିଛି । ୨୦୧୫ରେ ଆମର ବିଶ୍ୱସ୍ତରୀୟ ର‌୍ୟାଙ୍କ ୨୭ରୁ ଖସି ଏବେ ଆମେ ୫୩ରେ ରହିଥିବା ଏହା ଦର୍ଶାଇଛି । ଇଆଇୟୁ ଏହା କହିବାର ମୁଖ୍ୟ କାରଣ ହେଉଛି,ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଲୋକତାନ୍ତ୍ରିକ ଅଧଃପତନ ଯୋଗୁ ୨୦୧୫ରୁ ଲୋକତାନ୍ତ୍ରିକ ମାନଦଣ୍ଡ ଚାପରେ ରହିଆସିଛି ଓ ଏଥିପାଇଁ ଭାରତର ବିଶ୍ୱସ୍ତରୀୟ ର‌୍ୟାଙ୍କ ତଳକୁ ଖସିଛି । ନିର୍ବାଚନ ପ୍ରକ୍ରିୟା ଏବଂ ରାଜନୈତିକ ଭାଗୀଦାରି କ୍ଷେତ୍ରରେ ହ୍ରାସ ହୋଇନାହିଁ । ଏ କ୍ଷେତ୍ରରେ ଭାରତ ଲଗାତର ଭଲ ପ୍ରଦର୍ଶନ କରିଆସିଛି ବୋଲି ଆମମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରହଣ କରିବା । କିନ୍ତୁ ସମସ୍ୟା ରହିଛି ରାଜନୈତିକ ସଂସ୍କୃତି ଏବଂ ନାଗରିକ ଅଧିକାରରେ । ଯେବେଠାରୁ ମୋଦି ଭାରତର ନେତୃତ୍ୱ ନେଲେଣି ସେବେଠାରୁ ଏହା ତଳକୁ ଖସିଛି । ଜାନୁୟାରୀ ୨୦୧୪ ଅର୍ଥାତ୍ ୟୁପିଏ ଶାସନର ଶେଷସମୟକୁ ଇଆଇୟୁ ଭାରତକୁ ସର୍ବୋଚ୍ଚ ରେଟିଂ ୭.୯୨ ଦେଇଥିଲା । ପରେ ରେଟିଂ ଧୀରେ ଧୀରେ ତଳକୁ ଖସି ୨୦୧୪,୨୦୧୭,୨୦୧୯ ଏବଂ ୨୦୨୦ରେ ଯଥାକ୍ରମେ ୭.୭୪ , ୭.୨୩,୬.୯ ଏବଂ ୬.୬୧ ରହିଥିଲା । ଇଆଇୟୁ ଭାରତକୁ 'ତ୍ରୁଟିପୂର୍ଣ୍ଣ ଲୋକତନ୍ତ୍ର' ଭାବେ ବର୍ଗୀଭୁକ୍ତ କରିଛି ।

ଗତ କିଛିବର୍ଷ ହେବ ମୋଦିଙ୍କ ପ୍ରଧାନମନ୍ତ୍ରିତ୍ୱରେ ଧାର୍ମିକ ପ୍ରଭାବ ବଢିଯାଇଛି । ତାଙ୍କ ନୀତି ବି ମୁସଲମାନ ବିରୋଧୀ ମନୋଭାବକୁ ବଢ଼ାଇଦେଇଛି ଏବଂ ସାମ୍ପ୍ରଦାୟିକ ହିଂସା ବୃଦ୍ଧିପାଇ ଦେଶର ରାଜନୈତିକ ଏକତାକୁ କ୍ଷତି ପହଞ୍ଚାଇଛି । ମନେରଖ,ଏହି ମାଗାଜିନକୁ ବିଶ୍ୱର କର୍ପୋରେଟ ଏକଜିକ୍ୟୁଟିଭ ଏବଂ ନୀତି ନିର୍ଦ୍ଧାରକମାନେ ପଢନ୍ତି । ରିହାନା ଏବଂ ଗ୍ରେଟା ଥନ୍‌ବର୍ଗଙ୍କ ଟୁଇଟ୍ ଉପରେ ସରକାରଙ୍କ ଦୃଢ ପ୍ରତିକ୍ରିୟା ଜଣାଇବା ପାଇଁ ବୈଦେଶିକ ମନ୍ତ୍ରୀ ମନ୍ତବ୍ୟ ରଖିଥିବାବେଳେ ସରକାରଙ୍କ ଅଧଃପତନ ସମ୍ପର୍କରେ କିଛି ବି କହିନାହାନ୍ତି । କିନ୍ତୁ କାହାର ଟୁଇଟ୍ ବଦଳରେ ଅଧିକ ଲୋକ ଏହା ବିଷୟରେ ମାଗାଜିନରୁ ପଢିବେ । ଇଆଇୟୁ କହିଛି ଯେ,ଡିସେମ୍ବର ୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନ ଲାଗୁ କରାଯିବା ପରେ ୨୦୨୦ରେ ଦଙ୍ଗା ବଢ଼ିବା ସହ ସେହି ବର୍ଷ ଫେବୃୟାରୀରେ ଦିଲ୍ଲୀ ହିଂସାରେ ବହୁ ଲୋକଙ୍କର ମୃତ୍ୟୁ ଘଟିଛି । ଭାରତୀୟ ନାଗରିକତ୍ୱର ଅବଧାରଣାରେ ଏହି ଆଇନ ଯେଉଁ ସାମ୍ପ୍ରଦାୟିକ ତତ୍ତ୍ୱ ଭର୍ତ୍ତି କରିଛି ତାହା ଭାରତର ଧର୍ମନିରପେକ୍ଷତାକୁ କ୍ଷୁଣ୍ଣ କରିଥିବାର ବହୁ ସମାଲୋଚନା ସାମ୍ନାକୁ ଆସିଛି । ମାଗାଜିନ ମୋଦିଙ୍କ ଲୋକପ୍ରିୟତାକୁ ଅସ୍ୱୀକାର କରିନାହିଁ । କିନ୍ତୁ କହିଛି ଯେ, ଏହା ସେହି ସମାନ ସ୍ଥିତିରୁ ଆସିଛି ଯାହା ଅତ୍ୟନ୍ତ ଚିନ୍ତାଜନକ । ବାବ୍ରି ମସ୍‌ଜିଦ ଧ୍ୱଂସ ସ୍ଥଳରେ ଅଭୂତପୂର୍ବ ସମାରୋହରେ ମୋଦିଙ୍କ ଯୋଗଦାନ ସମ୍ପର୍କରେ ଦର୍ଶାଇଛି ଯେ, ସେଠାରେ ମନ୍ଦିର ନିର୍ମାଣ ପୁଣି ମୋଦିଙ୍କ ହିନ୍ଦୁ ରାଷ୍ଟ୍ରବାଦୀ ଆଧାରକୁ ଉଦ୍ରେକ କରିଛି । ପୁନଶ୍ଚ ୨୦୨୦ରେ କରୋନା ମହାମାରୀର ପ୍ରଶାସନିକ ସଞ୍ଚାଳନ ନାଗରିକ ସ୍ୱାଧୀନତାକୁ କ୍ଷୁଣ୍ଣ କରିଛି । ଭାରତ ତୁଳନାରେ ପଡୋଶୀ ବାଂଲାଦେଶ, ଭୁଟାନ ଏବଂ ପାକିସ୍ତାନର ରେଟିଂ ୨୦୨୦ରେ ସାମାନ୍ୟ ଉନ୍ନତ ରହିଥିବା ଏହା ଶେଷରେ ଉଲ୍ଲେଖ କରିଛି ।

କେବଳ ଭାରତୀୟ ଲୋକତନ୍ତ୍ର ଭଲ ଏବଂ ଗତ କିଛିବର୍ଷ ମଧ୍ୟରେ ଏଥିରେ କୌଣସି ପରିବର୍ତ୍ତନ ହୋଇ ନାହିଁ ବୋଲି ଯେଉଁମାନେ ଭାବୁଛନ୍ତି, ସମ୍ଭବତଃ ପ୍ରଦତ୍ତ କେତୋଟି ଘଟଣା ସେମାନଙ୍କ ପାଇଁ ଶିକ୍ଷଣୀୟ ହେବ । ପ୍ରଥମଟି ହେଲା ଇଲେକ୍ଟୋରାଲ ବଣ୍ଡ୍ ଲାଗୁ କରିବା । ଏହା ଏଭଳି ଏକ ବ୍ୟବସ୍ଥା ଯେଉଁଥିରେ କର୍ପୋରେଟ ଏବଂ ବିଦେଶୀ ସଂସ୍ଥାଗୁଡ଼ିକ ରାଜନୈତିକ ଦଳଗୁଡ଼ିକୁ ଗୁପ୍ତରେ ଟଙ୍କା ଦେଇପାରିବେ । ପାଠକମାନେ ହୁଏତ ଜାଣି ନ ଥିବେ, ଦୁଇ ବର୍ଷ ପୂର୍ବେ ଏହି ଯୋଜନା ଆରମ୍ଭ ହେବା ପରଠାରୁ ୧ କୋଟି ଟଙ୍କା ମୂଲ୍ୟବର୍ଗରେ ବଣ୍ଡର ମୋଟ ପରିମାଣର ୯୦% କିଣାଯାଇଛି । କୌଣସି ସାଧାରଣ ଲୋକ ପାର୍ଟିକୁ ଗୁପ୍ତରେ ଟଙ୍କା ଦେଉନାହାନ୍ତି ବୋଲି ଏଥିରୁ ବୁଝାପଡୁଛି । ଦ୍ୱିତୀୟତଃ, ମୋଦି ସରକାର ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ ଏମିତି ପରିବର୍ତ୍ତନ କରିଛନ୍ତି ଯେ,ଏହାର କମିଶନରମାନେ ସେମାନଙ୍କ କାର୍ଯ୍ୟକାଳ ଓ ଦରମା ପାଇଁ ସରକାରଙ୍କ ଉପରେ ନିର୍ଭରଶୀଳ ହୋଇଛନ୍ତି । ତୃତୀୟରେ ରାଜ୍ୟ ସଭାକୁ ଏଡାଇଯାଇ ବାରମ୍ବାର ସମ୍ବିଧାନ ଉଲ୍ଲଂଘନ କରାଯାଇଛି । କୃଷି ଆଇନକୁ ପାସ୍ କରିବାରେ ସରକାର ରାଜ୍ୟ ସଭାରେ ଭୋଟ ଗ୍ରହଣ କରିବାକୁ ଅନୁମତି ଦେଇ ନ ଥିଲେ । କହିପାରିବେ କି, ଏବେ ଭାରତୀୟ ଲୋକତନ୍ତ୍ରର ସ୍ଥିତି କେଉଁଠି ।

ଦି ଇକୋନୋମିଷ୍ଟ ମାଗାଜିନରେ ଇଣ୍ଡିଆସ୍ ଗଭର୍ନମେଣ୍ଟ ଇଜ୍ ସେନ୍‌ସୋରିଂ ପିପୁଲ ବିଫୋର ଦେ କମେଣ୍ଟ' ଶୀର୍ଷକ ଷ୍ଟୋରି ଚଳିତ ସପ୍ତାହରେ ପ୍ରକାଶ କରିଛି । ଏହା ଉଗାଣ୍ଡାର ଏକଛତ୍ରବାଦୀ ଶାସକ ଇଦ୍ ଅମିନଙ୍କ ଉକ୍ତିକୁ ଉଦ୍ଧୃତ କରିଛି । ସେ କହିଥିଲେ ଯେ,ସେ ବାକ୍ ସ୍ୱାଧୀନତାକୁ ସମ୍ମାନ କରନ୍ତି, କିନ୍ତୁ ବାକ୍ ଉପରେ ସ୍ୱାଧୀନତାର ଗ୍ୟାରେଣ୍ଟି ଦେଇପାରିବେ ନାହିଁ । ମାଗାଜିନ ଦର୍ଶାଇଛି ଯେ, ଭାରତ ସରକାର ଏହି ଧାରଣାକୁ ଗ୍ରହଣ କରି ଆଉ ଏକ ପାଦ ଆଗକୁ ଯିବା ଜଣାପଡୁଛି । ବିଶ୍ୱର ବୃହତ୍ ଲୋକତନ୍ତ୍ରକୁ ଏ ସକରାର ଚଳାଉଥିଲେ ବି ଏହା ବାକ୍ ସ୍ୱାଧୀନତା ସଙ୍କୁଚିତ କରିବାର ସ୍ୱାଦ ପାଇଯାଇଛି । ଏଥିପାଇଁ ସିଦ୍ଦିକ କପ୍ପାନଙ୍କୁ ଉତ୍ତରପ୍ରଦେଶ ସରକାର ଏବଂ ମୁନାବ୍ବାର ଫାରୁକଙ୍କୁ ମଧ୍ୟପ୍ରଦେଶ ସରକାର ଜେଲ୍‌ରେ ରଖିବାକୁ ନେଇ ବିଶ୍ୱ ସ୍ତରରେ ଏକ ଇସ୍ୟୁ କରାଯାଇଛି । ଯଦି ତୁମେ ପାଶ୍ଚାତ୍ୟ ସେଲିବ୍ରିଟିଙ୍କର ଛଅ ଶବ୍ଦ ବିଶିଷ୍ଟ ଟୁଇଟ୍‌କୁ ନେଇ କ୍ରୋଧ ପ୍ରକାଶ କରୁଛ,ତେବେ ସଚିନ ତେନ୍ଦୁଲକର, ଲତା ମଙ୍ଗେସକର, ବିରାଟ କୋହଲି, ଅଜୟ ଦେବଗନ ଏବଂ ଅକ୍ଷୟ କୁମାରଙ୍କ ଭଳି ଅଧିକ ସମ୍ମାନାସ୍ପଦ ସେଲିବ୍ରିଟିଙ୍କ ଗୁରୁତ୍ୱପୂର୍ଣ୍ଣ କଥା ମଧ୍ୟ ଶୁଣିବା ଉଚିତ ।

Email:aakar.patel@gmail.com

## ଚିତ୍ର ଚରିତ୍ର



### ଅଧ୍ୟାପକ ନିରଞ୍ଜନ ପାଢ଼ୀ

# ଅର୍ଥ ଅନର୍ଥର ଖେଳ

ସାଧୁତା ସାଂପ୍ରତିକ ସମାଜର ଏକ ବିରଳ ସମ୍ପଦ ଏବଂ ଅସାଧୁତାର ଏକ ସିଂହଭାଗ ମୂଳରେ ଥାଏ ଫୁଲାଏ ସହଜଲଭ୍ୟ ଅର୍ଥ ଅର୍ଜନ କରିବାର ପ୍ରଚଣ୍ଡ ପ୍ରବଣତା । ଯେଉଁ ସମ୍ପଦ ଉପାର୍ଜନ କରି ବଡ଼ ଲୋକ ଭାବେ ଗଣା ହେବାର ସାମାନ୍ୟ ସମ୍ଭାବନା ନାହିଁ, ସାଧୁତାର ସେଇ ସମ୍ପଦ ପଛରେ ଗୋଡ଼ାଇ କିଏ କାହିଁକି ନିଜ ଶ୍ରମ ଓ ସମୟର ବୃଥା ଅପଚୟ କରନ୍ତା ! ଯେନତେନ ପ୍ରକାରେଣ ଅସୁମାରି ଅର୍ଥ ଅର୍ଜନ କରି ସେଇ ଅର୍ଥ ବଳରେ ସଂସାରରେ ଉପଲବ୍ଧ ଯାବତୀୟ ସୁଖ ଲାଭ କରିବା ଯେଉଁଠି ସଫଳ ଜୀବନର ଏକମାତ୍ର ସଙ୍କେତ ହୋଇପଡିଛି, ସେଠି ଅର୍ଥହୀନ ସାଧୁତାର ସୂକ୍ଷ୍ମ ଅନୁଭବରେ ରୋମାଞ୍ଚିତ ହେବାକୁ କିଏ କାହିଁକି ଆଗେଇ ଆସନ୍ତା !! ସୁତରାଂ ସମାଜର ବେଶି ଭାଗ ଲୋକ ଗୁପ୍ତରେ ଅବା ମୁକ୍ତରେ ଥୋଡ଼େ ଅର୍ଥ ଅର୍ଜନ କରିବାକୁ ନିଜ ପୁରୁଷାକାର ବୋଲି ବିଚାରନ୍ତି ଓ ଜୀବନ ସାରା ଲାଗି ପଡ଼ନ୍ତି ଏହି ପରମାର୍ଥିକ କସରତରେ ।

ଆଖି ଆଗରେ ଘଟିଯାଇଛି ସମଗ୍ର ବିଶ୍ୱକୁ ସନ୍ତ୍ରସ୍ତ କରି ରଖିଥିବା କରୋନା ମହାମାରୀର ବିଭୀଷିକା । କୋଟି କୋଟି ଲୋକ ଏଥିରେ ଆକ୍ରାନ୍ତ ହୋଇଛନ୍ତି । କେଇ ଲକ୍ଷ ଲୋକ ଅକାଳରେ ବିଦାୟ ନେଇ ଚାଲିଯାଇଛନ୍ତି ଏ ଦୁନିଆରୁ । କେଉଁଠି କେଉଁଠି ତ ଗୋଟିଏ ବଂଶରେ ଜଣେ କେହି ବି ବଞ୍ଚି ରହିନାହାନ୍ତି ଅନ୍ୟମାନଙ୍କ ଶ୍ରାଦ୍ଧତର୍ପଣ କରିବା ପାଇଁ । ଏ ମହାମାରୀର ମୁକାବିଲା ପାଇଁ ଦେଶ ବିଦେଶର ବହୁ ଗବେଷକ ରାତିଦିନ ଲାଗି ପଡ଼ି ଟିକା ଉଦ୍ଭାବନ କରିଛନ୍ତି । ଏହି ଭୟଙ୍କର ଭୂତାଣୁ ମୁହଁରୁ ମଣିଷ ଜାତିକୁ ବଞ୍ଚାଇବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରକାଶ ପାଇଛି ବିଶ୍ୱ ମାନବତାର ଅଦ୍ଭୁତ ଉଦ୍‌ବେଳନ । ଅଥଚ ମୃତ୍ୟୁର ବିଷାକ୍ତ ପଞ୍ଝାଠାରୁ କେଇ ହାତ ଦୂରରେ ରହିଥିବା ମଣିଷର ତଥାପି ଚୈତନ୍ୟ ଉଦୟ ହୋଇନାହିଁ । ସେ ମୃତ୍ୟୁର ଏହି ଧ୍ୱଂସସ୍ତୂପ ମଧ୍ୟରୁ ତା' ଦୁଇ ହାତ ପ୍ରସାରି ଟାଣି ଆଣୁଛି ପୁଳା ପୁଳା ଅର୍ଥ ଓ ପରମ ଆନନ୍ଦରେ ନିଜ ପକେଟ ଭରିବାରେ ଲାଗିଛି । ସତେ ଯେମିତି ତା' ପାଇଁ ମୃତ୍ୟୁ କେବେ ବି ଆସିବ ନାହିଁ ।

କରୋନା ସଙ୍କଟ ବେଳେ ନିଜକୁ ଅଧିକ ସ୍ୱଚ୍ଛଳ କରିବାକୁ ଏହାକୁ ସୁବର୍ଣ୍ଣ ସୁଯୋଗ ବୋଲି ମନେ କରୁଥିଲେ ଅନେକ ପରାଙ୍ଗପୁଷ୍ଟ ଅର୍ଥଲୋଭୀ । ତା' ହୋଇ ନ ଥିଲେ କରୋନା ପରୀକ୍ଷା ପାଇଁ ଚାରିଶହ ଟଙ୍କା ନିର୍ଦ୍ଧାରିତ ହୋଇଥିଲା ବେଳେ କିଛି ହସ୍ପିଟାଲର ପରୀକ୍ଷାଗାର ପନ୍ଦରଶହ ଟଙ୍କା ନେଉ ନ ଥାନ୍ତେ କି ଥଣ୍ଡା ସର୍ଦ୍ଦି ବା କାଶ ଜ୍ୱରର ସାମାନ୍ୟ ଲକ୍ଷଣ ନ ଥାଇ ମଧ୍ୟ ଅନ୍ୟ ରୋଗର ଚିକିତ୍ସା ପାଇଁ ଯାଇଥିବା ରୋଗୀଙ୍କୁ କରୋନା ପରୀକ୍ଷା ଲାଗି ବାଧ୍ୟ କରୁ ନ ଥାନ୍ତେ ।

ଏବେ ଆସିବା ସାଧାରଣ ଜୀବନ ଯାତ୍ରା ଭଳି ସାଧାରଣ ପ୍ରସଙ୍ଗକୁ । ଗତ କେଇ ଦିନ ମଧ୍ୟରେ ରାଜ୍ୟର ସବୁଠାରୁ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ କଟକ ସମେତ ରାଜଧାନୀ ଭୁବନେଶ୍ୱରରେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଯେଉଁ ଅବିଚାରିତ ଅପମିଶ୍ରଣର ଖବର ମିଳିବାରେ ଲାଗିଛି ତାହା ଗୋଟିଏ ସତ୍ୟକୁ ସ୍ପଷ୍ଟ କରୁଛି ଯେ, ଅନ୍ୟମାନଙ୍କୁ ବିଷ ଦେଇ ମାରିବା ଦ୍ୱାରା ହିଁ ନିଜ ପାଇଁ ଅର୍ଥର ଅମୃତ ଉପଲବ୍ଧ ହୋଇଥାଏ । ଜୀବନଟିଏ ଜିଇବା ପାଇଁ ଅର୍ଥ ତ ନିଶ୍ଚିତ ଲୋଡ଼ା । ବଞ୍ଚିବା ପାଇଁ ଅର୍ଥର ଉପଯୋଗିତାକୁ ଚାହିଁ ନିଜର ସର୍ବନିମ୍ନ ଆବଶ୍ୟକତା ମେଣ୍ଟାଇବା ଲାଗି ଅର୍ଥ ଅର୍ଜନ ପଥରେ ଧାଇଁ ଧାଇଁ ମଣିଷ ରକ୍ତକୁ ପାଣି କରି ଦେଉଛି । ମାତ୍ର କେବଳ ବଞ୍ଚିବା ପାଇଁ ନୁହେଁ, ଯେଉଁଠି ଧନପତି ବୋଲାଇବାର ଦୁର୍ବାର ଲାଳସାକୁ ତୃପ୍ତ କରିବା ପାଇଁ ନାନା ଅନୁଚିତ ଓ ଅନୈତିକ ଉପାୟରେ ମଣିଷ ଅଧିକରୁ ଅଧିକ ଅର୍ଥ ଅର୍ଜନ କରିବାରେ ଲାଗି ପଡିଛି । ସେଠି ସେ ଆଉ ମଣିଷ ହୋଇ ରହିନାହିଁ । ଅର୍ଥ ମୋହରେ ସେ ନିଜର ମଣିଷତ୍ୱ ହରାଇ ଅମଣିଷ ପାଲଟି ଯାଇଛି । ତେଣିକି ସେଇ ଅମଣିଷଟିର ନାମ ହୋଇପାରେ ଅପମିଶ୍ରଣ କରୁଥିବା ବ୍ୟବସାୟୀ, ଆବଶ୍ୟକତା ନ ଥାଇ ରୋଗ ପରୀକ୍ଷା କରାଇ ହଜାର ହଜାର ଖର୍ଚ୍ଚ କରାଉଥିବା ଡାକ୍ତର, ପିସି ନେଇ ଦୁର୍ବଳ ବନ୍ଧବାଡ଼ ଗଢୁଥିବା ଇଞ୍ଜିନିୟର ଅବା ନଅଟଙ୍କାର ଚିଜକୁ ଷୋହଳ ଟଙ୍କାରେ କିଣି କୋଟି କୋଟି ଟଙ୍କା ତୋସରପାତ କରୁଥିବା ହାକିମ !!

ଅର୍ଥ ମୋହରେ ଆକ୍ରାନ୍ତ ହୋଇ ମଣିଷ ତା'ର ମଣିଷତ୍ୱ ହରାଇ ଅମଣିଷ ପାଲଟି ଯାଇଥିଲେ ଆଉ କଥା ନ ଥା'ନ୍ତା । ମାତ୍ର ସେତେବେଳେ ଏହି ଅର୍ଥ ଲୋଭ ତାକୁ ଇତର ପଶୁରେ ପରିଣତ କରିପକାଏ । ସେମିତି ମଣିଷରୂପୀ ପଶୁଟିର କୁତ୍ସିତ କାହାଣୀ ସମ୍ପର୍କରେ ଶୁଣିବାକୁ ମିଳିଥିଲା କେଇଦିନ ତଳେ । ନିଜ ପତ୍ନୀକୁ ପର ପୁରୁଷ ଶଯ୍ୟା ସଙ୍ଗିନୀ ହେବାକୁ ଟେକିଦେଇ, ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ପରବର୍ତ୍ତୀ ସମୟରେ ବ୍ଲାକ୍‌ମେଲିଂ କରି ବାରମ୍ବାର ଅର୍ଥ ଆଦାୟ କରୁଥିବା ଇତର ଲୋକଟିକୁ କ'ଣ ମଣିଷ କୁହାଯାଇପାରିବ ? ଅର୍ଥର କି ଚମତ୍କାରୀ ଶକ୍ତି ସତେ ! ଏହା ପାଇଁ ମଣିଷ ନ୍ୟାୟ, ନୈତିକତା ଓ ସଦାଚାର ଭୁଲି ଯାଉଥିବାର ନଜିର ଅତୀତରେ ଅଭାବ ନ ଥିଲା । ମାତ୍ର ନିମ୍ନତମ ମାନବୀୟ ସଂସ୍କାର ଭୁଲି ପଶୁପାଲଟି ଯାଉଥିବା କଥା କେବେ ଶୁଣାଯାଇ ନ ଥିଲା । ଅର୍ଥ ପାଇଁ ଯିଏ ଲୋଭ ପାଖରେ ନିଜ ବିବେକକୁ ଟେକି ଦେଇପାରିଛି ତା' ପାଇଁ କେହି ଲମ୍ପଟ ପୁରୁଷ ପାଖରେ ନିଜ ପତ୍ନୀକୁ ଟେକିଦେବା କୋଉ ବଡ଼କଥା ଯେ ! ଏ ପ୍ରସଙ୍ଗରେ ଆମ ପୁରୁଣା କଥାପେଡ଼ିରୁ ଚେତନା ଉଦ୍ରେକକାରୀ କାହାଣୀଟି ବେଶ୍ ପ୍ରଣିଧାନଯୋଗ୍ୟ ।

ଥରେ ଜଣେ ବଣିକ ନିଜ ଟିକି ପୁଅଟି ସହ ଗୋଟିଏ ଜଙ୍ଗଲ ଭିତର ଦେଇ ଫେରୁଥିଲେ । ବାଟ ଚାଲୁଥିବା ବେଳେ ପୁଅଟି ଗୋଟିଏ ନିମ୍ନ ମୂଲ୍ୟର ମୁଦ୍ରାକୁ ଏ ହାତରୁ ସେ ହାତ କରି ଖେଳୁଥିବାର ଦେଖି ବଣିକ ବାପା ବାରଣ କରି କହିଲେ ''ଅର୍ଥ ସହ ଏମିତି ଖେଳନ୍ତିନି ! ଏହା ଏମିତି ଚିଜ, ଯାହା ଦୁନିଆର ସବୁକିଛିକୁ ଆୟତ୍ତ କରିପାରେ ; ସମସ୍ତଙ୍କୁ ଦାସ ବନାଇପାରେ ।'' ଛୋଟ ପିଲାଟି ଉପରେ ଅର୍ଥର ଏ ମହତ୍ତ୍ୱ କିଛି ପ୍ରଭାବ ପକାଇବା ପୂର୍ବରୁ ତା' ହାତରୁ ମୁଦ୍ରାଟି ଖସି ପଡ଼ିଲା ଓ କେଉଁଠି ହଜିଗଲା । ପୁଅ ଉପରେ ବିରକ୍ତ ହେଲେ ବାପା । ଦୁହେଁ ମିଶି ମୁଦ୍ରାଟିକୁ ଢେର ଖୋଜିଲେ ଓ ପାଇବାରେ ବିଫଳ ହୋଇ ମନଦୁଃଖରେ ସେମାନଙ୍କ ବାଟରେ ଚାଲିଗଲେ ।

ମୁଦ୍ରାଟିକୁ ପାଇଲା ଗୋଟିଏ ଶୃଗାଳ । ଅର୍ଥର ଯାଦୁକରୀ ଶକ୍ତି ସମ୍ପର୍କରେ ଯେତେବେଳେ ବାପା ପୁଅକୁ ବୁଝାଉଥିଲେ, ସେତେବେଳେ ଚତୁର ଶୃଗାଳଟି ସେ କଥା ଶୁଣୁଥିଲା । ମୁଦ୍ରାଟି ପାଇ ସେ ସେହି ଶକ୍ତିର ଅଧିକାରୀ ହୋଇପାରିଛି ବୋଲି ଭାବିଲା ଓ ଧରାକୁ ସରା ଜ୍ଞାନ କଲା । ବଣ ସାରା ବୁଲିବୁଲି ଚିତ୍କାର କଲା, ''ମୁଁ ଏବେ ଖୁବ୍ ଶକ୍ତିଶାଳୀ । ମୋ ସହ ଯୁଝିବା ପାଇଁ ସ୍ୱୟଂ ପଶୁରାଜ ସିଂହ ବି ସାହସ କରିବ ନାହିଁ ।'' ଏମିତି ଚାରିଆଡ଼େ ବୁଲୁବୁଲୁ ଗୋଟିଏ ପାଗଳ ହାତୀ ସାମ୍ନାରେ ପଡ଼ିଗଲା ସେ । ହାତୀ ଆଗରୁ ହଟି ନ ଯାଇ ସେ ସେମିତି ଆସ୍ଫାଳନ କରି କହିଲା ''ମୁଁ ଆଉ ସେଇ ପୁରୁଣା ଶିଆଳ ହୋଇ ରହିନାହିଁ । ଏକ ଅପୂର୍ବ ଶକ୍ତିର ଏବେ ମୁଁ ଅଧିକାରୀ । ସାହସ ଅଛି ଯଦି ମୋ ସଙ୍ଗେ ଲଢ଼ି ଦେଖ ତ !''

ପରିଣାମ ଯାହା ହେବାର କଥା ହେଲା । ଶୃଗାଳର ପ୍ରଳାପ ଶୁଣି ମଉହସ୍ତିଟି ତାକୁ ଶୁଣ୍ଢରେ ଟେକି ଚକ୍ରବାତରେ ଘୂରାଇ ଘୂରାଇ ପାଦରେ ଦଳିଦେଲା ଓ ତା' ରାସ୍ତାରେ ଚାଲିଗଲା । ନିମିଷକ ମଧ୍ୟରେ ଏକ ରକ୍ତାକ୍ତ ମାଂସ ପିଣ୍ଡୁଳା ପାଲଟି ଯାଇଥିବା ଶୃଗାଳକୁ ଦେଖି ଜଙ୍ଗଲର ପଶୁକୁଳ ଦୁଃଖ ମିଶା ତାଚ୍ଛଲ୍ୟ କଲେ, 'ବିଚରା ଶିଆଳ ! ନିଜ ଓଲୁପଣ ପାଇଁ ସିନା ଅକାଳରେ ପ୍ରାଣ ହାରିଲା । କେଉଁଠୁ ଏକ ମୁଦ୍ରା ପାଇଲା ଯେ ନିଜକୁ ସର୍ବ ଶକ୍ତିମାନ ମଣୁଥିଲା ।'' ପଶୁମାନଙ୍କ ମନ୍ତବ୍ୟ ଶୁଣୁଥିଲା ପାଖ ଗଛ ଡାଳରେ ବସିଥିବା ବୁଢ଼ା ମାଙ୍କଡ଼ଟିଏ । ସେ କହିଲା, ''ଜନପଦରେ ତୁମମାନଙ୍କର ପ୍ରବେଶ ନାହିଁ । ଥିଲେ ଜାଣିଥା'ନ୍ତ, ମଣିଷମାନେ ଏ ଶିଆଳ ପୁଅଠାରୁ ଆହୁରି ଓଲୁ । ଅର୍ଥ ଦ୍ୱାରା ସବୁ କିଛି ସାଧିପାରିବେ ବୋଲି ସେମାନେ ଆସ୍ଫାଳନ କରନ୍ତି । ଅଥଚ ଅର୍ଥ ତାକୁ ଶତ୍ରୁ, ରୋଗ ଓ ମରଣ ମୁହଁରୁ ରକ୍ଷା କରିପାରେନା । ପୁଣି ଅର୍ଥ ସେମାନଙ୍କୁ କେବଳ ସ୍ୱାଧୀନ କରେନା ବରଂ ଅର୍ଥ ବଳରେ ସେମାନେ ମୁନିବ ବନିଯାଇ ପାରନ୍ତି ବୋଲି ଭାବନ୍ତି । ମାତ୍ର ପ୍ରାପ୍ତିର ଚରମ ଶିଖରରେ ପହଞ୍ଚି ମଧ୍ୟ ନିଜ ଅଜାଣତରେ ସେମାନେ ସେଇ ଅର୍ଥର କ୍ରୀତଦାସ ହିଁ ପାଲଟି ଯାଆନ୍ତି ।

ଅର୍ଥ ମୋହରେ ନିରନ୍ତର ଘାଣ୍ଟି ହେଉଥିବା ଓ ଅର୍ଥ ବଳରେ ବଳୀୟାନ ହୋଇ ମୂର୍ଖ ଶୃଗାଳ ଭଳି ଆସ୍ଫାଳନ କରୁଥିବା ମଣିଷମାନେ ମାଙ୍କଡ଼ର ଏହି ବିବେକ ବାଣୀକୁ ଥରେ କେବେ ବୁଝନ୍ତେ ସିନା !!

ପ୍ରଜ୍ଞା ନିଳୟ
ବିଦ୍ୟାପତି ନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ: ୯୭୭୬୭୭୭୧୫୦

# ନାସା କାର୍ଯ୍ୟକାରୀ ମୁଖ୍ୟ

## ବ୍ୟକ୍ତିତ୍ୱ



ଭବ୍ୟା ଲାଲ୍

ସ୍ପେଶ୍ ଟୁରିଜମ୍ ବା ମହାକାଶ ପର୍ଯ୍ୟଟନକୁ ଏକବିଂଶ ଶତାବ୍ଦୀର ଏକ ସୁନ୍ଦର ଆକର୍ଷଣ ବୋଲି ଧରାଗଲାଣି । ମହାକାଶ ବିଜ୍ଞାନୀ ବା ମହାକାଶଚାରୀଙ୍କ ଭଳି ସାଧାରଣ ମଣିଷ ଅର୍ଥ ଖର୍ଚ୍ଚ କଲେ ମହାକାଶକୁ ଯାତ୍ରା କରିପାରିବେ । ସେଠାକୁ ଯିବା ଲାଗି ଯାନ ନିର୍ମାଣରେ ଲାଗିଛନ୍ତି କମ୍ପାନୀ । ସ୍ପେସେକ୍ସ, ଭର୍ଜନ୍ ଗାଲକ୍‌ଟିକ୍ ଏବଂ ବ୍ଲୁ ଅରିଜିନ୍ ଭଳି ସଂସ୍ଥା ମହାକାଶ ପର୍ଯ୍ୟଟନକୁ ବାସ୍ତବତାରେ ପରିଣତ କରିବା ଲାଗି ଯେଭଳି ଅହରହ ଉଦ୍ୟମ କରୁଛନ୍ତି, 'ସ୍ୱର୍ଗକୁ ନିଶୁଣି ନାହିଁ' ବୋଲି ରହିଥିବା ଆପ୍ତବାକ୍ୟ ଅପ୍ରାସଙ୍ଗିକ ହୋଇଗଲାଣି । ଅର୍ଥାତ୍ ମଣିଷ ତା'ର ବୁଦ୍ଧି ଓ ପ୍ରଯୁକ୍ତିକୁ ଉପଯୋଗ କରି ଦିନେ ଯାହା ସରଗପୁରୀ ବୋଲି ଏକ ଅଦୃଶ୍ୟ ଅଞ୍ଚଳ ଭାବେ ବର୍ଣ୍ଣନା କରାଯାଉଥିଲା, ସେଠାରେ ବୁଲିବାର ପର୍ଯ୍ୟାପ୍ତ ସୁଯୋଗ ମିଳିଯିବ । ମହାକାଶ ଯାନ ନିର୍ମାଣ ଲାଗି ଘରୋଇ କମ୍ପାନୀଗୁଡ଼ିକ ସକାଶେ ଯୋଜନା ପ୍ରସ୍ତୁତ କରିବା ସହ ସ୍ପେଶ୍ ଟୁରିଜମ୍‌କୁ ବାସ୍ତବ ରୂପ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଭାରତୀୟ-ଆମେରିକୀୟ ହେଉଛନ୍ତି ଭବ୍ୟା ଲାଲ୍ । ଜୋ ବାଇଡେନ୍ ଆମେରିକା ରାଷ୍ଟ୍ରପତି ହେବା ପରେ ନିଜସ୍ୱ ଗୁଣରେ ଗରୀୟାନ୍ ହୋଇଥିବା ବ୍ୟକ୍ତିଙ୍କୁ ଖୋଜି ତାଙ୍କ ପ୍ରଶାସନରେ ସ୍ଥାନ ଦେଉଛନ୍ତି । ନିକଟରେ ଆମେରିକାର ସ୍ୱାଧୀନ ମହାକାଶ ସଂସ୍ଥା ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେଶ୍ ଆଡ୍‌ମିନିଷ୍ଟ୍ରେଶନ (ନାସା)ର କାର୍ଯ୍ୟକାରୀ ମୁଖ୍ୟ ଭାବେ ଭବ୍ୟା ନିଯୁକ୍ତ ହେବା ପରେ ତାଙ୍କ ଅଭିଜ୍ଞତା ଓ ଦୂରଦୃଷ୍ଟି ବିଷୟରେ ଅନେକ ବିଷୟ ଜାଣିବାକୁ ମିଳିଛି । ନାସା ପକ୍ଷରୁ କୁହାଯାଇଛି ଯେ, ତାଙ୍କର ଇଞ୍ଜିନିୟରିଂ ଓ ମହାକାଶ ପ୍ରଯୁକ୍ତି ବିଷୟରେ ଯଥେଷ୍ଟ ଜ୍ଞାନ ରହିଛି ।

ଭବ୍ୟା ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲଜିରୁ ନ୍ୟୁକ୍ଲିୟର ସାଇନ୍ସରେ ସ୍ନାତକ ଓ ସ୍ନାତକୋତ୍ତର ଏବଂ ଟେକ୍ନୋଲଜି ଆଣ୍ଡ୍ ପଲିସିରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଛନ୍ତି । ସେ ଜର୍ଜ ୱାଶିଂଟନ ବିଶ୍ୱବିଦ୍ୟାଳୟରୁ ପବ୍ଲିକ୍ ପଲିସି ଆଣ୍ଡ୍ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନରେ ଡକ୍ଟରେଟ୍ କରିଛନ୍ତି । ମହାକାଶ ପ୍ରଯୁକ୍ତି କ୍ଷେତ୍ରରେ ସେ କରିଥିବା ପରୀକ୍ଷଣ ତାଙ୍କୁ ସ୍ପେସ୍ ଟେକ୍ନୋଲଜି ଆଣ୍ଡ୍ ପଲିସି କମ୍ୟୁନିଟିର ସକ୍ରିୟ ସଦସ୍ୟ କରାଇପାରିଛି । ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସ କମିଟିର ୫ଟି ଉଚ୍ଚତର କମିଟିରେ ଭବ୍ୟା ଅଧ୍ୟକ୍ଷତା ଓ ସହ-ଅଧ୍ୟକ୍ଷତା କରି ଦକ୍ଷତା ପ୍ରତିପାଦନ କରିପାରିଛନ୍ତି । ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟମୋସ୍‌ଫିୟରିକ୍ ଆଡ୍‌ମିନିଷ୍ଟ୍ରେଶନ ଫେଡେରାଲ ଆଡ୍‌ଭାଇଜରି କମିଟି ଅନ୍ କମର୍ସିଆଲ୍ ରିମୋଟ୍ ସେନ୍ସିଂରେ ସେ କ୍ରମାଗତ ଦୁଇ ଥର କାର୍ଯ୍ୟ କରିଛନ୍ତି । ନାସାର ଇନୋଭେଟିଭ୍ ଆଡ୍‌ଭାନ୍ସଡ୍ କନ୍‌ସେପ୍ଟସ ପ୍ରୋଗ୍ରାମ୍‌ର ଏକ୍ସଟର୍ନାଲ କାଉନ୍‌ସିଲ୍ ସଦସ୍ୟ ହେବାରେ ଭବ୍ୟା ଗୌରବ ଅର୍ଜନ କରିଛନ୍ତି । ସ୍ପେସ୍ ଇକୋନମି ବା ମହାକାଶ ଅର୍ଥନୀତି ସଂକ୍ରାନ୍ତ ଏକ ଲେଖାରେ ସେ ପ୍ରକାଶ କରିଛନ୍ତି ଯେ, ଏହି କ୍ଷେତ୍ରରେ ପ୍ରାୟ ୧୭୦ ବିଲିୟନ ଆମେରିକୀୟ ଡଲାର କାରବାର ହେବାର ଆକଳନ କରାଗଲାଣି ।

ନାସାର କାର୍ଯ୍ୟକାରୀ ମୁଖ୍ୟ ଭାବେ ଭବ୍ୟା ନାସା ମୁଖ୍ୟାଳୟର ଦୈନନ୍ଦିନ ବ୍ୟାପାର ବୁଝିବା ସହ ସ୍ପେସ୍ ଏଜେନ୍ସିଗୁଡ଼ିକୁ କୌଶଳାତ୍ମକ ନିର୍ଦ୍ଦେଶ ଦେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ସେ କହନ୍ତି, ୨୦୦୫ରୁ ୨୦୨୦ ଯାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଆନାଲିସିସ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍‌ରେ ରିସର୍ଚ୍ଚ ଷ୍ଟାଫ୍ ଭାବେ କାର୍ଯ୍ୟ କରି ଅର୍ଜନ କରିଥିବା ଅଭିଜ୍ଞତା ତାଙ୍କୁ ଆଜି ନାସାର କାର୍ଯ୍ୟକାରୀ ମୁଖ୍ୟ ସ୍ତରକୁ ଆଣିପାରିଛି ।

—ଜିତେନ୍ଦ୍ର କୁମାର ନାୟକ

# ସନ୍ଥସାଧକ ଅରକ୍ଷିତ



### ସେକ୍ ମସୁଦ ଅଲି

ଓଡ଼ିଶାର ଗଞ୍ଜାମ ଜିଲା ବଡ଼ଖେମୁଣ୍ଡି ରାଜ୍ୟର ରାଜା ପଦ୍ମନାଭ ମଣିଦେବ ଓ ରାଣୀ ମୁକ୍ତାଦେବୀ ପାଟମହାଦେଈଙ୍କର ଏକମାତ୍ର ପୁତ୍ର ସନ୍ତାନ ଯୁବରାଜ ବଳଭଦ୍ର ଦେବ । ତାଙ୍କର ଜନ୍ମ ୧୭୭୮ ମସିହାରେ । ସେ ୧୮ ବର୍ଷ ବୟସରେ ରାଜପ୍ରାସାଦର ଭୋଗବିଳାସ ତଥା ସକଳ ସୁଖକୁ ପରିତ୍ୟାଗ କରି ସନ୍ନ୍ୟାସୀ ହୋଇଗଲେ । ବାଲ୍ୟକାଳରୁ ବଳଭଦ୍ରଙ୍କର ବୈରାଗ୍ୟ ଭାବକୁ ଲକ୍ଷ୍ୟକରି ରାଜା ପଦ୍ମନାଭ ଦେବ ପୁତ୍ରର ଶୀଘ୍ର ବିବାହ କରିଦେବାକୁ ବ୍ୟବସ୍ଥା କରିବାରୁ ଯୁବରାଜ ପିତାଙ୍କୁ ତତ୍ତ୍ୱବାଣୀ ଶୁଣାଇ କହିଥିଲେ –''ଯେଉଁ ମାତୃସ୍ୱରୂପୀ ନାରୀର ଗର୍ଭରୁ ମୁଁ ଜନ୍ମନେଲି, ତାଙ୍କୁ ପତ୍ନୀ ଭାବରେ କିପରି ଗ୍ରହଣ କରିବି ?'' ବଳଭଦ୍ର ଏକଦା ତାଙ୍କ କଚେରି ଘରେ ସାଧୁସନ୍ନ୍ୟାସୀମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ । ରାତିରେ ପ୍ରସାଦ ସେବନ କାଳରେ କଦଳୀ ପତ୍ର ଆଣିବା ପାଇଁ ସେ ପଡ଼ିଶାରେ ଥିବା ଜନୈକା ବ୍ରାହ୍ମଣୀଙ୍କ କଦଳୀ ବଗିଚାରେ ପଶି ପତ୍ର କାଟୁଥିଲେ । ପତ୍ର କାଟିବାର ଶବ୍ଦ ଶୁଣି ବ୍ରାହ୍ମଣୀ ପାଟି କଲେ–କେଉଁ ଅରକ୍ଷିତଟା କଦଳୀ ବଗିଚାରେ ପଶି ପତ୍ର କାଟୁଛି । ଏହି ଅରକ୍ଷିତ ଶବ୍ଦ ଶୁଣିବା ପରେ ବଳଭଦ୍ରଙ୍କର ଚେତନା ଜାଗ୍ରତ ହେଲା । ତାଙ୍କର ମନେହେଲା ଏହା ହିଁ ମୋର ଏକମାତ୍ର ପ୍ରଯୁଜ୍ୟ ନାମ । ସେହିଦିନରୁ ବଳଭଦ୍ର ପରିବର୍ତ୍ତେ ସେ ବହନ କଲେ ଅରକ୍ଷିତ ନାମକୁ ଏବଂ ସନ୍ନ୍ୟାସୀ ଅରକ୍ଷିତ ଦାସ ଭାବେ ପରିଚିତ ହେଲେ । ରାଜପ୍ରାସାଦର ମୋହକୁ ତୁଚ୍ଛ କରି ବୈଶାଖ ଶୁକ୍ଳ ଅଷ୍ଟମୀ ତିଥିର ଗଭୀର ଅନ୍ଧାର ରାତିରେ ପରମ ସତ୍ୟର ସନ୍ଧାନ ପାଇଁ ଯୁବରାଜ ସନ୍ନ୍ୟାସୀ ଅରକ୍ଷିତ ନାମଧରି ବାହାରିଗଲେ ।

କେରାଣ୍ଡିମାଳ ପାହାଡ଼ଗୁମ୍ଫାରୁ ଚିତ୍ରକୂଟ, ଯୋଗୀ ଗୁମ୍ଫା, ଶ୍ରୀକ୍ଷେତ୍ର, ଅନ୍ଧାରୁଆ ଓ ଧଉଳି ଦେଇ ଖଣ୍ଡଗିରି ପାହାଡକୁ ଆସି କିଛିଦିନ ସାଧନାରତ ହେଲେ । ତା'ପରେ ତାଙ୍କୁ ଶୂନ୍ୟବାଣୀ ହେଲା 'ଓଁକାର ପୀଠ ଓଳାସୁଣୀ ଗୁମ୍ଫାରେ ସାଧନା ପାଇଁ । ମହିମାମଣ୍ଡିତ କ୍ଷେତ୍ର 'ଓଳାସୁଣୀ ପାହାଡ଼' କେନ୍ଦ୍ରାପଡ଼ାର ଜମିଦାର ରାଧାଶ୍ୟାମ ନରେନ୍ଦ୍ର ଦେବଙ୍କର ଜମିଦାରି ଅନ୍ତର୍ଗତ ଥିଲା । ଜମିଦାର ଓଳାସୁଣୀ ପାହାଡ଼କୁ ଦାନ ସୂତ୍ରରେ ସନ୍ନ୍ୟାସୀଙ୍କୁ ପ୍ରଦାନ କଲେ । ଓଳାସୁଣୀରୁ ସନ୍ନ୍ୟାସୀ ଅରକ୍ଷିତ ଦାସଙ୍କର ଆରମ୍ଭ ହେଲା ସାଧନାମୟ ଜୀବନ । ଦୀର୍ଘ ୧୮ ବର୍ଷ କାଳ ଦୁଃଖ, ଯାତନାମୟ ଜୀବନକୁ ଆଦରି ସିଦ୍ଧିଲାଭ କଲେ । ସନାତନ ହିନ୍ଦୁଧର୍ମର ବହୁ ଆଚାର, ବିଚାର ଓ ଚଳଣିକୁ ସନ୍ଥ ଅରକ୍ଷିତ ସ୍ୱୀକାର କରିନାହାନ୍ତି । ସେ ନିର୍ଗୁଣ ବ୍ରହ୍ମର ଉପାସକ ଥିଲେ ।

ଅମାବାସ୍ୟା ଓ ପୂର୍ଣ୍ଣିମା ଏହି ଦିବସର ଗୁରୁତ୍ୱ ଓଳାସୁଣୀ ପୀଠରେ ସର୍ବାଧିକ । ମାଘ କୃଷ୍ଣ ଏକାଦଶୀ ତିଥି ସନ୍ଥ ଅରକ୍ଷିତଙ୍କର ପବିତ୍ର ତିରୋଧାନ ଦିବସ । ଏହାକୁ ଉଜ୍ଜୀବିତ ରଖିବା ପାଇଁ ଏଠାରେ ଏକ ବିରାଟ ମେଳା ଅନୁଷ୍ଠିତ ହୁଏ । ହଜାର ହଜାର ଭକ୍ତ ଏଠାରେ ପ୍ରସାଦ ସେବନ କରନ୍ତି । ପରମ୍ପରା ଅନୁଯାୟୀ ପ୍ରସାଦ ନିମନ୍ତେ ବ୍ୟବହୃତ ପରିବା ଅକଟା, ଅବଟା ଓ ଅବନା ଥାଇ ବ୍ୟବହୃତ ହୁଏ । ଉତ୍ସବ ପୂର୍ବଦିନ ଦଶମୀ ତିଥିରେ ଶୁଖୁଆପୋଡ଼ା ଭୋଗ ଲାଗେ । ଦଶମୀ ଓ ଏକାଦଶୀ ଦୁଇଦିନ ଭକ୍ତମାନେ ପୋଡ଼ପିଠା ଭୋଗ ନେଇ ଆସନ୍ତି । ଏହି ପୁଣ୍ୟ ପୀଠରେ ପୋଡ଼ପିଠା, କାଞ୍ଜି ଏବଂ ଶୁଖୁଆ ନୈବେଦ୍ୟ ଭାବେ ଗୃହୀତ ହୁଏ । ସନ୍ଥ ଅରକ୍ଷିତ ଜନସମାଜର କଲ୍ୟାଣ ନିମନ୍ତେ ନିଜକୁ ଉତ୍ସର୍ଗ କରିଯାଇଛନ୍ତି । ଏହି ସତ୍ୟସନ୍ଧାନୀ, ସଂସ୍କାରକ ସନ୍ଥ ୧୮୩୭ ମସିହା କୃଷ୍ଣପକ୍ଷ ଏକାଦଶୀ ତିଥିରେ ଇହଲୀଳା ସମ୍ବରଣ କରିଥିଲେ । ସେ ଆଜି ନାହାନ୍ତି ସତ, ହେଲେ ଏହି ପୁଣ୍ୟଭୂମି ଓଳାସୁଣୀ ସମାଧି ପୀଠ ଜାତି, ଅଜାତି, ଖାଦ୍ୟ, ଅଖାଦ୍ୟର ଭେଦଭାବକୁ ଦୂରେଇ ସମନ୍ୱୟର ପ୍ରତୀକ ପାଲଟିଛି ।

ମୋ:୯୯୩୭୬୮ ୯୩୩୫

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | 6 | 8 | | | 4 | B | | | | | | | |
| | | | | | | | | 6 | | E | | | | B |
| | | | 7 | 0 | | | | | | D | | 2 | | 4 |
| | | 4 | | | | | E | | 1 | | | | 6 | 0 |
| | | C | | 2 | | D | 8 | 7 | 0 | | | | | |
| 5 | 7 | | | 9 | | C | | | 6 | A | | | | |
| | 0 | | | E | D | | | | | 4 | | | 9 | 3 |
| | D | | 0 | | 5 | | | | | | | | 8 | 7 |
| | 9 | | | | | 5 | | 0 | D | 2 | | | | |
| | | 2 | | | 7 | B | 3 | 9 | | | | | E | |
| | | | | | | | | | 7 | | | A | | C |
| | | A | 1 | | | | | | | 9 | | | 0 | |
| C | | B | A | | 8 | 3 | | | 2 | | E | | | 9 |
| | 2 | | 3 | | B | | 7 | | | | 4 | | | E |
| | 8 | | | 6 | 2 | | 0 | 4 | | | | B | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 4 | 3 | 7 | 0 | B | A | D | 8 | 2 | 1 | C | 9 | 6 | 5 |
| D | 8 | 5 | 9 | A | 3 | 6 | 2 | 0 | 4 | E | B | 1 | C | 7 |
| C | 2 | 7 | D | 4 | 8 | 1 | 9 | B | 5 | 3 | 6 | A | E | 0 |
| 0 | A | 6 | 5 | 1 | E | C | 4 | 7 | 9 | D | 8 | B | 3 | 2 |
| 9 | B | 1 | 2 | 6 | C | 5 | E | 3 | 0 | 7 | A | D | 8 | 4 |
| 3 | D | 2 | 4 | 7 | A | 0 | 8 | C | B | 5 | 1 | E | 9 | 6 |
| 1 | C | 8 | 3 | 2 | 5 | E | A | 6 | D | 9 | 4 | 0 | 7 | B |
| 7 | 6 | 0 | B | 8 | 1 | D | 3 | 9 | A | 2 | E | 4 | 5 | C |
| 4 | E | B | 0 | 9 | 6 | 7 | 1 | 5 | 8 | C | 3 | 2 | D | A |
| 5 | 9 | A | C | E | D | 2 | B | 4 | 7 | 6 | 0 | 3 | 1 | 8 |
| A | 5 | D | 1 | C | 4 | B | 7 | 2 | E | 8 | 9 | 6 | 0 | 3 |
| 6 | 3 | E | A | B | 2 | 8 | 5 | 1 | C | 0 | D | 7 | 4 | 9 |
| B | 0 | C | E | 5 | 9 | 3 | 6 | A | 1 | 4 | 7 | 8 | 2 | D |
| 2 | 1 | 4 | 8 | 3 | 7 | 9 | 0 | D | 6 | A | 5 | C | B | E |
| 8 | 7 | 9 | 6 | D | 0 | 4 | C | E | 3 | B | 2 | 5 | A | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସମସ୍ୟା ସୁଧୁରିବ କେବେ

ମହାଶୟ,

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଦପା ନାଳ ଉପରେ ଓଡ଼ିଶୋ, ଯାବରା, ନଠୁଆବର ଆଦି ୫ଟି ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକଙ୍କ ଜୀବନ ଜୀବିକା ନିର୍ଭରଶୀଳ । ଏହି ନାଳ ପାଣିରେ ହଜାର ହଜାର ଏକର ଜମିରେ ବର୍ଷରେ ୪ ଫସଲ ହେଉଥିଲା । ଶହ ଶହ ପରିବାର ମାଛ ଧରି ମଧ୍ୟ ନିଜର ଜୀବିକା ନିର୍ବାହ କରୁଥିଲେ । କିଛି ବର୍ଷ ମଧ୍ୟରେ ଏହି ନାଳ ଖନନ ଓ ପଙ୍କୋଦ୍ଧାର ନାମରେ ଆସିଥିବା ଅର୍ଥକୁ ଫଲ୍ସ ବିଲ୍ କରି ହଡପ କରାଗଲା । ମାତ୍ର ୧୫ ବର୍ଷ ଭିତରେ ଧୀରେ ଧୀରେ ଏହି ନାଳ ପୋତି ହୋଇଗଲା । ଫଳରେ ଦପାନାଳ କଡରେ ଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ପଚା ଦଳ ଗନ୍ଧରେ ବ୍ୟାପକ ପ୍ରଦୂଷଣର ଶିକାର ହୋଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଚାଷୀମାନେ ମଧ୍ୟ ନିଜର ଜୀବିକା ହରାଇଛନ୍ତି । ଲୋକେ ଗାଧୁଆ ପାଧୁଆ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାର ଖନନ ପାଇଁ ତୁରନ୍ତ ବ୍ୟବସ୍ଥା କରାଯିବା ଆବଶ୍ୟକ ।

ସତୀଶ ବିଶ୍ୱାଳ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଟ୍ରାନ୍ସଜେଣ୍ଡର ହୋଇ ବି ସେ ସୃଷ୍ଟି କରିଛନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ । ଲୋକଙ୍କ ଟାହିଟାପରାକୁ ଖାତିର ନ କରି ସେ ଏବେ ହୋଇପାରିଛନ୍ତି କେରଳର ପ୍ରଥମ ଟ୍ରାନ୍ସଜେଣ୍ଡର ମହିଳା ଡାକ୍ତର । ତାଙ୍କ ନାମ ଥିଲା ଜିନୁ, କିନ୍ତୁ ଡାକ୍ତର ହେବା ପରେ ସେ ସର୍ଜରି ମାଧ୍ୟମରେ ଲିଙ୍ଗ ପରିବର୍ତ୍ତନ କରି ଝିଅ ପାଲଟି ଯାଇଛନ୍ତି । ଏହା ପରେ ସେ ତାଙ୍କର ନାଁ ପରିବର୍ତ୍ତନ କରି ପ୍ରିୟା ରଖିଛନ୍ତି । କେରଳର କେଲ୍ଲମରେ ଥିବା ଏସ୍‌ଏନ୍ ପବ୍ଲିକ ସ୍କୁଲରେ ପଢୁଥିବା ସମୟରେ ଜାଣି ପାରିଥିଲେ କି ସେ ଅନ୍ୟମାନଙ୍କ ଠାରୁ ଭିନ୍ନ ହୋଇ ଜନ୍ମ ହୋଇଛନ୍ତି । କିନ୍ତୁ ପ୍ରିୟା ସମାଜରେ ଏକ ଭିନ୍ନ ପରିଚୟ ନେଇ ବଞ୍ଚିବାକୁ ଚାହୁଁଥିଲେ । ତେଣୁ ସେ ୨୦୧୨ ମସିହାରେ କର୍ଣାଟକର କେବିଜି ଆୟୁର୍ବେଦିକ କଲେଜରୁ ଡିଗ୍ରୀ ହାସଲ କରିବାପରେ ତ୍ରିଶୁରର ସୀତାରାମ ଆୟୁର୍ବେଦିକ ହସ୍ପିଟାଲରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ ।

## ୨୫ ବର୍ଷ ତଳର ଧରିତ୍ରୀ

### ୭ ଫେବୃୟାରୀ ୧୯୯୬

- ହାୱାଲା ମାମଲାରେ ନିଜ ବିରୁଦ୍ଧରେ ଆଗତ ହୋଇଥିବା ଅଭିଯୋଗର ବିଚାର ଲୋକପାଳଙ୍କ ନିକଟରେ କରାଇବାକୁ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।
- ଜାତୀୟ ଜଳ ସମ୍ବଳ ପରିଷଦ ବୈଠକରେ କାବେରୀ ନଦୀ ଜଳ ବଣ୍ଟନ ବିବାଦକୁ କେନ୍ଦ୍ରକରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୟଲଳିତା ଓ କର୍ଣାଟକ ମୁଖ୍ୟମନ୍ତ୍ରୀ ଦେବଗୌଡ଼ାଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ।

## ଚିରନ୍ତନୀ

ବିଶ୍ୱ ହେଲା ନିକଟତମ
ଅତିହିଁ ପ୍ରିୟ, ପ୍ରାସ
ଉଠିଲା ପୂରି ସକଳ କ୍ଷତ
ସକଳ ଅବକାଶ ।

(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

**ଢେଙ୍କାନାଳ**
- ସନ୍ଧ୍ୟାତାରା ସାହିତ୍ୟ ସଂସଦର ୪୨ତମ ସାରସ୍ୱତ ମହୋତ୍ସବ। ସ୍ଥାନ: ଗୋପବନ୍ଧୁ ଟାଉନ ହଲ୍। ସମୟ: ପୂର୍ବାହ୍ନ ୧୦ଟା।
- ୬ଷ୍ଠ ଅଲ୍ଓଡ଼ିଶା ନୋଟାରିସ୍ ମିଟ୍। ସ୍ଥାନ:କଲ୍ୟାଣ ମଣ୍ଡପ। ସମୟ: ପୂର୍ବାହ୍ନ ୧୦ଟା।

**ବଣ୍ଡାଁରପାଳ**
- ନୂତନ କୋର୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ। ସ୍ଥାନ: ବଣ୍ଡାଁରପାଳ
- ସମୟ: ପୂର୍ବାହ୍ନ ୯ଟା ୨୫।

# ନକଲି ସାମଗ୍ରୀ ହବ୍ ଅନୁଗୋଳ





ସ୍ପେଶାଲ ସ୍କ୍ୱାଡ୍ ଜବତ କରିଥିବା ନକଲି ସାମଗ୍ରୀ ।

- ତେଲ, ଅଟା, ହଳଦୀଗୁଣ୍ଡ ପରେ ନକଲି ଚିପ୍ସ
- ସ୍ପେଶାଲ ସ୍କ୍ୱାଡ୍‌ର ଚଢ଼ାଉ, କମ୍ପାନୀ ମାଲିକ ଅଟକ
- ୫ ବର୍ଷ ଧରି ଚାଲିଥିଲା ବେଆଇନ କାରବାର

**ଅନୁଗୋଳ ଅଫିସ, ୬।୨**

ଯେତେ ଖୋଜିଲେ ସେତେ ବାହାରୁଛି। କମ୍ପାନୀ ଖୋଲି ଖାଦ୍ୟ ନାମରେ ଚାଲିଛି ବିଷ ବେପାର। ଭେଜାଲ ସାମଗ୍ରୀର ହବ୍ ପାଲଟିଛି ଶିଳ୍ପ ଜିଲା ଅନୁଗୋଳ। ନକଲି ତେଲ, ଅଟା, ହଳଦୀଗୁଣ୍ଡ ପରେ ସହର ଉପକଣ୍ଠ କୁମଣ୍ଡ-ଭଣ୍ଡୁବର ଅଞ୍ଚଳରୁ ଶନିବାର ସ୍ପେଶାଲ ସ୍କ୍ୱାଡ୍ ଠାବ କରିଛି ଭେଜାଲ ଚିପ୍ସ କାରଖାନା। ପିଲାଙ୍କୁ ପ୍ରଲୋଭିତ କରିବା ଭଳି ଲୋଭନୀୟ ପ୍ୟାକେଟରେ ମିକ୍ସଚର, ଚଟପଟି ଖାଦ୍ୟ ବିକ୍ରି ହେଉଥିଲା। ଦୀର୍ଘ ୫ବର୍ଷ ଧରି ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ ଆଖିରେ ଧୂଳି ଦେଇ ଏଭଳି ବେଆଇନ କାରବାର ଚାଲିଥିବା ଜଣାପଡ଼ିଛି। କମ୍ପାନୀ ମାଲିକ ସନ୍ଦୀପ ଗୋଏଲଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

କୁମଣ୍ଡ-ଭଣ୍ଡୁବର ଅଞ୍ଚଳରେ ନକଲି ଚିପ୍ସ କାରଖାନା ଚାଲିଥିବା ସୂଚନା ପାଇ ସ୍ପେଶାଲ ସ୍କ୍ୱାଡ୍ ଇନ୍‌ଚାର୍ଜ ଏସ୍ଆଇ ଦୀନକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଶନିବାର ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ଚିପ୍ସ ବିକ୍ରିରେ ବ୍ୟବହୃତ ବିଭିନ୍ନ କମ୍ପାନୀର ଜରି ପ୍ୟାକେଟ୍, କଞ୍ଚାମାଲ, ମସଲାଗୁଣ୍ଡ, ୨୦୧୬ରେ ପ୍ରସ୍ତୁତ ହୋଇଥିବା ଚକୋଲେଟ୍, ମଶା ଧୂପକାଠି ସମେତ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି। ଚିପ୍ସରେ ବ୍ୟବହୃତ ତଥା ସ୍ୱାଦ ବଢ଼ାଉଥିବା ମସଲା ମଧ୍ୟ ମିଳିଛି। ଉକ୍ତ ସାମଗ୍ରୀ ଏଠାରୁ ପ୍ରସ୍ତୁତ କରି ଜିଲାର ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଥିଲା। ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଉକ୍ତ କମ୍ପାନୀ ଚାଲିଥିଲା। ପ୍ରାଥମିକ ତଦନ୍ତରୁ କାରଖାନାର କୌଣସି ପଞ୍ଜୀକରଣ ନ ଥିବା ଏବଂ ଖାଦ୍ୟ ପ୍ରସ୍ତୁତ କରିବାକୁ ଅନୁମତି ମିଳି ନ ଥିବା ଜଣାପଡ଼ିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଖାନତଲାସି ଜାରି ରହିଥିଲା। ଚଢ଼ାଉରେ ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ, ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ, ସଦର ଥାନାଧିକାରୀ ପ୍ରଭାତ ତ୍ରିପାଠୀ, ଏସ୍ଆଇ ପ୍ରକାଶ ଚନ୍ଦ୍ର ମାଝି ସଦଳବଳ ସାମିଲ ହୋଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ଅନୁଗୋଳ ଥାନା ସରଦାପୁର ଗ୍ରାମରେ ନକଲି ପାମୋଲିନ୍ ତେଲ କାରଖାନା ଜବତ ହୋଇଥିଲା। ଏହି ଘଟଣାରେ ମାଷ୍ଟରମାଇଣ୍ଡ ଦାଦା-ପୁତୁରାଙ୍କ ସମେତ ୫ ଜଣ କୋର୍ଟ ଚାଲାଣ ହୋଇଥିଲେ। ସେହିପରି ଗତ ୩୧ ତାରିଖରେ ବଣ୍ଡାଁରପାଳ ଥାନା ଅନ୍ତର୍ଗତ ତଳମୂଳଠାରେ ବିପୁଳ ପରିମାଣର ଅପମିଶ୍ରିତ ଅଟା, ହଳଦୀଗୁଣ୍ଡ ପ୍ରସ୍ତୁତ କରାଯାଉଥିବା କାରଖାନା ଧରାପଡ଼ିଥିଲା। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରୁ ଏଭଳି ନକଲି ସାମଗ୍ରୀ କାରବାର ପଦାକୁ ଆସୁଛି। ପୋଲିସ, ସ୍ପେଶାଲ ସ୍କ୍ୱାଡ୍, ଗୋଇନ୍ଦା ବିଭାଗ ଖାନତଲାସି କଲେ ଆହୁରି ଏଭଳି ଅନେକ କମ୍ପାନୀର ଗୁମର ଖୋଲିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ପୁଷ୍ପ ପ୍ରଦର୍ଶନୀରେ ଜିଏମ୍ଆର୍ ପ୍ରଥମ

**ଢେଙ୍କାନାଳ ଅଫିସ, ୬।୨**

ଅନୁଗୋଳ ଜିଲା ନାଲ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ବାର୍ଷିକ ପୁଷ୍ପ ପ୍ରଦର୍ଶନୀରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗସ୍ଥିତ ଜିଏମ୍ଆର୍ କମଲାଙ୍ଗ ଏନର୍ଜି ଲିମିଟେଡ୍ କମ୍ପାନୀ ଶ୍ରେଷ୍ଠ ପୁରସ୍କାର ହାତେଇଛି। ଗତବର୍ଷ ମଧ୍ୟ କମ୍ପାନୀକୁ ଏହି ସଫଳତା ମିଳିଥିଲା। ପୁଷ୍ପ ପ୍ରଦର୍ଶନୀରେ ସ୍ଥାନୀୟ ନର୍ସରୀ, ବିଭିନ୍ନ ସଂସ୍ଥା, କମ୍ପାନୀ ଅଂଶଗ୍ରହଣ କରିଥିଲେ। ଫୁଲକୁଣ୍ଡ ପ୍ରଦର୍ଶନ, ସାଜସଜ୍ଜା ପାଇଁ କମ୍ପାନୀକୁ ପୃଥକ୍ ବର୍ଗରେ ୫ ପୁରସ୍କାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, କମ୍ପାନୀ ପରିସର ସମେତ ଆଖପାଖ ଅଞ୍ଚଳର ପ୍ରାୟ ୩୬୦ ଏକର ଜମିରେ ଚାରାରୋପଣ କରାଯାଇ ସବୁଜ ବନାନୀ ବଳୟ ସୃଷ୍ଟି କରାଯାଇଛି। ପରିବେଶ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ଏହି ସଫଳତା ପାଇଁ କମ୍ପାନୀର ସିଓଓ ରମେଶ ଆର୍. ପାଇ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଏହି ପୁରସ୍କାର ଉତ୍ସାହ ବଢ଼ାଇବ ବୋଲି ସେ କହିଛନ୍ତି।




କମ୍ପାନୀକୁ ପୁରସ୍କାର ପ୍ରଦାନ କରାଯାଉଛି।

# ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

**ପାଲଲହଡ଼ା, ୬।୨ (ଡି.ଏନ୍.ଏ.):** ପାଲଲହଡା ଥାନା କଇଁଶିପାଲି ଗ୍ରାମ ନିକଟ ୪୯ନଂ. ଜାତୀୟ ରାଜପଥରେ ଶନିବାର ସନ୍ଧ୍ୟାରେ ଗାଡ଼ି ଧକ୍କାରେ ଜଣେ ନାବାଳକ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିପଶି ପଞ୍ଚାୟତ କାଞ୍ଜିଆ ଗ୍ରାମର ଶ୍ୟାମ ଦିଗ୍‌ଙ୍କ ପୁଅ ବାଣ୍ଟୁ (୧୫)। ବାଣ୍ଟୁ ବଜାରରୁ ଘରକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଉକ୍ତ ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ପାଲଲହଡା ଅଗ୍ନିଶମ ବାହିନୀ ସହାୟତାରେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

# ପଞ୍ଚଭୂତରେ ବିଲୀନ ବିଚ୍ଛନ୍ଦଚରଣ

**କଣିହାଁ, ୬।୨(ଡି.ଏନ୍.ଏ.)**



ଶେଷକୃତ୍ୟ ପୂର୍ବରୁ ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କୁ ରାଷ୍ଟ୍ରୀୟ ସମ୍ମାନ ଜଣାଯାଉଛି।

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସଂଗ୍ରାମୀଙ୍କ ଶେଷକୃତ୍ୟ
- କାନ୍ଦିଲା ଜନ୍ମମାଟି କଂସମୁଣ୍ଡା, ବନ୍ଦ ରହିଲା ବଜାର

ପଞ୍ଚଭୂତରେ ବିଲୀନ ହୋଇଛି ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ପାର୍ଥିବ ଶରୀର। ଶନିବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ବିଜିଗୋଳସ୍ଥିତ ମା' ଭୈରବୀଙ୍କ ପୀଠରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ବିବେକାନନ୍ଦ ପ୍ରଧାନ ମୁଖାଗ୍ନି ଦେଇଥିଲେ। ଗଡ଼ଜାତ ଆନ୍ଦୋଳନର ଏହି ଅନ୍ୟତମ ବିନ୍ଧାଣିଙ୍କ ପରଲୋକରେ ଜନ୍ମମାଟି କଂସମୁଣ୍ଡା ସମେତ ସମଗ୍ର କଣିହାଁ ଅଞ୍ଚଳ ଶୋକରେ ବୁଡ଼ିଯାଇଥିବାବେଳେ ସଂଗ୍ରାମୀଙ୍କ ଅନ୍ତିମଯାତ୍ରାରେ ସାମିଲ ହୋଇଥିଲେ ଶତାଧିକ ଅଞ୍ଚଳବାସୀ।

ତାଳଚେର ଗଡ଼ଜାତ ଆନ୍ଦୋଳନର ଅନ୍ୟତମ ପୁରୋଧା ବିଚ୍ଛନ୍ଦଚରଣ ଶୁକ୍ରବାର ଅପରାହ୍ନରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ କଂସମୁଣ୍ଡାସ୍ଥିତ ବାସଭବନରୁ ଜିଲା ପ୍ରଶାସନ ସହଯୋଗରେ ଶନିବାର ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। କଣିହାଁ କଲେଜରେ ମରଶରୀର ପହଞ୍ଚିବା ପରେ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଆଲୋକ ପାତ୍ର, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଣିହାଁ ବରଛକ ପଡ଼ିଆରେ ପ୍ରଧାନ ଶିକ୍ଷକ ଦାଶରଥି ଜେନା, କବି ସିଦ୍ଧିପ୍ରସାଦ ସାହୁଙ୍କ ସମେତ ଗ୍ରାମବାସୀ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କଣିହାଁ ପ୍ରଜାମଣ୍ଡଳ ଭବନରେ ଟ୍ରଷ୍ଟର ସମସ୍ତ ସଦସ୍ୟ, ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ। ଏହାପରେ ଶୋଭାଯାତ୍ରା ଏନ୍‌ଟିପିସି ବାଇପାସ୍ ଶହୀଦ ସ୍ତମ୍ଭ ନିକଟରେ ପହଞ୍ଚିଥିଲା। ସେଠାରେ ଏନ୍‌ଟିପିସି, ଜେଆଇଟିପିଏଲ୍, ଏମ୍‌ସିଏଲ୍‌ର ଉଚ୍ଚ ପଦାଧିକାରୀ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅନ୍ତିମ ବିଦାୟ ଦେଇଥିଲେ। ପ୍ରିୟ ସଂଗ୍ରାମୀଙ୍କ ଆତ୍ମାର ସଦ୍‌ଗତି କାମନା କରି ବହୁ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ବିଚ୍ଛନ୍ଦ ଚରଣଙ୍କୁ ସମ୍ମାନ ଜଣାଇ କଣିହାଁ ଏବଂ ଏନ୍‌ଟିପିସିର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଅପରାହ୍ନରେ ଭୈରବୀ ପୀଠରେ ପ୍ରଶାସନ ପକ୍ଷରୁ ଜାତୀୟ ପତାକା ପ୍ରଦାନ କରି ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ଏମ୍‌ପି ମହେଶ ସାହୁ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଳ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ତାଳଚେର ଏସ୍‌ଡିପିଓ ନୀତେଶ ୱାଧୱାନି, ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ବିଡିଓ ରମେଶ କୁମାର ଜେନାଙ୍କ ସମେତ ବିଭିନ୍ନ ଦଳର ନେତା, କର୍ମୀ, ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଲକ୍ଷେ ଟଙ୍କାର ସାଇବର ଠକେଇ

**ଅନୁଗୋଳ ଅଫିସ, ୬।୨**

ଅନୁଗୋଳ ସହର ଉପକଣ୍ଠର ଜଣେ ବ୍ୟକ୍ତି ଅନଲାଇନ ଶପିଂ ବେଳେ ସାଇବର ଠକ ହାବୁଡ଼ରେ ପଡ଼ି ୯୭ ହଜାର ଟଙ୍କା ହରାଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ଜଣକ ଏକ ଘରୋଇ କମ୍ପାନୀର କର୍ମଚାରୀ। ତାଙ୍କ ଘର ବିହାରରେ। ସେ ତୁରଙ୍ଗରେ ରୁହନ୍ତି। କିଛିଦିନ ତଳେ ରାଜୋର ପେ' ନାମକ ଏକ ସଂସ୍ଥାରୁ ସେ ଅନ୍‌ଲାଇନ ଶପିଂ କରିଥିଲେ। ଅର୍ଡର କରିଥିବା ସାମଗ୍ରୀ ଠିକ୍ ସମୟରେ ନ ପହଞ୍ଚିବାରୁ ୩ ତାରିଖରେ ଗୁଗଲରେ ସଂସ୍ଥାର ହେଲ୍ପଲାଇନ ନମ୍ବର ଖୋଜିଥିଲେ। ତେବେ ଏହି ସମୟରେ ସେ ସାଇବର ଠକ ହାବୁଡ଼ରେ ପଡ଼ିଯାଇଥିଲେ। ଅଭିଯୁକ୍ତଙ୍କ କଥାରେ ପଡ଼ି ସମସ୍ତ ବ୍ୟାଙ୍କ ତଥ୍ୟ ଦେଇଥିଲେ। ଏହାର କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୯୭ ହଜାର ୨୭୬ ଟଙ୍କା ଖାଲି ହୋଇଯାଇଥିଲା। ଏ ନେଇ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ଗତ ୪ ତାରିଖରେ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ଆଜି ବଣ୍ଡାଁରପାଳ ଜେଏମ୍ଏଫ୍‌ସି କୋର୍ଟ ଉଦ୍‌ଘାଟନ

**ଅନୁଗୋଳ ଅଫିସ, ୬।୨**

- କାର୍ଯ୍ୟକ୍ରମ ସଫଳ କରିବାକୁ ଆଇନଜୀବୀଙ୍କ ନିଷ୍ପତ୍ତି
- ଉତ୍ତରାଞ୍ଚଳ ଆର୍‌ଡିସିଙ୍କ କ୍ୟାମ୍ପ କୋର୍ଟ ପୁନଃ ଚାଲୁ ଦାବି

ଅନୁଗୋଳ ଓକିଲ ସଂଘ ସମ୍ମିଳନୀ କକ୍ଷରେ ଶନିବାର ସାଧାରଣ ପରିଷଦ ବୈଠକ ସଭାପତି ଦିଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ବଣ୍ଡାଁରପାଳରେ ଜେଏମ୍ଏଫ୍‌ସି କୋର୍ଟକୁ ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଉଦ୍‌ଘାଟନ କରିବେ। କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହାକୁ ସଫଳ କରାଇବାକୁ ନିଷ୍ପତ୍ତି ହେଇଛି। ଅନୁଗୋଳରେ ମହିଳା ଓ ସାଇବର ଥାନା ପ୍ରତିଷ୍ଠା ଲାଗି ପ୍ରସ୍ତାବ ଦିଆଯିବ। ଏଥିସହ ଉତ୍ତରାଞ୍ଚଳ ଆର୍‌ଡିସିଙ୍କ କ୍ୟାମ୍ପ କୋର୍ଟକୁ ଅନୁଗୋଳରେ ପୁନର୍ବାର ଚାଲୁ କରିବାକୁ ସଭ୍ୟମାନେ ଦାବି କରିଛନ୍ତି। ବୈଠକରେ ବରିଷ୍ଠ ସଭ୍ୟ ଏସ୍.ସି. ମିଶ୍ର, ବି. ପଟ୍ଟନାୟକ, ଭି.ସି. ବେହେରା, ପ୍ରଦୀପ ଦେବତା, ଦୀପକ ସାହୁ, ଉପସଭାପତି ନିରୋଦ ମିଶ୍ର, ସହ ସମ୍ପାଦକ ଧର୍ମେନ୍ଦ୍ରନାଥ ମିଶ୍ର, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ସୋମନାଥ ରାଉତ ଧନ୍ୟବାଦ ଦେଇଥିଲେ।



ବୈଠକରେ ମଞ୍ଚାସୀନ ସଂଘର କର୍ମକର୍ତ୍ତାମାନେ।

# ୪୦ ମେଧାବୀଙ୍କୁ ବୃତ୍ତି ଦେବ ଜେଏସ୍‌ପିଏଲ୍ ଫାଉଣ୍ଡେଶନ

**ଅନୁଗୋଳ ଅଫିସ, ୬।୨**

- ୧୫ ସୁଦ୍ଧା ଅନ୍‌ଲାଇନ୍‌ରେ କରିପାରିବେ ଆବେଦନ
- ବାଳିକା, ଦିବ୍ୟାଙ୍ଗ, ଛେଉଣ୍ଡଙ୍କୁ ଦିଆଯିବ ଅଗ୍ରାଧିକାର

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସପିଏଲ)ର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କ ସ୍ମୃତିରେ ଜେଏସ୍‌ପିଏଲ ଫାଉଣ୍ଡେଶନ ପକ୍ଷରୁ ଆର୍ଥିକ ଅନଗ୍ରସର ବର୍ଗର ମେଧାବୀ ଛାତ୍ରୀଛାତ୍ରଙ୍କୁ (ଇଡବ୍ଲ୍ୟୁଏମ୍ଏସ୍) ମେଧାବୃତ୍ତି ଦିଆଯିବ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଯୁକ୍ତ ୨ ପ୍ରଥମ ବର୍ଷ ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିବା ୩୦ ଛାତ୍ରୀଛାତ୍ରଙ୍କୁ 'ଓପି ଜିନ୍ଦଲ ଷ୍ଟାର' ଏବଂ ଯୁକ୍ତ ୨ ବିଜ୍ଞାନ ପାସ୍ ପରେ ଇଞ୍ଜିନିୟରିଂ, ମେଡିକାଲ, ଆଇନ ଭଳି ସ୍ନାତକୋତ୍ତର ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବା ପ୍ରଥମବର୍ଷର ୧୦ ଜଣଙ୍କୁ 'ଓପି ଜିନ୍ଦଲ ଜ୍ୱେଲ' ମେଧାବୃତ୍ତି ପ୍ରଦାନ କରାଯିବ। ଯୋଗ୍ୟତା ଆଧାରରେ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ଏହି ବୃତ୍ତି ସେମାନଙ୍କ ଉଚ୍ଚଶିକ୍ଷାରେ ସହାୟତା କରିବ ବୋଲି ଜେଏସ୍‌ପିଏଲ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି।

ଓପି ଜିନ୍ଦଲ ଷ୍ଟାର ମେଧା ବୃତ୍ତି ପାଇଁ ଆବେଦନକାରୀ ଅନୁଗୋଳ ଜିଲା ବଣ୍ଡାଁରପାଳ କିମ୍ବା ଛେଣ୍ଡିପଦା ବ୍ଲକର ଜଣେ ସ୍ଥାୟୀ ବାସିନ୍ଦା ହୋଇଥିବେ। ସେ ନାମ ଲେଖାଇଥିବା ଶିକ୍ଷାନୁଷ୍ଠାନ (ସରକାରୀ/ବେସରକାରୀ)ର ମାସିକ ଶିକ୍ଷା ଶୁଳ୍କ ୫୦୦ଟଙ୍କାରୁ କମ୍ ହୋଇଥିବ। ଅଭିଭାବକଙ୍କ ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ ଏବଂ ଆବେଦନକାରୀ ଅନ୍ୟ କୌଣସି ବୃତ୍ତି ପାଉ ନ ଥିବା ଜରୁରୀ। ସେହିପରି ଓପି ଜିନ୍ଦଲ ଜ୍ୱେଲ ମେଧାବୃତ୍ତି ପାଇଁ ଆଶାୟୀ ଜଣକ ଅନୁଗୋଳ ଜିଲାର ବାସିନ୍ଦା ହୋଇଥିବେ। ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା (ଜେଇଇ/ଏନ୍ଇଇଟି/କ୍ୟାଟ୍) କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବେ। ଅଭିଭାବକଙ୍କ ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ ଏବଂ ଆବେଦନକାରୀ ଅନ୍ୟ କୌଣସି ସୂତ୍ରରୁ ବୃତ୍ତି ପାଉ ନ ଥିବା ଆବଶ୍ୟକ। ଚଳିତ ୧୫ ତାରିଖ ସୁଦ୍ଧା ଅନ୍‌ଲାଇନ୍‌ରେ ଫର୍ମପୂରଣ ମାଧ୍ୟମରେ ଏହାର ଆବେଦନ କରିହେବ। ବାଳିକା, ଦିବ୍ୟାଙ୍ଗ ଏବଂ ଅସହାୟ ମେଧାବୀଙ୍କୁ ଅଗ୍ରାଧିକାର ଦିଆଯିବ। ଛାତ୍ରୀଛାତ୍ରମାନେ ଅଧିକ ବିବରଣୀ ପାଇଁ ଜେଏସ୍‌ପିଏଲ୍ ସିଏସ୍ଆର ବିଭାଗର ଅଧିକାରୀ ତାପସ ମହାନ୍ତିଙ୍କୁ ମୋବାଇଲ (ନଂ.୯୭୭୭୪୪୩୮୮୯)ରେ ଯୋଗାଯୋଗ କରିପାରିବେ ସଂସ୍ଥା ପକ୍ଷରୁ କୁହାଯାଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GLOBAL FINANCE
(କରୋନା ମହାମାରୀ ରେ online ସୁବିଧା)
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9473500149

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

OFFICE OF THE NOTIFIED AREA COUNCIL
KASHINAGAR, GAJAPATI
Ph. & Fax No. -06815-284215, e-Mail: kasinagarn.hud@nic.in
Notice No.: 216/NAC Date: 05.02.2021
No.c-403
e-procurment Notice
BID REFERENCE NO.: KNGR/NAC/02/2020-21
Bid documents consists of specification, the schedule fo quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

| | | | |
|---|---|---|---|
| 1. | Nature of work | : | Civil |
| 2. | No. of works | : | 32 Nos. |
| 3. | Bid value | : | Rs.88,446/- to Rs.17,85,794/- |
| 4. | Period of completion | : | As per DTCN |
| 5. | Date and time of availability of the documents in portal | : | 08.02.2021 from 10.00 A.M. to 18.02.2021 upto 6.00 P.M. |
| 6. | Last date/ time for receipt of bids in the portal | : | 18.02.2021 upto 6.00 P.M. |
| 7. | Time & period documents required to be submitted | : | As per DTCN |
| 8. | Bids received online shall be opened on | : | 23.02.2021 at 11.00 A.M. |
| 9. | Name & address of the officer inviting tender | : | Executive Officer, Kashinagar NAC, Gajapati |

Sd./- Executive Officer,
N.A.C., Kashinagar, Gajapati
OIPR-13116/11/0001/2021

GOVT. OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
Tel.06766-258301(O), Mail ID: se_nerwkjr@rediffmail.com
No.O-1037
Identification No. PMGSY Online NCB No.287
No. 463 // Date: 03-02-2021
1. Name of the work :- Construction of Road & CD works under PMGSY (Balance Work) Programme .
2. Total No. of Packages :- 03 Nos. individual packages
3. Estimated Cost of individual packages :- Varies from Rs.93.01 lakh to Rs.447.10 lakh.
4. Period of completion :- 12 calendar months for works above Rs.5.00 Cr. & 11 calendar months for works below Rs.5.00 Cr. upto Rs.3.00 Cr. and 9 calendar months for works below Rs.3.00 Cr. as specified in DTCN.
5. Other details:-

| Procurement Officer | Bid Identification No. | No. of Packages | Availability of tender Online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, North Eastern Rural Works Circle, Keonjhar | PMGSY Online NCB No.287 | 03 Nos. | 10.02.2021 at 11.00 A.M. | 24.02.2021 upto 5.00 P.M. |

Further details can be seen from the website: www.pmgsytenders.gov.in
Sd./- Superintending Engineer, N.E.R.W. Circle, Keonjhar
OIPR-25048/11/0015/2021

## ସଂକ୍ଷେପରେ

### ପରଙ୍ଗକୁ ହରାଇ ଶିମିଳିପଡ଼ା ଚାମ୍ପିୟନ

ଛେଣ୍ଡିପଦା, ୬।୨(ସ୍ୱ.ପ୍ର)-ଛେଣ୍ଡିପଦା ବ୍ଲକ ପରଙ୍ଗ ଗ୍ରାମ ଖେଳପଡ଼ିଆରେ ମା' ପିତାବଳୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପରଙ୍ଗକୁ ହରାଇ ଶିମିଳିପଡ଼ା ଚାମ୍ପିୟନ ହୋଇଛି। ଶିମିଳିପଡା ପ୍ରଥମେ ବ୍ୟାଟିଂ କରି ୧୧୫ ରନ କରିଥିଲା। ଜବାବରେ ପରଙ୍ଗ ପାଳି ୫୬ ରନ୍‌ରେ ସୀମିତ ରହିଯାଇଥିଲା। ଶିମିଳିପଡ଼ାର ଦୁଷ୍ମନ୍ତ 'ମ୍ୟାନ ଅଫ ଦ ମ୍ୟାଚ୍', ମାନସ ନାଏକ 'ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ପରଙ୍ଗ ଗ୍ରାମ କମିଟି ସଭାପତି ଅନନ୍ତ ବେହେରା ଉପସ୍ଥିତ ରହି ଉଭୟ ଦଳ ଏବଂ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ମାତୃଭାଷା ମନ୍ଦିରର ସଭାପତି ବ୍ରଜବନ୍ଧୁ ବେହେରା, ବିପ୍ରନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଦୀପକ ଭୋଇ, ମଣ୍ଟୁ ମହାକୁଡ଼ଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ଜିଲାପାଳ, ଏସ୍‌ପିଙ୍କ ସହ ୫୩୬ କର୍ମଚାରୀଙ୍କୁ ଟିକା

**ଭଦ୍ରକ ଅଫିସ,୬।୨:** ଭଦ୍ରକ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଏସ୍‌ପି ଚରଣ ସିଂ ମୀନାଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ସହରର ୩ଟି ସ୍ଥାନରେ ହୋଇଥିବା ଟିକାକରଣ କେନ୍ଦ୍ରରେ କୋଭିଡ୍ ଟିକା ନେଇଛନ୍ତି। ପ୍ରଥମେ ଜିଲାପାଳ ଡ. ଦାସ ସଂସ୍କୃତି ଭବନ କେନ୍ଦ୍ର, ପରେ ଏସ୍‌ପି ମୀନା, ଦୁଇ ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର ଏବଂ ଇନ୍ଦ୍ରମଣି ନାୟକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପିତାମ୍ବର ସାମଲଙ୍କ ସମେତ ଅଧିକାରୀ ଓ କର୍ମଚାରୀ ଟିକା ଗ୍ରହଣ କରିଥିଲେ। ସଂସ୍କୃତି ଭବନରେ ୨୭୭, ଦିବାରାତ୍ର ଆଶ୍ରୟ କେନ୍ଦ୍ରରେ ୧୧୧ ଓ ବ୍ଲକ କଲୋନୀ ସ୍ଥିତ କମ୍ୟୁନିଟି ହଲ୍‌ରେ ୧୪୮ ମୋଟ ୫୩୬ ଜଣ ଟିକା ନେଇଥିବା ସୂଚନା ଦିଆଯାଇଛି।

### ଶୀତକାଳୀନ ଟାଏକୋଣ୍ଡୋ ତାଲିମ ଶିବିର

**କେନ୍ଦୁଝର, ୬।୨(ଡି.ଏନ୍.ଏ./ସ୍ୱ.ପ୍ର.):** କେନ୍ଦୁଝର ଷ୍ଟାଡିୟମଠାରେ ଓଡିଶା ଟାଏକୋଣ୍ଡୋ ଟ୍ରେନିଂ ସେଣ୍ଟର ଓ କେନ୍ଦୁଝର ଆମେଚର ଟାଏକୋଣ୍ଡୋ ଆସୋସିଏଶନ୍‌ର ମିଳିତ ସହଯୋଗରେ ଶୀତକାଳୀନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଖେଳାଳୀ ପ୍ରଶିକ୍ଷଣ ନେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଓଡିଶା ଟାଏକୋଣ୍ଡୋ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ରାୟ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ। ଶିବିରରେ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ପୁମସେ ଓ ଆଡଭାନ୍ସ ଫାଇଟିଂ ଟେକନିକ୍ ବିଷୟରେ ଅବଗତ କରାଯିବା ସହ ଟ୍ରେନିଂ ଦିଆଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଶିବିରକୁ କେନ୍ଦୁଝର ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନ୍‌ର ସଭାପତି ପ୍ରଦୀପ ମହାନ୍ତି ଓ ସଂପାଦକ ନିର୍ମଳ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ।

### ସଡ଼କ ଦୁର୍ଘଟଣା: ଜଣେ ମୃତ

**ପାଟଣା,୬।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଡିମିରିଗୁଡା ପେଟ୍ରୋଲ ପମ୍ପ ନିକଟରେ ଶନିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ପଙ୍କଜ ନାଏକଙ୍କର ମୃତ୍ୟୁ ଘଟିଛି। ତାଙ୍କ ପୁଅ ଓ ପୁତୁରା ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ପଙ୍କଜ ତାଙ୍କ ପୁଅ ଓ ପୁତୁରା ୩ ଜଣ ମିଶି ଏକ ସ୍କୁଟିରେ କରଞ୍ଜିଆରୁ ଗାଁକୁ ଯାଉଥିବା ବେଳେ ଅନ୍ୟ ଏକ ବାଇକ୍ ସହ ଦୁର୍ଘଟଣା ହୋଇଥିଲା। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୧୬/୨୧) ରୁଜୁ ହୋଇଛି। ତୁରୁମୁଙ୍ଗା ପୋଲିସ ଉଭୟ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି।

# ଟଙ୍କା ଅଛି, ସରୁନି ଜମି ଅଧିଗ୍ରହଣ

**ଦୈତାରୀ ବାଂଶପାଣି ରେଳ ପ୍ରକଳ୍ପ ଦୋହରୀକରଣ କାମ ଅଧାପନ୍ତରିଆ**

କେନ୍ଦୁଝର, ୬।୨(ସ୍ୱ.ପ୍ର.)

ଜମି ଅଧିଗ୍ରହଣ କାମ ସରୁ ନ ଥିବାରୁ କେନ୍ଦୁଝର ଜିଲାର ଲାଇଫ୍ ଲାଇନ କୁହାଯାଉଥିବା ଦୈତାରୀ ବାଂଶପାଣି ରେଳ ପ୍ରକଳ୍ପର ଦୋହରୀକରଣ କାମ ସରୁନାହିଁ । ଫଳରେ ଏହି ରେଳ ଲାଇନ୍‌ରେ ଟ୍ରେନ ଚଳାଚଳରେ ସମସ୍ୟା ଉପୁଜିବା ସହ ନୂତନ ଟ୍ରେନ ଚଳାଚଳ କରୁ ନ ଥିବାରୁ ଅସନ୍ତୋଷ ବଢୁଛି ।

ପ୍ରକାଶ ଯେ, ୧୫୫ କି.ମି. ଦୀର୍ଘ ଏହି ରେଳ ପ୍ରକଳ୍ପର ଦୋହରୀକରଣ କାମ ସରୁ ନ ଥିବାରୁ ଯାତ୍ରୀବାହୀ ତଥା ଲୁହାପଥର ବୋଝେଇ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହେଉଛି । ଏହି ଦୋହରୀକରଣ କାର୍ଯ୍ୟ ପାଇଁ କେନ୍ଦୁଝର ଓ ଯାଜପୁର ଜିଲାର ରାସୋଳ, ଟାଙ୍ଗିରିଆପାଳ, ଶାଳିଜଙ୍ଗା ଆଦି ପଞ୍ଚାୟତର ପାଖାପାଖି ୧୮ଟି ଗ୍ରାମର ଜମି ଅଧିଗ୍ରହଣ ଚାଲିଛି। ସର୍ଭେ ସରିବା ପରେ ଜମି ବାବଦକୁ କ୍ଷତିପୂରଣ ରାଶି ପ୍ରଦାନ କଲେ ଲୋକେ ଜମି ଛାଡ଼ିବେ ଓ ଏହି ଜମି ରେଳ ମନ୍ତ୍ରଣାଳୟକୁ ହସ୍ତାନ୍ତର ହେବ। ଏହାପରେ ରେଲୱେ ପକ୍ଷରୁ ଚାଲିଥିବା ଦୋହରୀକରଣ କାମ କରିବ। ଏହା ବାବଦକୁ କ୍ଷତିପୂରଣ ପ୍ରଦାନ ପାଇଁ ପାଖାପାଖି ୪ କୋଟି ଟଙ୍କା ଆସିଛି। ଏହି ଟଙ୍କା ଜିଲା ପ୍ରଶାସନ ପାଖରେ ପଡ଼ିରହିଥିଲେ ହେଁ ରେଳ ପ୍ରକଳ୍ପରେ ଜମି ହରାଇବାକୁ ଥିବା ଲୋକଙ୍କୁ ଦେବାରେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ବଢୁଛି। ଅନ୍ୟପକ୍ଷରେ ଜମିର ମୂଲ୍ୟ ବଢୁଥିବାରୁ ଏବଂ ଦାବିଦାରଙ୍କ ସଂଖ୍ୟା ବଢୁଥିବାରୁ ବିଳମ୍ବ ହେଲେ ସମସ୍ୟା ବଢ଼ିବ ବୋଲି କହିଛନ୍ତି ହରିଚନ୍ଦନପୁରର ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ମହାନ୍ତି। ଏନେଇ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ବିଭାଗ, କେନ୍ଦୁଝର ପକ୍ଷରୁ ରାଜ୍ୟ ସରକାରଙ୍କୁ କେଉଁ ଦରରେ ଜମି ବାବଦକୁ ଅର୍ଥ ଦେବେ ସେନେଇ ଅନୁମତି ମଗାଯାଇଥିଲେ ମଧ୍ୟ ଦୀର୍ଘ ମାସ ହେଲା କୌଣସି ଉତ୍ତର ଆସୁ ନ ଥିବାରୁ ଜମି ହରାଇଥିବା ଲୋକଙ୍କୁ କ୍ଷତିପୂରଣ ଅର୍ଥ ଦିଆଯାଇ ପାରୁନାହିଁ ଏବଂ ପ୍ରକଳ୍ପ କାମରେ ବିଳମ୍ବ ଘଟୁଥିବା ଅଭିଯୋଗ ହେଉଛି। ଏନେଇ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କିରଣ ନାୟକଙ୍କୁ ପଚାରିବାରୁ ରାଜସ୍ୱ ବିଭାଗରୁ ରିପୋର୍ଟ ଆସିବା ପରେ ଖୁବ୍‌ଶୀଘ୍ର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। କ୍ଷତିପୂରଣ ପାଇ ଲୋକେ ଜମି ଛାଡ଼ିଲେ ଏହା ରେଳ ମନ୍ତ୍ରଣାଳୟକୁ ହସ୍ତାନ୍ତର ହେବ ବୋଲି କହିଛନ୍ତି।


କେନ୍ଦୁଝରଗଡ଼ ରେଳଷ୍ଟେଶନ

ସୂଚନାଯୋଗ୍ୟ ଯେ, ରେଳପଥ ଦୋହରୀକରଣ କାମ ସରିଲେ ଯାତାୟାତ ସୁବିଧାଜନକ ହେବ। ଜିଲାରୁ ତଥା ଜିଲା ଦେଇ ନୂଆଦିଲ୍ଲୀ ସମେତ ଅନ୍ୟାନ୍ୟ ବଡ଼ ବଡ଼ ସହରକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବ। ଏହାଦ୍ୱାରା କେନ୍ଦୁଝର ସମେତ ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ଯାଜପୁର ଓ ଢେଙ୍କାନାଳ ଆଦି ଜିଲାର ଲୋକେ ଉପକୃତ ହୋଇପାରିବେ। ଅନ୍ୟପକ୍ଷରେ ରେଳ ପ୍ରକଳ୍ପର ସମ୍ଭାବନା ରହିଥିଲେ ହେଁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ବା ପ୍ରକଳ୍ପ ନିର୍ଦ୍ଦେଶକ (ରେଳ ପ୍ରକଳ୍ପ) ପଦବୀ ନ ଥିବାରୁ ଜମି ଅଧିଗ୍ରହଣରେ ସମସ୍ୟା ଉପୁଜିବ ବୋଲି ମତ ପ୍ରକାଶ ପାଉଛି । ଫଳରେ ହଜାର ହଜାର କୋଟି ଟଙ୍କା ଖଣି ରାଜସ୍ୱ ଦେଉଥିବା ଏବଂ ଏଥିରୁ ଅଧିକ ଲାଭ କରୁଥିବା ରେଳ ମନ୍ତ୍ରଣାଳୟ ଏହି ଜିଲାରେ ରେଳ ଚଳାଚଳ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରି ନୂତନ ଟ୍ରେନ ଚଳାଚଳ, ନୂତନ କେନ୍ଦୁଝର-ବାଦାମପାହାଡ଼, କେନ୍ଦୁଝର-ରାଉରକେଲା, କେନ୍ଦୁଝର-ଆନନ୍ଦପୁର-ଧାମରା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାମ ତ ଦୂରର କଥା ବାରମ୍ବାର ଦାବି ସତ୍ତ୍ୱେ ସର୍ଭେ କାମ ଆରମ୍ଭ କରିପାରୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏପରିକି ବାଂଶପାଣି-ବଡ଼ବିଲକୁ ରେଳ ସଂଯୋଗ ହୋଇ ପାରୁ ନ ଥିବାରୁ ଡାଙ୍ଗୁଆପଶି (ଝାଡ଼ଖଣ୍ଡ) ଦେଇ ବଡ଼ବିଲକୁ ଯିବାକୁ ପଡୁଛି । ଏଥିପ୍ରତି ଧ୍ୟାନ ଦିଆ ନ ଗଲେ ଆଗାମୀ ଦିନରେ ଜିଲାରୁ ଖଣିଜସମ୍ପଦ ପରିବହନକୁ ବନ୍ଦ କରାଯିବ ବୋଲି ପୂର୍ବତନ ଭାଜପା ଜିଲା ସଭାପତି ରାଧାକାନ୍ତ ମହାନ୍ତ କହିଛନ୍ତି ।

## ବେଆଇନ ଦେଶୀ ମଦ କାରଖାନା ଉପରେ ଚଢ଼ାଉ

ଖୁଣ୍ଟା, ୬।୨(ଡି.ଏନ.ଏ.)

ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଖୁଣ୍ଟା ଥାନା ଅଧୀନ ମଲହାରପଦା ଗ୍ରାମର ଏକ ନିଛାଟିଆ ସ୍ଥାନରେ ଗଢିଉଠିଥିବା ଏକ ବେଆଇନ ମଦ କାରଖାନା ଠାବ କରାଯାଇଛି। ମଦ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା ବିଭିନ୍ନ ପ୍ରକାର ସରଞ୍ଜାମ ଜବତ କରାଯିବା ସହିତ ବିପୁଳ ପରିମାଣରେ ପୋଚ ନଷ୍ଟ କରାଯାଇଛି। ଚଢ଼ାଉରେ ୬ ଗୋଟି ପ୍ଲାଷ୍ଟିକ ଡ୍ରମରେ ଭର୍ତ୍ତି ଥିବା ୧୯୮୦ କେଜି ପୋଚ ଓ ୨୫ଲିଟର ଦେଶୀ ମଦ ଜବତ କରାଯାଇଛି। ପୋଚକୁ ବିଭାଗ ପକ୍ଷରୁ ନଷ୍ଟ କରାଯାଇଥିବା ବେଳେ ଡ୍ରମ ଓ ମଦକୁ ଜବତ କରି କାର୍ଯ୍ୟାଳୟକୁ ନିଆଯାଇଛି। ଚଢ଼ାଉରେ କାହାରିକୁ ଗିରଫ କରାଯାଇପାରିନାହିଁ। ଚଢ଼ାଉରେ ଅବକାରୀ ଥାନା ଅଧିକାରୀ ନିରଞ୍ଜନ ସାହୁ ଓ ଏଏସ୍‌ଆଇ ଭବେଶ ଚନ୍ଦ୍ର ନାଏକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## 'ବିଶ୍ୱବିଦ୍ୟାଳୟ ଓ ଶିଳ୍ପ ମଧ୍ୟରେ ଭାଗୀଦାରି ଜରୁରୀ'

ବାଲେଶ୍ୱର ଅଫିସ, ୬।୨

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ମିଟ ଦ ଏମିନେଣ୍ଟ ଏକାଡ଼େମିସିଆନ୍ସ ଆଣ୍ଡ ପିପୁଲ ଫ୍ରମ କର୍ପୋରେଟ୍ ୱାର୍ଲ୍ଡ' କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଛି। ଏଥିରେ କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟ ଅଧ୍ୟୟନ ଓ ଗବେଷଣା ପ୍ରତିଷ୍ଠାନ ହୋଇଥିବା ବେଳେ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପ୍ରୟୋଗଶାଳା ରୂପେ ପ୍ରତିଷ୍ଠିତ। ଛାତ୍ରୀଛାତ୍ରମାନେ ଅଧ୍ୟୟନ ଓ ଆତ୍ମସଂସ୍ଥାନର ସ୍ୱପ୍ନକୁ ଗୁରୁତ୍ୱ ଦେଇ ଜୀବନ ଗଠନ ନିମିତ୍ତ ବିଶ୍ୱବିଦ୍ୟାଳୟକୁ ଆସି ସମର୍ଥ ହେଲା ପରେ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ଆତ୍ମସଂସ୍ଥାନର ଅବସର ଲାଭ କରିଥାନ୍ତି। ଏହିପରି ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରମାନଙ୍କର ବୌଦ୍ଧିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଶିଳ୍ପ ପ୍ରତିଷ୍ଠାନ ପରିଚାଳନା ନିମିତ୍ତ ଦକ୍ଷ କରାଏ। ଶିକ୍ଷାର ମୂଲ୍ୟବୋଧକୁ ଉପଲବ୍ଧି କରି ନିଯୁକ୍ତି ପ୍ରକ୍ରିୟାକୁ ଜୀବନରେ ପ୍ରାଥମିକତା ଦେବାକୁ ସେ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ।

ଅତିଥି ଭାବେ ଗୁଜୁରାଟ ବଦୋଦରା ଅଞ୍ଚଳର ଶିଳ୍ପପତି ଡ. ହରିକ୍ରୀଷ୍ଣ ପଟ୍ଟନାୟକ ଯୋଗ ଦେଇ ବିଶ୍ୱ ବର୍ଜ୍ୟବସ୍ତୁର ପୁନଃ ପରିଚାଳନା କୌଶଳ ଓ ନିଯୁକ୍ତି ସୁଯୋଗ ଉପରେ ମନ୍ତବ୍ୟ ଦେଇଥିଲେ। ନିଯୁକ୍ତି ସୁଯୋଗର ବ୍ୟତିରେକ ପ୍ରତିଭାସମ୍ପନ୍ନ ଗବେଷକ ଛାତ୍ର ନିଜର ପ୍ରତିଭାକୁ ବିନିଯୋଗ କରିବାର ସୁଯୋଗ ପାଇପାରେ ନାହିଁ। ଏଥିପାଇଁ ସମ୍ପ୍ରତି ଏହି ଦୁଇଟି ବିଷୟ ସମାନ୍ତରାଳ ଗତିଶୀଳତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ଶିଳ୍ପପତି ଡ. ପଟ୍ଟନାୟକଙ୍କୁ ବିଶ୍ୱବିଦ୍ୟାଳୟର ସ୍ମାରକୀ ଦେଇ କୁଳପତି ପ୍ରଫେସର ସାହୁ ସମ୍ମାନିତ କରିଥିଲେ।


ଶିଳ୍ପପତି ଡ. ହରିକ୍ରୀଷ୍ଣ ପଟ୍ଟନାୟକଙ୍କୁ ବିଶ୍ୱବିଦ୍ୟାଳୟର ସ୍ମାରକୀ ଦେଇ କୁଳପତି ସମ୍ମାନିତ କରୁଛନ୍ତି।

## ବନଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ

ବନ୍ତ,୬।୨(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମପଡ଼ାସ୍ଥିତ ମା' ବନଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କପାଳୀ କ୍ଷେତ୍ର ନରେନ୍ଦ୍ର ପୁଷ୍କରିଣୀରୁ ୧୫ ମହିଳା, ପୁରୁଷଙ୍କ ଦ୍ୱାରା କଳସରେ ଜଳ ଅଣାଯାଇ ସ୍ଥାପନା ପୂର୍ବକ ପୂଜା ଆରମ୍ଭ ହୋଇଥିଲା। ପ୍ରତାପ ଚନ୍ଦ୍ର ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ମମତା ବିଶ୍ୱାଳ ମୁଖ୍ୟ କଳସ ଆଣିଥିଲେ। ଗୋପୂଜା, ଭୂମିପୂଜା, ଚଣ୍ଡୀ ପାଠ କରାଯିବା ସହ ପୂର୍ଣ୍ଣାହୁତି ଦିଆଯାଇଥିଲା। ପଣ୍ଡିତ ପଦ୍ମନାଭ ପଣ୍ଡା, ଶଶୀକାନ୍ତ ମିଶ୍ର, ଅନ୍ନଦା କର ଶର୍ମା ପୂଜକ ଦାୟିତ୍ୱ ତୁଲାଇଥିଲେ। ବିଶ୍ୱନାଥ ବିଶ୍ୱାଳ, ସୁଭାଷ ଚନ୍ଦ୍ର ବିଶ୍ୱାଳ, ଅନାଦି ବିଶ୍ୱାଳ, ଗଙ୍ଗାଧର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ

ଭଦ୍ରକ ଅଫିସ,୬।୨

ବିଭିନ୍ନ ଦାବି ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ପରିଚାଳନା କର୍ମଚାରୀ ସଂଘର ଭଦ୍ରକ ଶାଖା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଦାବି ପୂରଣ ହେଉ ନ ଥିବା ଅଭିଯୋଗ କରି ସମସ୍ତ କର୍ମଚାରୀ ଅଫିସ୍ ଆସି କଳାବ୍ୟାଜ୍ ପିନ୍ଧି କଲମଛାଡ଼ ଆନ୍ଦୋଳନ କରିଥିଲେ। ନନ୍ ମେଡିକୋ ପବ୍ଲିକ ହେଲ୍‌ଥ ମ୍ୟାନେଜମେଣ୍ଟ କ୍ୟାଡର ସୃଷ୍ଟି କରି ସେହି ପଦବୀରେ ସ୍ଥାୟୀ ନିଯୁକ୍ତି, ସ୍ଥାୟୀ ନିଯୁକ୍ତି ପର୍ଯ୍ୟନ୍ତ ଦରମାରେ ଥିବା ଅସଙ୍ଗତି ଦୂର କରି ସପ୍ତମ ବେତନ ଆଧାରରେ ଦରମା ଓ ଭତ୍ତା ପ୍ରଦାନ, ସମସ୍ତଙ୍କ ପାଇଁ ସାମାଜିକ ସୁରକ୍ଷା ସ୍ୱରୂପ କର୍ମଚାରୀ ଭବିଷ୍ୟନିଧି ବ୍ୟବସ୍ଥା ଲାଗୁ, ସମସ୍ତ କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କ ଲାଗି ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା, କୋଭିଡ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିବାରୁ ପ୍ରୋତ୍ସାହନ ଆକାରରେ ଅଧିକ ମାସକର ଦରମା ପ୍ରଦାନ ଆଦି ଦାବି କରିଛି ସଂଘ। ଏହି ଦାବି ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଶନିବାରଠାରୁ ସମସ୍ତ କର୍ମଚାରୀ କୋଭିଡ୍ ଟିକାକରଣ କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଏଥିସହିତ ଆଗାମୀ ଦିନରେ ଅନ୍ୟ ସମସ୍ତ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟରେ ଅସହଯୋଗ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ସଂଘ ସଭାପତି ଜିତେନ୍ଦ୍ର ନାରାୟଣ ବିଶ୍ୱାଳଙ୍କ ସହ ସମସ୍ତ କର୍ମଚାରୀ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏନ୍‌ଏଚ୍‌ଏମ୍ କର୍ମଚାରୀ।

## ଗଣିତ ମେଧାବୃତ୍ତି ପରୀକ୍ଷା ଦେଲେ ୧୦୮୨ ଛାତ୍ରୀଛାତ୍ର

ଭୋଗରାଇ, ୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଶୁକ୍ରବାର ୧ହଜାର ୮୨ଜଣ ଛାତ୍ରୀଛାତ୍ର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି। ଫୁଲବଣୀ ନୋଡ଼ାଲ ହାଇସ୍କୁଲ, କମର୍ଦ୍ଦା ସରକାରୀ ଜଗନ୍ନାଥ ହାଇସ୍କୁଲ, ଜଳେଶ୍ୱରପୁର ସରକାରୀ ହାଇସ୍କୁଲ, ମହାଗବ ନୋଡ଼ାଲ ହାଇସ୍କୁଲ ଓ ସରସ୍ୱତୀପୁର ନୋଡ଼ାଲ ହାଇସ୍କୁଲରେ ମେଧାବୃତ୍ତି ପରୀକ୍ଷାରେ ଷଷ୍ଠ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ର ପରୀକ୍ଷା ହଲ୍‌ରେ ବସିଥିଲେ। ଷ୍ଟେଜ୍-୧ରେ ୬୬୩ଜଣ ଓ ଷ୍ଟେଜ-୨ରେ ୪୧୯ଜଣ ପରୀକ୍ଷାର୍ଥୀ ଥିଲେ। ଉଭୟ ପରୀକ୍ଷାରେ ୪୭ଜଣ ପରୀକ୍ଷାର୍ଥୀ ବିଭିନ୍ନ କାରଣରୁ ଅନୁପସ୍ଥିତ ଥିଲେ।

## ଜମି ହରାଇଥିବା ହିତାଧିକାରୀଙ୍କୁ ଚେକ୍‌ବଣ୍ଟନ

ଜଳେଶ୍ୱର, ୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ସହର ମଧ୍ୟଦେଇ ଯାଇଥିବା ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ନୂଆବଜାରଠାରେ ଏକ ଓଭରବ୍ରିଜ୍ ନିର୍ମାଣ ଆରମ୍ଭ ହୋଇଛି। ପ୍ରାୟ ୧କି.ମି. ଲମ୍ବ ବିଶିଷ୍ଟ ଓଭରବ୍ରିଜ୍ ନିର୍ମାଣରେ ୬୨କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ନିର୍ମାଣ ଅବଧିର ୫ମାସ ବିତିଥିଲେ ମଧ୍ୟ କାର୍ଯ୍ୟର ୪୦% ସରିଗଲାଣି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଇଭେଟ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ନିର୍ମାଣ ସରିବାରେ ବିଳମ୍ବ ହେଉଛି। ମୋଟ୍ ୧.୫୭୬ ଏକର ଘରୋଇ ଜାଗା ଅଧିଗ୍ରହଣ କରିବାକୁ ଥିବା ବେଳେ ଅଦ୍ୟାବଧି ୧.୨୧୦ ଏକର ଘରୋଇ ଜାଗା ପିଡବ୍ଲ୍ୟୁଡି ପକ୍ଷରୁ ପ୍ରାପ୍ୟ ଦିଆଯାଇ କିଣାସରିଛି। ଜଳେଶ୍ୱର ମ୍ୟୁନିସିପାଲଟିର ଦେଉଳିପଞ୍ଝୁଘଣ୍ଟା ମୌଜାର ବାସନ୍ତୀ ମୁଖୀ ନାମକ ଜନୈକ ଅସହାୟା ମହିଳାଙ୍କର ଏକମାତ୍ର ୪ ଡିସିମିଲ ଘରବାରିକୁ ଅଧିଗ୍ରହଣ କରିବାକୁ ଥିବାବେଳେ ପିଡବ୍ଲ୍ୟୁଡି ପକ୍ଷରୁ ପ୍ରୟାସ ଜାରି ରହିଥିଲା। ସମ୍ପୂର୍ଣ୍ଣ ଉଚ୍ଛେଦ ନ କରି ସେ ସେହି ସ୍ଥାନରେ ଅତିକମ୍‌ରେ ଅଳ୍ପ କିଛି ଜମି ଦେବାକୁ ନିବେଦନ କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଗଲେ ସେ ଆତ୍ମାହୁତି ଦେବେ ବୋଲି ଗଣମାଧ୍ୟମରେ ପ୍ରକାଶିତ ପରେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ତାଙ୍କ ନିକଟରୁ ୦.୦୩୭୫ଏକର ଜମି ଅଧିଗ୍ରହଣ କରାଯାଇଛି। ଏହି ରେଜିଷ୍ଟ୍ରେଶନ ସମୟରେ ଜେଇ ନିହାର ରଞ୍ଜନ ବେହେରା ଉପସ୍ଥିତ ରହି ବାସନ୍ତୀ ମୁଖୀଙ୍କୁ ୨୧,୩୯,୧୫୪ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

## ବଧୂ ନିର୍ଯାତନା ଅଭିଯୋଗ

ସଜନାଗଡ଼, ୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ପୋଡ଼ାଶୁଳ ଗ୍ରାମର ସଚ୍ଚିଦାନନ୍ଦ ପାତ୍ରଙ୍କ ସ୍ତ୍ରୀ ଶର୍ମିଷ୍ଠାଙ୍କୁ ପରିବାର ଲୋକେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ନୀଳଗିରି ପୋଲିସ ମାମଲା (ନଂ. ୪୭/୧୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ରାତିରେ ପୋଲିସ ସଚ୍ଚିଦାନନ୍ଦ ଘର ଉପରେ ଚଢାଉ କରି ଏକ ବାଇକ୍ ଜବତ କରିଛି। ସଚ୍ଚିଦାନନ୍ଦ ଉକ୍ତ ଥାନା ଧୋବଶିଳା ଗ୍ରାମର ଶର୍ମିଷ୍ଠାଙ୍କୁ ଗତ ୨୦୧୯ରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ମାତ୍ର ୪/୫ ମାସ ଭଲରେ ଅତିବାହିତ କରିଥିବା ବେଳେ ପରିବାରର ଶ୍ୱଶୁର, ଶାଶୁ, ସ୍ୱାମୀ ମିଳିତ ଭାବେ ଅଧିକ ଯୌତୁକ ଦାବିକରି ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଥିଲେ। ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।

## ଟିକା ନେଲେ ଅଧିକାରୀ

ବାରିପଦା ଅଫିସ,୬।୨

ମୟୂରଭଞ୍ଜ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ପ୍ରଥମେ ଟିକା ନେଇଥିଲେ। ସେହିପରି ଏସ୍‌ପି ସ୍ମିଥ ପି.ପରମାର, ଉପଜିଲାପାଳ ପି.ଅନ୍ୱେଷା ରେଡ୍ଡି, ଜରୁରିକାଳୀନ ଅଧିକାରୀ ସୁଜୟ ପତି ଓ ପିଡି ଡିଆର୍‌ଡିଏ ଭବେଶ ଚନ୍ଦ୍ର ନାୟକ ପ୍ରମୁଖଙ୍କୁ ଟିକା ଦିଆଯାଇଥିଲା। ଜିଲାର ୨୯ଟି ମୁଖ୍ୟାଳୟରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ୨୬ ବ୍ଲକ କାର୍ଯ୍ୟାଳୟରେ ବିଡିଓ, ତହସିଲଦାର ଓ ଥାନାଧିକାରୀଙ୍କ ସହିତ ଆଗଧାଡ଼ିର ଯୋଦ୍ଧାଙ୍କୁ ଟିକା ପ୍ରଦାନ କରାଯାଇଛି। ୨ୟ ପର୍ଯ୍ୟାୟରେ ୭,୨୭୧ ଜଣଙ୍କୁ ଟିକା ପ୍ରଦାନ ଲକ୍ଷ୍ୟ ରହିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ର କହିଛନ୍ତି।


ଜିଲାପାଳ ବିନୀତ ଭରଦ୍ୱାଜ କୋଭିଡ୍ ଟିକା ନେଉଛନ୍ତି।

## ରାଜ୍ୟ ସଭା ସଦସ୍ୟାଙ୍କ ହସ୍ତକ୍ଷେପ ସତ୍ତ୍ୱେ ହୋଇପାରିଲାନି ସମାଧାନ

**ମୌଳିକ ସୁବିଧା ଦାବିରେ ଅନଶନ ଜାରି**

ସାରସକଣା,୬।୨

ମୟୂରଭଞ୍ଜ ଜିଲା ଝାରପୋଖରିଆ ସ୍ଥିତ ବସ୍‌ଷ୍ଟାଣ୍ଡଠାରେ ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ଦାବିରେ ସ୍ଥାନୀୟ ଅଞ୍ଚଳର କ୍ଷୀରୋଦ ଚନ୍ଦ୍ର ଦାସଙ୍କ ଆମରଣ ଅନଶନ ଜାରି ରହିଛି। ବସ୍‌ଷ୍ଟାଣ୍ଡରେ ଯାତ୍ରୀ ପ୍ରତୀକ୍ଷାଳୟ, ଶୌଚାଳୟ, ପାନୀୟଜଳ ଏବଂ ଆଲୋକ ବ୍ୟବସ୍ଥା ଆଦି ଦାବି ନେଇ ଅନଶନରେ ବସିଛନ୍ତି କ୍ଷୀରୋଦ। ଶନିବାର ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି। ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ଶୁକ୍ରବାର ରାତି ପ୍ରାୟ ୧୧ଟା ବେଳେ ପହଞ୍ଚି ସମାଧାନ ପାଇଁ ସାରସକଣା ବିଡିଓ ଏବଂ ତହସିଲଦାରଙ୍କୁ ଡକାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିବା କୁହାଯାଇଛି। ଶନିବାର ସକାଳେ ପୁଣି ରାଜ୍ୟସଭା ସଦସ୍ୟା ମହାନ୍ତଙ୍କ ଉପସ୍ଥିତିରେ ସାରସକଣା ବ୍ଲକର କାର୍ଯ୍ୟନିର୍ବାହୀ ସହାୟକ ଯନ୍ତ୍ରୀ ପହଞ୍ଚିଥିଲେ। ଦୁଇବର୍ଷ ପୂର୍ବରୁ ଆରମ୍ଭ ହୋଇ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିବା ଆମ ଗାଁ ଆମ ବିକାଶ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଥିଲେ।


ଅନଶନସ୍ଥଳରେ ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ ପହଞ୍ଚି ବୁଝାଶୁଝା କରୁଛନ୍ତି।

ସୂଚନାଯୋଗ୍ୟ, ଏ ନେଇ ଗତ ୨୯ ତାରିଖରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ କ୍ଷୀରୋଦ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯାତ୍ରୀ ପ୍ରତୀକ୍ଷାଳୟ ଓ ଶୌଚାଳୟ ନିର୍ମାଣ ପାଇଁ ଭୂମିପୂଜା ହେବାର ୩ ବର୍ଷ ବିତିଯାଇଥିବା ବେଳେ ଅଧାପନ୍ତରିଆ ଅବସ୍ଥାରେ ରହିଛି। ୨୦୧୮ରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଏହା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିଥିଲା। ଏହି ବସ୍‌ଷ୍ଟାଣ୍ଡ ଓଡ଼ିଶା ସମେତ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଯାତ୍ରୀମାନଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ପ୍ରଶାସନିକ ଅବହେଳା କାରଣରୁ ଯାତ୍ରୀମାନେ ହଇରାଣ ହେଉଥିବା ଅଭିଯୋଗ କରାଯାଇଛି। ଉଲ୍ଲେଖ ଥାଉକି, ଏହି ଦାବିକୁ ନେଇ ୨୦୧୯ ମାର୍ଚ୍ଚ ୧୫ରୁ ମଧ୍ୟ କ୍ଷୀରୋଦ ଆମରଣ ଅନଶନରେ ବସିଥିଲେ।

## ସଂକ୍ଷେପରେ

### ରୁକୁଣା ରଥ ନୂଆ କାଠରେ ନିର୍ମାଣ କରାଯାଉ

**ପୁରୁଣା ଭୁବନେଶ୍ୱର,୬।୨(ଡି.ଏନ୍.ଏ.):** ଚଳିତ ବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା ପାଳନ ହେବା ନେଇ ସବୁଜ ସଙ୍କେତ ମିଳିଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ରୁକୁଣା ରଥ ନିର୍ମାଣ ପାଇଁ ଚକ, ଦଣ୍ଡା, ମହୀ, ଭଦଳିଆ, ସେଣି ଆଦି ସମସ୍ତ ଉପକରଣ ନୂଆକାଠରେ ନିର୍ମାଣ ହେବା ପାଇଁ ଶ୍ରୀ ଶ୍ରୀ ଲିଙ୍ଗରାଜ ସେନା ଦାବି କରିଛି। ଏନେଇ ଶନିବାର ସେନା ପକ୍ଷରୁ ଏକ ଦାବିପତ୍ର ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହି ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଠାକୁରଙ୍କ ଯାନିଯାତ୍ରା ପାଇଁ ବ୍ୟବହୃତ ପାଲିଙ୍କି ବହୁ ପୁରୁଣା ହୋଇଥିବାରୁ ଏଗୁଡ଼ିକୁ ଶିଶୁ ପଟାରେ ନୂତନ ଭାବେ ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସେନା ସଭାପତି ରାଜନ୍ଦ୍ରେ ସମର୍ଥାଙ୍କ ସହ ସମ୍ପାଦକ ବୀରଞ୍ଚି ନାରାୟଣ ପତି, କମଳାକାନ୍ତ ବଡୁ, ଅଞ୍ଚଳ ବଡୁ, ବେଶୁଧର ପାତ୍ର, ଶିବ ରାଏ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ବାଇକ୍ ଧକ୍କାରେ ଜଣେ ମୃତ

**ବାଲିପାଟଣା,୬।୨(ଡି.ଏନ୍.ଏ.):** ବାଲିପାଟଣା ଥାନା ଅଧୀନ ନାରାୟଣୀ ଛକ ନିକଟରେ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଆଇତଲଙ୍ଗ ଗ୍ରାମର ଲକ୍ଷ୍ମୀଧର ବେହେରା(୪୫)। ସୂଚନା ମୁତାବକ, ଲକ୍ଷ୍ମୀଧର ଶୁକ୍ରବାର ରାତି ପ୍ରାୟ ୧୧ଟା ୩ଠରେ ତାଙ୍କ ଡାଏରୀ ଫାର୍ମକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଘୋଷାଡି ହୋଇ ଏକ ଦୋକାନ କବାଟରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

### ଟ୍ରେନ୍ ଧକ୍କାରେ ଅଚିହ୍ନା ବ୍ୟକ୍ତିଙ୍କ ଜୀବନ ଗଲା

**ପୁରୁଣା ଭୁବନେଶ୍ୱର,୬।୨(ଡି.ଏନ୍.ଏ.):** ସ୍ଥାନୀୟ ପୁନାମା ଗେଟ ଠାରେ ଶନିବାର ଟ୍ରେନ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ବ୍ୟକ୍ତି ଜଣକ ସାଇକେଲ ଧରି ରେଳଧାରଣା ଅତିକ୍ରମ କରୁଥିବା ବେଳେ ଉକ୍ତ ସମୟରେ ଆସୁଥିବା ଏକ ଟ୍ରେନ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଜିଆରପି ପୋଲିସ ପ୍ରଦୀପ ଟ୍ରଷ୍ଟ ଜରିଆରେ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ରେଳ ବିକାଶ: ଖୋଲା ବିତର୍କ ପାଇଁ ପ୍ରସ୍ତୁତ

**ଭୁବନେଶ୍ୱର, ୬।୨(ବ୍ୟୁରୋ)**

## ରାଜ୍ୟ ସରକାରଙ୍କ 'ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ ବିଳମ୍ବ' ପ୍ରକଳ୍ପ ପାଇଁ ବାଧକ : ଭାଜପା


ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ ସୂଚନା ଦେଉଛନ୍ତି।

ରେଳ ବଜେଟକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ରେଳ ବଜେଟ ଓ ଗତ ୭ ବର୍ଷ ମଧ୍ୟରେ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ହୋଇଥିବା ଅବହେଳାକୁ ନେଇ ବିଜେଡି ଶୁକ୍ରବାର ଭାଜପାକୁ କଡ଼ା ସମାଲୋଚନା କରିବା ପରେ ରେଳ ବିକାଶ ପ୍ରସଙ୍ଗରେ ଖୋଲା ବିତର୍କ ପାଇଁ ଭାଜପା ଆହ୍ୱାନ ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ରେଳ ଭିତ୍ତିଭୂମି, ରେଳ ସଂଯୋଗ ଏବଂ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ମୋଦି ସରକାର ଶାସନକୁ ଆସିବା ପୂର୍ବରୁ ଓଡ଼ିଶାକୁ ବାର୍ଷିକ ମାତ୍ର ୨୦୦ରୁ ୬୦୦ କୋଟି ଟଙ୍କା ମଧ୍ୟରେ ରେଳ ବଜେଟ ସୀମିତ ରହୁଥିଲା। ମାତ୍ର ୨୦୧୪ ପରେ ପ୍ରତି ବର୍ଷ ୫ ହଜାର, ୬ ହଜାର, ୭ ହଜାର କୋଟି ଟଙ୍କାର ରେଳ ବଜେଟ ଅନୁଦାନ ରାଜ୍ୟକୁ ମିଳୁଛି। ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର କ୍ରମାଗତ ଭାବରେ ସହାୟତା ଯୋଗାଇ ଆସୁଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ପରିମାଣ ୫୭୯୫ କୋଟି ଟଙ୍କା ଥିବାବେଳେ ଚଳିତ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଏହି ବଜେଟ ୬୯୯୫ କୋଟି ଟଙ୍କାରେ ପହଞ୍ଚିଛି। ମାତ୍ର ହୀନ ରାଜନୈତିକ ସ୍ୱାର୍ଥକୁ ପ୍ରତିପାଦିତ କରିବା ପାଇଁ ଶାସକ ବିଜେଡି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅପମାନିତ କରିଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୋଦି ସରକାରଙ୍କୁ ବ୍ରିଟିଶ ଶାସନ ସହ ତୁଳନା କରିବା ଏବଂ ଓଡ଼ିଶାରୁ ଖଣିଜ ପଦାର୍ଥ ରେଳବାଇ ଯୋଗେ ଲୁଟି ନେବା ଭଳି ଅଭିଯୋଗ ଅତ୍ୟନ୍ତ ଲଜ୍ଜାଜନକ ଓ ହୀନ ବକ୍ତବ୍ୟ ବୋଲି ଶନିବାର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କର ବଢୁଥିବା ଲୋକପ୍ରିୟତାରେ ଭୟଭୀତ ହୋଇ ତାଙ୍କୁ ଅଶାଳୀନ ଭାଷାରେ ଗାଳି ନ କରି ବରଂ ରାଜ୍ୟ ସରକାର ରାଜ୍ୟର ଐତିହ୍ୟ ଓ ପରମ୍ପରାର ସଂରକ୍ଷଣରେ ଲାଗନ୍ତୁ ବୋଲି ସେ କହିଛନ୍ତି।

ରେଳମନ୍ତ୍ରୀ ପୀୟୁଷ ଗୋଏଲ ୨୦୧୯ ଜୁନ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଓଡ଼ିଶାରେ ରେଳ ପ୍ରକଳ୍ପ ଆଗକୁ ନ ଯିବା ମାମଲାରେ ପ୍ରସଙ୍ଗଗୁଡ଼ିକ ଉଠାଇଥିଲେ। ଜମି ଅଧିଗ୍ରହଣ, ଆଇନ ବିଶୃଙ୍ଖଳା ଏବଂ ଜଙ୍ଗଲ ବିଭାଗ ଅନୁମତି ସମସ୍ୟା ନେଇ ପତ୍ରରେ ଉଲ୍ଲେଖ କରିବା ସହ ରେଳ କାମର ଅଗ୍ରଗତି ହେଉ ନ ଥିବା କହିଥିଲେ। ଏ ସମ୍ପର୍କରେ ରାଜ୍ୟ ସରକାର ଟିକେ ଦୃଷ୍ଟି ଦିଅନ୍ତୁ। କେବଳ କେନ୍ଦ୍ର ଅବହେଳା କଥା କହି ନିଜ ଦାୟିତ୍ୱରୁ ନ ଓହରି ରେଳ ବିକାଶ ପ୍ରସଙ୍ଗରେ ଯେକୌଣସି ଖୋଲା ବିତର୍କ ପାଇଁ ଭାଜପା ପ୍ରସ୍ତୁତ ଅଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ, ୨୮୯ କିଲୋମିଟର ଖୋର୍ଦ୍ଧାରୋଡ- ବଲାଙ୍ଗୀର ୩୭୯୧ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଚଳିତ ବଜେଟରେ ୧୦୦୦ କୋଟିର ବ୍ୟବସ୍ଥା କରାଯାଇଛି। ଜମି ଅଧିଗ୍ରହଣ ଓ ପରିବେଶ ମଞ୍ଜୁରୀ ପ୍ରଦାନରେ ରାଜ୍ୟ ସରକାର ବିଳମ୍ବ କରିବାରୁ ଏହି ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ୯୮.୭ କିଲୋମିଟର ଅନୁଗୁଳ- ସୁକିନ୍ଦାରୋଡ ବ୍ରଡ୍‌ଗଜ୍ ପାଇଁ ଚଳିତ ବଜେଟରେ ୪୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାର ଜମି ଅଧିଗ୍ରହଣରେ ବିଳମ୍ବତା, ୨୦୦୬ ମସିହା ଆରଆର ପଲିସି ଆଧାରରେ କାର୍ଯ୍ୟ ଅସମାପ୍ତ ରହିଛି। ଆଇନଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ପ୍ରଶାସନିକ ସମସ୍ୟା କାର୍ଯ୍ୟକୁ ବିଳମ୍ବିତ କରିଛି। ୧୫୦ କିଲୋମିଟର ଦୀର୍ଘ ୧୯୨୮ କୋଟି ଟଙ୍କାର ତାଳଚେର- ବିମଳାଗଡ଼ ନୂତନ ରେଳ ଲାଇନ୍ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ହସ୍ତାନ୍ତର, ଜମି ଅଧିଗ୍ରହଣ ଓ ପରିବେଶ ମଞ୍ଜୁରୀ ପ୍ରଦାନ କରିବାରେ ରାଜ୍ୟ ସରକାର ବିଳମ୍ବ କରିଛନ୍ତି। ୧୫୭୯ କୋଟିର ସମ୍ବଲପୁର - ତାଳଚେର ୧୭୪ କିଲୋମିଟର ଦୋହରୀକରଣ ପ୍ରକଳ୍ପ ପାଇଁ ଚଳିତ ରେଳ ବଜେଟରେ ୧୭୩.୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ରାଜ୍ୟ ସରକାର ଜମି ଯୋଗାଇ ଦେବା ଓ ପରିବେଶ ମଞ୍ଜୁରୀରେ ଅହେତୁକ ବିଳମ୍ବ ପ୍ରକଳ୍ପ ଆଗେଇବାରେ ସବୁଠୁ ବଡ ସମସ୍ୟା ସୃଷ୍ଟି କରିଛି। ୧୧୭୩ କୋଟିର ରାଜଆଠଗଡ ଦେଇ ବୁଢାପଙ୍କ ଏବଂ ସାଲେଗାଁ ତୃତୀୟ ଓ ଚତୁର୍ଥ ଲାଇନ ସମ୍ପ୍ରସାରଣ ୧୭୦ କିଲୋମିଟର ପ୍ରକଳ୍ପ ପାଇଁ ଚଳିତ ବଜେଟରେ ୨୧୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ କାର୍ଯ୍ୟ ଓ ଜଙ୍ଗଲ ନିୟମ ଅନୁମତିରେ ଅହେତୁକ ବିଳମ୍ବ କରି ଆସିଛନ୍ତି। ୮୧୦ କୋଟି ଜରପଡ଼ା- ବୁଢାପଙ୍କ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ ଓ ତାଳଚେରରେ ଫ୍ଲାଏଓଭର ବ୍ରିଜ ପାଇଁ ୧୦୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ରାଜ୍ୟ ସରକାର ଜମି ଅଧିଗ୍ରହଣ ଓ ପରିବେଶ ମଞ୍ଜୁରୀ ପ୍ରଦାନରେ ବିଳମ୍ବ ପ୍ରକଳ୍ପ ପାଇଁ ବାଧକ ସାଜିଛି। ଏହାର ଉତ୍ତର ରାଜ୍ୟ ସରକାର ସର୍ବସାଧାରଣରେ ପ୍ରକାଶ କରନ୍ତୁ ବୋଲି ଗୋଲକ କହିଛନ୍ତି।

# ୧୩ରୁ ଅନ୍ତର୍ଜାତୀୟ ରେଡିଓ ମେଳା



**ଭୁବନେଶ୍ୱର, ୬।୨(ବ୍ୟୁରୋ)**

- ଆକର୍ଷଣ ସାଜିବେ ଲୋକପ୍ରିୟ ଆର୍‌ଜେ ପ୍ରବୀଣ
- ୧୫ ରେଡିଓ ଉପସ୍ଥାପକଙ୍କୁ କରୋନା ଯୋଦ୍ଧା ସମ୍ମାନ

କରୋନା କଟକଣା ମଧ୍ୟରେ ଆସନ୍ତା ୧୩ ତାରିଖରୁ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ସପ୍ତମ ଆଉଟରିଚ୍ ଅନ୍ତର୍ଜାତୀୟ ରେଡିଓ ମେଳା ଆରମ୍ଭ ହେବ। ଦୁଇଦିନ ଧରି ଚାଲିବାକୁ ଥିବା ଦେଶର ଏହି ପ୍ରଥମ ରେଡିଓ ମେଳାରେ ନୂଆ ଓ ପୁରୁଣା ରେଡିଓ, ଗ୍ରାମଫୋନ, ପ୍ରସାରଣ ସାମଗ୍ରୀ, ବିଭିନ୍ନ ପ୍ରକାର ୱାକି ଟକି ସହ ହାମ୍ ରେଡିଓର ପ୍ରଦର୍ଶନୀ ଆକର୍ଷଣ ସାଜିବ। ବିଗ୍ ଏଫ୍ଏମ୍, ରେଡିଓ ଚକଲେଟ, ରେଡ୍ ଏଫ୍ଏମ୍, ରେଡିଓ ଭୁବନେଶ୍ୱର ସମେତ ବିଭିନ୍ନ ଭାରତୀୟ ରେଡିଓ ଚ୍ୟାନେଲ ମେଳାରେ ନିଜର ଷ୍ଟଲ୍ ଖୋଲିବେ। ବିଭିନ୍ନ ରାଜ୍ୟର ଲାଇସେନ୍ସପ୍ରାପ୍ତ ହାମ୍ ରେଡିଓ ଅପରେଟରମାନେ ମଧ୍ୟ ସାମିଲ୍ ହୋଇ ହାମ୍ ଓ ଏମରଜେନ୍ସି ରେଡିଓର ପ୍ରଦର୍ଶନୀ କରିବେ। ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସମିତି (ଓସ୍‌ଡମା) ପକ୍ଷରୁ ଓଡ୍ରାଫ ଓ ହାମ ରେଡ଼ିଓ ଅପରେଟରଙ୍କ ସହାୟତାରେ ଷ୍ଟଲ୍ ଖୋଲାଯିବ। ବୋଲଗଡର ଅକ୍ଷୟ ପଟ୍ଟନାୟକ, କଟକର କାଳୀପ୍ରସନ୍ନ ପଣ୍ଡା ଓ ଭୁବନେଶ୍ୱରର ରାଜେନ୍ଦ୍ର ମହାରଣା ୩ ହଜାରରୁ ଅଧିକ ରେଡିଓ ପ୍ରଦର୍ଶନ କରିବେ। ରେଡିଓ ଶ୍ରୋତା ସମ୍ମିଳନୀ ମଧ୍ୟ ଆୟୋଜିତ ହେବ। ବିଭିନ୍ନ ପ୍ରକାର ରେଡିଓ ସେଟ୍ ବିକ୍ରି ହେବ। ଓଡ଼ିଶା ଡିଜାଇନର୍ସ ଆସୋସିଏଶନ ପକ୍ଷରୁ ରେଡିଓ ଥିମକୁ ନେଇ ବିଭିନ୍ନ କଷ୍ଟମାଇଜ୍‌ଡ ପ୍ରଡକ୍ଟ ବିକ୍ରି ହେବ। ଛାତ୍ରୀଛାତ୍ରଙ୍କ ପାଇଁ ସମ୍ବାଦ ପଠନ, ଆର୍‌ଜେଇଂ, ଫ୍ୟାଶନ ଶୋ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାର ବ୍ୟବସ୍ଥା ରହିଥିବାବେଳେ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ସଂସ୍ଥା ଆଉଟରିଚ୍‌ର ମୁଖ୍ୟ ସୁବ୍ରତ କୁମାର ପତି କହିଛନ୍ତି।

ତେବେ ଦେଶର ଅନ୍ୟତମ ଲୋକପ୍ରିୟ ରେଡିଓ ଜକି ରେଡ୍ ଏଫ୍ଏମ୍ କୋଲକାତାର ଆର୍‌ଜେ ପ୍ରବୀଣ ଏଥର ରେଡିଓ ମେଳାରେ ଯୋଗଦେଇ ରେଡିଓରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବତୀଯୁବକଙ୍କୁ ଉତ୍ସାହିତ କରିବେ। ଏହି ଅବସରରେ ୨୦୨୦ ମସିହା ପାଇଁ ଆରଜେ ପ୍ରବୀଣଙ୍କୁ ଲୋକପ୍ରିୟ ରେଡିଓ ପ୍ରସାରକ ଓ ବିହାରର ରଜନିଶ କୁମାରଙ୍କୁ ଶ୍ରେଷ୍ଠ ଶ୍ରୋତା ସମ୍ମାନରେ ସମ୍ମାନିତ କରାଯିବ। ଏହା ବ୍ୟତୀତ କରୋନା ସମୟରେ ରାଜ୍ୟର ବିଭିନ୍ନ ରେଡିଓ ଷ୍ଟେଶନରେ କାର୍ଯ୍ୟ କରି ଲୋକଙ୍କୁ ସଚେତନ କରିଥିବା ୧୫ଜଣ ରେଡିଓ ଉପସ୍ଥାପକଙ୍କୁ କରୋନା ଯୋଦ୍ଧା ସମ୍ମାନ ମିଳିବ। କିମ୍ବଦନ୍ତୀ ରେଡିଓ ବ୍ୟକ୍ତିତ୍ୱ ନଦିଆ ବିହାରୀ ମହାନ୍ତିଙ୍କ ସ୍ମୃତିରେ ନଦିଆ ବିହାରୀ ମହାନ୍ତି ସ୍ମାରକୀ ସମ୍ମାନ ବିଶିଷ୍ଟ ଉପସ୍ଥାପକ ଅନିତ୍ୟ ମହାନ୍ତିଙ୍କୁ ପ୍ରଦାନ କରାଯିବ। ଏହି ଖବରଦାତା ସମ୍ମିଳନୀରେ ରେଡିଓ ମେଳାର ସହ ଆବାହକ ଶାଶ୍ୱତୀ କର, ଟିକାୟତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଚିଲିକାରେ ପକ୍ଷୀ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ଶନିବାର ଅନୁଷ୍ଠିତ ସାଇକେଲ୍ ଶୋଭାଯାତ୍ରା।

# ଚିଲିକାରେ ପକ୍ଷୀଙ୍କ ସୁରକ୍ଷା ପାଇଁ ଶୋଭାଯାତ୍ରା

**କଣାସ,୬।୨(ସ୍ୱ.ପ୍ର.)**

ଚିଲିକାକୁ ଶୀତଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ଯୋଗୁ ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଯାଇଥାଏ। ଏହି ବିଦେଶୀ ପକ୍ଷୀଙ୍କୁ ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଦୈନନ୍ଦିନ ଚିଲିକାକୁ ଆସିଥାନ୍ତି। ଅନ୍ୟପଟେ ବିଦେଶୀ ପକ୍ଷୀଙ୍କୁ ଶିକାରୀମାନେ ଶିକାର କରୁଥିବାରୁ ଜନସଚେତନା ପାଇଁ କେତେଜଣ ବ୍ୟକ୍ତିବିଶେଷ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏକ ସାଇକେଲ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ପକ୍ଷୀ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଓଡ଼ିଶା ସରକାର ଜଙ୍ଗଲ ଓ ପରିବେଶ ବିଭାଗ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ସହଯୋଗରେ ସାହାସପୁର ଅଦେଇତ ମହାରଥୀ ପାଠାଗାର, ମା' ତାରିଣୀ ଆଦର୍ଶ କ୍ରୀଡ଼ା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଅଜୟ ସେଠୀ, କବିକସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଆଇନଜୀବୀ ଅକ୍ଷୟ ସାହୁ, କ୍ରୀଡ଼ା ପ୍ରଶିକ୍ଷକ ପ୍ରକାଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ଛାତ୍ରୀଛାତ୍ର ସାଇକେଲ୍‌ରେ ବିଭିନ୍ନ ଗ୍ରାମକୁ ଯାଇ ଚିଲିକା ପକ୍ଷୀ ମାରିବ ଯିଏ, ଜେଲ୍ ଜରିମାନା ଭୋଗିବ ସିଏ, ସ୍ଲୋଗାନ ଦେଇ ସୁରକ୍ଷା ସଚେତନତା ବାର୍ତ୍ତା ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ଗଡିଶାଗୋଡା ଥାନା ଏସ୍ଆଇ ବସନ୍ତ ହରିଚନ୍ଦନ, ଲଲାଟ ଶ୍ରୀଚନ୍ଦନ, ସୁରଥ ମହାରଣାଙ୍କ ସମେତ ପକ୍ଷୀ ସୁରକ୍ଷା ଶିବିର କେନ୍ଦ୍ର ଇନ୍‌ଚାର୍ଜ ଭାନୁମତୀ ବେହେରା ଓ ରମେଶ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

# ବ୍ୟାଙ୍କ ଲୁଟ୍ ଉଦ୍ୟମ ପଣ୍ଡ, ୬ ଗିରଫ

**ପୁରୀ ଅଫିସ,୬।୨**

## ୨ ଖଣ୍ଡା, ୨ ବୋମା ଜବତ

କୁମ୍ଭାରପଡ଼ା ଥାନା ଅଞ୍ଚଳରେ ଏକ ବ୍ୟାଙ୍କ ଲୁଟ୍ ପାଇଁ ଯୋଜନା ଚାଲିଥିବାବେଳେ ପୋଲିସ ଚଢ଼ାଉ କରି ୬ଜଣ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ଶିବା ଦାସ(୨୮), ଭିକି(୨୦), ଆନନ୍ଦ ସ୍ୱାଇଁ(୨୦), ଚିତ୍ତରଞ୍ଜନ ମହାନ୍ତି(୩୧), ସୁଦର୍ଶନ ସାହୁ(୪୫) ଓ ମନୋଜ ପଣ୍ଡା(୨୦)। ଏମାନଙ୍କଠାରୁ ପୋଲିସ ୨ଟି ବୋମା, ୨ଟି ଖଣ୍ଡା, ୨ଟି ରଡ୍ ଓ ଗୋଟିଏ ଟର୍ଚ୍ଚ ଲାଇଟ୍ ଜବତ ହୋଇଛ ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୩ଜଣଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତ୍ର ୧୧ଟା ୩୦ରେ ୯ଜଣ ଦୁର୍ବୃତ୍ତ ନରେନ୍ଦ୍ରକୋଣ ନିକଟସ୍ଥ ଦେବୀଘାଟ ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ବସି ମେଡିକାଲ ଛକରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ ଓ ମେଡିକାଲ ଭିତରେ ଥିବା ଉକ୍ତ ବ୍ୟାଙ୍କର ଏକ ଏଟିଏମ୍ ଲୁଟ୍ କରିବା ନେଇ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ କୁମ୍ଭାରପଡ଼ା ପୋଲିସ ଏକ ଟିମ୍ ସହ ସେଠାରେ ଚଢ଼ାଉ କରିଥିଲେ। ପୋଲିସ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିବାବେଳେ ୬ ଜଣଙ୍କୁ ଧରିଥିବାବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଥିଲେ। ୬ଜଣଙ୍କୁ ପଚରାଉଚରା ବେଳେ ବ୍ୟାଙ୍କ ଲୁଟ୍ ଯୋଜନା କଥା ସ୍ୱୀକାର କରିବା ପରେ ଗିରଫ କରିଥିଲେ।

# ସାରଙ୍ଗଧର ରାୟଗୁରୁ ପାଇବେ ଜଗବନ୍ଧୁ ସିଂହ ସ୍ମୃତି ସମ୍ମାନ

**ପୁରୀ ଅଫିସ,୬।୨**



ସାହିତ୍ୟରେ ଗବେଷଣା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ଆରକ୍ଷୀ ମହାନିରୀକ୍ଷକ ସାରଙ୍ଗଧର ରାୟଗୁରୁ ଚଳିତବର୍ଷର ସମ୍ମାନଜନକ 'ଜଗବନ୍ଧୁ ସିଂହ ସ୍ମୃତି ସମ୍ମାନ' ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୧୫ ତାରିଖରେ ସ୍ଥାନୀୟ ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଜଗବନ୍ଧୁ ସିଂହ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେବାକୁ ଥିବା ଜୟନ୍ତୀ ଉତ୍ସବରେ ତାଙ୍କୁ ସମ୍ମାନିତ କରାଯିବ। ଦୀର୍ଘ ତିନି ଦଶନ୍ଧି ଧରି ସାହିତ୍ୟ କ୍ଷେତ୍ରରେ ସକ୍ରିୟ ଥିବା ରାୟଗୁରୁ ପୋଲିସ ବିଭାଗରେ ଆଇଜି ଭାବେ ଅବସର ନେବା ପରେ ସାହିତ୍ୟ ସାଧନାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପି ଦେଇଥିଲେ। ତାଙ୍କର ୭୫ଟି ଗବେଷଣାମୂଳକ ପୁସ୍ତକ ମଧ୍ୟରୁ ୨୦ଟି ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ। 'ଚାଲୁକ୍ୟ ରାଜଧର୍ମରେ ଶ୍ରୀଜଗନ୍ନାଥ ଓ ବିରଜା, 'ରତ୍ନ ସିଂହାସନରେ ଶ୍ରୀଦେବୀ ଉପାସନା', 'ଦଶାବତାର ଚିତ୍ରକଳ୍ପ', 'ଶ୍ରୀକୃଷ୍ଣ ଚିତ୍ରକଳ୍ପ' ପ୍ରମୁଖ ଅନ୍ୟତମ। ସେହିଭଳି ତାଙ୍କର ପ୍ରାୟ ୧୯ଟି ପାଣ୍ଡୁଲିପି ପ୍ରକାଶନ ଅପେକ୍ଷାରେ ରହିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ, ବିଶିଷ୍ଟ ସାହିତ୍ୟିକ ଶଙ୍କର ପରିଡା, ଡ. କୈଳାସ ଚନ୍ଦ୍ର ଟିକାୟତ ରାୟ ଓ ଡ. ଗୌରାଙ୍ଗ ଚରଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ବିବାହ ଭୋଜି ଖାଇ ୪୦୦ ଅସୁସ୍ଥ

- ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବିଧାୟକ, ବିଡିଓ
- ଭୋଜିରେ ଯୋଗଦେଇଥିଲେ ୨୦୦୦ରୁ ଊର୍ଦ୍ଧ୍ୱ

**କଣାସ,୬।୨(ସ୍ୱ.ପ୍ର./ଡି.ଏନ୍.ଏ.)**


ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଅସୁସ୍ଥ ଶିଶୁ ଓ ବ୍ୟକ୍ତିମାନେ।

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ କଣାସ ପଞ୍ଚାୟତର ସହନା ଗ୍ରାମରେ ଗତ ୫ତାରିଖ ଦିନ ଏକ ବିବାହ ଭୋଜି ଖାଇ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ତେବେ ଦୀର୍ଘ ୧୨ଘଣ୍ଟା ଧରି ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ସେମାନଙ୍କ ଚିକିତ୍ସା କରୁଥିବାରୁ ବର୍ତ୍ତମାନ ସମସ୍ତେ ସୁସ୍ଥ ଥିବା ନେଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ସୌଭାଗ୍ୟ ରଞ୍ଜନ ଜେନା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ସହନା ଗ୍ରାମରେ ଶୁକ୍ରବାର ଏକ ବିବାହ ଭୋଜି ହୋଇଥିଲା। ଏଥିରେ ପ୍ରାୟ ୨ହଜାରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ। ହେଲେ ରାତି ପ୍ରାୟ ୧ଟା ସମୟରେ ପ୍ରଥମେ ଦୁପୁର ଗ୍ରାମରୁ କେତେଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପରେ ପଛକୁ ପଛ ବିଭିନ୍ନ ଗ୍ରାମରୁ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଡାକ୍ତରଖାନାରେ ବଢ଼ି ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଜଣ ଆସିଥିଲେ। ହଠାତ୍ ଏତେ ସଂଖ୍ୟାରେ ରୋଗୀଙ୍କ ସଂଖ୍ୟା ବଢ଼ିଯିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ତ ଡାକ୍ତର ଓ ନର୍ସମାନେ ତତ୍‌କ୍ଷଣାତ ସେମାନଙ୍କ ଚିକିତ୍ସା କରିଥିଲେ। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଜେନା ରୋଗୀମାନଙ୍କୁ ପଚାରିବାରୁ ସମସ୍ତେ ଭୋଜି ଖାଇବା ପରେ ଏଭଳି ଅବସ୍ଥା ହୋଇଥିବା କହିଥିଲେ। ସହନା ଗାଁର ଅଧିକ ଲୋକ ଆକ୍ରାନ୍ତ ହୋଇଥିଲେ। ଖବରପାଇ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ବିଧାୟକ ଜିଲା ଜନ ସ୍ୱାସ୍ଥ୍ୟାଧିକାରୀ ଓ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶନିବାର ଦିନ ପ୍ରାୟ ଦୁଇଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗହଳି ଲାଗିରହିଥିଲା। ଡା. ଅବନୀ ରଞ୍ଜନ ପାତ୍ର, ଡା. ରମେଶ ବେହେରା, ଡା. ଅନ୍ତର୍ଯାମୀ ମହାପାତ୍ର, ଡା. ସତ୍ୟଭମା ଶ୍ରୀଚନ୍ଦନ, ଡା. ସୌରଭ ଅଗ୍ରୱାଲ, ଫାର୍ମାସିଷ୍ଟ ଦୁର୍ଗାପ୍ରସାଦ ବେହେରା, ହରପ୍ରିୟା ସାମନ୍ତରାୟ, ମଧୁସ୍ମିତା ଜାଲି, ସୁଚିତ୍ରା ସେଠୀ ଏବଂ ସମସ୍ତ କର୍ମଚାରୀ ୧୨ଘଣ୍ଟା ଧରି ରୋଗୀମାନଙ୍କ ଚିକିତ୍ସାରେ ଲାଗିଥିବାରୁ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଜେନା ଭୋଜି କରିଥିବା ବ୍ୟକ୍ତିଙ୍କ ଘରକୁ ଯାଇ ଭୋଜିରେ ରନ୍ଧାଯାଇଥିବା ଖାଦ୍ୟ ସାମ୍ପୁଲ୍ ଆଣି ପରୀକ୍ଷା ପାଇଁ ପଠାଇଛି। ପରେ ପୁରୀରୁ ମଧ୍ୟ ଡିପିଏଚ୍‌ଓ ବିରଜା ଶଙ୍କର ରଥ, ଡା. ଇନ୍ଦିରା ମହାପାତ୍ର, ଫୁଡ୍ ଆସିଷ୍ଟାଣ୍ଟ ଭ୍ରମରବର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କ ଚିକିତ୍ସା କରି ବିବାହ ଭୋଜି ସ୍ଥଳକୁ ଯାଇ ଯାଞ୍ଚ କରିଥିଲେ। ତେବେ କୋଭିଡ ନିୟମ ଅନୁଯାୟୀ ଏବେ ବିବାହ ପାଇଁ ୫୦୦ଜଣଙ୍କୁ ଅନୁମତି ଜାରି ରହିଥିବା ବେଳେ କିଭଳି ୨ହଜାରରୁ ଊର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇଥିଲେ, ତାହା ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି।

## ସଂକ୍ଷେପରେ

### ହାତୀ ଉପଦ୍ରବ, ଫସଲ ନଷ୍ଟ

**ମାଧପୁର, ୬।୨:** ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ ନାଏକପଡ଼ା ଗ୍ରାମରେ ହାତୀ ଉପଦ୍ରବ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ନିକଟସ୍ଥ ଜଙ୍ଗଲରୁ ଏକ ହାତୀ ଗ୍ରାମର ଜୟନ୍ତୀ କର୍ମୀଙ୍କ ଘରେ ପଶି ବସ୍ତାରେ ରଖାଯାଇଥିବା ସିଝା ଧାନ ଖାଇଯିବା ସହିତ ବଗିଚାରେ ପଶି ପରିବା ଚାଷ ନଷ୍ଟ କରିଦେଇଛି। ଏଥିସହିତ ପାଇଖାନା ଟାଙ୍କିକୁ ମଧ ଭାଙ୍ଗିଦେଇଛି। ଏହି ଘଟଣା ପରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏ ନେଇ କିଆକଟା ଫରେଷ୍ଟର ଲିଙ୍ଗରାଜ ବେହେରା କହିଛନ୍ତି, ରେଢ଼ାଖୋଲ ଅଞ୍ଚଳରୁ ହାତୀପଲ ଘଉଡ଼ାଇ ଦିଆଯିବା ପରେ ସେମାନେ ସୀମାନ୍ତ ଗ୍ରାମକୁ ଚାଲି ଆସିଛନ୍ତି। ତେଣୁ ସମସ୍ୟା ସୃଷ୍ଟି ହୋଇଛି। ବନ ବିଭାଗ ହାତୀଙ୍କ ଉପରେ ନଜର ରଖିଛି। କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ।

### ଓପିଡିର କୋର୍ କମିଟି ଗଠିତ

**ଢେଙ୍କାନାଳ ଅଫିସ, ୬।୨:** ଓଡ଼ିଶା ପ୍ରଗତି ଦଳ (ଓପିଡି)ର ଏକ କୋର୍ କମିଟି ଶନିବାର ଗଠିତ ହୋଇଛି। ଅଧକ୍ଷ ଭାବେ ଜନ୍ମେଜୟ ଭାଇ, ଉପାଧକ୍ଷ ଗିରିଜା ପ୍ରସାଦ ମହାନ୍ତି, ପରାମର୍ଶଦାତା ଅକ୍ଷୟ କୁମାର ପତି, ଆବାହକ ତରୁଣ ପତି, ସହ ଆବାହକ ଉତ୍କଳ କେଶରୀ ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ପ୍ରଫୁଲ୍ଲ ମହାରାଜ, ଦିବ୍ୟ ରଞ୍ଜନ ସ୍ୱାଇଁ, ସୋମନାଥ ମହାନ୍ତି, ମନୀଷାଦାସ ପଟ୍ଟନାୟକ, ସନ୍ଧ୍ୟାରାଣୀ ବିଶ୍ୱାଳ ସଭ୍ୟାସଭ୍ୟଭାବେ ଚୟନ ହୋଇଥିବା ରାଜ୍ୟ ମହାସଚିବ ତରୁଣ ପତି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

### ମହିଳାଙ୍କୁ ସିଲେଇ ତାଲିମ

**ଢେଙ୍କାନାଳ ଅଫିସ, ୬।୨:** ଢେଙ୍କାନାଳ ସହର ଦକ୍ଷିଣକାଳୀରୋଡ୍‌ସ୍ଥିତ ୟୁକୋ ବ୍ୟାଙ୍କ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ମାସିକିଆ ସିଲେଇ ତାଲିମ ଶିବିର। ଉଦ୍‌ଘାଟନୀ ଉତ୍ସବରେ ଆଞ୍ଚଳିକ ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ସନ୍ତୋଷ କୁମାର ମିଶ୍ର, ଆଶିଷ କୁମାର ବସନ୍ତିଆ, ୟୁକୋ ବ୍ୟାଙ୍କ ସିନିୟର ମ୍ୟାନେଜର ବିଶ୍ୱଜିତ୍ ନାଥ, ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର କାଦମ୍ବରୀ ମହାକୁଡ, ସୁଚିତ୍ରା ଗଡ଼ନାୟକ, ପ୍ରଣବ ରଞ୍ଜନ ମିଶ୍ର, ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମନେପଡ଼ିଲେ ମଧୁବାବୁ

**ଢେଙ୍କାନାଳ ଅଫିସ, ୬।୨:** ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ମହିଳା ଶାଖା ପକ୍ଷରୁ ପୃଥକ୍ ସ୍ଥାନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ସଭାନେତ୍ରୀ ପ୍ରଭାତୀ ମହାପାତ୍ରଙ୍କ ସଭାପତିତ୍ୱରେ ଫୋରମ୍‌ର ପ୍ଲେ-ସ୍କୁଲ୍‌ରେ ଏବଂ ହିନ୍ଦୋଳ ଶାଖା ପକ୍ଷରୁ ବେରୁଆଁପାଳ ହନୁମାନ ମନ୍ଦିରରେ କାର୍ଯ୍ୟକ୍ରମ ହୋଇଥିଲା। ସଙ୍ଗଠିତ ହୋଇ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ମତପ୍ରକାଶ ପାଇଥିଲା। ମୁଖ୍ୟଅତିଥି ଡ. ସୁଜାତା ରଥ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କହିଲେ, ମଧୁବାବୁ ପ୍ରଚଣ୍ଡ ସ୍ୱାଭିମାନୀ ଥିଲେ। ଓଡ଼ିଆ ଭାଷା ଓ ଜାତି ପ୍ରତି ତାଙ୍କର ତ୍ୟାଗ ଅତୁଳନୀୟ। ଉପସଭାନେତ୍ରୀ ବନଜା ମାନସିଂ, ରୀତାଞ୍ଜଳି ସାହୁ, ଆଇନଜୀବୀ ଦୀପକ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ରାଉତ, ଗୁପ୍ତେଶ୍ୱର ମିଶ୍ର, ଶିଳ୍ପୀଶ୍ରୀ ହରିଚନ୍ଦନ, ସନ୍ଧ୍ୟାରାଣୀ ସାହୁ, ସୁଚିତ୍ରା ସିଂ, ରୁନୁପ୍ରଭା ସାହୁ, ହୈମବତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବେରୁଆଁପାଳ ହନୁମାନ ମନ୍ଦିରରେ ବ୍ଲକ ସଭାପତି ମନୋଜ ପାଣିଗ୍ରାହୀଙ୍କ ଅଧକ୍ଷତାରେ ମଧୁବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା।

### ମେଧାବୃତ୍ତି ପରୀକ୍ଷା ଦେଲେ ୨୦୮

**ବଇଣ୍ଡା, ୬।୨(ଡି.ଏନ.ଏ.):** କିଶୋରନଗର ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ଷଷ୍ଠ ଶ୍ରେଣୀର ୧୩୩ ଓ ନବମ ଶ୍ରେଣୀର ୭୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। କରୋନା କଟକଣାରେ ସକାଳ ୮ଟାରେ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ସମସ୍ତ ଛାତ୍ରୀଛାତ୍ରମାନେ ମାସ୍କ ବ୍ୟବହାର କରି ପରୀକ୍ଷା ଦେଇଥିଲେ। ପ୍ରଧାନ ଶିକ୍ଷକ, ସୁପରିଟେଣ୍ଡେଣ୍ଟ ସତ୍ୟନାରାୟଣ ମିଶ୍ର, ଡେପୁଟି ସୁପରିଟେଣ୍ଡେଣ୍ଟ ସୁପ୍ରଭା ସାହୁ, ପର୍ଯ୍ୟବେକ୍ଷକ ଭାବେ ନାରୋତ୍ତମ ପ୍ରଧାନ ଯୋଗଦେଇ ଯାଞ୍ଚ କରିଥିଲେ।

# ସମ୍ମୁଖ ଯୋଦ୍ଧାଙ୍କୁ ସଞ୍ଜୀବନୀ

**ଢେଙ୍କାନାଳ ଅଫିସ, ୬।୨**



ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଟିକା ନେଉଛନ୍ତି।

- ଭାକ୍ସିନ ନେଲେ ପ୍ରଶାସନିକ ଅଧିକାରୀ, ଆରକ୍ଷୀ କର୍ମଚାରୀ
- ବଢ଼ାଇଲେ ମନୋବଳ, ଭୟଭୀତ ନ ହେବାକୁ ପରାମର୍ଶ

ବିଦାୟୀ ବର୍ଷ ଥିଲା କରୋନାର। ଭୂତାଣୁ ଜାଲରେ ଛନ୍ଦି ହୋଇପଡ଼ିଥିବା ବିଶ୍ୱବାସୀ ଦେଖିଥିଲେ କୋଭିଡ୍-୧୯ର ଭୟାବହତା। ଶଟ୍‌ଡାଉନ୍ ଏବଂ ଲକ୍‌ଡାଉନ୍ କାରଣରୁ ଗୃହବନ୍ଦୀ ଜୀବନ କଷଣ ଦେଇଥିବାବେଳେ ରସାତଳକୁ ଚାଲିଯାଇଥିଲା ଅର୍ଥନୀତି। ନୂତନ ବର୍ଷରେ ଭାକ୍ସିନ ସାଜିଛି ସଞ୍ଜୀବନୀ। ଆହୁରି ଅଧିକ ଜୋରଦାର ହୋଇଛି କରୋନା ବିରୋଧୀ ଲଢ଼େଇ। ଜାନୁୟାରୀ ୧୬ରୁ ସାରା ଦେଶରେ ଆରମ୍ଭ ହୋଇଛି ପ୍ରଥମ ପର୍ଯ୍ୟାୟ ଟିକାକରଣ। ଏହା ୧୦ ତାରିଖ ଯାଏ ଚାଲିବ। ଜୀବନକୁ ବାଜି ଲଗାଇ କୋଭିଡ୍-୧୯ ଲଢ଼େଇରେ ସାମିଲ ହୋଇଥିବା ସମ୍ମୁଖ ଯୋଦ୍ଧା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କୁ ଭାକ୍ସିନ ଦିଆଯାଉଛି। ଏବେ ଏଥିରେ ସାମିଲ ହୋଇଛନ୍ତି ପୋଲିସ ଏବଂ ପ୍ରଶାସକ। ଏହା ଟିକାକରଣ କାର୍ଯ୍ୟକ୍ରମକୁ ସଫଳ କରାଇବା ଲାଗି ମନୋବଳ ବଢ଼ାଇବାରେ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସରକାର କହିଛନ୍ତି।

ଢେଙ୍କାନାଳ ଜିଲାରେ ଆଗଧାଡ଼ିର ୪୦୫ କର୍ମଚାରୀ ଶନିବାର ଟିକା ନେଇଛନ୍ତି। ପୌରସଂସ୍ଥା କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପୂର୍ବାହ୍ନ ୧୦ଟାରେ ଟିକା ନେଇ ଏହାର ଶୁଭାରମ୍ଭ କରିଥିଲେ। ଏଠାରେ ମୋଟ ୬୯ଜଣ ଟିକା ନେଇଥିଲେ । ପୋଲିସ ବାରାକ୍ ହସ୍ପିଟାଲରେ ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ଗଣେଶ୍ୱର ପ୍ରଧାନ, ରିଜର୍ଭ ଇନ୍ସପେକ୍ଟର କବି ରଞ୍ଜନ ସେଠୀଙ୍କ ସମେତ ୧୭୧ ଜଣ କର୍ମଚାରୀ ଭାକ୍ସିନ ନେଇଥିଲେ। ଏହ କ୍ରମରେ କାମାକ୍ଷାନଗରରେ ୮୬ ଏବଂ ହିନ୍ଦୋଳରେ ୭୯ଜଣ ଟିକା ନେଇଥିବା ଜଣାପଡ଼ିଛି।

ଭାରତୀୟ କରୋନା ପ୍ରତିରୋଧୀ ଟିକା ସୁରକ୍ଷିତ ଏବଂ ଫଳପ୍ରଦ। କରୋନା ବିରୋଧୀ ଲଢ଼େଇ ପାଇଁ ଏହା ମହତ୍ତ୍ୱପୂର୍ଣ୍ଣ। ନିଜକୁ ସୁରକ୍ଷିତ ରଖିବା ପାଇଁ ପଞ୍ଜୀକୃତ ଅଧିକାରୀ ଓ କର୍ମଚାରୀମାନେ ଟିକା ନେବା ଜରୁରୀ ବୋଲି ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀତାଂଶୁ ଶେଖର ଦାସ, ଡେପୁଟି କଲେକ୍ଟର ଭଜନାନନ୍ଦ ସାହୁ, ତହସିଲଦାର ଲକ୍ଷ୍ମୀଧର ରାଉତ, ଆପତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ହିନ୍ଦୋଳ ତହସିଲଦାର ସୁଶାନ୍ତ ମିଶ୍ରଙ୍କ ସମେତ ଜିଲା କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ରାଜସ୍ୱ ବିଭାଗର ସମସ୍ତ କର୍ମଚାରୀମାନେ ଟିକା ନେଇଛନ୍ତି। ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଭେଷଜ ଚିକିତ୍ସକ ଡା. ରାଜକିଶୋର ସେଠୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଭୟଭୀତ ହୁଅନାହିଁ



“ଟିକା ନେବା ପରେ ଯନ୍ତ୍ରଣା ହେଉନାହିଁ। ପାର୍ଶ୍ୱ ପ୍ରତିକ୍ରିୟା ମଧ ନାହିଁ । ସ୍ୱାଭାବିକ ଭାବେ ଅଫିସ କାମ କରି ହେଉଛି। ଭୟଭୀତ ନ ହୋଇ ସମସ୍ତେ ଯେପରି ଟିକାନେବେ ସେଥିଲାଗି ସଚେତନ କରାଯାଉଛି।

-ଭୂମେଶ ଚନ୍ଦ୍ର ବେହେରା, ଜିଲାପାଳ

### ସଚେତନ ହେବା ସମୟ ଆସିଛି



“ପ୍ରତିଷେଧକ ନେବା ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ସାମାନ୍ୟତମ କଷ୍ଟ ଅନୁଭବ ହେଉନି। ସମସ୍ତେ ସଚେତନ ହୋଇ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ ହେବା ଆବଶ୍ୟକ।

-ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ

### କୋଭିଡ୍ ଭୟ ଦୂର ହୋଇଛି



“ଭାକ୍ସିନ ନେବା ପରେ ଭଲ ଲାଗୁଛି। ୩୦ ମିନିଟ୍ ବସିବା ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। କୋଭିଡ୍ ଭୟ ମନରୁ ଦୂର ହୋଇଛି। ଭୟଭୀତ ନ ହୋଇ ସମସ୍ତେ ଟିକା ନେବା ଉଚିତ ।

-ନରୋତ୍ତମ ବେହେରା, ପିଡି ଡିଆର୍‌ଡିଏ

### ୨୮ ଦିନ ପରେ ଦ୍ୱିତୀୟ ଡୋଜ୍



“ଟିକା ନେବାର ଅଧଘଣ୍ଟା ଧରି ବସିବା ପରେ ବି କୌଣସି ପାର୍ଶ୍ୱ ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଏଥିରେ ଭୟଭୀତ ହେବାରେ କୌଣସି କାରଣ ନାହିଁ। ୨୮ଦିନ ପରେ ଦ୍ୱିତୀୟ ଡୋଜ୍ ନେବୁ।

-ଲକ୍ଷ୍ମୀଧର ରାଉତ, ତହସିଲଦାର

# ଟିକାନେଲେ ପ୍ରଶାସକ, ପୋଲିସ



ଏସ୍‌ପିଙ୍କୁ କୋଭିଡ୍ ପ୍ରତିଷେଧକ ଟିକା ଦିଆଯାଉଛି।



ଜିଲାପାଳଙ୍କୁ ଟିକା ଦିଆଯାଉଛି।

**ଅନୁଗୋଳ ଅଫିସ/ଛେଣ୍ଡିପଦା(ସ୍ୱ.ପ୍ର.), ୬।୨**

ଅନୁଗୋଳ ଜିଲାରେ ଆଗଧାଡ଼ିର କୋଭିଡ୍ ଯୋଦ୍ଧାଙ୍କୁ ଟିକାକରଣ ଆରମ୍ଭ ହୋଇଛି। ଶନିବାର ୭୧୧ଜଣ କର୍ମଚାରୀ ଭାକ୍ସିନ ନେଇଛନ୍ତି। ସ୍ଥାନୀୟ ଜିଲା ପରିଷଦ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରଥମେ ଟିକା ନେଇଥିଲେ। ଡିଆଇଜି ଡ. ସାର୍ଥକ ଷଡ଼ଙ୍ଗୀ, ଏସ୍‌ପି ଜଗମୋହନ ମୀନା ମଧ ଭାକ୍ସିନ ନେଇଛନ୍ତି। ଅନୁଗୋଳ ସହରାଞ୍ଚଳର ୧୦୫, ଅନୁଗୋଳ ବ୍ଲକର ୬୭, ଛେଣ୍ଡିପଦା ବ୍ଲକର ୧୩୮, କିଶୋରନଗର ବ୍ଲକର ୬୦, ଆଠମଲ୍ଲିକ ବ୍ଲକର ୧୨୯, ତାଳଚେର ବ୍ଲକର ୫୯ ଏବଂ ପାଲଲହଡ଼ା ବ୍ଲକର ୧୫୩ କର୍ମଚାରୀ ଭାକ୍ସିନ ନେଇଛନ୍ତି। ଏଥିସହ ୫୨ ସ୍ୱାସ୍ଥ୍ୟ କର୍ମଚାରୀ ମଧ ଟିକା ନେଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସିଡିଏମ୍‌ଓ ଡାକ୍ତର ଅଭୟ କୁମାର ଦାସ, ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱରଞ୍ଜନ ରଥ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ଜିଲାସ୍ତରୀୟ ପରିଚାଳନା କମିଟି କର୍ମକର୍ତ୍ତା ଉପସ୍ଥିତ ରହି ତଦାରଖ କରିଥିଲେ।

ସେହିପରି ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ, ବିଡିଓ ବିଶ୍ୱନାଥ ସାହୁ, ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ ଭାକ୍ସିନ ନେଇଥିଲେ। ସୋମବାର ସୁଦ୍ଧା ଅନ୍ୟ ୧୦୦ ଜଣଙ୍କୁ ଟିକା ପ୍ରଦାନ କରାଯିବ ବୋଲି ବିଡିଓ କହିଛନ୍ତି।

# ହନୁମାନ ମନ୍ଦିର ବାର୍ଷିକ ଉତ୍ସବ

**ବଇଣ୍ଡା,୬।୨(ଡି.ଏନ୍.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ଶନିବାର ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ନାଳରୁ କଳସ ଶୋଭାଯାତ୍ରାରେ ପବିତ୍ର ପାଣି ଆଣି ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହାପରେ ଯଥା ରୀତିନୀତି ଅନୁଯାୟୀ, ହନୁମାନ ଚାଳିଶା ପାଠ କରାଯିବା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦିବାକର ପ୍ରଧାନ, ବିନିତା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅଶୋକ କୁମାର ମିଶ୍ର, ଗଗନ ଚନ୍ଦ୍ର ଆଚାର୍ଯ୍ୟ ପୂଜା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଗ୍ରାମବାସୀ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ପୂଜାକାର୍ଯ୍ୟ କରାଯାଉଛି।

# ସେଣ୍ଟ୍ରାଲ ଲାଇବ୍ରେରି ଉଦ୍‌ଘାଟିତ

**ଭୁବନ, ୬।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନସ୍ଥିତ ବାଜି ରାଉତ କଲେଜର ନୂତନ କେନ୍ଦ୍ରୀୟ ପାଠାଗାର (ସେଣ୍ଟ୍ରାଲ ଲାଇବ୍ରେରି) ଶନିବାର ଉଦ୍‌ଘାଟିତ ହୋଇଛି। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଏହି ପାଠାଗାର ୨୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। କରୋନା ମହାମାରୀ ସମୟରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଛି। ଗୋଟିଏ ଛାତ ତଳେ ପାଠ ପଢ଼ିବାରେ ଏହା କାମରେ ଆସିବ। ଏହାଦ୍ୱାରା ଶତାଧିକ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ମୁଖ୍ୟଅତିଥି କହିଛନ୍ତି। ଛାତ୍ରୀଛାତ୍ରଙ୍କୁ ଆବଶ୍ୟକତା ଅନୁଯାୟୀ ପୁସ୍ତକ ଯୋଗାଇ ଦେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ପ୍ରଭାସ ବେହୁରିଆ, ବିଡିଓ ଆଶୀର୍ବାଦ ପରିଡ଼ା, ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଏନ୍‌ଏସିର ପୂର୍ବତନ ଅଧକ୍ଷ ନନ୍ଦକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ଅଧକ୍ଷ ଡ. କିଶୋର ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଏବଂ କର୍ମଚାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜରେ ଲାଗି ରହିଥିବା ସମସ୍ୟା, ଉନ୍ନୟମୂଳକ କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନରେ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।



ପାଠାଗାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

- ୨୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି
- ଉପକୃତ ହେବେ ଶତାଧିକ ଛାତ୍ରୀଛାତ୍ର

# ରାସ୍ତାରେ ଗର୍ଜିଲେ କୃଷକ

**ଅନୁଗୋଳ ଅଫିସ,/ବଇଣ୍ଡା/ ଆଠମଲ୍ଲିକ(ଡି.ଏନ.ଏ.), ୬।୨**



ଅନୁଗୋଳରେ ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀ ସଙ୍ଗଠନ।

- କେନ୍ଦ୍ର ସରକାରଙ୍କୁ ସମାଲୋଚନା କଲେ
- ନୂଆ କୃଷି ଆଇନ ବିରୋଧରେ ତୀବ୍ର ହେବ ଆନ୍ଦୋଳନ

କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତି ଏବଂ ନୂତନ କୃଷି ଆଇନକୁ ବିରୋଧ କରି ଶନିବାର ଚାଷୀ ସଙ୍ଗଠନ ପକ୍ଷରୁ ଚକା ଜାମ୍ ଆନ୍ଦୋଳନ କରାଯାଇଛି। ଅନୁଗୋଳ ଜିଲାର ବହୁ ଚାଷୀ ଏଥିରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଥିଲେ।

ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ପକ୍ଷରୁ ୫୫ନଂ. ଜାତୀୟ ରାଜପଥରେ ଆନ୍ଦୋଳନ କରାଯାଇଥିଲା। ଚାଷୀ ନେତା ରଣଜିତ୍ ପ୍ରଧାନ, ସୟ ସାହୁ, କୁମର ସାହୁ, ଉଦୟ ଭୋଇ, ସରୋଜ ସାହୁ ଏହାର ନେତୃତ୍ୱ ନେଇଥିଲେ। ଦିଲ୍ଲୀ ସୀମାରେ ଚାଲିଥିବା କୃଷକ ଆନ୍ଦୋଳନକୁ ୭୦ଦିନ ବିତିଛି। ଚାଷୀଙ୍କ ପ୍ରତି ଭାଜପା ସରକାର କଠୋର ମନୋଭାବ ପୋଷଣ କରି ଚାଲିଛନ୍ତି। ଆନ୍ଦୋଳନ ଦମନ ପାଇଁ ପ୍ରୟାସ କରାଯାଉଛି। ଚାଷୀ ଏବଂ ଚାଷର ଉନ୍ନତିରେ ନୂତନ କୃଷି ଆଇନ ବାଧକ ହେବ ବୋଲି ଜଳଜଳ ହୋଇ ଦିଶୁଛି ବୋଲି କୃଷକନେତାମାନେ କହିଛନ୍ତି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ମାନସ ପାଳ, ନବକିଶୋର ପ୍ରଧାନ, ସିଟୁର ଉପେନ୍ଦ୍ର ଶର୍ମା, ବସନ୍ତ ପଟ୍ଟନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ନୂତନ କୃଷି ଆଇନ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଛକଠାରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଜିଲା ସଂଯୋଜକ ଶ୍ରୀନିବାସ ସାହୁଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭେନ୍ଦୁ ମଲ୍ଲିକ, ଅଶୋକ ସାହୁ, ହୃଷୀକେଶ ସାହୁ, ଶ୍ୟାମଘନ ସ୍ୱାଇଁ, ଅକ୍ଷୟ ପ୍ରଧାନ, ଗଦାଧର ପ୍ରଧାନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିପରି ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ ଆନ୍ଦୋଳନ ହୋଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ତପନ ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ସେହିପରି ଏଆଇକେଏମ୍‌ଏସ ନେତା ଧର୍ମେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଠାକୁରଗଡ଼-କିଶୋରନଗର ରାସ୍ତାର ପଥରଗୁମ୍ଫାରେ ଚକା ଜାମ୍ କରାଯାଇଥିଲା।

# ଚକା ଜାମ୍ କଲେ ଚାଷୀ

**ଢେଙ୍କାନାଳ ଅଫିସ/ ଭୁବନ(ଡି.ଏନ.ଏ.), ୬।୨**

ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନକ୍ରମେ ନୂତନ କୃଷି ଆଇନ ବିରୋଧରେ ଶନିବାର ଦିଆଯାଇଥିଲା ‘ଚକା ଜାମ୍’ ଆନ୍ଦୋଳନ ଡାକରା। ଢେଙ୍କାନାଳ ଜିଲାର କୃଷକ ସଙ୍ଗଠନ ଏହାକୁ ସମର୍ଥନ ଜଣାଇଛନ୍ତି। ଚାଷୀମାନେ ବିଭିନ୍ନ ସ୍ଥାନରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ଯାଏ ରାସ୍ତା ଉପରେ ବସି ଆଇନ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଓଡ଼ାପଡ଼ା ବ୍ଲକ ୫୫ନଂ. ଜାତୀୟ ରାଜପଥର ଗୁଣ୍ଡିଚାପଡ଼ା ଛକରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚକା ଜାମ୍ ଆନ୍ଦୋଳନ କରାଯାଇଥିଲା। ଜିଲା ସହ ସଂଯୋଜକ ପ୍ରହଲ୍ଲାଦ ସାହୁଙ୍କ ନେତୃତ୍ୱରେ ଜିଲା ପ୍ରଭାରୀ ଅଶ୍ୱିନୀ କୁମାର, ରାଜ୍ୟ କମିଟି ସଦସ୍ୟ ଶଶାଙ୍କ ଶେଖର ରଥ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ତୀବ୍ର ସମାଲୋଚନା କରିଥିଲେ। ବିଲ୍ ବାତିଲ ନ କରିବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି କୃଷକ ନେତାମାନେ ଚେତାବନୀ ଦେଇଛନ୍ତି। ବିପ୍ରବର ସାହୁ, କୈଳାସ ରାଉତ, ଗୋଲକ ବିହାରୀ ମହାନ୍ତି, ରେବତୀ ବେହେରା, ସୁଧାକର ପରିଡା, ଚନ୍ଦ୍ରମଣି ବରାଳ, ଅରବିନ୍ଦ ବରାଳ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଭୁବନ କୃଷକ ବିକାଶ ପରିଷଦର କର୍ମକର୍ତ୍ତାମାନେ ସ୍ଥାନୀୟ କାଳୀବଜାରରେ ରାସ୍ତାରୋକୋ କରି ଧାରଣାରେ ବସିଥିଲେ। କଳା କୃଷି ଆଇନ ହଟା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ପରିଷଦର ସଭାପତି ସୁରେନ୍ଦ୍ର ପୃଷ୍ଟି, ସମ୍ପାଦକ ରଥ ସେଠୀ, ବରିଷ୍ଠ କର୍ମକର୍ତ୍ତା ବ୍ରଜ ରାଉତ, ପଣ୍ଡିତ ଗୁରୁ, ବିଦ୍ୟାଧର ବିହାରୀ, ଯୁଧିଷ୍ଠିର ଦାସ, ଦୁର୍ଗାପ୍ରସାଦ ପୃଷ୍ଟି, ଚକ୍ରଧର ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୫୫ନଂ. ଜାତୀୟ ରାଜପଥରେ ଆନ୍ଦୋଳନ।

# କୁଲାଡ଼ି, ବାଞ୍ଜିଆ ସାହି ନିର୍ବାଚନରେ ସାମିଲ

## ଆନ୍ଧ୍ର ପଞ୍ଚାୟତ ନିର୍ବାଚନରେ ତୁମ୍ବାର ଦୁଇ ଗ୍ରାମ

- ପାତ୍ରପୁର ବ୍ଲକ ସୀମାନ୍ତରେ ୬୦ରୁ ଉର୍ଦ୍ଧ୍ୱ ତେଲୁଗୁ ଅଞ୍ଚଳ
- ବାସିନ୍ଦାଙ୍କ ପାଖରେ ଦୁଇ ରାଜ୍ୟର ଭୋଟର ପରିଚୟପତ୍ର

ବ୍ରହ୍ମପୁର ଅଫିସ,୬।୨

ଗଞ୍ଜାମ ଜିଲା ଚିକିଟି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ବ୍ଲକର ୬୦ରୁ ଉର୍ଦ୍ଧ୍ୱ ଗ୍ରାମ ଆନ୍ଧ୍ର ସୀମାନ୍ତରେ ରହିଛି। ଅଧିକାଂଶ ବାସିନ୍ଦା ତେଲୁଗୁ ସମ୍ପ୍ରଦାୟର ହୋଇଥିବାରୁ ଏହାର ସୁଯୋଗରେ ଆନ୍ଧ୍ର ଦୃଷ୍ଟି ପକାଇ ନିଜ କବ୍‌ଜାକୁ ନେବାକୁ ଲକ୍ଷ୍ୟ ରଖିଛି। ଆନ୍ଧ୍ରରେ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ବର୍ତ୍ତମାନ ଆରମ୍ଭ ହୋଇଛି। ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ତୁମ୍ବା ପଞ୍ଚାୟତର ଦୁଇ ଗ୍ରାମ କୁଲାଡ଼ି ଓ ବାଞ୍ଜିଆ ସାହିକୁ ପଡ଼ୋଶୀ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନରେ ସାମିଲ କରାଯାଇଛି। କେବଳ ସେତିକି ନୁହେଁ, ଆନ୍ଧ୍ରପ୍ରଦେଶ ମଂଜୁଶା ମଣ୍ଡଳର ତାଳଗୁରାଣ୍ଟିର ୯ନଂ. ୱାର୍ଡରେ ସାମିଲ କରାଯାଇଛି। ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ଅଧିବାସୀ ସାବିତ୍ରୀ ଶବର ଏହି ୱାର୍ଡର ସଭ୍ୟା ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିବାରୁ ରାଜନୈତିକ ହଇଚଇ ସୃଷ୍ଟି ହୋଇଛି।

ଚିକିଟିର ପ୍ରାକ୍ତନ ବିଧାୟକ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାଙ୍କ ସୂଚନାନୁଯାୟୀ, ପାତ୍ରପୁର ବ୍ଲକ ତୁମ୍ବା ସମେତ ଗୁଡ଼ିପଦର, ବଳରାମପୁର, ଶବରଦେଇପେଟା, ବି.ନୂଆଗାଁ, ସାମନ୍ତିଆପଲ୍ଲୀ, ଜୟନ୍ତୀପୁର, ଏ.ଶରଧାପୁର, ବି.ଶରଧାପୁର, ଟି.ବ୍ରହ୍ମପୁର, ପମାଗାଁ, କେଶରୀପୁର ଓ ବରଗାଁ ଆଦି ପଞ୍ଚାୟତ ସୀମାନ୍ତରେ ଅନେକ ଆନ୍ଧ୍ର ଗ୍ରାମ ରହିଛି। ତେଲୁଗୁ ଭାଷାଭାଷୀ ବହୁଳ ଓଡ଼ିଶାର ଗ୍ରାମବାସୀ ସରକାରଙ୍କଠାରୁ ମୌଳିକ ସୁବିଧା ପାଇପାରୁ ନ ଥିବା ଯୋଗୁ ଆନ୍ଧ୍ର ଫାଇଦା ନେବା ପ୍ରୟାସ ଚଳାଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ଶିକ୍ଷକ ନ ଥିବା ଏବଂ ତେଲୁଗୁ ପାଠ୍ୟପୁସ୍ତକ ଯୋଗାଇବାରେ ଅବହେଳା ଲାଗି ରହିଥିବାରୁ ଗଞ୍ଜାମ ଜିଲାର ଶହ ଶହ ଛାତ୍ରୀଛାତ୍ର ସୀମାନ୍ତବର୍ତ୍ତୀ ଆନ୍ଧ୍ର ସ୍କୁଲରେ ପଢ଼ୁଛନ୍ତି। ଅନେକ ଅଧିବାସୀଙ୍କ ପାଖରେ ଓଡ଼ିଶା ଏବଂ ଆନ୍ଧ୍ରର ଭୋଟ ପରିଚୟପତ୍ର ଅଛି। ସେମାନେ ଦୁଇ ରାଜ୍ୟର ରାଶନ କାର୍ଡ ଦ୍ୱାରା ଖାଉଟି ସାମଗ୍ରୀ ପାଉଛନ୍ତି। ଦ୍ୟାନ ସାମନ୍ତରା ଆହୁରି କହିଛନ୍ତି, ୧୯୮୦ ଦଶକର ପ୍ରଥମ ଭାଗରେ ରାଜ୍ୟ ବିଧାନସଭାରେ ଏହି ପ୍ରସଙ୍ଗ ସେ ଉଠାଇଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ମୁଲତବୀ ପ୍ରସ୍ତାବ ଉପରେ ଦୀର୍ଘ ସମୟ ଉତ୍ତର ରଖିଥିଲେ। ଫଳରେ ଅନେକ ସମସ୍ୟା ସମାଧାନ ଓ ବିକାଶ କାର୍ଯ୍ୟ ମଧ୍ୟ ହୋଇଥିଲା। ରାଜନୈତିକ ସ୍ଥିତି ବଦଳିଛି ଏବଂ ଅବହେଳିତ ଓଡ଼ିଶାବାସୀ ଆନ୍ଧ୍ରମହାଁ ପାଇଁ ଆଗ୍ରହୀ ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

ତୁମ୍ବା ପଞ୍ଚାୟତରେ ଆନ୍ଧ୍ର ପ୍ରବେଶ ଖବର ପ୍ରଚାରିତ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପାତ୍ରପୁର ତହସିଲଦାର, ବିଡିଓ, ଅନ୍ୟ ଅଧିକାରୀ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି। ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ କହିଛନ୍ତି, ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଇଚ୍ଛାପୁରମ୍ ସବ୍ କଲେକ୍ଟରଙ୍କ ସହ ଆଲୋଚନା କରାଯାଇଛି। ତଦନ୍ତ ସରିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

- ମେଡିକାଲରେ ଉତ୍ତେଜନା
- ମୃତଦେହ ରଖି ପ୍ରତିବାଦ

କୋରାପୁଟ, ୬।୨ (ସ୍ୱ.ପ୍ର.)



ଶୋକାକୁଳ ପରିବାର ଲୋକେ।

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣେ ସ୍ଥାନୀୟ ଯୁବକଙ୍କ ମୃତ୍ୟୁ ହେବାନେଇ ଶନିବାର ମେଡିକାଲରେ ବହୁ ସମୟଧରି ଉତ୍ତେଜନା ଲାଗି ରହିଥିଲା। ସମ୍ପୃକ୍ତ ଯୁବକଙ୍କ ପରିବାରକୁ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ଦେବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ମିଳିଥିବା ଖବରରୁ ଜଣାପଡିଛି, କୋରାପୁଟ ମିଶନ କମ୍ପାଉଣ୍ଡ ଅଞ୍ଚଳର ଅମିତ ଦାସ(୩୦) ଡେଙ୍ଗୁରେ ଆକ୍ରାନ୍ତ ହୋଇ ୩ ଦିନ ତଳେ କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ତାଙ୍କୁ ଚିକିତ୍ସା କରିବାକୁ ଡାକ୍ତର, ନର୍ସ କେହି ନ ଆସିବାରୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁ ଏପରି ହୋଇଥିବା ଅଭିଯୋଗକରି ଶନିବାର ସକାଳୁ ମୃତକଙ୍କ ପରିବାର ସଦସ୍ୟ ଓ ତାଙ୍କ ସମ୍ପର୍କୀୟ ମେଡକାଲ ମୁଖ୍ୟ ଫାଟକ ସମ୍ମୁଖରେ ମୃତଦେହ ରଖି ପ୍ରତିବାଦ କରିଥିଲେ। ଫଳରେ ମେଡିକାଲ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୃତକଙ୍କ ପରିବାର ଦାବି କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ଡିପିଓ ଗୁଣନିଧି ମଲ୍ଲିକଙ୍କ ନିର୍ଦ୍ଦେଶରେ ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଡାକ୍ତରଖାନା ପରିସରରେ ପୋଲିସ ମୁତୟନ କରାଯାଇଥିଲା। ଘଟଣାସ୍ଥଳରେ ଜିଲା ପ୍ରଶାସନ ପକ୍ଷରୁ ତହସିଲଦାର ରଞ୍ଜନ କୁମାର ମାନସେଠ, ବିଡିଓ ନରେନ୍ଦ୍ର ନାୟକ, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବିଧାୟକ ରଘୁରାମ ପଡାଲ, ପୂର୍ବତନ ବିଧାୟକ ନିମାଁଇ ସରକାର, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାର ସହ ଆଲୋଚନା କରିଥିଲେ। ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମୃତଦେହକୁ ସମ୍ପର୍କୀୟମାନେ ନେଇ ସତ୍କାର କରିଥିଲେ। ଏନେଇ ଥାନାରେ ୩୮/୨୧ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

# ମୟୂରଭଞ୍ଜ, କୋରାପୁଟ ଜିଲାରୁ ଆରମ୍ଭ ହେଲା ମିଶନ ସୁବିଦ୍ୟା

## ଖେଳି ଖେଳି ଗଣିତ ଶିକ୍ଷା ପାଇବେ ଛାତ୍ରୀଛାତ୍ର

ସେମିଳିଗୁଡା,୬।୨(ସ୍ୱ.ପ୍ର.)

ଖେଳି ଖେଳି ଶିକ୍ଷାଦାନ ବ୍ୟବସ୍ଥା। ଏଣିକି ଦ୍ୱିତୀୟରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସହଜ ହେବ ଗଣିତ ଓ ଇଂରାଜୀ ଶିକ୍ଷା। ସାଧାରଣତଃ ଏହି ଶ୍ରେଣୀର ପିଲାମାନେ ଗଣିତ ଓ ଇଂରାଜୀ ଶିକ୍ଷାକୁ ଭୟ କରିଥାନ୍ତି। ମାତ୍ର ଏବେ ଆଉ ଛାତ୍ରୀଛାତ୍ରମାନେ ଡରିବେ ନାହିଁ। ଖେଳ ମାଧ୍ୟମରେ ଶିକ୍ଷାଦାନ ପାଇଁ ଏବେ ଆରମ୍ଭ ହୋଇଛି ପ୍ରୟାସ। ଲର୍ଣ୍ଣିଂ ବାଇ ଡୁଇଙ୍ଗ ଉପାୟରେ ପିଲାମାନେ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିବେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସହାୟତାରେ ଆରମ୍ଭ ହୋଇଛି ମିଶନ ସୁବିଦ୍ୟା କାର୍ଯ୍ୟକ୍ରମ। ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ ଓ କୋରାପୁଟ ଜିଲାରେ ଏହାକୁ ଆରମ୍ଭ କରାଯାଇଛି। ଜିଲା ମଙ୍ଗଳ ବିଭାଗର ଅକ୍ସଭା ଫାଉଣ୍ଡେସନ ଓ ପିପୁଲ ଫର୍‌ଆକ୍ସନର ମିଳିତ ସହଯୋଗରେ ଫେବୃୟାରୀ ୧ରୁ ୫ ପର୍ଯ୍ୟନ୍ତ ସେମିଳିଗୁଡା ବ୍ଲକ କୁନ୍ଦୁଲି ପଞ୍ଚାୟତର ପୁଙ୍ଗାର ଏକଲବ୍ୟ ଆବାସିକ ମଡେଲ ବିଦ୍ୟାଳୟ ପରିସରରେ ୫ ଦିନିଆ ପ୍ରଶିକ୍ଷଣ ଶିବିର ହୋଇଛି। ଜିଲାର ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏନେଇ ତାଲିମ ପ୍ରଦାନ କରାଯାଇଛି। ଏହି ଶିକ୍ଷୟିତ୍ରୀ ଶିକ୍ଷକମାନେ ପରବର୍ତ୍ତୀ ପର୍ଯ୍ୟାୟରେ ୧୪ଟି ବ୍ଲକରେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ଦେବେ। ବିଜୟ କୁମାର ମହାନ୍ତି, ଡ.ନଳିନୀକାନ୍ତ ମିଶ୍ର,ରାଜେଶ କୁମାର ବିଶ୍ୱାଳ ଏବଂ ଭାଗୀରଥି ଶତପଥୀ ରିସୋର୍ସ ପର୍ସନ ଭାବେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ଦେଇଥିଲେ। ପିପୁଲ ଫର୍ ଆକ୍ସନର ରାଜେଶ ଷଡଙ୍ଗୀ, କାର୍ତ୍ତିକ ସାହୁ, ବୈଷୟିକ ପରାମର୍ଶଦାତା ମାନସ କୁମାର ସ୍ୱାଇଁ ଏବଂ ପ୍ରକାଶ କୁମାର ସାହୁ ଉପସ୍ଥିତ ଥିଲେ। ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ,ଶିକ୍ଷା ମଣ୍ଡଳାଧୀଶ ଗଦାଧର ବେହେରା, ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡା, ଜିଲା କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ କୁମାର ଦାସ, ଜିଲା ଶିକ୍ଷା ନିରୀକ୍ଷକ ପ୍ରଣବ କୁମାର ପଟ୍ଟନାୟକ ଏବଂ ଏକଲବ୍ୟ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଗୋଲକ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ କୋରାପୁଟ ଆଇଟିଡିଏ ପିଏ ମୁଖ୍ୟଅତିଥି ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ।

# ଏକ ଲକ୍ଷ ଟଙ୍କା ସହାୟତା ଦେଲେ ତାମିଲନାଡୁ ଏମ୍‌ପି

## ସାର୍ଟିଫିକେଟ ମୁକୁଳାଇବା ପାଇଁ ଛାତ୍ରୀଙ୍କ ମାଟି ବୋହିବା ଘଟଣା

ଡେଲାଙ୍ଗ,୬।୨(ଡି.ଏନ.ଏ)

ଡେଲାଙ୍ଗ ବ୍ଲକର ଚାଇଁପୁର ପଞ୍ଚାୟତରେ ଇଞ୍ଜିରିୟରିଂ ଛାତ୍ରୀ ଲୋଜି ବେହେରା ନିଜ ସାର୍ଟିପିକେଟ କଲେଜରୁ ମୁକାଳିବା ପାଇଁ ମାଟି ବୋହିବା କାର୍ଯ୍ୟ କରୁଥିଲେ। ଏହି ଖବର ପ୍ରକାଶିତ ହେବା ପରେ ରାଜ୍ୟ ସରକାର ଓ କଳାକାରମାନଙ୍କ ପକ୍ଷରୁ ଛାତ୍ରୀ ଲୋଜିଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ହେଲେ ଲୋଜିଙ୍କ ଏହି ଦୁଃଖଦ ଘଟଣା ଜାଣିବାପରେ ଡି.ଏମ.କେ (ତାମିଲନାଡୁ, ଧର୍ମପୁରୀ)ର ଏମ୍‌ପି ଡ. ଏସ. ସେନ୍ଥିଲକୁମାର ଶନିବାର ନିଜେ ଆସି ନଗଦ ଏକ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏମ୍‌ପି ସେନ୍ଥିଲକୁମାର ଶନିବାର ତାଙ୍କ ବ୍ୟକ୍ତିଗତ ସଚିବ ଆର.ଜେ.ବାବୁଙ୍କ ସହ ଲୋଜିଙ୍କ ବାସ ଭବନ ଗୋରଡା ପିଢି ଗ୍ରାମରେ ପହଞ୍ଚି ସରପଞ୍ଚ ପ୍ରଦ୍ୟୁମ୍ନ ପରିଡାଙ୍କଠାରୁ ସମସ୍ତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଗଣମାଧ୍ୟମରୁ ଖବର ପ୍ରସାରିତ ହେବା ପରେ ଛାତ୍ରୀ ଜଣଙ୍କୁ ସହାୟତାର ହାତ ବଢାଇବା ପାଇଁ ଆସିଛୁ ବୋଲି ଏମ୍‌ପି ସେନ୍ଥିଲ କୁମାର ପ୍ରକାଶ କରିଥିଲେ।

# ମା' ମୃତ୍ୟୁର ମାସକ ପରେ ପୁଅର ଆତ୍ମହତ୍ୟା

- ପ୍ରତ୍ୟହ କବରସ୍ଥଳରେ ଧୂପ ଦେଇ ବସି ରହୁଥିଲେ
- ଶେଷରେ ମା'ଙ୍କ ଶାଢ଼ିରେ ଝୁଲି ଜୀବନ ହାରିଲେ

ସଇଁତଳା, ୬।୨(ଡି.ଏନ.ଏ.)

ମାସକ ତଳେ ରୋଗଗ୍ରସ୍ତ ହୋଇ ଆରପାରିକୁ ଚାଲି ଯାଇଥିଲେ ମା'। ମା'ଙ୍କ ମୃତ୍ୟୁରେ ଭାଙ୍ଗି ପଡିଥିବା ପୁଅ ଶନିବାର ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ପ୍ରତିଦିନ ମା'ଙ୍କ କବରସ୍ଥଳରେ ସେ ଧୂପଦେଇ ବସି ରହୁଥିଲେ। ଶେଷରେ ମା'ଙ୍କ ଶାଢିକୁ ବେକରେ ବାନ୍ଧି ଘର ଫ୍ୟାନରେ ଝୁଲି ଜୀବନ ହାରିଥିବା ଯୁବକ ଜଣକ ହେଲେ ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ବେଲଗାଁ ସ୍ୱାଧୀନପଡ଼ାର ଅଖତାର ମହମ୍ମଦ(୨୦)। ବେଲଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଇଛି।

ପୋଲିସ ସୂତ୍ରରୁ ଜଣାଯାଏ, ବେଲଗାଁ ସ୍ୱାଧୀନପଡ଼ା ନିବାସୀ ରଫି ମହମ୍ମଦ ବେଲଗାଁରେ ଏକ ସାଇକେଲ ମରାମତି ଦୋକାନ କରିଛନ୍ତି। ରଫିଙ୍କ ପୁଅ ଅଖତାର ଟିଟିଲାଗଡ଼ ଡିଏଭି କଲେଜରେ ଯୁକ୍ତ୨ ବର୍ଷର ଛାତ୍ର। ରଫିଙ୍କ ସ୍ତ୍ରୀ କଲିମୁନ ବେଗମ ଗତ ଅକ୍ଟୋବର ମାସରୁ ପେଟ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସା ପାଇଁ ଅର୍ଥ ବାଧକ ହେବାରୁ ସରକାରୀ ଅନୁଦାନ ପାଇଁ ପରିବାର ଲୋକେ ଟିଟିଲାଗଡ଼ ଉପଜିଲାପାଳଙ୍କୁ ଆର୍ଥିକ ଅନୁଦାନ ପାଇଁ ଜଣାଇଥିଲେ। ଚିକିତ୍ସା ପାଇଁ ଅଖତର ଅନେକ ଥର ମା'ଙ୍କୁ କଟକ ନେବା ଆଣିବା କରିଥିଲେ। ହେଲେ ଅର୍ଥାଭାବରୁ ଅଧିକ ଚିକିତ୍ସା କରାଇବା ସମ୍ଭବ ହେଉ ନ ଥିଲା। ଫଳରେ ମାସକ ତଳେ କଲିମୁନଙ୍କ ମୃତ୍ୟୁ ହୋଇଯାଇଥିଲା। ମା'ଙ୍କ ମୃତ୍ୟୁ ପରେ ଅଖତାରଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। କଲିମୁନଙ୍କ କବରସ୍ଥଳରେ ଅଖତାର ପ୍ରତ୍ୟହ ଧୂପକାଠି ଲଗାଇ ଚୁପ୍‌ଚାପ ବସି ରହୁଥିବା ପରିବାର ଲୋକେ କହିଛନ୍ତି। ମାନସିକ ସ୍ତରରେ ଭାଙ୍ଗିପଡ଼ିଥିବା ଅଖତାର ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ମିନିଟରେ ନିଜ ଘରେ ଥିବା ସିଲିଂ ପଙ୍ଖାରେ ମା'ଙ୍କ ଶାଢ଼ି ବେକରେ ଦେଇ ଆତ୍ମହତ୍ୟା କରିଥିଲେ। ବାପା ରଫି ଘଟଣା ସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଘଟଣାର ତଦନ୍ତ କରାଯାଉଥିବା ବେଲଗାଁ ଫାଣ୍ଡିଅଧିକାରୀ ଅନାଦି ମଟାରୀ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ ଝିଅ ଦିହେଁ ଦେଉଳେ ପଶିଲେ**
**ଯେଝା ଶୁଭ ଯିଏ ମନାସିଲେ।**

ମନ୍ଦିର ଗଲେ ସଭିଏଁ ନିଜର ଦୁଃଖ କଷ୍ଟ କଥା ଈଶ୍ୱରଙ୍କ ଆଗରେ ଜଣାଇଥାନ୍ତି। ନିଜେ କିପରି ଭଲରେ ରହିବେ, ଭଲରେ ଚଳିବେ ସେନେଇ ଗୁହାରି କରିଥାନ୍ତି। ଆତ୍ମୀୟ ଜ୍ଞାତିକୁଟୁମ୍ବଙ୍କ କଥା ଭୁଲି ନିଜର ସୁଖ ମନାସିଥାନ୍ତି। ପରୋକ୍ଷରେ ସ୍ୱାର୍ଥ ର ବଶ ମଣିଷ। ସବୁବେଳେ ସେ ନିଜ କଥା ବା ନିଜ ସୁଖ ସୁବିଧା କଥା ଚିନ୍ତା କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମହତ ଥାଉ, ସବୁ ଯାଉ**
**ମହତ ଗଲେ ନ ମିଳେ ଆଉ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନ ସମ୍ମାନ। ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ଏହାକୁ ଯିଏ ଥରେ ହରାଏ ସିଏ ଆଉ ଫେରିପାଏନା। ଧନସମ୍ପତ୍ତି ଥରେ ଚାଲିଗଲେ ତାହା ହୁଏତ ଫେରି ଆସିବାର ସମ୍ଭାବନା ରହିଥାଏ, କିନ୍ତୁ ମାନସମ୍ମାନ ପୁନଶ୍ଚ ଫେରି ଆସି ନଥାଏ। ମାନସମ୍ମାନ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ। ତେଣୁ ଏଥିପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପ୍ରଥମ ପୃଷ୍ଠାରୁ...

## ଚକାଜାମ୍ ସଫଳ...

ଦିଲ୍ଲୀ ସୀମାରେ ୭୪ ଦିନ ହେଲା ଚାଷୀ ଆନ୍ଦୋଳନ ଚାଲିଥିବାବେଳେ ସେଠାରେ ଇଣ୍ଟରନେଟ ସେବା ବନ୍ଦ କରାଯିବା ଓ ଚାଷୀଙ୍କୁ ପ୍ରଶାସନ ହଇରାଣ କରୁଥିବାରୁ ଏହାର ପ୍ରତିବାଦରେ ଚକା ଜାମ୍ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଉଭୟ ରାଜ୍ୟରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ମହାରାଷ୍ଟ୍ରରେ ଚକା ଜାମ୍ ଆନ୍ଦୋଳନରେ ଚାଷୀଙ୍କ ସମେତ ଶ୍ରମିକ, ଆଦିବାସୀ, ରାଜନେତା, ସାମାଜିକ କର୍ମୀ ଓ ମହିଳାମାନେ ସାମିଲ ହୋଇ କୃଷକମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ରତ୍ନଗିରି ଓ ସିନ୍ଧୁଦୁର୍ଗକୁ ବାଦ୍ ଦେଲେ ମହାରାଷ୍ଟ୍ରର ଅନ୍ୟ ୩୪ ଜିଲାରେ ସମସ୍ତ ଜାତୀୟ ଓ ରାଜ୍ୟ ରାଜପଥ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସଡ଼କ ଅବରୋଧ କରାଯାଇଥିଲା। ଆନ୍ଦୋଳନରେ ଶିବସେନା, ଏନ୍‌ସିପି, କଂଗ୍ରେସ ଓ ବାମଦଳ ସାମିଲ ହୋଇଥିଲେ।

କର୍ଣ୍ଣାଟକରେ ଅନେକ ଚାଷୀ, ଦଳିତ କର୍ମୀ ଓ ବାମଦଳ ସମର୍ଥକମାନଙ୍କୁ ଅଟକ ରଖାଯାଇଛି। ବେଙ୍ଗାଲୁରୁର ୟାଲାହାଙ୍କାରେ ଆନ୍ଦୋଳନରେ ସାମିଲ ହୋଇଥିବା ୩୦ ଜଣଙ୍କୁ ଅଟକ ରଖାଯାଇଥିଲା। ସେଠାରେ ୩ ଘଣ୍ଟିଆ ବନ୍ଦର ବିଶେଷ ପ୍ରଭାବ ଦେଖିବାକୁ ମିଳି ନ ଥିଲା। ହାଇଦ୍ରାବାଦରେ ଚକାଜାମ୍ ଆନ୍ଦୋଳନରେ ସାମିଲ ହୋଇଥିବା କୃଷକମାନେ ଶଗଡ଼ ରାଲି ବାହାର କରିଥିଲେ। ହୟାଥନଗର ଜାତୀୟ ରାଜପଥରେ ଅନୁଷ୍ଠିତ ରାଲିରେ କଂଗ୍ରେସ, ସିପିଆଇ, ସିପିଏମ୍ କର୍ମୀ ଓ ଅନ୍ୟାନ୍ୟ ସଂଗଠନର କର୍ମୀମାନେ ସାମିଲ ହୋଇଥିଲେ।

ରାଜସ୍ଥାନର ଚାଷୀମାନେ ଅଧିକାଂଶ ଜାତୀୟ ଓ ରାଜ୍ୟ ରାଜପଥ ଅବରୋଧ କରି କୃଷି ଆଇନ ପ୍ରତ୍ୟାହାର ଦାବିରେ ସ୍ଲୋଗାନ ଦେଇଥିଲେ। ସେଠାରେ ଚକା ଜାମ୍ ଆନ୍ଦୋଳନକୁ ଶାସକ କଂଗ୍ରେସ ଦଳ ପୂର୍ଣ୍ଣ ସମର୍ଥନ ଦେଇଥିଲା। କୋଟାରେ ବିଶାଳ ଟ୍ରାକ୍ଟର ରାଲି କରାଯାଇଥିଲା। ଦିଲ୍ଲୀ-ଜୟପୁର ରାଜପଥକୁ ସମ୍ପୂର୍ଣ୍ଣ ଅବରୋଧ କରାଯାଇଥିଲା।

### ଦାବି ପୂରଣ ନ ହେଲେ ଘରକୁ ଫେରିବୁ ନାହିଁ: ଟିକାଏତ୍

ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରତ କୃଷକ ଘରକୁ ଫେରିବେ ନାହିଁ ବୋଲି ଶନିବାର ଚକା ଜାମ୍ ଆନ୍ଦୋଳନ ଶେଷରେ ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ରାକେଶ ଟିକାଏତ୍ କହିଛନ୍ତି। ଦିଲ୍ଲୀ-ଉତ୍ତରପ୍ରଦେଶ ସୀମାର ଗାଜିପୁରଠାରେ ଉପସ୍ଥିତ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ଟିକାଏତ୍ କହିଥିଲେ, ଅକ୍ଟୋବର ୨ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ତେଣୁ କୃଷି ଆଇନ ପ୍ରତ୍ୟାହାର କରିନେବା ଲାଗି ସେପର୍ଯ୍ୟନ୍ତ ସମୟ ରହିଛି। ଉକ୍ତ ସମୟସୀମା ମଧ୍ୟରେ ଆଇନ ପ୍ରତ୍ୟାହୃତ ନ ହେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ଲାଗି ଯୋଜନା ହେବ ବୋଲି ଟିକାଏତ୍ ଚେତାବନୀ ଦେଇଛନ୍ତି। ଚାପରେ ସରକାରଙ୍କ ସହ ଆଲୋଚନା ହୋଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

ସୂଚନାଯୋଗ୍ୟ, ଜାନୁୟାରୀ ୨୬ ଟ୍ରାକ୍ଟର ରାଲି ହିଂସା ପରେ ଦିଲ୍ଲୀ ସୀମାରୁ ଅନେକ ଚାଷୀ ଘରମୁହାଁ ହୋଇଥିଲେ। ତେବେ ଟିକାଏତ୍‌ଙ୍କ ଅଶ୍ରୁଳ ନିବେଦନ ସେମାନଙ୍କୁ ପୁଣିଥରେ ଆନ୍ଦୋଳନସ୍ଥଳକୁ ଫେରାଇ ଆଣିଥିଲା। ଦିଲ୍ଲୀ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜାତୀୟ ଓ ରାଜ୍ୟ ରାଜପଥରେ ଶନିବାର ଚକାଜାମ୍ ଆନ୍ଦୋଳନ ହୋଇଥିଲା। ଦେଶର ଅଧିକାଂଶ ଭାଗରୁ ଚାଷୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

## ମୋଦିଙ୍କ ଗୁଣଗାନ...

ତାଙ୍କର 'ମଡେଲହିରୋ' ଭାବେ ଅଭିହିତ କରିଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସମାଲୋଚନା କରିଛନ୍ତି।

ଜଷ୍ଟିସ୍ ମୁକେଶ କୁମାର ରସିକଭାଇ ଶାହା କହିଛନ୍ତି, ଗୁଜରାଟ ହାଇକୋର୍ଟର ୬୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ମାରକ ଡାକ ଟିକେଟ ଉନ୍ମୋଚନର ଏହି ଗୁରୁତ୍ୱପୂର୍ଣ୍ଣ ସମାରୋହରେ ଭାଗନେଇ ମୁଁ ଗର୍ବ ଓ ଖୁସି ଅନୁଭବ କରୁଛି। ତାହା ପୁଣି ଆମର ସବୁଠୁ ପ୍ରିୟ, ଲୋକପ୍ରିୟ, ଜୀବନ୍ତ ଓ ଦୂରଦର୍ଶୀ ନେତା ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କରାଯାଉଛି। ଜଷ୍ଟିସ୍ ଶାହା ଭାଷଣରେ ଗୁଜରାଟ ହାଇକୋର୍ଟକୁ ନିଜ କର୍ମଭୂମି କହିଥିଲେ। ଏହାସହ କ୍ଷମତା ପୃଥକୀକରଣର ସାମ୍ବିଧାନିକ ଅବଧାରଣାର ଗୁରୁତ୍ୱ ସମ୍ପର୍କରେ ଅବତାରଣା କରିଥିଲେ। ଜଷ୍ଟିସ୍ ଶାହା ଆହୁରି କହିଥିଲେ, ଗୁଜରାଟ ହାଇକୋର୍ଟରେ ସେ ଜଣେ ଓକିଲ ଭାବେ ୨୨ ବର୍ଷ ପର୍ଯ୍ୟନ୍ତ ପ୍ରାକ୍ଟିସ୍ ଓ ୧୪ ବର୍ଷ ଧରି ବିଚାରପତି ରୂପେ କାର୍ଯ୍ୟ କରିଥିଲେ। ସେ ଏହି କାର୍ଯ୍ୟ ତୁଲାଇବାବେଳେ ମୌଳିକ ଅଧିକାରଗୁଡ଼ିକୁ ଅକ୍ଲାନ୍ତ ଭାବେ ସୁରକ୍ଷା ଦେଇଥିଲେ। କେବଳ ଏତିକି ନୁହେଁ, ନ୍ୟାୟପାଳିକାର ସ୍ୱାଧୀନତା ପାଇଁ ସବୁବେଳେ ଏପରି କି 'ଜରୁରିକାଳୀନ ପରିସ୍ଥିତି ବେଳର କଳାଦିନଗୁଡ଼ିକରେ' ମଧ୍ୟ ଛିଡ଼ା ହୋଇଥିଲେ। ଗୁଜରାଟ ହାଇକୋର୍ଟରେ ଦେଶର ପ୍ରଥମ ଲୋକ ଅଦାଲତ ଆୟୋଜନ କରାଯାଇଥିଲା ଏବଂ ଏହା ଦେଶର ଏକମାତ୍ର ହାଇକୋର୍ଟ, ଯେଉଁଠୁ ୟୁଟ୍ୟୁବ୍‌ରେ ଭର୍ଚୁଆଲ ଶୁଣାଣିର ଲାଇଭ୍-ଷ୍ଟ୍ରିମିଂ କରାଯାଇଥାଏ। ଏହି ହାଇକୋର୍ଟର ଇତିହାସ ବହୁତ ବ୍ୟାପକ। ଏନେଇ ବିସ୍ତାର ଭାବେ ବର୍ଣ୍ଣନା କରିବାକୁ ଗଲେ ଦିନ ସରିଯିବ। ଆମକୁ ଆମର ସବୁଠୁ ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିବାକୁ ଥିବାରୁ ବକ୍ତବ୍ୟ ଶେଷ କରୁଛି।

ଗୁଜରାଟ ହାଇକୋର୍ଟ ମୁଖ୍ୟ ବିଚାରପତି ବିକ୍ରମ ନାଥ ଏହି କାର୍ଯ୍ୟକ୍ରମରେ କହିଛନ୍ତି, ପ୍ରଧାନମନ୍ତ୍ରୀ ଦେଶ ପ୍ରତି ନିଜ ପ୍ରତିଶ୍ରୁତିବଦ୍ଧତା କାରଣରୁ ଅତ୍ୟଧିକ ଲୋକପ୍ରିୟ ଅଚନ୍ତି। ଆଜି ଆମକୁ ଏହି ସୁଯୋଗ ମିଳିଛି, ଯେଉଁଠି ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ସ୍ମାରକ ଡାକ ଟିକେଟ ଜାରି କରୁଛନ୍ତି। ଉତ୍ତରଦାୟିତ୍ୱଗୁଡ଼ିକୁ ତୁଲାଇବାରେ ତାଙ୍କ ସଚ୍ଚୋଟତା ତାଙ୍କର ଲୋକପ୍ରିୟତାକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଦେଶ ପ୍ରତି କର୍ତ୍ତବ୍ୟ ନିର୍ବାହ କରି ସେ ଏକ ସୁରକ୍ଷିତ ବିଶ୍ୱର ପ୍ରତିଜ୍ଞାକୁ ପୂରଣ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଭାଷଣରେ କହିଥିଲେ, ଏହା ଗର୍ବର ବିଷୟ ଯେ, ଭାରତରେ ଅଦାଲତଗୁଡ଼ିକ ମହାମାରୀ ସମୟରେ ମଧ୍ୟ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିଛନ୍ତି। ଆମ ସୁପ୍ରିମକୋର୍ଟ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି କ୍ଷେତ୍ରରେ ବିଶ୍ୱର ଏକ ନମ୍ବର ହୋଇଯାଇଛି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ, କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ମଧ୍ୟ ଏହି କାର୍ଯ୍ୟକ୍ରମରେ ଭାଗନେଇ ପ୍ରଧାନମନ୍ତ୍ରୀଙ୍କ ଗୁଣଗାନ କରିଥିଲେ।

### ଟେକାଟେକିରୁ ବିବାଦ

୨୦୧୮ରେ ଜଷ୍ଟିସ୍ ଏମ୍.ଆର୍. ଶାହା ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ରୂପେ ଶପଥ ନେବାବେଳେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର 'ମଡେଲ ହିରୋ' ଭାବେ ଅଭିହିତ କରିଥିଲେ। ସେହିପରି ଗତବର୍ଷ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅରୁଣ ମିଶ୍ର ଏକ ସର୍ବସାଧାରଣ ଉତ୍ସବକୁ ସମ୍ବୋଧିତ କରି କହିଥିଲେ, ପ୍ରଧାନମନ୍ତ୍ରୀ ଜଣେ ବହୁମୁଖୀ ପ୍ରତିଭାର ବ୍ୟକ୍ତି, ଯାହାଙ୍କ ବିଚାର ବିଶ୍ୱସ୍ତରୀୟ ଓ କାମ ସ୍ଥାନୀୟ ସ୍ତରର। ଜଷ୍ଟିସ୍ ମିଶ୍ରଙ୍କ ଏହି ମନ୍ତବ୍ୟ ସେତେବେଳେ ବିବାଦୀୟ ହୋଇଥିଲା। ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ତାଙ୍କ ଟିପ୍ପଣୀ ନ୍ୟାୟିକ ସ୍ୱାଧୀନତାର ଖରାପ ଚିତ୍ର ଆଙ୍କିଥିବା ଦର୍ଶାଇ ଏହା ବିରୋଧରେ ଏକ ପ୍ରସ୍ତାବ ଗୃହୀତ କରିଥିଲା।

## ଓଡ଼ିଶାରେ କମ୍ ...

ଚଳାଚଳ ବନ୍ଦ ରହିଥିଲା। ସଂଗଠନ ପକ୍ଷରୁ ରାଜ୍ୟର ୨୫ଟି ସ୍ଥାନରେ ଚକା ଜାମ୍ ଆନ୍ଦୋଳନ କରାଯାଇଥିଲା। ସେହିପରି ମାଷ୍ଟରକ୍ୟାଣ୍ଟିନଠାରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ଓଡ଼ିଶା କୃଷକ ସଭାର ସମ୍ପାଦକ ସୁରେଶ ପାଣିଗ୍ରାହୀ ଓ ମହେନ୍ଦ୍ର ପରିଡ଼ା ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଏଆଇଟିୟୁସି ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଓ ସିଟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ପ୍ରମୁଖ ଚକା ଜାମ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। କୃଷକମାନେ ଅନ୍ନଦାତା। ଦେଶର ଶତ୍ରୁ ନୁହନ୍ତି। ସେମାନଙ୍କ ବିରୋଧରେ କଣ୍ଟା ପୋତି, କଂକ୍ରିଟ୍ ତାରବାଡ଼ ଲଗାଇବା, ବିଜୁଳି ଓ ପାଣି କାଟିବା ଭଳି ଅମାନବୀୟ ଆଚରଣ ନ କରିବାକୁ କେନ୍ଦ୍ର ସରକାରଙ୍କୁ ନେତୃବୃନ୍ଦ ଆହ୍ୱାନ ଦେଇଛନ୍ତି। ଆନ୍ଦୋଳନ ବେଳେ ପୋଲିସ ଶତାଧିକ ବିକ୍ଷୋଭକାରୀଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡି, ଏଆଇଟିୟୁସି ରାଜ୍ୟ ସମ୍ପାଦକ କିଶୋର ଜେନା, କୃଷକ ନେତା ନୃସିଂହ ବେହେରା ଓ ଶ୍ରମିକ ନେତା ଜୟନ୍ତ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିଭଳି ଭାରତୀୟ କ୍ଷେତ ମଜଦୁର ୟୁନିୟନ ବା ବିକେଏମ୍‌ୟୁ ପକ୍ଷରୁ ରାଜ୍ୟ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତାରୋକୋ କରାଯିବା ଫଳରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ଓଡ଼ିଶାରେ ଏହି ଚକା ଜାମ୍ ଆନ୍ଦୋଳନ ସଫଳ ହୋଇଥିବା ଯୋଗୁ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂଦେଓ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଫେରାର ମୁଖ୍ୟ ...

ଆଶଙ୍କା କରାଯାଉଥିବାବେଳେ ମୃତଦେହ କାହାର ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଥିଲା। ଘଟଣାସ୍ଥଳଠାରୁ ପ୍ରାୟ ୫୦ ଫୁଟ ଦୂରରୁ ଏକ ବାଇକ୍ ହିରୋ ଗ୍ଲାମର୍ (ନଂ.ଓଡି୦୫ଏଜି-୫୪୭୧), ସିମ୍‌କାର୍ଡ ନ ଥିବା ମୋବାଇଲ ଫୋନ ଓ ବ୍ୟାଗକୁ ପୋଲିସ ଜବତ କରିଥିଲା। ଜବତ ମୋବାଇଲରୁ ନମ୍ବର କାଢ଼ି ପୋଲିସ ଫୋନ୍ କରିବାରୁ ପ୍ରଫୁଲ୍ଲଙ୍କ ସ୍ତ୍ରୀ ଉଠାଇଥିଲେ। ମୃତଦେହ ଚିହ୍ନଟ ପାଇଁ ଏସ୍‌ସିବି ମେଡିକାଲ ଆସିବାକୁ କହିଥିଲେ। ଶନିବାର ପୂର୍ବାହ୍ନରେ ପ୍ରଫୁଲ୍ଲଙ୍କ ପରିବାର ସଦସ୍ୟ ଏସ୍‌ସିବି ମେଡିକାଲରେ ପହଞ୍ଚିବା ପରେ ପୋଲିସ ଉପସ୍ଥିତିରେ ମୃତଦେହ ଚିହ୍ନଟ କରିଥିଲେ। ତେବେ ଦୁର୍ଘଟଣାରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସମ୍ପର୍କୀୟ ଅରୂପାନନ୍ଦ ଜେନା(୩୩) ଟାଙ୍ଗୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦୁର୍ଘଟଣା ମାମଲା(ନଂ.୧୬/୨୧) ରୁଜୁ କରିଛି। ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ତଦନ୍ତକାରୀ ଅଧିକାରୀ ଶତ୍ରୁଘ୍ନ ଦଳେଇ କହିଛନ୍ତି। ଅନ୍ୟପକ୍ଷରେ ପ୍ରଫୁଲ୍ଲଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ମା' ଡଲି ବିଶ୍ୱାଳ ଆମ ନିଶ୍ଚିନ୍ତକୋଇଲି ପ୍ରତିନିଧିଙ୍କୁ କହିଛନ୍ତି। ସେହିପରି ପୋଲିସର ଚାପ ରହୁଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ କଟକ ଜିଲା ଭାଜପା ସଭାପତି ପ୍ରକାଶ ବେହେରା କହିଛନ୍ତି ଯେ, ଫେରାର ଅଭିଯୁକ୍ତ ପ୍ରଫୁଲ୍ଲଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ରାଇସୁଙ୍ଗୁଡ଼ାଠାରେ ଏକ ଖବରଦାତା ସମ୍ମିଳନୀ କରି ବେହେରା କହିଥିଲେ ଯେ, ପ୍ରଫୁଲ୍ଲଙ୍କ ମୃତ୍ୟୁ ଆଇନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ପରିବାରର ଏକ ଟ୍ରାନ୍ସପୋର୍ଟ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଘଟିଛି। ଭାଜପା ନେତା କୁଳମଣି ଓ ତାଙ୍କ ସହଯୋଗୀଙ୍କୁ ହତ୍ୟା ଘଟଣାରେ ମାହାଙ୍ଗା ବିଧାୟକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପ୍ରଫୁଲ୍ଲ ଧରାପଡ଼ିଲେ କାଳେ କିଛି ରହସ୍ୟ ଜଣାପଡ଼ିଯିବ, ତେଣୁ ସେହି ଭୟରେ ତାଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରାଯାଇଛି ବୋଲି ବେହେରା କହିଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨ରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୃତାଙ୍ଗ ପଞ୍ଚାୟତର ଯଁକୋଟି ଗ୍ରାମ ରାସ୍ତାରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ସଙ୍ଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହାର ୨ ବର୍ଷ ପୂର୍ବରୁ ଉକ୍ତ ଗ୍ରାମରେ ଅନୁରୂପ ଢଙ୍ଗରେ ବିକାଶ ଜେନାଙ୍କୁ ହତ୍ୟା କରାଯାଇଥିଲା। ବିକାଶ ଜେନା ହତ୍ୟାକାଣ୍ଡରେ ପ୍ରଫୁଲ୍ଲଙ୍କ ବାପା ନିରଞ୍ଜନ ବିଶ୍ୱାଳ ଗିରଫ ହୋଇ ଜେଲରେ ଥିଲାବେଳେ ପ୍ରଫୁଲ୍ଲଙ୍କ ଭାଇ ପ୍ରମୋଦ ମାହାଙ୍ଗା ଡବଲ ମର୍ଡର ମାମଲାରେ ଆତ୍ମସମର୍ପଣ କରିଛନ୍ତି। କୁଳମଣି ଓ ଦିବ୍ୟସିଂହଙ୍କ ହତ୍ୟା ଘଟଣାରେ ପୋଲିସ ପୂର୍ବରୁ ୯ ଜଣଙ୍କୁ ଗିରଫ କରିଥିବା ବେଳେ ୨ ଜଣ ଆତ୍ମସମର୍ପଣ କରିଥିଲେ। ମାହାଙ୍ଗା ବିଧାୟକ ଜେନା ମଧ୍ୟ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ। ପ୍ରଫୁଲ୍ଲଙ୍କ ପତ୍ତା ମିଳୁ ନ ଥିଲା। ମନ୍ତ୍ରୀଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଭାଜପା ଆନ୍ଦୋଳନ ଜୋରଦାର କରିଥିଲା।

## ଖୁବ୍‌ଶୀଘ୍ର ପ୍ରଥମରୁ ...

ସ୍କୁଲ ଶିକ୍ଷକ ସଂଘ। ଏ ନେଇ ସଂଘର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଏବେ ରବିବାର ପାଠ ପଢ଼ାଯାଉଛି। ଏହାଦ୍ୱାରା ପିଲା ତଥା ଶିକ୍ଷକଙ୍କ ଉପରେ ମାନସିକ ଚାପ ପଡୁଛି। ବିଶେଷକରି ଶିକ୍ଷୟିତ୍ରୀଙ୍କ ଉପରେ ଅଧିକ ପ୍ରଭାବ ପଡୁଛି। ସେହିପରି ପିଲାମାନେ ମଧ୍ୟ ରବିବାର ସ୍କୁଲ ଆସିବା ପାଇଁ ଅମଙ୍ଗ ହେଉଛନ୍ତି। ତେଣୁ ସରକାରଙ୍କୁ ଆମେ ନିବେଦନ କରୁଛୁ ଯେ, ରବିବାର ପାଠପଢ଼ାକୁ ବନ୍ଦ କରାଯାଉ। ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ପ୍ରାଥମିକ ସ୍କୁଲ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ଆସନ୍ତା ଶିକ୍ଷାବର୍ଷ ଅଗଷ୍ଟ ମାସରୁ କରାଯିବା ଉଚିତ।

# ରୁଟ୍‌ଙ୍କ ଦ୍ୱିଶତକ: ଇଂଲଣ୍ଡର ବିଶାଳ ସ୍କୋର

ପ୍ରଥମ ଟେଷ୍ଟ

**ଚେନ୍ନାଇ, ୬।୨(ପି.ଟି.):** ଇନ୍‌ଫର୍ମ ଅଧିନାୟକ ଜୋ ରୁଟ୍‌ଙ୍କ ଦ୍ୱିଶକୀୟ ଇନିଂସ ବଳରେ ଇଂଲଣ୍ଡ ଘରୋଇ ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ବିଶାଳ ସ୍କୋର ହାସଲ କରିଛି। ସ୍ଥାନୀୟ ଏମ୍‌.ଏ. ଚିଦାମ୍ବରମ ଷ୍ଟାଡିୟମରେ ଚାଲିଥିବା ଏହି ଟେଷ୍ଟରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୮୦ ଓଭର ବ୍ୟାଟିଂ କରି ୮ ଉଇକେଟ ହରାଇ ୫୫୫ ରନ ସଂଗ୍ରହ କରିଛି। ରୁଟ୍‌ଙ୍କ ସମେତ ଅନ୍ୟ ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ଭାରତୀୟ ବୋଲରଙ୍କ ଉପରେ ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ଖେଳିଛନ୍ତି। ଯୁବ ସ୍ପିନର ଶାହାବାଜ ନଦିମଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହେବା ପୂର୍ବରୁ ରୁଟ୍ ୨୧୮ ରନର ଶତକୀୟ ପାଳି ଖେଳି ଇଂଲଣ୍ଡର ସ୍ଥିତି ମଜଭୁତ କରିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଡମ୍ ବେସ ୨୮ ଓ ଜ୍ୟାକ ଲିଚ୍ ୬ ରନକରି ଅପରାଜିତ ରହିଛନ୍ତି। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୬୩/୩ରୁ ଇଂଲଣ୍ଡ ଶନିବାର ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ସ୍କୋର ୧୨୮ରୁ ଖେଳ ଆରମ୍ଭ କରିଥିଲେ ରୁଟ୍। ରୁଟ୍‌ଙ୍କ ପୂର୍ବରୁ ଦ୍ୱିତୀୟ ଦିବସର ପ୍ରଥମ ଉଇକେଟ ଭାବେ ତାରକା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଆଉଟ ହୋଇଥିଲେ। ରୁଟ୍ ବିନା ଦ୍ୱିଧାରେ ପଡିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ଖେଳି ଭାରତୀୟ ବୋଲରମାନଙ୍କୁ ନିରାଶ କରିଥିଲେ। ରୁଟ୍ ନିଜର ଦ୍ୱିଶତକୀୟ ଇନିଂସରେ ୧୯ଟି ଚୌକା ଓ ୨ଟି ଛକା ମାରିଥିଲେ। ପାଖାପାଖି ୯ ଘଣ୍ଟା କ୍ରିଜ୍‌ରେ ରହି ସେ ୩୭୭ଟି ବଲ୍ ଖେଳିଥିଲେ। ନଦିମ ଆରାଉଣ୍ଡ ଦି ଉଇକେଟ ବୋଲିଂ କରିଥିଲେ। ରୁଟ୍ ଖେଳିବାକୁ ଯାଇଥିଲେ। ବଲ୍ ଓ ବ୍ୟାଟ୍‌ର ସଂଯୋଗ ହୋଇ ନ ଥିଲା। ବଲ୍ ଆଗ ପ୍ୟାଡ୍‌ରେ ଆଣ୍ଠୁ ତଳେ ବାଜିବା ପରେ ନଦିମ ଏଲ୍‌ବିଡବ୍ଲ୍ୟୁ ପାଇଁ ଆବେଦନ କରିଥିଲେ। ଅମ୍ପାୟର ନୀତିନ ମେନନ ଆଉଟ ଘୋଷଣା କରିଥିଲେ। ତେବେ ରୁଟ୍ ରିଭ୍ୟୁ ନେଇଥିଲେ। ରିଭ୍ୟୁରେ ବଲ୍ ଇନ୍‌ସାଇଡ୍ ଏଜ୍ ହୋଇ ନ ଥିବା ଜଣା ପଡିଥିଲା। ଫଳରେ ରୁଟ୍‌ଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା।

ଏଥି ସହିତ ଏକ ମହାନ୍ ତଥା ଐତିହାସିକ ଇନିଂସର ପରିସମାପ୍ତି ହୋଇଥିଲା। ଦ୍ୱିତୀୟ ଦିବସ ସକାଳେ ରୁଟ୍‌ଙ୍କୁ ବେନ ଷ୍ଟୋକ୍ସ ପୂରା ସହାୟତା ପ୍ରଦାନ କରିଥିଲେ। ନିଜର ଚିରାଚରିତ ଢଙ୍ଗରେ ଷ୍ଟୋକ୍ସ ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ୧୫୭ ମିନିଟ୍ କ୍ରିଜ୍‌ରେ ରହି ଷ୍ଟୋକ୍ସ ୧୧୮ଟି ବଲ୍ ଖେଳି ୧୦ ଚୌକା ଓ ୩ ଛକା ସହ ୮୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ପ୍ୟାଭିଲିୟନ ଫେରିଥିଲେ। ନଦିମଙ୍କ ଲେଗ୍ ଷ୍ଟମ୍ପ ଉପର ବଲ୍‌କୁ ଷ୍ଟୋକ୍ସ ସ୍ଲଗ ସୁଇପ୍ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଠିକ୍ ସଂଯୋଗ ହୋଇ ନ ଥିଲା। ଫଳରେ ଲଙ୍ଗ୍ ଲେଗ୍‌ରେ ସେ ଚେତେଶ୍ୱର ପୂଜାରାଙ୍କୁ କ୍ୟାଚ୍ ଦେଇଥିଲେ। ପ୍ରଥମେ ପୂଜାରା କ୍ୟାଚ୍ ହାତଛଡ଼ା କରିବା ସମ୍ଭାବନା ସୃଷ୍ଟି ହୋଇଥିଲେ ମଧ୍ୟ ଦ୍ୱିତୀୟ ପ୍ରୟାସରେ ସେ ଏହାକୁ ଧରିବାକୁ ସକ୍ଷମ ହୋଇଥିଲେ। ଏଥିସହିତ ନଦିମ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ରୁଟ୍ ଓ ଷ୍ଟୋକ୍ସ ଚତୁର୍ଥ ଉଇକେଟରେ ୨୨୧ ବଲରୁ ୧୨୪ ରନ ସଂଗ୍ରହ କରିଥିଲେ। ଏହାପରେ ଓଲି ପୋପ୍ ୩୪ ରନ କରିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ପୋପ୍‌ଙ୍କ ପରେ ରୁଟ୍ ଆଉଟ ହୋଇଥିଲେ। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟଲର ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ୫ ଚୌକା ସହ ୫୧ ବଲରୁ ୩୦ ରନ ସଂଗ୍ରହ କରି ଈଶାନ୍ତ ଶର୍ମାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଦ୍ୱିତୀୟ ଦିନର ଶେଷ ଉଇକେଟ ଭାବେ ଜୋଫ୍ରା ଆର୍ଚର ନିଜର ପ୍ରଥମ ବଲ୍‌ରେ ହିଁ ଆଉଟ ହୋଇଥିଲେ। ଖାତା ଖୋଲିବା ପୂର୍ବରୁ ସେ ଈଶାନ୍ତଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏଥିସହ ଈଶାନ୍ତ ୯୮ତମ ଟେଷ୍ଟ ଖେଳ ଜାରି ରଖିଥିବା ବେଳେ ୨୯୯ତମ ଉଇକେଟ ହାସଲ କରିଛନ୍ତି। ବୋଲିଂରେ ଭାରତ ତରଫରୁ ଈଶାନ୍ତ, ଯଶପ୍ରୀତ ବୁମ୍‌ରା, ଅଶ୍ୱିନ ଓ ନଦିମ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୫୦୦ ରନ ପାର କରିବା ପରେ ଇଂଲଣ୍ଡ ଇନିଂସ ଘୋଷଣା କରିବ ବୋଲି ଆଶା କରାଯାଉଥିଲା। ତେବେ ଏହା ହୋଇ ନ ଥିଲା। ଗତ ୩ଟି ଇନିଂସରେ ରୁଟ୍ ତାଙ୍କ ଦ୍ୱିତୀୟ ଦ୍ୱିଶତକ ହାସଲ କରିଥିଲେ। ସେ ଅଶ୍ୱିନଙ୍କୁ ଷ୍ଟେପ୍‌ଆଉଟ କରି ଛକା ମାରିବା ସହ ପୂରା ଢଙ୍ଗରେ ଦ୍ୱିଶତକ ପୂରଣ କରିଥିଲେ। ଶୁକ୍ରବାର ପ୍ରଥମ ଦିବସରେ ଇଂଲଣ୍ଡ ମାତ୍ର ୩ ଉଇକେଟ ହରାଇଥିଲା। ତୃତୀୟ ଉଇକେଟରେ ରୁଟ୍ ଓ ଡୋମ ସିବ୍‌ଲିଙ୍କ ମଧ୍ୟରେ ୨୦୦ ରନ(୩୯୦ ବଲ)ର ପାର୍ଟନରଶିପ୍ ହୋଇଥିଲା। ଦୁଇ ଓପନର ସିବ୍‌ଲି ଓ ରୋରି ବର୍ନ୍ସ ଯଥାକ୍ରମେ ୮୭ ଓ ୩୩ ରନ କରି ଆଉଟ ହୋଇଥିଲେ। ଡାନ ଲରେନ୍ସ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ।



### ସ୍କୋର ବୋର୍ଡ

| | |
|---|---|
| **ଇଂଲଣ୍ଡ ପ୍ରଥମ ଇନିଂସ** | ମୋଟ (୧୮୦ ଓଭର, ୮ ଉଇକେଟ) ୫୫୫। |
| ବର୍ନ୍ସ-କ-ପନ୍ତ-ବୋ-ଅଶ୍ୱିନ-୩୩ | ଉଇକେଟ ପତନ: ୧/୬୩, ୨/୬୩, ୩/୨୬୩, ୪/୨୮୭, ୫/୪୩୭, ୬/୪୭୭, ୭/୫୨୫, ୮/୫୨୫ |
| ସିବ୍‌ଲେ-ଏଲବିଡବ୍ଲ୍ୟୁ-ବୁମ୍‌ରା-୮୭ | ବୋଲିଂ (ଭାରତ) |
| ଲରେନ୍ସ-ଏଲବିଡବ୍ଲ୍ୟୁ-ବୁମ୍‌ରା-୦ | ଈଶାନ୍ତ ଶର୍ମା ୨୭-୭-୫୨-୨ |
| ରୁଟ୍-ଏଲ୍‌ବିଡବ୍ଲ୍ୟୁ-ନଦିମ-୨୧୮ | ଯଶପ୍ରୀତ ବୁମ୍‌ରା ୩୧-୪-୮୧-୨ |
| ଷ୍ଟୋକ୍ସ-କ-ପୂଜାରା-ବୋ-ନଦିମ-୮୨ | ରବିଚନ୍ଦ୍ରନ ଅଶ୍ୱିନ ୫୦-୫-୧୩୨-୨ |
| ପୋପ୍-ଏଲ୍‌ବିଡବ୍ଲ୍ୟୁ-ଅଶ୍ୱିନ-୩୪ | ଶାହବାଜ ନଦିମ ୪୪-୪-୧୬୭-୨ |
| ବଟଲର-ବୋ-ଈଶାନ୍ତ-୩୦ | ୱାଶିଂଟନ ସୁନ୍ଦର ୨୬-୨-୯୮-୦ |
| ବେସ୍-ବ୍ୟାଟିଂ-୨୮ | ରୋହିତ ଶର୍ମା ୨-୦-୭-୦। |
| ଆର୍ଚର-ବୋ-ଈଶାନ୍ତ-୦ | |
| ଲିଚ୍-ବ୍ୟାଟିଂ-୬ | |
| ଅତିରିକ୍ତ-୩୭ | |



ଇଂଲଣ୍ଡର ଓଲି ପୋପ୍‌ଙ୍କ ବିରୋଧରେ ଏଲ୍‌ବିଡବ୍ଲ୍ୟୁ ଅପିଲ କରୁଛନ୍ତି ଭାରତୀୟ ସ୍ପିନର ରବିଚନ୍ଦ୍ରନ୍ ଅଶ୍ୱିନ।

## ଶତକ ଟେଷ୍ଟରେ ଦ୍ୱିଶତକ: ରୁଟ୍ ପ୍ରଥମ

**ଚେନ୍ନାଇ,୬।୨(ପି.ଟି.):** ନିଜ ଶହେତମ ଟେଷ୍ଟରେ ଦ୍ୱିଶତକ ହାସଲ କରିବାରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ବିଶ୍ୱର ପ୍ରଥମ କ୍ରିକେଟର ହେବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିବସରେ ରୁଟ୍ ଏହି ସଫଳତା ହାସଲ କରିଛନ୍ତି। ଏହି ୩୦ ବର୍ଷୀୟ କ୍ରିକେଟର ଦ୍ୱିତୀୟ ସେସନରେ ଲେଗ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବୋଲିଂରେ ଲଙ୍ଗ୍‌ଅନ୍‌କୁ ଏକ ଛକା ମାରି ତାଙ୍କ ଦ୍ୱିଶତକ ପୂରଣ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଇଂଲଣ୍ଡ ଅଧିନାୟକଙ୍କର ଉଚ୍ଚ ପ୍ରଶଂସା କରାଯାଇଛି। ପୂର୍ବରୁ ୧୦୦ତମ ଟେଷ୍ଟରେ ଶ୍ରେଷ୍ଠ ସ୍କୋର ରେକର୍ଡ ପାକିସ୍ତାନର ପୂର୍ବତନ ଅଧିନାୟକ ଇଞ୍ଜାମାମ୍ ଉଲ ହକ୍‌ଙ୍କ ନାମରେ ରହିଥିଲା। ସେ ୨୦୦୫ରେ ବେଙ୍ଗାଲୁରୁଠାରେ ଭାରତ ବିପକ୍ଷରେ ୧୮୫ ରନ କରିଥିଲେ। ରୁଟ୍‌ଙ୍କର ଏହାଥିଲା ୫ମ ଦ୍ୱିଶତକ। ସେ ୨୦୦୮ ରନ୍ କରି ଶାହାବାଜ ନଦିମଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ୫ଟି ଦ୍ୱିଶତକ ହାସଲ କରିଥିବା ଅନ୍ୟ ଖେଳାଳିମାନେ ହେଲେ ଇଂଲଣ୍ଡର ଆଲିଷ୍ଟର କୁକ୍, ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍ ଓ ଭାରତର ରାହୁଲ ଡ୍ରାଭିଡ। ଶୁକ୍ରବାର ରୁଟ୍ ୯ମ ଖେଳାଳି ହିସାବରେ ତାଙ୍କ ୧୦୦ତମ ଟେଷ୍ଟରେ ଶତକ ହାସଲ କରିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ୨୦ତମ ଟେଷ୍ଟ ଶତକ।

## ନିଶାନ ଟେକ୍‌ନିକାଲ ଅଫିସିଆଲ, ରାଜେନ ଏକ୍କା ଅମ୍ପାୟର

ନବଭାରତ ଟ୍ରଫି ସର୍ବଭାରତୀୟ ଟୁର୍ନାମେଣ୍ଟ

**ଭୁବନେଶ୍ୱର,୬।୨(ସ୍ପୋର୍ଟ୍ସ ବ୍ୟୁରୋ)**

ପୁଣି ଥରେ ରାଜ୍ୟର ଅନ୍ତର୍ଜାତୀୟ ହକି ଅଫିସିଆଲ ନିଶାନ ଜ୍ୟୋତି ମହାନ୍ତିଙ୍କୁ ଆଉ ଏକ ଗୁରୁ ଦାୟିତ୍ୱ ମିଳିଛି। ଛତିଶଗଡ଼ର ବିଳାସପୁରର ସ୍ୱର୍ଗତ ବି.ଆର. ଯାଦବ ମେମୋରିଆଲ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମରେ ଆୟୋଜନ ହେବାକୁ ଥିବା ଚତୁର୍ଥ ପୁରୁଷ ନବଭାରତ ଟ୍ରଫି ସର୍ବଭାରତୀୟ ଟୁର୍ନାମେଣ୍ଟରେ ତାଙ୍କୁ ଟେକ୍‌ନିକାଲ ଅଫିସିଆଲ ଭାବେ ନିଯୁକ୍ତି ମିଳିଛି। ସେହିପରି ଏହି ଟୁର୍ନାମେଣ୍ଟରେ ଅମ୍ପାୟର ଭାବେ ରାଜେନ୍ ଏକ୍କାଙ୍କୁ ନିଯୁକ୍ତି ମିଳିଛି। ଏହି ଦୁଇ ମ୍ୟାଚ୍ ଅଫିସିଆଲ ୧୧ ତାରିଖ ପୂର୍ବାହ୍ନରେ ବିଳାସପୁରରେ ପହଞ୍ଚି କାର୍ଯ୍ୟରେ ଯୋଗ ଦେବେ। ପୂର୍ବରୁ ନିଶାନ ଜଜ୍ ଭାବେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ୨୦୨୦ରେ କାର୍ଯ୍ୟ କରିଥିଲେ। କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଦାୟିତ୍ୱରେ ଥିଲେ। ସେ ମଧ୍ୟ ପୂର୍ବରୁ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରେ ଜଜ୍, ଅମ୍ପାୟର ଓ ଟେକ୍‌ନିକାଲ ଅଫିସର ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି।

## ରୁଷିଆ-ଇଟାଲୀ ଫାଇନାଲ

**ମେଲବୋର୍ନ, ୬।୨(ଏପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ୍ ପୂର୍ବରୁ ଖେଳାଳିମାନଙ୍କୁ ଇଞ୍ଜୁରି ସମସ୍ୟା ଘାରିଛି। ନାଓମି ଓସାକା ଓ ସେରେନା ୱିଲିୟମ୍ସଙ୍କ ଭଳି ଖେଳାଳି ସେମାନଙ୍କ ଟ୍ୟୁନ୍‌ଅପ୍ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ସେହିପରି ଶନିବାର ଏଟିପି କପ୍‌ରେ ଡାନିଲ ମେଦ୍‌ଭେଦେଭଙ୍କ ବିପକ୍ଷରେ ନିଶ୍ଚିତ ବିଜୟ ଆବଶ୍ୟକ ପଡୁଥିବା ମ୍ୟାଚର ଦ୍ୱିତୀୟ ସେଟ୍ ବେଳେ ଆଲେକ୍‌ଜାଣ୍ଡର ଜେଭେରେଭଙ୍କ ପିଠିରେ ଆଘାତ ଲାଗିଥିଲା। ଆବଶ୍ୟକ ଚିକିତ୍ସା ପରେ ସେ କୋର୍ଟକୁ ଫେରିଥିଲେ। ମ୍ୟାଚ ୩ ସେଟ୍‌କୁ ଯାଇଥିଲା। ତେବେ ବିଶ୍ୱର ୪ ନମ୍ବର ର୍‌ୟାଙ୍କିଙ୍ଗପ୍ରାପ୍ତ ମେଦ୍‌ଭେଦେଭ ଏହି ମ୍ୟାଚ ୩-୬, ୬-୩, ୭-୫ ସେଟ୍‌ରେ ଜିତିବାରୁ ଜର୍ମାନୀ ବିପକ୍ଷରେ ବିଜୟ ଲାଭ କରି ରୁଷିଆ ଫାଇନାଲକୁ ଉନ୍ନୀତ ହୋଇଥିଲା। ଏହାପୂର୍ବରୁ ଆନ୍ଦ୍ରେ ରୁଭଲେଭ ୩-୬, ୬-୧, ୬-୨ ସେଟ୍‌ରେ ଜାନ୍ ଲେନାର୍ଡ ଷ୍ଟ୍ରଫ୍‌ଙ୍କୁ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଫାବିଓ ଫଗ୍‌ନିନି ୬-୨, ୧-୬, ୬-୪ ସେଟ୍‌ରେ ପାବ୍‌ଲୋ କାରେନୋଙ୍କୁ ଏବଂ ମାଟେଓ ବରେଟିନି ୬-୩, ୭-୫ରେ ପରାସ୍ତ କରିବା ଦ୍ୱାରା ଇଟାଲୀ ୨୦୨୦ ରନର-ଅପ୍ ସ୍ପେନ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ପିଠିର ନିମ୍ନ ଭାଗରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ରାଫେଲ ନାଡାଲ ସ୍ପେନ୍ ତରଫରୁ ଖେଳି ନ ଥିଲେ। ଅଷ୍ଟ୍ରେଲିଆନ ଓପନ୍ ବେଳକୁ ସେ ଠିକ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି। ଏହି ଟୁର୍ନାମେଣ୍ଟରେ ସେ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ରେକର୍ଡ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ରହିଛନ୍ତି।

## ରାଜ୍ୟସ୍ତରୀୟ କ୍ରିକେଟ, ନିମାପଡ଼ା ବିଜୟୀ

**ନିମାପଡ଼ା,୬।୨(ଡି.ଏନ୍‌.ଏ.)**

ସ୍ଥାନୀୟ ମିନିଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଦ୍ୱାଦଶ ନିମାପଡ଼ା କପ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ନିମାପଡ଼ା ଟାଉନ କ୍ଲବ ପୁରୀର ମହାବୀର କ୍ଲବକୁ ହରାଇ ଦେଇଛି। ମହାବୀର କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଉଇକେଟ ହରାଇ ୧୫୩ ରନ କରିଥିଲା। ଜବାବରେ ଟାଉନ କ୍ଲବ ୧୮ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରିୟରଞ୍ଜନ ପାତ୍ର ୪୪, ଆଶୁତୋଷ ରାୟ ୪୪, ଅଧିନାୟକ ଅକ୍ଷୟ ବେହେରା ୪୦ରନ ସଂଗ୍ରହ କରିଥିଲେ। ଏଥିରେ ଅତିଥି ଭାବେ କ୍ରୀଡ଼ାବିତ ସତ୍ୟେନ୍ଦ୍ର ମୋହନ ମହାନ୍ତି, ନିର୍ମଳ ମିଶ୍ର, ଅଜୟକାନ୍ତ ମିଶ୍ର ଯୋଗଦେଇ ବିଜୟୀ ଟିମର ଅଧିନାୟକ ଅକ୍ଷୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରି ପୁରସ୍କୃତ କରିଥିଲେ।

## ଇଣ୍ଡିଆନ ସୁପର ଲିଗ୍ : ଓଡ଼ିଶା ପୁଣି ହାରିଲା

**ବାମ୍ବୋଲିମ୍,୬।୨**



ଓଡ଼ିଶା ଏଫ୍‌ସି ଓ ଏଟିକେ ମୋହନବାଗାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ପୁଣି ପରାସ୍ତ ହୋଇଛି। ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଖେଳାଯାଇଥିବା ଏହି କର ବା ମର ମ୍ୟାଚ୍‌ରେ ଓଡ଼ିଶା ଏଟିକେ ମୋହନ ବାଗାନଠାରୁ ୪-୧ ଗୋଲରେ ଲଜ୍ଜାଜନକ ଭାବେ ପରାସ୍ତ ହୋଇଛି। ଏଥିସହିତ ଓଡ଼ିଶା ୧୫ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୫ ଡ୍ର ଓ ୯ ପରାଜୟ ସହ ମାତ୍ର ୮ ପଏଣ୍ଟ ହାସଲ କରି ତାଲିକାର ସର୍ବନିମ୍ନ ୧୧ତମ ସ୍ଥାନରେ ରହିଛି। ଅପରପକ୍ଷରେ ଏହି ଦମ୍‌ଦାର ବିଜୟ ସହ ମୋହନ ବାଗାନ ୧୫ ମ୍ୟାଚ୍ ଖେଳି ୯ ବିଜୟ, ୩ ଲେଖାଏ ଡ୍ର ଓ ପରାଜୟ ସହ ୩୦ ପଏଣ୍ଟ ହାସଲ କରି ତାଲିକାରେ ମୁମ୍ବାଇ ସିଟି ଏଫ୍‌ସି ତଳକୁ ରହି ଦ୍ୱିତୀୟ ସ୍ଥାନରେ ରହିଛି।

ମୋହନ ବାଗାନ ସମ୍ପୂର୍ଣ୍ଣ ଭାବେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳ ତରଫରୁ ମନବୀର ସିଂ ୧୧ ଓ ୫୪ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ। ସେହିପରି ରଏ କ୍ରିଷ୍ଣା ୮୩ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେବା ଫଳରେ ୮୬ ତମ ମିନିଟରେ ଏକ ଫିଲ୍ଡ ଗୋଲ ଜରିଆରେ ଦଳକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ଅନ୍ୟପଟେ ଓଡ଼ିଶା ତରଫରୁ କୋଲ ଆଲେକଜାଣ୍ଡର ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍‌ରେ ଏକମାତ୍ର ଗୋଲ ଦେଇଥିଲେ। ମ୍ୟାଚ୍‌ରେ କିନ୍ତୁ ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଓଡ଼ିଶା ଆଗରେ ରହିଥିଲା। ଏହି ପରାଜୟ ସହ ଓଡ଼ିଶାର ନକ୍‌ଆଉଟ ଆଶା କ୍ଷୀଣ ହୋଇଛି। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ୧୧ ତାରିଖ ଗୁରୁବାର କେରଳ ବ୍ଲାଷ୍ଟର୍ସକୁ ଭେଟିବ। ସେହିପରି ମୋହନ ବାଗାନ ୯ ତାରିଖ ମଙ୍ଗଳବାର ବେଙ୍ଗାଲୁରୁକୁ ଭେଟିବ।

## କେନ୍ଦ୍ରାପଡ଼ାକୁ ହରାଇଲା ଦେବଗଡ଼

ସାହାଣୀ କପ୍ ଫୁଟବଲ ଆରମ୍ଭ

**ସୁନ୍ଦରଗଡ଼, ୬।୨ (ଡି.ଏନ୍‌.ଏ)**

ସୁନ୍ଦରଗଡ଼ରେ ୬୧ତମ ଆନ୍ତଃଜିଲା ସାହାଣୀକପ୍ ଫୁଟବଲ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହୋଇଛି। ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶା (ଫାଓ) ଏବଂ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଷ୍ଟାଡିୟମଠାରେ ଏହି ଆନ୍ତଃଜିଲା ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ଼ ଜିଲା ୪-୦ ଗୋଲରେ କେନ୍ଦ୍ରାପଡ଼ା ଜିଲାକୁ ହରାଇ ବିଜୟୀ ହୋଇଛି। ଦେବଗଡ଼ ଦଳର ଚକ୍ରକିଷାନ ଖେଳ ଆରମ୍ଭର ୫ମ, ୪୪ତମ ଓ ୯୦ତମ ମିନିଟ୍ ମଧ୍ୟରେ ୩ଟି ଗୋଲ ସ୍କୋର କରିଥିବାବେଳେ ୮୮ତମ ମିନିଟରେ ସୁମନ ବାବୁ ଗୋଟିଏ ଗୋଲ ଦେଇଥିଲେ। ଦେବଗଡ଼ ଦଳର ସଂଯୋଗ କିଷାନ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁନ୍ଦରଗଡ଼ ଜିଲାପାଳ ନିଖିଳ ପଵନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସୁନ୍ଦରଗଡ଼ ପବ୍ଲିକସ୍କୁଲର ଶିକ୍ଷୟିତ୍ରୀ ରୀତା ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ପ୍ରାରମ୍ଭିକ ସୂଚନା ଓ ବିଶ୍ୱରଞ୍ଜନ ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଫାଓର ମ୍ୟାଚ୍ କମିଶନର ଦୁର୍ଗାମାଧବ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫାଓର ଉପସଭାପତି ରବିନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦର ଉପସଭାପତି ଚିତ୍ତରଞ୍ଜନ ବହିଦାର, ରାଜେନ୍ଦ୍ର ମହାନ୍ତି, ସହସମ୍ପାଦକ ଜୟଦେବ ପାତ୍ର, ନିତ୍ୟାନନ୍ଦ ବଳ, ଅଜୟ ବହିଦାର, ଶିଶିର ପଟେଲ, ବୀରମିତ୍ର କାଲୋ, ବିମଳ ବୋଷ ପ୍ରମୁଖ କାର୍ଯ୍ୟକର୍ତ୍ତା ମଞ୍ଚାସୀନ ଥିଲେ। ରେଫରୀ ପ୍ରଶାନ୍ତ କୁମାର ବେହେରା, କୃଷ୍ଣଚନ୍ଦ୍ର ଟୁଡୁ, ପୂର୍ଣ୍ଣଚନ୍ଦ୍ର ସୋରେନ୍, କିରଣ ଦାଶ ମ୍ୟାଚ ପରିଚାଳନା କରିଥିଲେ। ରବିବାର ଭବାନୀପୁର ସ୍ପୋର୍ଟ୍ସ ହଷ୍ଟେଲ ଷ୍ଟାଡିୟମରେ ବୌଦ୍ଧ ଓ ସୁନ୍ଦରଗଡ ମଧ୍ୟରେ, ତସଲାଡିହି ଷ୍ଟାଡିୟମରେ ମୟୂରଭଞ୍ଜ ଓ ଯାଜପୁର ମଧ୍ୟରେ, ସମ୍ବଲପୁର ଓ ଜଗତସିଂହପୁର ଜିଲା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।



ସାହାଣୀକପ୍ ଫୁଟବଲ ଉଦ୍‌ଘାଟନୀ ମ୍ୟାଚ୍।

## ନିୟମ କୋହଳ କଲା ଫିଫା

**ଜୁରିଚ୍, ୬।୨(ଏପି)**

ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ଏହାର ନିୟମରେ କୋହଳ କରିଛି। କରୋନା ମହାମାରୀ ସମୟରେ ଜାତୀୟ ଦଳ ତରଫରୁ ଖେଳିବା ଲାଗି କ୍ଲବଗୁଡ଼ିକ ଖେଳାଳିଙ୍କୁ ରିଲିଜ କରିପାରିବେ। କାରଣ ମାର୍ଚ୍ଚ ମାସରେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳାଯିବ। ଏଥିରେ ୧୩୫ ଜାତୀୟ ଦଳ ଭାଗନେବାକୁ ଥିବାରୁ ଫିଫା ଏହି ନିଷ୍ପତ୍ତି ନେଇଛି। ୪୮ରୁ ଅଧିକ ଖେଳାଳି ଆଫ୍ରିକାନ୍ କପ୍ ଅଫ୍ ନେଶନ୍ସ କ୍ୱାଲିଫାୟର୍ସରେ ଖେଳୁଛନ୍ତି। ୟୁରୋପରେ ବିଭିନ୍ନ କ୍ଲବରେ ବିଭିନ୍ନ ଦେଶର ବହୁ ଖେଳାଳି ଖେଳୁଛନ୍ତି। ଜାତୀୟ ଦଳରେ ଖେଳିବା ଲାଗି ସେମାନଙ୍କୁ ବିଶ୍ୱର ବିଭିନ୍ନ ପ୍ରାନ୍ତକୁ ଯିବାକୁ ପଡିବ। ଖେଳାଳିମାନଙ୍କୁ ଅତିକମ୍‌ରେ ୫ଦିନ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍‌ରେ ରହିବାକୁ ହେବ। କୋଭିଡ୍ ଯୋଗୁ ଗତବର୍ଷ ଏସିଆ ଓ ସାଉଥ ଆମେରିକାରେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚଗୁଡ଼ିକ ଖେଳାଯାଇ ପାରି ନାହିଁ। ୨୦୨୦ରେ ଏସିଆରେ କେବଳ ଗୋଟିଏ ଗେମ୍ ସମ୍ଭବ ହୋଇପାରିଛି। ଚଳିତ ସପ୍ତାହରେ ଜେନେଭାଠାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଏକ ଉଦ୍‌ବୋଧନ ଦେଇ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ କହିଛନ୍ତି, କାର୍ଯ୍ୟସୂଚୀକୁ ସମ୍ପାଦନ କରିବା ଲାଗି ସ୍ୱାସ୍ଥ୍ୟକୁ ନେଇ କୌଣସି ରିସ୍କ ନିଆଯିବ ନାହିଁ।

## ସଂକ୍ଷେପରେ

### ଚନ୍ଦା କୋଚରଙ୍କୁ ସମନ



ନୂଆଦିଲ୍ଲୀ,୬।୨: ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚରଙ୍କୁ ସ୍ୱତନ୍ତ୍ର କୋର୍ଟ ସମନ କରିଛି। ଘରୋଇ କମ୍ପାନୀ ଭିଡିଓକନ ଗ୍ରୁପ୍‌ର ଅଧକ୍ଷ ଭେନୁଗୋପାଳ ଧୂତ୍‌ଙ୍କୁ କୋଚର ଅହେତୁକ ଅନୁକମ୍ପା ଦେଖାଇବା ଘଟଣା ସାମ୍ନାକୁ ଆସିଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ଘଟଣାର ତଦନ୍ତ କରୁଛି। ଏହି ଘଟଣାକୁ ନେଇ ବିବାଦରେ ରହିଥିବା ଚନ୍ଦା କୋଚର ଓ ଧୂତ୍‌ଙ୍କୁ ଫେବୃୟାରୀ ୧୨ରେ ସ୍ୱତନ୍ତ୍ର କୋର୍ଟରେ ହାଜର ହେବାକୁ ସମନ ଜାରି କରାଯାଇଛି। ପ୍ରିଭେନ୍‌ସନ ଅଫ୍ ମନିଂ ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ)କୁ ଆଧାରକରି ସ୍ୱତନ୍ତ୍ର କୋର୍ଟଙ୍କ ପକ୍ଷରୁ ଏହି ସମନ ଜାରି କରାଯାଇଥିବା ଜଣାପଡିଛି।

# ଭାରତରେ ବିଦେଶୀ ମୁଦ୍ରା ଭଣ୍ଡାର ବୃଦ୍ଧି

ମୁମ୍ବାଇ,୬।୨



**ଚଳିତବର୍ଷ ୧୧୯ ବିଲିୟନ ଆମେରିକାନ୍ ଡଲାର ବୃଦ୍ଧି**

କରୋନା ମହାମାରୀ ଭଳି ଏକ ମାନ୍ଦାବସ୍ଥା ସମୟରେ ଭାରତର ବିଦେଶୀ ମୁଦ୍ରାଭଣ୍ଡାର ବୃଦ୍ଧି ପାଇ ୫୯୦ ବିଲିୟନ ଆମେରିକାନ ଡଲାରରେ ପହଞ୍ଚିଛି। ଗତ ବର୍ଷ ତୁଳନାରେ ଏହା ପ୍ରାୟ ୧୧୯ ବିଲିୟନ ଡଲାର ଅଭିବୃଦ୍ଧି ପାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଭାରତର ମୋଟ ବୈଦେଶିକ ଋଣ ପରିମାଣ ୫୫୪ ବିଲିୟନ ଆମେରିକାନ ଡଲାର ରହିଛି। ଫଳରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ବର୍ତ୍ତମାନ ସମୟରେ ମୋଟ ବୈଦେଶିକ ଋଣ ପରିମାଣଠାରୁ ଅଧିକ ରହିଛି। ଶନିବାର ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଭାରତ ବର୍ତ୍ତମାନ ନେଟ୍ କ୍ରେଡିଟର ଭାବେ ଉଭା ହୋଇଛି। ଗୋଟିଏ ଦେଶ ନେଟ୍ କ୍ରେଡିଟର ହେବା ଅର୍ଥ ହେଉଛି, ସେ ଦେଶର ମୋଟ ବୈଦେଶିକ ଋଣଠାରୁ ବୈଦେଶିକ ମୁଦ୍ରା ଭଣ୍ଡାରର ପରିମାଣ ଉଚ୍ଚା ହେବା। ଏହା ଗୋଟିଏ ଦେଶର ଉତ୍ତମ ଆର୍ଥିକ ସ୍ଥିତି ଓ ବ୍ୟବସ୍ଥାକୁ ସୂଚାଇଥାଏ। ସେହିଭଳି ମୋଟ ବୈଦେଶିକ ଋଣଠାରୁ ବୈଦେଶିକ ମୁଦ୍ରା ଭଣ୍ଡାର ପରିମାଣ କମ୍ ହେଲେ ଉକ୍ତ ଦେଶ ନେଟ୍‌ଡେବିଟର ଭାବରେ ଗଣାଯାଇଥାଏ। ଏହା ସମ୍ଭବ ହୋଇଛି କେବଳ ଦେଶର ସ୍ୱଚ୍ଛ ଶାସନ ଓ ଦୃଢ଼ ନିୟମାବଳୀର ପ୍ରଚଳନ ଆଦି ପାଇଁ । ସେ ଆହୁରି କହିଛନ୍ତି, ଗତ ୪ମାସ ମଧ୍ୟରେ ଦେଶର ରେକର୍ଡ ସ୍ତର ଜିଏସ୍‌ଟି ଆଦାୟ ଦର୍ଶାଉଛି ଯେ,ଦେଶର ଅର୍ଥନୀତିରେ ଦ୍ରୁତ ଗତିରେ ସୁଧାର ଆସୁଛି। କରୋନା ମହାମାରୀ ସମୟରେ ବି ଭାରତ ଏହି ରେକର୍ଡ ସ୍ତର ବୈଦେଶିକ ମୁଦ୍ରା ହାସଲ କରିପାରିଛି।

# ଭାରତୀୟ ଟିକାର ଚାହିଦା ବଢୁଛି

ନୂଆଦିଲ୍ଲୀ,୬।୨

**ଅପେକ୍ଷା କରି ରହିଛନ୍ତି ୨୫ ଦେଶ: ମନ୍ତ୍ରୀ**



ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଭାରତରେ ମେଡ୍ ଇନ୍ ଇଣ୍ଡିଆ କୋଭିଡ୍ ଟିକା ପ୍ରସ୍ତୁତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ଟିକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା କିମ୍ବା ଅଘଟଣ ଭଳି ଖବର ଆସିନାହିଁ। ଭାରତରେ ବର୍ତ୍ତମାନ ସୁଦ୍ଧା ୨ କୋଟିରୁ ଊର୍ଦ୍ଧ୍ୱ ଆଗଧାଡ଼ିର କରୋନା ଯୋଦ୍ଧା ଏହି ଟିକା ନେଇ ସାରିଛନ୍ତି। ଏହି ଖବର ପ୍ରଚାର ଓ ପ୍ରସାର ହେବା ପରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ଭାରତର ଟିକା ଉପଯୋଗୀ ଓ ଏହାର ବ୍ୟବହାର ପାଇଁ ବିଭିନ୍ନ ଫୋରମରେ ଆଲୋଚନା କରିଛନ୍ତି। ଭାରତ ଏପର୍ଯ୍ୟନ୍ତ ୧୫ଟି ଦେଶକୁ କୋଭିଡ୍-୧୯ ଟିକା ଯୋଗାଇ ଦେଇଛି ଏବଂ ଅନ୍ୟ ୨୫ଟି ଦେଶ ଅପେକ୍ଷାରେ ଅଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶନିବାର ଏକ ପ୍ରେସ୍ ସମ୍ମିଳନୀରେ କହିଛନ୍ତି।

ଏ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଟିକା ପାଇଁ ତିନିଟି ବର୍ଗର ଦେଶ ରହିଛନ୍ତି। ଭାରତରୁ ଟିକା ପାଇବାକୁ ଆଗ୍ରହୀ ତିନି ବର୍ଗ ହେଲେ ଗରିବ, ସମ୍ବେଦନଶୀଳ ଦେଶ ଓ ଅନ୍ୟାନ୍ୟ ଦେଶ ଯାହା ଫାର୍ମାସ୍ୟୁଟିକାଲ କମ୍ପାନୀ ସହିତ ସିଧାସଳଖ କାରବାର କରିଥାଏ। ବର୍ତ୍ତମାନ ସୁଦ୍ଧା ୧୫ଟି ଦେଶକୁ ଟିକା ଯୋଗାଇ ଦିଆଯାଇଛି। ଟିକା ପାଇଁ ଆହୁରି ୨୫ଟି ଦେଶ ସରକାରୀ ନିୟମାବଳୀ ଅନୁସାରେ ବିଭିନ୍ନ ପର୍ଯ୍ୟାୟରେ ରହିଛନ୍ତି। ଏହି ଘଟଣା ଆଜି ଭାରତକୁ ବିଶ୍ୱ ମାନଚିତ୍ରରେ ଉଚ୍ଚସ୍ତରକୁ ନେବା ସହିତ ଦେଶର ଗୌରବକୁ ଆହୁରି ବଢ଼ାଇଛି ବୋଲି ଜୟଶଙ୍କର କହିଥିଲେ। ସେହିଭଳି ଭାରତ ପକ୍ଷରୁ କେତେକ ଗରିବ ଦେଶକୁ ଅନୁଦାନ ଭିତ୍ତିରେ ଏହି ଟିକା ଯୋଗାଇ ଦିଆଯାଇଥିବା ବେଳେ କେତେକ ଦେଶ ଏହି ଟିକା ପ୍ରସ୍ତୁତକାରୀଙ୍କଠାରୁ ଭାରତ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ମୂଲ୍ୟ ଦେଇ ନେବାକୁ ଚାହୁଁଛନ୍ତି। ସେହିପରି ଅନ୍ୟ କେତେକ ଦେଶ ଭାରତୀୟ ଟିକା ଉତ୍ପାଦନକାରୀ କମ୍ପାନୀ ସହିତ ସିଧାସଳଖ ଚୁକ୍ତି କରିଛନ୍ତି ଏବଂ ବ୍ୟବସାୟିକ ଭିତ୍ତିରେ ବୁଝାମଣା କରିଛନ୍ତି ବୋଲି ସୂଚନା ମିଳିଛି। ପୁଣେର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ଭାରତ ବାୟୋଟେକ୍ ଏବଂ ଅକ୍ସଫୋର୍ଡର କୋଭିଶିଲ୍ଡ, କୋଭାକ୍ସିନ୍ ଦୁଇଟି କୋଭିଡ୍ ଟିକା ପାଇଁ ଅନୁମତି ମିଳିସାରିଛି।

# ହ୍ରାସ ପାଉଛି ସୁନା ଦର



ନୂଆଦିଲ୍ଲୀ,୬।୨

ଗତ କିଛିଦିନ ହେବ ଶେୟାର ବଜାର ଯେଉଁ ହାରରେ ଆଗକୁ ବଢୁଛି ଠିକ୍ ସେହି ଅନୁପାତରେ ଭାରତୀୟ ବଜାରରେ ସୁନା ଦର ମଧ୍ୟ ହ୍ରାସ ପାଉଥିବା ସୂଚନା ମିଳିଛି। ଶନିବାର ପ୍ରତି ୧୦ ଗ୍ରାମ ସୁନା ପିଛା ଦର ୪୭,୨୭୦ ଟଙ୍କା ରହିଥିବା ଜଣାପଡିଛି। ଏହି ମୂଲ୍ୟବାନ୍ ଧାତୁ କାରବାର ହେଉଥିବା ବଜାର ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ଦାମ୍ ପ୍ରାୟ ୫୫୦ ଟଙ୍କା ହ୍ରାସ ପାଇଛି। ସେହିଭଳି ଏହି ସମୟରେ ରୁପା ଦର ମଧ୍ୟ କେଜି ପିଛା ୬୮,୬୭୧ ଟଙ୍କା ହୋଇଛି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ବର୍ତ୍ତମାନ ସମୟରେ ୨୨ କ୍ୟାରେଟ୍ ୧୦ ଗ୍ରାମ ସୁନାର ଦାମ ୪୭,୪୭୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦାମ୍ ୪୯ ହଜାର ୯୧୦ ଟଙ୍କା ରହିଛି। ସେହିପରି ରୁପା କେଜି ପିଛା ଦାମ୍ ୭୦,୫୫୦ ଟଙ୍କା ରହିଥିବା ସୂଚନା ମିଳିଛି।

# ମଲ୍ଟି ମୋଡାଲ ହବ୍ ହେବ ଭୁବନେଶ୍ୱର ଷ୍ଟେଶନ

ନୂଆଦିଲ୍ଲୀ,୬।୨




ଭୁବନେଶ୍ୱର ରେଳ ଷ୍ଟେଶନକୁ ବିଶ୍ୱସ୍ତରୀୟ ମଲ୍ଟି ମୋଡାଲ ହବ୍‌ରେ ପରିଣତ କରାଯିବ ବୋଲି ଶୁକ୍ରବାର ରାଜ୍ୟ ସଭାରେ କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି। ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ରେଳ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାର ମିଳିତ ଭାବେ ଭୁବନେଶ୍ୱର ରେଳଷ୍ଟେଶନର ପୁନର୍ନିର୍ମାଣ ଓ ବିକାଶ କାର୍ଯ୍ୟ କରୁଛନ୍ତି। ସେହିଭଳି ରେଳପଥ ଏବଂ ଓଡ଼ିଶା ସରକାରରେ ନୂତନ ଷ୍ଟେଶନ କୋଠା ଏବଂ ପ୍ଲାଟ୍‌ଫର୍ମ ସହିତ ଏକ ନୂତନ ରେଳ ଲାଇନ ନିର୍ମାଣ କରିବାକୁ ଯୋଜନା କରାଯାଇଛି। ରାଜଧାନୀର ପରିବେଶ ସହିତ ବିଡିଏ ଏକ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶଦାତା ନିଯୁକ୍ତ ହୋଇଛି। ସେହିପରି ରେଳ ଷ୍ଟେଶନକୁ ଏକ 'ମଲ୍ଟି ମୋଡାଲ ହବ୍'ରେ ପରିଣତ କରିବାକୁ ଗୋୟଲ ତାଙ୍କ ଉତ୍ତରରେ କହିଥିଲେ। ଓଡ଼ିଶାରେ ରେଳ ପ୍ରକଳ୍ପ ବିଷୟରେ ଅଧିକ ସୂଚନା ଦେଇ ସେ କହିଛନ୍ତି, ପୁରୀ-କୋଣାର୍କ ନୂତନ ଲାଇନ ପାଇଁ ସର୍ଭେ ୨୦୧୫-୧୬ରେ ଶେଷ ହୋଇଛି। ସେହିଭଳି ପ୍ରସ୍ତାବିତ ରେଳଲାଇନ ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ଦେଇ ଯାଇଥିବାରୁ ଅଭୟାରଣ୍ୟର କୌଣସି କ୍ଷତି ନ କରି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାର ସମ୍ଭାବନା ଖୋଜିବା ପାଇଁ ପୁନଃ ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ନୂଆପଡ଼ା-ଗୁଣପୁର ରେଳଲାଇନକୁ ଥେରୁବାଲି ପର୍ଯ୍ୟନ୍ତ ବିସ୍ତାର କରିବାର ମଧ୍ୟ ପ୍ରସ୍ତାବ ୨୦୧୭-୧୮ ବଜେଟରେ ଅନ୍ତର୍ଭୁକ୍ତ କରାଯାଇଛି। ସେଥିଲାଗି 'ବିସ୍ତୃତ ପ୍ରକଳ୍ପ ରିପୋର୍ଟ' ପ୍ରସ୍ତୁତ କରାଯାଇଛି। ନିର୍ମାଣ ଖର୍ଚ୍ଚର ୫୦% ଅର୍ଥ ବହନ କରିବାକୁ ଏବଂ ପ୍ରକଳ୍ପ ପାଇଁ ମାଗଣା ଜମି ଯୋଗାଇବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ତେବେ ଏହି ପ୍ରକଳ୍ପ ପାଇଁ ମାଗଣାରେ କେବଳ ଜମି ଦେବାକୁ ରାଜ୍ୟ ସରକାର ରାଜି ହୋଇଛନ୍ତି। ଉକ୍ତ ପ୍ରକଳ୍ପ ପାଇଁ ୫୦% ନିର୍ମାଣ ଖର୍ଚ୍ଚ ବହନ କରିବାକୁ ରାଜ୍ୟକୁ ଅନୁରୋଧ କରାଯାଇଛି। ଗୁଣପୁର-ଥେରୁବାଲି ରେଳ ଲାଇନ ନିର୍ମାଣ ପାଇଁ ମନ୍ତ୍ରଣାଳୟ ନେଇଥିବା ପଦକ୍ଷେପ ଉପରେ ରେଳମନ୍ତ୍ରୀ ଉତ୍ତରରେ ଏହା ମଧ୍ୟ କହିଛନ୍ତି।

# ୧୬.୫ କୋଟି ବାଣ୍ଟିଲା ନାବାର୍ଡ

ନୂଆଦିଲ୍ଲୀ,୬।୨

ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ(ନାବାର୍ଡ) ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବିଭିନ୍ନ କ୍ଷେତ୍ରର ବିକାଶ ନିମନ୍ତେ ପ୍ରାୟ ୩୦,୨୦୦ କୋଟି ଟଙ୍କା ମଞ୍ଜୁର କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଶନିବାର ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଗତ ୧୦ ମାସ ମଧ୍ୟରେ ବିଭିନ୍ନ କ୍ଷେତ୍ର ପାଇଁ ପ୍ରାୟ ୧୬,୫୦୦ କୋଟି ଟଙ୍କା ବଣ୍ଟନ କରାଯାଇଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବଳକା ରାଶି ହିତାଧିକାରୀ ଓ ବିଭିନ୍ନ କ୍ଷେତ୍ରକୁ ବଣ୍ଟାଯିବା ଯୋଜନା ରହିଛି।

ଦେଶର ସମସ୍ତ ଗ୍ରାମୀଣ ଅଞ୍ଚଳର ବିକାଶ ଓ ସମାଜର ଅଭିବୃଦ୍ଧି ପାଇଁ ବ୍ୟାଙ୍କ ଏହି ରାଶି ବିନିଯୋଗ କରିଛି। ସଂସ୍ଥାର ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ (ଆର୍‌ଆଇଡିଏଫ୍) ଜରିଆରେ ଏହି ରାଶି ବଣ୍ଟାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ ବ୍ୟବସ୍ଥା ସହିତ ଚଳିତ ଆର୍ଥିକ ବର୍ଷର ବ୍ୟୟବରାଦ ଓ ବିବରଣୀ ପ୍ରଦାନ ଅବସରରେ ନାବାର୍ଡର ଅଧକ୍ଷ ଜି.ଆର୍. ଚିନ୍ତାଲ କହିଛନ୍ତି, ୩୦ ହଜାର କୋଟି ଟଙ୍କାରୁ ୨୦୨୧ ଜାନୁୟାରୀ ଶେଷ ସୁଦ୍ଧା ସଂସ୍ଥା ପ୍ରାୟ ୧୬,୫୦୦ କୋଟି ଟଙ୍କା ବାଣ୍ଟିଛି।

## ଖେଳ ଖବର

# ମୋମିନୁଲଙ୍କ ଶତକ: ୱେଷ୍ଟଇଣ୍ଡିଜ ପାଇଁ ଟାର୍ଗେଟ ୩୯୫

ଚଟ୍ଟୋଗ୍ରାମ,୬।୨



ମୋମିନୁଲ ହକ୍

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ସ୍ଥିତି ଦୃଢ଼ କରିଛି। ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୧୫୦.୨ ଓଭରରେ ୪୩୦ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ୍ ୯୬.୧ ଓଭରରେ ୨୫୯ ରନ କରି ଅଲ୍‌ଆଉଟ ହେବା ସହ ୧୭୧ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସରେ ବାଂଲାଦେଶ ୬୭.୫ ଓଭରରେ ୮ ଉଇକେଟ ହରାଇ ୨୨୩ ରନକରି ଇନିଂସ ଘୋଷଣା କରିଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୯୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଶନିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୪୦ ଓଭରରେ ୩ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ୭ ଉଇକେଟ ହାତରେ ରଖି ୱେଷ୍ଟଇଣ୍ଡିଜ ୨୮୫ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଏନ୍‌କ୍ରୁମା ବୋନର ୧୫ ଓ କାଏଲ ମେୟେର୍ସ ୩୭ ରନକରି ଅପରାଜିତ ରହିଛନ୍ତି। ୱେଷ୍ଟଇଣ୍ଡିଜ ଟପ୍ ଅର୍ଡରର ୩ ବ୍ୟାଟ୍ସମ୍ୟାନ ଫେଲ୍ ମାରିଥିଲେ। ଓପନର ତଥା ଅଧିନାୟକ କ୍ରେଗ୍ ବ୍ରାଥୱେଟ୍ ୨୦, ଜନ୍ କ୍ୟାମ୍ପବେଲ ୨୩ ଓ ଶାୟେନ ମୋସ୍‌ଲି ୧୨ ରନ କରି ଆଉଟ ହୋଇଥିଲେ। ଡାହାଣହାତୀ ବାଂଲାଦେଶ ଅଫ୍ ସ୍ପିନର ମେହିଦୀ ହାସନ ମିରାଜ ୩ଟି ଯାକ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୪୭/୩ରୁ ବାଂଲାଦେଶ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ମୋମିନୁଲ ହକ୍ ୩୧ ରନରୁ ଖେଳ ଆରମ୍ଭ କରି ୧୧୫ ରନର ଶତକୀୟ ଇନିଂସ ଖେଳି ଆଉଟ ହୋଇଥିଲେ। ଏଥିସହ ମୋମିନୁଲ କ୍ୟାରିୟରର ୧୦ମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ସେହିପରି ୧୦ ରନରୁ ଖେଳ ଆରମ୍ଭ କରି ମୁସ୍‌ଫିକର ରହିବ ୧୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଲିଟନ ଦାସ ୬୯ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିବା ବେଳେ ମିରାଜ ୭, ତାଇଜୁଲ ଇସ୍‌ଲାମ ୩ ରନ କରି ଆଉଟ ହୋଇଥିଲେ। ନୟିମ ହାସନ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ରହାକିମ କର୍ନୱାଲ ଓ ଜୋମେଲ ୱାରିକାନ ୩ଟି ଲେଖାଏ, ଶାନନ ଗାବ୍ରିଏଲ୍ ୨ ଉଇକେଟ ଅକ୍ତିଆର କରିଥିଲେ।

### ଭଣ୍ଡାରିପୋଖରୀ ବିଜୟୀ

ଭଣ୍ଡାରିପୋଖରୀ, ୬।୨ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି ଖେଳପଡ଼ିଆରେ ଚାଲିଥିବା ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ପି ଆର୍ ସିଂ ମହାପାତ୍ର ମେମୋରିଆଲ ଟି-୨୦ ମ୍ୟାଚ୍ ଶନିବାର ୟୁନିକ ଇଲେଭେନ ଧାମନଗର ଓ ଭଣ୍ଡାରିପୋଖରୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ୟୁନିକ ଇଲେଭେନ ଟସ୍ ଜିତି ୨୦ ଓଭରରେ ୬ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ଜଗନ୍ନାଥ ବେହେରା ୩୯ ଓ ବିନାୟକ ଖଣ୍ଡେଲୱାଲ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୁକାନ୍ତ ପଣ୍ଡା ୪ ଓଭରରେ ୨ ଉଇକେଟ ଓ ଜନ୍ମେଜୟ ଦାସ ୪ ଓଭରରେ ୨ ଉଇକେଟ ଅକ୍ତିଆର କରିଥିଲେ। ଭଣ୍ଡାରିପୋଖରୀ ଟିମ୍ ୧୯.୫ ଓଭରରେ ୮ ଉଇକେଟ ହରାଇ ୧୬୨ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୁକାନ୍ତ ୫୫ ଓ ତୁଷାର ମିଶ୍ର ୩୨ ରନ୍ କରିଥିବା ବେଳେ ପ୍ରତିପକ୍ଷ ବୋଲର ଜଗନ୍ନାଥ ଜେନା ୪ ଓଭର କରି ୨ ଉଇକେଟ ନେଇଥିଲେ। ସୁକାନ୍ତ ପଣ୍ଡାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା।

**୨୦ରୁ ବିଜୟ୍ ହଜାରେ ଟ୍ରଫି**

# ଗ୍ରୁପ୍ ସି'ରେ ଓଡ଼ିଶା

ନୂଆଦିଲ୍ଲୀ,୬।୨(ପି.ଟି.)




ଦେଶର ସର୍ବବୃହତ୍ ଦିନିକିଆ ଘରୋଇ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫି ଆସନ୍ତା ଫେବୃୟାରୀ ୨୦ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୪ରେ ଶେଷ ହେବ। ଦେଶର ୬ଟି ସହରର ଭେନ୍ୟୁରେ ମ୍ୟାଚ୍ ଆୟୋଜନ ହେବ। ଦଳଗୁଡିକ ୧୩ରୁ ବାୟୋ ବବଲରେ ପ୍ରବେଶ କରିବେ ଓ ୩ଟି କୋଭିଡ୍-୧୯ ପରୀକ୍ଷାର ସମ୍ମୁଖୀନ ହେବେ। ସୁରଟ, ଇନ୍ଦୋର, ବେଙ୍ଗାଲୁରୁ, କୋଲକାତା, ଜୟପୁର, ଚଣ୍ଡିଗଡ଼ରେ ମ୍ୟାଚ୍‌ଗୁଡିକ ଖେଳାଯିବ। ସେହିପରି ପ୍ଲେଟ ଗ୍ରୁପ୍‌ର ୮ଟି ଦଳଗୁଡିକ ତାମିଲନାଡୁର ବିଭିନ୍ନ ଗ୍ରାଉଣ୍ଡରେ ସେମାନଙ୍କର ମ୍ୟାଚ୍ ଖେଳିବେ। ଟୁର୍ନାମେଣ୍ଟର ନକ୍ ଆଉଟ୍ ମ୍ୟାଚ୍‌ଗୁଡିକ ମାର୍ଚ୍ଚ ୭ ତାରିଖରୁ ଆରମ୍ଭ ହେବ।

ଅଂଶଗ୍ରହଣ କରିବାକୁ ଥିବା ଦଳଗୁଡିକୁ ବିଭିନ୍ନ ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ୍ ସି'ରେ ଓଡ଼ିଶା ସାମିଲ ହୋଇଛି। ଓଡ଼ିଶା ସମେତ ଗ୍ରୁପ୍ ସି'ରେ କର୍ଣ୍ଣାଟକ, ଉତ୍ତରପ୍ରଦେଶ, କେରଳ, ରେଲୱେ ଓ ବିହାର ପ୍ରଭୃତି ୬ଟି ଦଳ ସାମିଲ ରହିଛନ୍ତି।

ଏଲିଟ୍ ଗ୍ରୁପ୍ ଏ': ଗୁଜରାଟ, ଛତିଶଗଡ଼, ହାଇଦ୍ରାବାଦ, ତ୍ରିପୁରା, ବରୋଦା ଓ ଗୋଆ। ଭେନ୍ୟୁ- ସୁରଟ।

ଗ୍ରୁପ୍ ବି': ତାମିଲନାଡୁ, ପଞ୍ଜାବ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ବିଦର୍ଭ ଓ ଆନ୍ଧ୍ରପ୍ରଦେଶ। ଭେନ୍ୟୁ- ଇନ୍ଦୋର।

ଗ୍ରୁପ୍ ସି': କର୍ଣ୍ଣାଟକ, ଉତ୍ତରପ୍ରଦେଶ, କେରଳ, ଓଡ଼ିଶା, ରେଲୱେ ଓ ବିହାର। ଭେନ୍ୟୁ- ବେଙ୍ଗାଲୁରୁ।

ଗ୍ରୁପ ଡି': ଦିଲ୍ଲୀ, ମୁମ୍ବାଇ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ, ରାଜସ୍ଥାନ, ପୁଡୁଚେରୀ। ଭେନ୍ୟୁ- ଜୟପୁର।

ଗ୍ରୁପ୍ ଇ': ସର୍ଭିସେସ, ଜମ୍ମୁ ଓ କଶ୍ମୀର, ସୌରାଷ୍ଟ୍ର, ହରିୟାଣା ଓ ଚଣ୍ଡିଗଡ଼। ଭେନ୍ୟୁ- ଚଣ୍ଡିଗଡ଼।

ପ୍ଲେଟ୍ ଗ୍ରୁପ୍: ଉତ୍ତରାଖଣ୍ଡ, ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ଅରୁଣାଚଳ ପ୍ରଦେଶ, ମିଜୋରାମ ଓ ସିକ୍କିମ।

**ଏସ୍.କେ. କ୍ରିକେଟ୍ ଟୁର୍ନାମେଣ୍ଟ**

# ବ୍ଲୁ ଷ୍ଟାର ଚାମ୍ପିୟନ

ତିର୍ତ୍ତୋଲ, ୬।୨(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ୍ ଇବ୍ରିସିଂ ପଞ୍ଚାୟତର ଖନ୍ଦୋଳ- ସିଳନ୍ଦୀ ଗ୍ରାମରେ ଚାଲିଥିବା ଏସ୍.କେ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲୁ ଷ୍ଟାର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ବ୍ଲୁ ଷ୍ଟାର୍ କ୍ରିକେଟ୍ ଟିମ୍(ନୂଆପୋଖରୀ) ଓ ଯାଆଁ ବେଢୁଆ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଯାଆଁ ବେଢୁଆ କ୍ରିକେଟ୍ ଟିମ୍ ୬୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ସାମାଜିକ କର୍ମୀ ଗୌରାଙ୍ଗ ଚରଣ ଦାସ ବିଜୟୀ ଦଳକୁ ଟ୍ରଫି ଓ ସଂଗ୍ରାମ କେଶରୀ ସ୍ୱାଇଁ ଅର୍ଥ ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ସାହିତ୍ୟିକ ନୀଳମଣି ମଲ୍ଲିକ ରନସ୍ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଉତ୍କୃଷ୍ଟ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ସତ୍ୟ ଶେଖର ଓ ମ୍ୟାନ୍ ଅଫ୍ ଦ ସିରିଜ ସାରଦା ଖୁଣ୍ଟିଆ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ଯଜ୍ଞଦତ୍ତ ଦାସ,ସାର୍ଥକ ଦାସ ଓ ସମ୍ରାଟ ଦାସ ଖେଳ ପରିଚାଳନା କରିଥିଲେ।




ଚାମ୍ପିୟନ ଦଳ ପୁରସ୍କାର ଗ୍ରହଣ କରୁଛନ୍ତି।

# ଦ୍ୱିତୀୟ ଟେଷ୍ଟ: ପାକିସ୍ତାନ ଅଗ୍ରଣୀ

ରାୱଲପିଣ୍ଡି,୬।୨

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ପାକିସ୍ତାନ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ଼ କରିଛି। ଟସ୍ ଜିତି ପାକିସ୍ତାନ ପ୍ରଥମ ଇନିଂସରେ ୧୧୪.୩ ଓଭରରେ ୨୭୨ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୬୫.୪ ଓଭରରେ ୨୦୧ ରନ କରି ଅଲଆଉଟ ହୋଇ ୭୧ ରନ ପଛରେ ପଡିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୫୧ ଓଭରରେ ୬ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଛି। ଫଳରେ ପାକିସ୍ତାନ ୪ ଉଇକେଟ ହାତରେ ରଖି ମୋଟ ଉପରେ ୨୦୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ ୨୮ ଓ ହାସନ ଅଲି ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଦ୍ୱିତୀୟ ଇନିଂସରେ ପାକିସ୍ତାନ ପ୍ରଦର୍ଶନ ସେତେଟା ଉତ୍ସାହଜନକ ନ ଥିଲା। କୌଣସି ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ଦଳ ତରଫରୁ ଆଝାର ଅଲି ସର୍ବାଧିକ ୩୩, ଫହିମ ଆଶ୍ରଫ ୨୯, ଅବିଦ ଅଲି ୧୩, ଫୱାଦ ଆଲମ ୧୨, ଅଧିନାୟକ ବାବର ଆଜମ ୮ ରନ କରି ଆଉଟ ହୋଇଥିଲେ। ଓପନର ଇମ୍ରାନ ବଟ୍ଟ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକାର ଜର୍ଜ ଲିଣ୍ଡେ ୩, କେଶବ ମହାରାଜ ୨ ଓ କାଗିସୋ ରାବାଡ଼ା ୧ ଉଇକେଟ ଅକ୍ତିଆର କରିଥିଲେ।



ଜର୍ଜ ଲିଣ୍ଡେ

ଓଭରନାଇଟ୍ ପ୍ରଥମ ଇନିଂସ ସ୍କୋର ୧୦୬/୪ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଶନିବାର ଅଲଆଉଟ ହୋଇଥିଲା। ଦ୍ୱିତୀୟ ଦିବସର ଅପରାଜିତ ସ୍କୋର ୧୫ ଓ ୨୪ରୁ ଖେଳ ଆରମ୍ଭ କରି ଟେମ୍ବା ବଭୁମା ଓ ଅଧିନାୟକ କ୍ୱିଣ୍ଟନ ଡିକକ୍ ଯଥାକ୍ରମେ ୪୪ ଓ ୨୯ ରନ କରି ଆଉଟ ହୋଇଥିଲେ। ଏହାପରେ ୱିଆନ ମୁଲଡର ୩୩ ରନକରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଲିଣ୍ଡେ ୨୧ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟ ଟେଲଏଣ୍ଡର ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ପାକିସ୍ତାନର ହାସନ ଅଲି ସର୍ବାଧିକ ୫ ଉଇକେଟ ହାସଲ କରିଥିଲେ। ସେହିପରି ଶାହିନ ଶାହ ଆଫ୍ରିଦି, ଫହିମ ଆଶ୍ରଫ ଓ ନୌମାନ ଅଲି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର: ପାକିସ୍ତାନ ପ୍ରଥମ ଇନିଂସ-** ୧୧୪.୩ ଓଭରରେ ୨୭୨ ଆଲଆଉଟ। **ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ-** ୬୫.୪ ଓଭରରେ ୨୦୧ ଆଉଟ।(ବଭୁମା- ୪୪, ମୁଲଡର- ୩୩, ମାରକ୍ରମ- ୩୨, ଡିକକ- ୨୯, ଲିଣ୍ଡେ- ୨୧, ଡୁପ୍ଲେସି- ୧୭, ହାସନ ଅଲି- ୫/୫୪)। **ପାକିସ୍ତାନ ଦ୍ୱିତୀୟ ଇନିଂସ-** ୫୧ ଓଭରରେ ୧୨୯/୬(ଆଝାର- ୩୩, ରିଜୱାନ- ୨୮*, ଆଶ୍ରଫ୍- ୨୯, ଲିଣ୍ଡେ-୩/୧୨, ମହାରାଜ- ୨/୭୪)।



ଫିଲ୍ମ 'ବାହୁବଳୀ'ର ଗୀତ 'ମନୋହରୀ'ରୁ ପ୍ରସିଦ୍ଧ ଲାଭ କରିଥିବା ଅଭିନେତ୍ରୀ ନୋରା ଫତେହି ଅନେକ ସମୟରେ ତାଙ୍କର ଡ୍ୟାନ୍ସ ଭିଡିଓ ସୋସିଆଏ ମିଡିଆରେ ଶେୟାର କରିଥାନ୍ତି। ୬ ଫେବୃୟାରୀ, ୧୯୯୨ରେ କାନାଡାରେ ଜନ୍ମଗ୍ରହଣ କରିଥିବା ନୋରା ୨୯ ବର୍ଷରେ ପଦାର୍ପଣ କରିଛନ୍ତି। ନିଜ ଡ୍ୟାନ୍ସକୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଥିବା ନୋରା ଏକଦା ବ୍ୟାଙ୍କର ସ୍ଥାନୀୟ ବଜାରରେ ପୋଷାକ ବିକ୍ରି କରୁଥିବାର ଦେଖିବାକୁ ମିଳିଥିଲା। ତାଙ୍କର ଏହି ଭିଡିଓ ଖୁବ ଭାଇରାଲ ମଧ ହୋଇଥିଲା। ତାଙ୍କୁ ବିଗ ବସ-୯ରେ ଦେଖିବାକୁ ମିଳିଥିଲା। ଏହି ରିଆଲିଟି ଶୋ'ରୁ ସେ ଲୋକପ୍ରିୟ ହୋଇପାରିଥିଲେ।

# ରହସ୍ୟମୟ 'ଜୋନ୍ ଅଫ୍ ସାଇଲେନ୍ସ'

**ବିଜ୍ଞାନର ଚମତ୍କାରିତା ଅନେକ ରହସ୍ୟ ଉପରେ ପରଦା ଉଠାଇବାରେ ସଫଳ ହୋଇଛି। ହେଲେ ମେକ୍ସିକୋର 'ଜୋନ୍ ଅଫ୍ ସାଇଲେନ୍ସ' ଏହାର ବ୍ୟତିକ୍ରମ। ଏହି ସ୍ଥାନରେ ଦିଗବାରେଣୀ ଯନ୍ତ୍ର, ଜିପିଏସ୍ କିମ୍ବା କୌଣସି ବୈଦ୍ୟୁତିକ ଉପକରଣ କାମ କରେନାହିଁ।**




**ମେକ୍ସିକୋ:** ପୃଥିବୀର ଏଭଳି ଅନେକ ସ୍ଥାନ ରହିଛି, ଯାହା ନିଜ ଭିତରେ ସ୍ୱତନ୍ତ୍ର। ଏହାର ରହସ୍ୟ ଲୋକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଆସିଛି। ମେକ୍ସିକୋର ଚିହୁଆହୁଆନ୍ ମରୁଭୂମି ଏହାର ଏକ ଉଦାହରଣ। ଏହି ସ୍ଥାନରେ ପହଞ୍ଚିବା ମାତ୍ରକେ ସମସ୍ତ ପ୍ରକାର ବୈଦ୍ୟୁତିକ ଉପକରଣ କାମ କରିବା ବନ୍ଦ ହୋଇଯାଏ। ଏହି ମରୁପ୍ରାନ୍ତରେ କାହିଁକି ରେଡିଓ ତରଙ୍ଗ କାମ କରେନାହିଁ, ତାହା ଆଜି ବି ଅସମାହିତ ହୋଇରହିଛି। ଏଭଳି ରହସ୍ୟମୟ ସ୍ଥାନକୁ 'ଜୋନ୍ ଅଫ୍ ସାଇଲେନ୍ସ' ନାମରେ ନାମିତ କରାଯାଇଛି।

'ଜୋନ୍ ଅଫ୍ ସାଇଲେନ୍ସ'ଠାରୁ ହାରାହାରି ୨୫ କିମି ଦୂରତାରେ ଜନବସତି ଗଢ଼ିଉଠିଛି। ଲୋକମାନଙ୍କ ଲାଗି ଅତ୍ୟାବଶ୍ୟକ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ। ତେବେ ଜୋନ୍ ଅଫ୍ ସାଇଲେନ୍ସ ସମ୍ପୂର୍ଣ୍ଣ ଶୂନ୍‌ଶାନ। ଏଠରେ ମନୁଷ୍ୟ ତ ଦୂରର କଥା, ପ୍ରାଣୀଙ୍କ ବି ଉପସ୍ଥିତି କ୍ୱଚିତ ଦେଖିବାକୁ ମିଳେ। ଏଠାକୁ ଆସିଲେ ଏମିତି ଅନୁଭବ ହୁଏ, ଯେମିତି ଜଣେ ପୃଥିବୀଠାରୁ ସମ୍ପର୍କ ଛିଡ଼ାଇ କୌଣସି ଗ୍ରହକୁ ଚାଲିଆସିଛି। ସର୍ବପ୍ରଥମେ ୧୯୭୦ରେ ଏହି ସ୍ଥାନ ଲୋକଲୋଚନକୁ ଆସିଥିଲା। ଉକ୍ତ ବର୍ଷ ଏକ ଆମେରିକୀୟ ମିଶାଇଲ୍ ଏହି ସ୍ଥାନରେ ପହଞ୍ଚିବା ପରେ ଆପଣାଛାଏ କ୍ରାଶ ହୋଇଯାଇଥିଲା। ବିଶେଷଜ୍ଞ ଦଳ ଯାଞ୍ଚ କରିବା ପରେ ଯାହା ପାଇଲେ, ତାହା ଥିଲା ଯେତିକି ଆଶ୍ଚର୍ଯ୍ୟଜନକ ସେତିକି ଅବୁଝା। ଏହିସ୍ଥାନରେ ଜିପିଏସ୍ କାମ କରୁ ନ ଥିଲା। ଆମେରିକୀୟ ବାୟୁସେନା ବିଭାଗର ଏକ ଟିମ୍ ଖୋଳତାଡ଼ କରିବା ସମୟରେ ଦିଗବାରେଣୀ ଯନ୍ତ୍ର କିମ୍ବା ବୈଦ୍ୟୁତିକ ଉପକରଣ କାମ କରୁ ନ ଥିବା ଜଣାପଡ଼ିଥିଲା। କହିବାକୁ ଗଲେ ଏହା ଏକ ଡାର୍କ ଜୋନ୍, ଯେଉଁଠିକୁ ଟିଭି ସିଗ୍‌ନାଲ, ରେଡିଓ, ସାଟେଲାଇଟ୍ ସିଗ୍‌ନାଲ ପହଞ୍ଚିପାରେନାହିଁ। ପରବର୍ତ୍ତୀ ସମୟରେ ଏହି ସ୍ଥାନକୁ 'ଜୋନ୍ ଅଫ୍ ସାଇଲେନ୍ସ' ନାମରେ ନାମିତ କରାଯାଇଥିଲା। ବିଭିନ୍ନ ସମୟରେ ଏହାର ରହସ୍ୟ ଜାଣିବା ଲାଗି ଏକାଧିକ ପରୀକ୍ଷା ନିରୀକ୍ଷା ହୋଇଛି। ତେବେ ବୈଜ୍ଞାନିକମାନଙ୍କୁ କୌଣସି ସଫଳତା ମିଳିନାହିଁ। କେବଳ ଏତିକି ଜଣାପଡ଼ିଛି, ଜୋନ୍ ଅଫ୍ ସାଇଲେନ୍ସରେ ଚୁମ୍ବକୀୟ କ୍ଷେତ୍ର ରହିଛି ଏବଂ ଲକ୍ଷାଧିକ ବର୍ଷ ତଳେ ଏହି ସ୍ଥାନ ସମୁଦ୍ର ଥିଲା। ତେବେ କେଉଁ କାରଣରୁ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ।

ମେକ୍ସିକୋ ସରକାର ଏଠାରେ ଏକ ବିଶାଳକାୟ ଲାବ୍ ତିଆରି କରିଛନ୍ତି, ଯାହାର ନାମ 'ଦି ଜୋନ'। ଏହି ସ୍ଥାନରେ ବାସ କରୁଥିବା କୀଟପତଙ୍ଗ ଏବଂ ବନସ୍ପତି ଉପରେ ଗବେଷଣା ଜାରି ରହିଛି। ଅପରପକ୍ଷେ ରେଡିଓ ସିଗ୍‌ନାଲ ପହଞ୍ଚୁ ନ ଥିବା କାରଣରୁ ମେକ୍ସିକୋ ସରକାର ଏହାର ଫାଇଦା ନେଉଥିବା ମଧ ଚର୍ଚ୍ଚା ହେଉଛି। ସେଠାରେ ବିପଜ୍ଜନକ ଗବେଷଣା କାର୍ଯ୍ୟ ଜାରି ରହିଥିବା ମଧ ଅନେକ ସମୟରେ ଆଲୋଚନା ହୁଏ। ସ୍ଥାନୀୟ ଲୋକମାନେ ଏହି ସ୍ଥାନରେ ଅତିଭୌତିକ ଶକ୍ତି ରହିଥିବା ବିଶ୍ୱାସ କରନ୍ତି। ଏଠାରେ ଏଲିଏନ୍‌ଙ୍କ ବସତି ରହିଥିବା ମଧ ଅନ୍ୟ କେତେକେ ଜୋର ଦେଇ କହୁଛନ୍ତି।

# ସନାୟାଙ୍କ ବେଲି ଡ୍ୟାନ୍ସ ଭିଡ଼ିଓ ଭାଇରାଲ



**ମୁମ୍ବାଇ:** ବଲିଉଡ ଅଭିନେତା ସଞ୍ଜୟ କପୁରଙ୍କ ଝିଅ ସନାୟା କପୁର ବଲିଉଡ୍‌ରେ ଏଣ୍ଟ୍ରି କରିବା ପାଇଁ ଏବେଠାରୁ କସରତ ଆରମ୍ଭ କରି ସାରିଛନ୍ତି। ନିକଟରେ ସେ ତାଙ୍କ ଇନଷ୍ଟାଗ୍ରାମକୁ ପବ୍ଲିକ କରିଛନ୍ତି । ଏହାପରେ ସୋସିଆଲ ମିଡିଆରେ ସେ ତାଙ୍କର କିଛି ଫଟୋ ଓ ଭିଡିଓ ଶେୟାର କରିଛନ୍ତି । ଯାହା ଏବେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ନିଆଁ ଲଗାଇଛି । ନିକଟରେ ସେ ଶେୟାର କରିଥିବା ଏକ ଭିଡିଓ ଓ ଫଟୋରେ ବେଲି ଡ୍ୟାନ୍ସ କରୁଥିବା ନଜର ଆସିଛି। ଏହି ଭିଡିଓରେ ସେ ହ୍ୱାଇଟ୍ ସ୍କଟ ସହ ହ୍ୱାଇଟ୍ କଲର କ୍ରପ ଟପ ପିନ୍ଧିଥିବା ଦେଖାଯାଇଛି। ଯାହା ତାଙ୍କୁ ଖୁବ ମାନୁଛି। ଭିଡିଓଟି ଶେୟାର କରିବା ସହ ସନାୟା ଶାହାରୁଖ ଖାଁଙ୍କ ଝିଅ ସୁହାନାଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ସନାୟା ଡ୍ୟାନ୍ସ ସମୟରେ ଯେଉଁ ସ୍କଟ ପିନ୍ଧିଛନ୍ତି ତାହା ସୁହାନାଙ୍କର। ସେଥିପାଇଁ ସେ ସୁହାନାଙ୍କୁ ଧନ୍ୟବାଦ ଦେଇଛନ୍ତି। ଭିଡିଓରେ ସନାୟାଙ୍କ ସହ ଇନଷ୍ଟ୍ରକ୍ଟର ସଞ୍ଜନା ମୁଥରେଜା ନଜର ଆସିଛନ୍ତି । ଯାହା ସହ ସନାୟା ଜବରଦସ୍ତ ବେଲି ଡ୍ୟାନ୍ସ କରୁଛନ୍ତି । ସନାୟାଙ୍କର ଏହି ଭିଡିଓକୁ ସୋସିଆଲ ମିଡିଆରେ ଖୁବ ଲାଇକ୍ସ ଓ କମେଣ୍ଟସ ମିଳୁଛି। ତାଙ୍କର ଏହି ଭିଡିଓକୁ ଏପର୍ଯ୍ୟନ୍ତ ୯୩ ହଜାର ଲାଇକ୍ସ ମିଳିସାରିଲାଣି । କେହି କେହି ଏହି ଭିଡିଓରେ ସନାୟାଙ୍କ ଡ୍ୟାନକୁ ପ୍ରଶଂସା କରୁଛନ୍ତି ତ ଆଉ କେହି ତାଙ୍କ ବୋଲ୍ଡ ଅନ୍ଦାଜକୁ ପସନ୍ଦ କରିଛନ୍ତି ।

# ପୃଥିବୀର କ୍ଷୁଦ୍ରତମ ଏଣ୍ଡୁଅ



**ଆନ୍ତନାନାରିଭୋ:** ମାଡାଗାସ୍କରର ମାଲାଗାସିର ଉତ୍ତରରେ ଥିବା ଜଙ୍ଗଲରୁ ପୃଥିବୀର କ୍ଷୁଦ୍ରତମ ଏଣ୍ଡୁଅକୁ ଚିହ୍ନଟ କରାଯାଇଛି। ଏହାର ଲମ୍ବ ୩୦ ମିଲିମିଟରରୁ କମ। ମାଇ ଏବଂ ଅଣ୍ଡିରା ଦୁଇଟି ଏଣ୍ଡୁଅର ସନ୍ଧାନ ଏଠାରେ ମିଳିଛି। ଏଣ୍ଡୁଅ ଦୁଇଟି ବ୍ରୋକିସିଆ ନାନା ପ୍ରଜାତିର ବୋଲି ପ୍ରାଣୀବିଜ୍ଞାନୀମାନେ କହିଛନ୍ତି। କ୍ଷୁଦ୍ର ଏଣ୍ଡୁଅ ଜଣେ ମନୁଷ୍ୟର ଆଙ୍ଗୁଠି ଟିପରେ ମଧ ସହଜରେ ବସି ପାରିବେ। ମାଇ ଏଣ୍ଡୁଅର ଲମ୍ବ ଅଣ୍ଡିରାଠାରୁ ଅଧିକ ରହିଛି। ମାଇର ଲମ୍ବ ୨୮.୯ ମିଲିମିଟର ଥିବାବେଳେ ଅଣ୍ଡିରା ଏଣ୍ଡୁଅର ଲମ୍ବ ୨୧.୬ ମିଲିମିଟର ରହିଛି। ଅଣ୍ଡିରା ଏଣ୍ଡୁଅର ପ୍ରଜନନ ଅଙ୍ଗ ଶରୀର ଆକାର ଅନୁସାରେ ବଡ଼ ରହିଛି। ଏହା ମୋଟ ଶରୀର ୨୦ ପ୍ରତିଶତ ବୋଲି ସରିସୃପ ବିଜ୍ଞାନୀ ଫ୍ରାଙ୍କ ଗ୍ଲ କହିଛନ୍ତି। ଏହି କ୍ଷୁଦ୍ରତମ ପ୍ରଜାତିକୁ ସ୍ଥାନୀୟ ସରକାରଙ୍କ ପକ୍ଷରୁ ଖୁବ ଶୀଘ୍ର ଲୁପ୍ତପ୍ରାୟ ପ୍ରଜାତିରେ ସାମିଲ କରାଯିବ ବୋଲି ଉଦ୍ୟମ ଆରମ୍ଭ ହୋଇଛି।

# ମହିଳାଙ୍କ ସୀମାପାର କଞ୍ଜୁସି



ନୂଆଦିଲ୍ଲୀ: ନିଜ ଆୟକୁ ଦୃଷ୍ଟିରେ ରଖି ଏବଂ ଭବିଷ୍ୟତ ପାଇଁ ସଞ୍ଚୟ କରିବା ଲକ୍ଷ୍ୟରେ ଅନେକେ ଘରେ ମାସିକ ବଜେଟ ପ୍ରସ୍ତୁତ କରିଥାନ୍ତି। ଏହା ବୁଦ୍ଧିମତ୍ତାର କାମ ମଧ। କେତେଜଣଙ୍କ କଞ୍ଜୁସ ଗୁଣ ଯୋଗୁ ସେମାନେ ନିଜ ଖର୍ଚ୍ଚକୁ ଆହୁରି କମାଇବାକୁ ଚେଷ୍ଟା କରିଥାନ୍ତି। ହେଲେ ଷ୍ଟେଫନୀ ବେନେଟ୍‌ଙ୍କ ଭଳି କଞ୍ଜୁସ୍ ମହିଳାଙ୍କୁ ଆପଣ କମ୍ ଦେଖିଥିବେ। ବିଜୁଳି ଖର୍ଚ୍ଚ ବଞ୍ଚାଇବାକୁ ଯାଇ ସେ ସମ୍ପୂର୍ଣ୍ଣ ଘରେ ଏକମାତ୍ର ବଲ୍‌ବରେ କାମ ଚଳାଉଛନ୍ତି। ଏମିତିକି ବଲ୍‌ବଟିକୁ ଗୋଟିଏ ରୁମ୍‌ରୁ ଅନ୍ୟ ଏକ ରୁମ୍‌କୁ ନେଇ କାମ କରିଥାନ୍ତି। କେବଳ ଏତିକି ନୁହେଁ, ଷ୍ଟେଫନୀ ଡିଶ୍‌ୱାଶରରେ ଖାଦ୍ୟ ବନାଇଥାନ୍ତି। ବାସନରେ ସତର୍କତାର ସହ ଖାଦ୍ୟକୁ ଡାଙ୍କି ଡିଶ୍‌ୱାଶରରେ ଭର୍ତ୍ତି କରିଥାନ୍ତି। ବାସନ ସଫା ହେବା ସହ ଏଥିରେ ଖାଦ୍ୟ ମଧ ପ୍ରସ୍ତୁତ ହୋଇଯାଇଥାଏ। ସେହିପରି ନିଜ ବୟଫ୍ରେଣ୍ଡଙ୍କ ଗାଧୋଇବା ନିମନ୍ତେ ମଧ ଷ୍ଟେଫନୀ ସମୟସୀମା ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ଦୁହେଁ ନେଭି ଶାୱାର ଟେକ୍ନିକ୍‌ରେ ସ୍ନାନ କରିଥାନ୍ତି। ଏକ ରିପୋର୍ଟ ଅନୁଯାୟୀ ଟଙ୍କା ସଞ୍ଚୟର ଏଭଳି ନିଆରା ଉପାୟ ଯୋଗୁ ଷ୍ଟେଫନୀ ପ୍ରତ୍ୟେକ ମାସରେ ବିଜୁଳି ବିଲ୍ ପ୍ରାୟ ୬୦ ଡଲାର କମ୍ କରିବାରେ ସକ୍ଷମ ହୁଅନ୍ତି। ସେହିପରି ଘରେ ସେ ବ୍ୟବହାର ହେଉଥିବା ପାଣିକୁ ଗରମକରି ପୁଣି ବ୍ୟବହାର କରନ୍ତି। ଏହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏ ନେଇ ଷ୍ଟେଫନୀଙ୍କ ବୟଫ୍ରେଣ୍ଡ କୁହନ୍ତି, ଏଭଳି କାର୍ଯ୍ୟ ଯୋଗୁ ସେ ଅନେକ ଟଙ୍କା ସଞ୍ଚୟ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ତାଙ୍କର ଏହି ଗୁଣ ମୋ ମନରେ ଅନେକ ସମୟରେ ରାଗ ସୃଷ୍ଟି କରିଥାଏ। ଷ୍ଟେଫନୀ ଜଣେ ଡାକ୍ତରଙ୍କ ଅଫିସରେ କାମ କରୁଥିବା ରିପୋର୍ଟରୁ ଜଣାପଡ଼ିଛି।

# ମହଙ୍ଗା ପଡ଼ିଲା ମଦ ପିଇବା ଚ୍ୟାଲେଞ୍ଜ

ମସ୍କୋ: ଆପଣ ଏକ କାହାଣୀ ନିଶ୍ଚିତ ଶୁଣିଥିବେ ଯେ, ଅଧିକ ଉତ୍ସାହିତ ହେଲେ ନିଜର କ୍ଷତି ଘଟିଥାଏ। ଠିକ୍ ସେମିତି ଏକ ଘଟଣା ଘଟିଛି ଋଷିଆରେ। ଜଣେ ୬୦ ବର୍ଷୀୟ ବ୍ୟକ୍ତି ଚ୍ୟାଲେଞ୍ଜ ନେବା ପରେ କ'ଣ ଘଟିଲା ଜାଣନ୍ତୁ ସେ ସମ୍ପର୍କରେ। ଜଣେ ୟୁଟ୍ୟୁବର ଲାଇଭ କରି ମଦ ପିଇବା ପାଇଁ ୟୁଜରଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ। ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି ଜଣେ ୬୦ ବର୍ଷୀୟ ବ୍ୟକ୍ତି ଲାଇଭ ଷ୍ଟ୍ରିମିଂରେ ୧.୫ ଲିଟର ମଦ ପିଇ ଦେଇଥିଲେ। ଏକ ରିପୋର୍ଟ ଅନୁଯାୟୀ, 'ଦାଦାଜୀ' ନାମକ ଋଷିଆର ଏହି ବ୍ୟକ୍ତି ଅନ୍ୟ ଜଣେ ୟୁଟବରଙ୍କ ଦ୍ୱାରା କରାଯାଇଥିବା ଚ୍ୟାଲେଞ୍ଜକୁ ହାତକୁ ନେଇଥିଲେ। ଏଥିରେ ଚ୍ୟାଲେଞ୍ଜ ଥିଲା ଲାଇଭ କରି ମଦ ପିଇବା। ତେଣୁ ୟୁରି ଦୁଶୋକିନ ଦେଢ଼ ଲିଟର ମଦ ପିଇବା ପରେ ତଳେ ପଡ଼ିଯାଇଥିଲେ। ତାଙ୍କର କିପରି ମୃତ୍ୟୁ ହେଲା ଲାଇଭ୍‌ରେ ଲୋକେ ସ୍ପଷ୍ଟ ଭାବେ ଦେଖିଛନ୍ତି।

# ତୃତୀୟ ନେତ୍ରର କଷ୍ଟ



ନୂଆଦିଲ୍ଲୀ: ନିଜ ସଉକ ପୂରା କରିବା ପାଇଁ ବେଳେବେଳେ ଲୋକେ ଏପରି କିଛି କରି ବସନ୍ତି, ଯାହା ସେମାନଙ୍କର ବିରାଟ ବଡ଼ କ୍ଷତି କରି ଦେଇଥାଏ। ଏକଥା ଅନୁଭବ କରିବା ବେଳକୁ ନେଡିଗୁଡ କହୁଣିକୁ ବୋହି ଯାଇଥାଏ। ଠିକ୍ ଏମିତି ଏକ ଭୁଲ୍ କରି ଏବେ ସାରା ଜୀବନ ପାଇଁ କଷ୍ଟକୁ ନିମନ୍ତ୍ରଣ କରିଛନ୍ତି ଆମେରିକାର ରାପର୍ ଲିଲ୍ ଉଜି ଭର୍ଟ। ଏହି ରାପରଙ୍କ ପ୍ରକୃତ ନାଁ ହେଉଛି ସିମେରୀ ବେସିଲ୍ ଉଡ୍‌ସ କିନ୍ତୁ ସେ ଲିଲ୍ ଉଜ୍ ଭର୍ଟଙ୍କ ନାଁରେ ବେଶି ପରିଚିତ। ଏବେ ସେ ୧୧ କ୍ୟାରେଟର ଏକ ଗୋଲାପୀ ହୀରାକୁ ନିଜ କପାଳରେ ତୃତୀୟ ନେତ୍ର ଭଳି ଲଗାଇ ଚର୍ଚ୍ଚିତ ହୋଇଛନ୍ତି। ସୂଚନା ଅନୁସାରେ ଲିଲ୍ ଉଜ୍ ଏକ ଦାମୀ ହୀରା କିଣିଥିଲେ, ଯାହାର ମୂଲ୍ୟ ୧.୭୪ କୋଟି ଟଙ୍କା। ଏହି ହୀରାଟିକୁ କିଣିବା ପାଇଁ ସେ ୨୦୧୭ ମସିହାରୁ ଟଙ୍କା ଏକାଠି କରି ରଖୁଥିଲେ। ତେବେ ହୀରାଟିକୁ କିଣିବା ପରେ ସେ ଭାବିଥିଲେ କି ଏତେ ଟଙ୍କା ଦେଇ ହୀରା କିଣି ସେ ଘରେ ରଖିବା ଠିକ୍ ନୁହେଁ, ଏହା ତାଙ୍କ ପାଖରେ ଅଛି ବୋଲି ସମସ୍ତେ ଦେଖିବା ଉଚିତ। ଏଥିପାଇଁ ସେ ତାଙ୍କ କପାଳରେ ସର୍ଜରି କରି ଏହି ପିଙ୍କ୍ ହୀରାଟିକୁ ଲଗାଇ ଦେଇଥିଲେ। ସର୍ଜରି କରିବା ପରେ ସେ ଏହି ହୀରା ସମ୍ପର୍କରେ ଟୁଇଟ୍ କରି ଜଣାଇଥିଲେ। ସର୍ଜରି ପରେ ଲିଲ୍‌ଙ୍କ କପାଳରେ ଏହି ହୀରାଟି ତାଙ୍କର ତୃତୀୟ ନେତ୍ର ପରି ମନେହେଉଥିଲା। ତେଣୁ ତାଙ୍କ ପ୍ରଶଂସକମାନେ ଏଥିପାଇଁ ଢେର୍ କମେଣ୍ଟ ଦେଇଥିଲେ। ମାତ୍ର ଲିଲ୍ ପୁଣିଥରେ ଏକ ଟୁଇଟ୍ କରି ଜଣାଇଥିଲେ କି ଏହି ହୀରାକୁ ସର୍ଜରି କରି ଲଗାଇବା ପରେ ଏବେ ତାଙ୍କୁ ବହୁ ଯନ୍ତ୍ରଣା ଭୋଗିବାକୁ ପଡୁଛି। ସର୍ଜରି ହୋଇଥିବା ସ୍ଥାନଟି ବାରମ୍ବାର କୁଣ୍ଡାଇ ହେଉଛି, ଅନେକ ସମୟରେ ଫୁଲି ଯାଉଛି ଏବଂ ଦରଜ ବି ହେଉଛି। କିନ୍ତୁ ଦୁଃଖର କଥା ହେଉଛି ସେ ଏହି ହୀରାଟିକୁ ପର୍ମାନେଣ୍ଟ ସର୍ଜରି କରି ଲଗାଇ ଦେଇଥିବାରୁ ତାଙ୍କ ପାଖରେ ଏବେ ଆଉ କିଛି ଅନ୍ୟ ଉପାୟ ନାହିଁ।

# ହାଜତରେ ଗଞ୍ଜା



**ହାଇଦ୍ରାବାଦ:** କୌଣସି ଅଭିଯୋଗ ହେଲେ ଅଭିଯୁକ୍ତଙ୍କୁ ଥାନା ହାଜତରେ ଅଟକ ରଖାଯାଇଥାଏ। ତେବେ ତେଲଙ୍ଗାନାରେ ୨ ଗଞ୍ଜାଙ୍କୁ ୨୫ ଦିନ ଥାନା ହାଜତରେ ରହିବାକୁ ପଡ଼ିଛି। ଏହି ଘଟଣା ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଗଞ୍ଜା ଲଢ଼େଇ ଅଭିଯୁକ୍ତମାନଙ୍କ ସହିତ ସେମାନଙ୍କୁ ଥାନା ହାଜତକୁ ଅଣାଯାଇଥିଲା। ଅଭିଯୁକ୍ତମାନେ ଜାମିନରେ ବାହାରକୁ ଆସିଥିବାବେଳେ ବିଚରା ଗଞ୍ଜା ହାଜତରେ ରହି ଯାଇଥିଲେ। ସ୍ଥାନୀୟ ଖମ୍ମମ ଜିଲାରେ ମିଦିଗୋଣ୍ଡା ଥାନାରେ ଗଞ୍ଜା ଅଟକ ରହିଛନ୍ତି। ଜାନୁୟାରୀ ୧୦ରେ ପୋଲିସ ୨ ଗଞ୍ଜା ସହିତ ୧୦ ଅଭିଯୁକ୍ତଙ୍କ ଥାନାକୁ ଆଣିଥିବା ଜଣାପଡ଼ିଛି। ଗଞ୍ଜା ଦୁଇଟିର କେହି ଦାବିଦାର ନ ଥିବାରୁ ଅସୁବିଧା ହେଉଥିବା ଥାନା ପକ୍ଷରୁ କୁହାଯାଇଛି। ସେମାନଙ୍କୁ କେହି ନ ନେଲେ ଶେଷ ନିଲାମ ଡକାଯିବ ବୋଲି ଥାନାର ଉଚ୍ଚ ଅଧିକାରୀ ସୂଚନା ଦେଇଛନ୍ତି।

# ରେସ୍‌ଲରରୁ କିନ୍ନର



ଡବ୍ଲ୍ୟୁଡବ୍ଲ୍ୟୁଇରେ ଫାଇଟ ଦ୍ୱାରା ଦର୍ଶକଙ୍କ ମନୋରଞ୍ଜନ କରୁଥିବା ଟାଏଲର ରେକ୍ସ ଜଣେ କିନ୍ନର ବୋଲି ନିଜକୁ ପରିଚୟ ଦେଇଛନ୍ତି। ବର୍ତ୍ତମାନ ସେ ଗ୍ୟାବି ଟୁଫ୍ଟ ନାଁରେ ପରିଚିତ ହେବେ। ଗ୍ୟାବି ତାଙ୍କ ଇନ୍‌ଷ୍ଟାଗ୍ରାମରେ କେମିତି କିନ୍ନର ହେଲେ ସେ ସମ୍ପର୍କରେ ବିସ୍ତୃତ ଭାବେ ଲେଖିଛନ୍ତି। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ରେସଲିଂରେ ଆକ୍ଟିଭ ଥିଲେ। ଗ୍ୟାବି ଏକ ପ୍ରେସ ବିବୃତି ଜାରି କରି ଏଥିରେ ଡବ୍ଲ୍ୟୁଡବ୍ଲ୍ୟୁଇର ଷ୍ଟାର ଠାରୁ ଆରମ୍ଭ କରି ବଡି ବିଲ୍ଡର, ଫିଟନେସ ଗୁରୁ, ମୋଟିଭେସନାଲ ସ୍ପିକର ଏବଂ ମୋଟରସାଇକେଲ ରେସରୁ ବର୍ତ୍ତମାନ ଜଣେ ସୁନ୍ଦର ମହିଳା ହେବା ପର୍ଯ୍ୟନ୍ତ ସବୁକିଛି ଲେଖିଛନ୍ତି। ୨୦୧୪ରେ ଗ୍ୟାବି ନିଜର ପରିବାର ସହ ଅଧିକ ସମୟ ବିତାଇବା ପାଇଁ ରେସଲିଂକୁ ଅଲବିଦା କହି ଦେଇଥିଲେ। ସେ ଫିଟ୍‌ନେସ ଗୁରୁ ଏବଂ ମୋଟିଭେସନାଲ ସ୍ପିକର ମଧ। ସେ କହିଛନ୍ତି, ଗତ ଆଠ ମାସ ତାଙ୍କ ପାଇଁ ଜୀବନ ବହୁ କଷ୍ଟସାଧ ଥିଲା। ବର୍ତ୍ତମାନ ପୂରା ସ୍ୱାଧୀନତା ମିଳିଛି, ଯାହାକୁ ନେଇ ସେ ବହୁତ ଖୁସି ବୋଲି କହିଛନ୍ତି।

# ଥାନାରେ ପହଞ୍ଚିଲା ଅଣ୍ଡା କଳି

**ମୁମ୍ବାଇ:** ସାମାନ୍ୟ ଅଣ୍ଡା ପାଇଁ ସ୍ତ୍ରୀ-ସ୍ୱାମୀଙ୍କ କଳି ଯାଇ ଥାନାରେ ପହଞ୍ଚିବା ଚର୍ଚ୍ଚାର ବିଷୟ ହୋଇଛି। ମହାରାଷ୍ଟ୍ରର ବୁଲଢାଣା ଜିଲା ସାଖରଖେରଡ଼ା ଗାଁରେ କୁକୁଡ଼ା ଅଣ୍ଡାକୁ ନେଇ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପୋଲିସ କହିବା ଅନୁଯାୟୀ ସ୍ୱାମୀ ବଜାରରୁ ୩ଟି ଅଣ୍ଡା ଆଣି ସ୍ତ୍ରୀଙ୍କୁ ଭୁଜିଆ କରିବା ପାଇଁ କହିଥିଲେ। ସ୍ତ୍ରୀ ଭୁଜିଆ ନ କରି ତରକାରୀ କରି ଝିଅକୁ ଖାଇବାକୁ ଦେଇଥିଲେ। ଯେତେବେଳେ ସ୍ୱାମୀ ଘରକୁ ଫେରିଲେ ସ୍ତ୍ରୀଙ୍କୁ ଅଣ୍ଡା ଖାଇବାକୁ ମାଗିଲେ। ସ୍ତ୍ରୀ କହିଲେ ଝିଅ ଖାଇ ଦେଇଛି। ଏଥିରୁ ଆରମ୍ଭ ହୋଇଥିଲା ତୁମ୍ବିତୋଫାନ। ଦୁଇଜଣଙ୍କ ବିବାଦ ଏତେ ବଢ଼ିଗଲା ଯେ, ମାମଲା ଥାନାରେ ପହଞ୍ଚିଥିଲା। ପୋଲିସ ଏପରି ଝଗଡ଼ା ଶୁଣି ହସିବା ସହ ଆଶ୍ଚର୍ଯ୍ୟ ମଧ ହୋଇଥିଲା। ପୋଲିସ ଅଧିକାରୀ ବଜାରରୁ ୩ଟି ଅଣ୍ଡା ମଗାଇ ସ୍ୱାମୀ ସ୍ତ୍ରୀଙ୍କୁ ଦେଇ ଘରକୁ ପଠାଇଛନ୍ତି।

# ଅପରାଧୀଙ୍କୁ ପଢ଼ାଯାଉଛି ଗାନ୍ଧୀଙ୍କ ବାର୍ତ୍ତା

**ପାଟନା:** ସାଧାରଣତଃ ଥାନା ବା ପୋଲିସ ଷ୍ଟେଶନ ଯାଇଥିବା ଲୋକେ ଅସୁବିଧାରେ ପଡି ସେଠାକୁ ଯାଇ ଥାଆନ୍ତି । ବେଳେ ବେଳେ ସେଠି ଅପରାଧ କଥାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ପୀ ଧ୍ୟାନ ଦିଆଯାଏ ନାହିଁ ବୋଲି ଅଭିଯୋଗ ଆସିଥାଏ । ବିଶେଷ ଭାବେ ଅଧିକାଂଶ ସ୍ଥାନରେ ପୋଲିସ ଉପରେ ସାଧାରଣ ଜନତାଙ୍କ ଭରସା ତୁଟି ଯାଇଥାଏ ବୋଲି କୁହାଯାଏ । ହେଲେ ପାଟନାର ବାଡ ଅନୁମଣ୍ଡଳରେ ଏମିତି ଏକ ଥାନା ରହିଛି ଯାହା ଆଜି ବେଶ ଚର୍ଚ୍ଚିତ । ଏଠାରେ ଉଭୟ ପୀ ଓ ଅପରାଧୀ ଉଭୟଙ୍କୁ ସୁସ୍ଥ ସମାଜରେ ବଞ୍ଚିବାର ବାର୍ତ୍ତା ଦିଆଯାଇଥାଏ । ଏହା ହେଉଛି ବାଡର ଏନ୍ଟିପିସି ଥାନା । ଏହାର ପାଚିରିରେ ଲେଖାଯାଇଥିବା ଜ୍ଞାନବର୍ଦ୍ଧକ ପେଣ୍ଟିଂସ ଓ ଥାନାର ସୁସ୍ଥ ପରିବେଶ ପୋଲିସ ନିକଟକୁ ଆସିଥିବା ଲୋକକୁ ନ ଡରାଇ ବରଂ ପୋଲିସର ସହଯୋଗ ସାଧାରଣ ଜନତାଙ୍କୁ ଖୁସି ଦେଇଥାଏ । ଥାନାରେ ପ୍ରବେଶ କରିବା ମାତ୍ରେ ସ୍ୱାମୀ ବିବେକା ନନ୍ଦ, ମହାତ୍ମା ଗାନ୍ଧୀ, ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଭଳି ମହାପୁରୁଷଙ୍କ ବିଚାର ପଢିବାକୁ ମିଳିବ । ଏହାସହ ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳୀ ଦେଇଥିବା ବୀର ଶହୀଦଙ୍କ ଫଟୋଚିତ୍ର । ଥାନାର ପ୍ରଭାରୀ ଅମରଦୀପ କୁମାର କୁହନ୍ତି ସକରାତ୍ମକ ଚିନ୍ତାଧାରା ମଣିଷକୁ ଭଲ ବାଟ ଦେଖାଇଥାଏ । ତେଣୁ ଥାନାକୁ ଆସୁଥିବା ଜନତା ହୁଅନ୍ତୁ ଅବା ପୋଲିସ ଏମାନଙ୍କ ମଧ୍ୟରେ ସକରାତ୍ମକ ଚିନ୍ତାଧାରା ସୃଷ୍ଟି କରିବାକୁ ପାଚିରିରେ ଏଭଳି ପେଣ୍ଟିଂ କରାଯାଇଛି ।




ସେ କହିଛନ୍ତି ଯଦିଓ କେହି ଅପରାଧୀ ଏହି ଥାନାକୁ ଆସିଥାଆନ୍ତି ତେବେ ତାଙ୍କୁ ଏହି ସକରାତ୍ମକ ବାର୍ତ୍ତା ପଢାଯାଇଥାଏ । ଫଳରେ ସେ ତାଙ୍କ ଆଚରଣରେ ସୁଧାର ଆଣିପାରିବେ । ଏଥିରେ ପରିବେଶ ସଂରକ୍ଷଣ ଓ ମଦ ନିବାରଣ ସମ୍ପର୍କରେ ମଧ ବାର୍ତ୍ତା ଦିଆଯାଇଛି । ଏହାକୁ ପାଟନା ଆର୍ଟ ଅଫ କଲେଜର ଛାତ୍ରୀଛାତ୍ରମାନେ କରିଛନ୍ତି । ଏଠାରେ ରୋଷେଇକୁ ସୀତା ରୋଷେଇ ବୋଲି ନାମ ଦିଆଯାଇଛି ।

ମନେ ପଡ଼ନ୍ତି
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି
ତିରୋଧାନ: ୨୮।୦୧।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଅଫେରା ବାଟରେ ଆପଣ ଚାଲିଗଲେ। ଆପଣଙ୍କ ଅବର୍ତ୍ତମାନରେ ପ୍ରତିଟି ମୁହୂର୍ତ୍ତ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଉପଦେଶ ଓ ମେଳାପି ସ୍ୱଭାବକୁ ଝୁରିଝୁରି ବଞ୍ଚୁଛୁ। ଆଜି ଆପଣଙ୍କ ଏକାଦଶାହ ଦିବସ ଅବସରରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପ୍ରଣବ କୁମାର ମହାନ୍ତି, ଅଭୟ କୁମାର ମହାନ୍ତି, ଉପେନ୍ଦ୍ରନାଥ ମହାନ୍ତି, ସମରେନ୍ଦ୍ର ମହାନ୍ତି, ହୃଷୀକେଶ ମହାନ୍ତି।
ଧ-୭୦୪୨୪

# ଆସୁଛି ପରୀକ୍ଷା

ଆଉ ଅଳ୍ପଦିନ ରହିଲା ପରୀକ୍ଷା। କୋଭିଡ୍-୧୯ ପାଇଁ ଏଥର ପାଠପଢ଼ାରେ ବିଭିନ୍ନ ସମସ୍ୟା ଉପୁଜିଥିବାରୁ ଅନେକ ଛାତ୍ରୀଛାତ୍ର ଅଳ୍ପ ଲେଖିଲେ ବି ପରୀକ୍ଷାରେ ଅଧିକ ନମ୍ବର ଦିଆଯିବ, ସହଜ ପ୍ରଶ୍ନ ପଡ଼ିବ, ଏପରି କି କିଛି ନ ଲେଖିଲେ ବି ପାସ୍ କରିଦିଆଯିବା ଭଳି ଭ୍ରାନ୍ତଧାରଣା ମନରେ ରଖିଛନ୍ତି। ହେଲେ ଏପରି ନ ଭାବି କିମ୍ବା ପରୀକ୍ଷା ପ୍ରସ୍ତୁତିରେ ଅବହେଳା ନ କରି ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ଲାଗି ସମସ୍ତ ବିଷୟ ଭଲ ଭାବେ ପଢ଼ିବା ଗୁରୁତ୍ୱପୂର୍ଣ୍ଣ...







କମଳାକାନ୍ତ ଜେନା

କରୋନା ଭୂତାଣୁ ସଂକ୍ରମଣ (କୋଭିଡ୍-୧୯) ସକାଶେ ଛାତ୍ରୀଛାତ୍ରମାନଙ୍କ ପାଇଁ ଅନେକ ଦିନ ସ୍କୁଲ କଲେଜ ବନ୍ଦ ରହିଥିଲା। ଅବଶ୍ୟ କଲେଜ ବନ୍ଦ ରହିବା ସମୟରେ ଅନ୍-ଲାଇନ୍ କ୍ଲାସ ଚାଲିଥିଲା। କିନ୍ତୁ ଶ୍ରେଣୀଗୃହରେ ବସି ପଢ଼ିବା କେତେ ଫଳପ୍ରଦ, ସେକଥା ଛାତ୍ରୀଛାତ୍ରମାନେ ଅନୁଭବ କରିଥିଲେ। ତେଣୁ ଯେତେ ଅନ୍-ଲାଇନ୍ କ୍ଲାସ କଲେ ବି ସେମାନେ ଶିକ୍ଷାନୁଷ୍ଠାନ ଆସି ଶ୍ରେଣୀଗୃହରେ ବସି ପାଠ ପଢ଼ିବା ପାଇଁ ଚାତକ ପରି ଅପେକ୍ଷା କରିଥିଲେ। ଯାହାହେଉ କୋଭିଡ୍-୧୯ ପରିସ୍ଥିତି ସୁଧୁରିଲା ପରେ ଏବେ ଛାତ୍ରୀଛାତ୍ରମାନଙ୍କ ପାଇଁ କଲେଜ ଖୋଲିଛି ଓ ଶ୍ରେଣୀଗୃହରେ ବସି ପାଠ ପଢ଼ିବାକୁ ଆମ ସରକାର ଅନୁମତି ଦେଇଛନ୍ତି। ଗତ ଜାନୁୟାରୀ ୧୧ ତାରିଖରୁ କେବଳ ପିଜି ୨ୟ ବର୍ଷ ଓ ୟୁଜି ୩ୟ ବର୍ଷର ଛାତ୍ରୀଛାତ୍ରମାନେ କଲେଜ ଆସି ଶ୍ରେଣୀଗୃହରେ ବସି ପାଠ ପଢିବାକୁ ଆମ ସରକାର ଅନୁମତି ଦେଇଥିଲେ। ସେମାନେ ମଧ୍ୟ ମୁହଁରେ ମାସ୍କ ଲଗେଇ ସାନିଟାଇଜର ଧରି ସତର୍କତା ଅବଲମ୍ବନ ପୂର୍ବକ କଲେଜ ଆସୁଛନ୍ତି। ଏବେ ପୁଣି ଫେବୃୟାରୀ ୧୦ ତାରିଖରୁ ପିଜି ୧ମ ବର୍ଷ ଓ ୟୁଜି ୨ୟ ବର୍ଷର ପିଲାଙ୍କୁ କଲେଜ ଆସିବା ପାଇଁ ଅନୁମତି ମିଳିଛି।

ଏକଥା ସତ, ପିଲାମାନଙ୍କ ପାଇଁ କଲେଜ ଖୋଲାଯିବା ବଡ଼ କଥା ଥିଲା। କିନ୍ତୁ ତା' ଠାରୁ ବେଶି ବଡ କଥା ହେଉଛି ପରୀକ୍ଷା। ମାର୍ଚ୍ଚ ଅଧାରୁ ଶେଷ ବର୍ଷ ପିଜି ଓ ୟୁଜିର ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। ଏପ୍ରିଲ ଅଧାରୁ ପ୍ରଥମ ବର୍ଷ ପିଜି ଓ ୨ୟ ବର୍ଷ ୟୁଜିର ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। ତେଣୁ ଏବେ ଗୋଟିଏ ଦିନ ବି ନଷ୍ଟ ହେଲେ ତାହା ସେମାନଙ୍କର ପରୀକ୍ଷା ଫଳାଫଳ ଉପରେ କୁପ୍ରଭାବ ପକେଇବ। କଲେଜରେ ସିଲାବସ୍ ସଂପୂର୍ଣ୍ଣ ହେଲା ପରେ ଏତେଗୁଡ଼ିଏ ବିଷୟକୁ ଏତିକି ସମୟ ଭିତରେ ନିଜେ ପଢ଼ିବା ଓ ରିଭିଜନ୍ କରିବା ପାଇଁ ପିଲାମାନଙ୍କୁ ସମୟ ମିଳିବ ନାହିଁ। ତାଙ୍କର ରିଭିଜନ୍ ସରି ନ ଥିବ ପରୀକ୍ଷା ଆସିଯିବ। ତେଣୁ ଏବେ ପ୍ରତିଦିନ କ୍ଲାସ୍‌ରେ ଯାହା ପଢ଼ାହେଉଛି, ତାକୁ ପଢି ତା' ସହିତ ଆଉ ଦୁଇଟା ତିନିଟା ବହି ପଢ଼ି ପିଲାମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ପ୍ରତିଦିନର ପାଠକୁ ସେଇ ଦିନ ସାରିବାକୁ ହେବ। ପରେ ଏକାଥରେ ସାରିବି ଭାବିଲେ ଆଦୌ ସମୟ ମିଳିବ ନାହିଁ। ଅନ୍-ଲାଇନ୍ କ୍ଲାସ୍‌ରେ ବିଷୟଗୁଡ଼ିକୁ ଠିକ୍ ଭାବରେ ବୁଝି ନ ପାରିବାର ଅନେକ କାରଣ ଥିଲା। କିନ୍ତୁ ଏବେ ଯେହେତୁ ପିଲାମାନେ ଶ୍ରେଣୀଗୃହକୁ ଆସି ପାଠ ପଢ଼ିବାର ସୁଯୋଗ ପାଇଛନ୍ତି, ତେଣୁ ପଢ଼ିବାରେ ଯାହା ବି ଅସୁବିଧା ରହିଛି, ସେସବୁକୁ ଏବେ ଶିକ୍ଷକଙ୍କୁ ପଚାରି ନିଜ ନିଜର ସନ୍ଦେହ ଦୂର କରିବା ଆବଶ୍ୟକ।

ପିଲାମାନେ ହୁଏତ ଭାବିପାରନ୍ତି, କୋଭିଡ୍-୧୯ ପାଇଁ ଏଥର ଅଧିକ ନମ୍ବର ଦିଆଯିବ, ସହଜ ପ୍ରଶ୍ନ ପଡ଼ିବ, ଏପରି କି କିଛି ନ ଲେଖିଲେ ବି ପାଶ୍ କରିଦିଆଯିବ। ହେଲେ, ପିଲାମାନଙ୍କୁ ପଢ଼ିବା ପାଇଁ ସମୟ ଦିଆଗଲା, ଶ୍ରେଣୀଗୃହରେ ନିଜର ସନ୍ଦେହ ଦୂର କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଗଲା ଏବଂ ତା' ପରେ ଯାଇ ପରୀକ୍ଷା ହେବ ବୋଲି ଅଢ଼େଇ ମାସ ପୂର୍ବରୁ ଜଣେଇ ଦିଆଗଲା। ଏତେ ସବୁ ସୁବିଧା କରାଯିବା ପରେ ପରୀକ୍ଷାରେ କୋହଳ କଥା ଭାବିବା ଆଦୌ ଠିକ୍ ହେବ ନାହିଁ। ଆଗରୁ ପରୀକ୍ଷାରେ ଭଲ ନମ୍ବର ରଖିବା ସକାଶେ ଯେମିତି ଲେଖିବାକୁ ପଡୁଥିଲା, ଏଥର ବି ପିଲାମାନଙ୍କୁ ସେମିତି ଲେଖିବାକୁ ପଡ଼ିବ।

ଏବେ ପିଲାମାନେ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି। ପ୍ରତିଦିନ ଶ୍ରେଣୀରେ ଯେଉଁ ବିଷୟ ପଢ଼ାହେଉଛି, ଗୁଗଲରେ ସେଇ ବିଷୟ ଉପରେ ମଲ୍ଟିପଲ୍ ଚଏସ୍ ପ୍ରଶ୍ନ (ଏମ୍.ସି.କ୍ୟୁ.) ଖୋଜିପାରିଲେ ଅନେକ ପ୍ରଶ୍ନପତ୍ରର ଠିକଣା ମିଳିବ। ସବୁ ଠିକଣାରେ ଯାଇ ଏମ୍.ସି.କ୍ୟୁ. ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜି ପ୍ରତିଦିନ ସେହି ପ୍ରଶ୍ନଗୁଡ଼ିକୁ ସମାଧାନ କଲେ ପିଲାଏ ସେହି ବିଷୟରେ ନିଜର ଗଭୀରତା ଜାଣିପାରିବେ । ତେଣୁ ସେଇ ଅନୁସାରେ ଆଉ କ'ଣ ପଢ଼ିଲେ ଓ କୋଉ ବହି ପଢ଼ିଲେ ଠିକ୍ ହେବ, ନିଜେ ବିଚାର କରିପାରିବେ।

ଶେଷରେ କହିବି, ପରୀକ୍ଷାରେ ଭଲ ନ କଲେ କେହି ଦାୟୀ ହେବେ ନାହିଁ। ନା କୋଭିଡ୍-୧୯ ନା ଶିକ୍ଷା ବିଭାଗ। ଏହା ସାର୍ଟିଫିକେଟ୍ ପରୀକ୍ଷା, ପ୍ରତିଯୋଗିତାମୂଳକ ନୁହେଁ। ଏଥିରେ ଖରାପ ହେଲେ ସାରା ଜୀବନ ପାଇଁ ସାର୍ଟିଫିକେଟ୍ ଉପରେ ଲେଖାହୋଇ ରହିଯିବ । ଥରେ ଖରାପ ହେଲେ ସବୁଦିନ ପାଇଁ ମନରେ ଦୁଃଖ ରହିଯିବ। ତେଣୁ ଆଉ ୭୦ଦିନ ଅଛି ପରେ ପଢ଼ିବା ଭାବି ଅବହେଳା ନ କରି ପରିଶ୍ରମ କରିବା ଦରକାର। ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମୟର ସଦୁପଯୋଗ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।






*କୋର୍ଡିନେଟର, (ଏମ୍.ଏସ୍‌ସି., ଆପ୍ଲାଏଡ୍ ଫିଜିକ୍ସ), ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ*
*ମୋ- ୯୪୩୯୫୦୧୬୫୧*

## ଏ ସପ୍ତାହର ପ୍ରଶ୍ନ

୧- ଏନ୍‌ଏନ୍‌ଏମ୍‌ଏସ୍‌ର ଫୁଲ୍‌ଫର୍ମ........ ?
୨- ଷ୍ଟ୍ରାଟେଜିକ୍ ଅର୍ମ୍ସ ରିଡ଼କ୍ସନ୍ ଟ୍ରିଟୀ(ଷ୍ଟାର୍ଟ) ଏଗ୍ରିମେଣ୍ଟ......... ମଧ୍ୟରେ ହୋଇଛି ?
୩- ଉତ୍ତର ପ୍ରଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ....... ?
୪- ୱାର୍ଲ୍ଡ କଷ୍ଟମ୍‌ସ ଅର୍ଗାନାଇଜେଶନ୍‌ର ହେଡ କ୍ୱାର୍ଟର ........ଠାରେ ଅବସ୍ଥିତ ?
୫- ଆମ ଦେଶରେ ମାତୃଭାଷା ଦିବସ ବା ଇଣ୍ଟରନ୍ୟାଶନାଲ୍ ମଦର ଲାଙ୍ଗୁଏଜ୍ ଡେ' ........ ମନ୍ତ୍ରଣାଳୟ ପକ୍ଷରୁ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଭାବନା କାନ୍ତ
୨ ଓସେରାଇଆ ଯୋଶୀ
୩ ଆସାମ
୪ ନୀତି ଆୟୋଗ
୫ ନକ୍ଷତ୍ର ଗୁଚ୍ଛ

## ଉତ୍ତରଦାତା



ପ୍ରଜ୍ଞାନଦୀପ ମହାନ୍ତି, ଭୁବନେଶ୍ୱର



ବିନୋଦ ବିହାରୀ ବେହେରା, କଟକ



ବିପ୍ର କର, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଲମ୍ବା ହାଇୱେ

| | | |
|---|---|---|
| ୧- | ପାନ୍ ଆମେରିକାନ୍ ହାଇୱେ | ୪୮,୦୦୦ କି.ମି. |
| ୨- | ହାଇୱେ ୧, ଅଷ୍ଟ୍ରେଲିଆ | ୧୪,୫୦୦ କି.ମି. |
| ୩- | ଟ୍ରାନ୍ସ ସାଇବେରିଆନ୍ ହାଇୱେ | ୧୧,୦୦୦ କି.ମି. |
| ୪- | ଟ୍ରାନ୍ସ କାନାଡ଼ା ହାଇୱେ | ୭,୮୨୧ କି.ମି. |
| ୫- | ଗୋଲ୍ଡେନ୍ କ୍ୱାଡ୍ରିଲାଟେରାଲ୍ ହାଇୱେ ନେଟ୍‌ୱର୍କ, ଭାରତ | ୫,୮୪୬ କି.ମି. |
| ୬- | ଚାଇନା ନ୍ୟାଶନାଲ୍ ହାଇୱେ ୦୧୦ | ୫,୭୦୦ କି.ମି. |
| ୭- | ୟୁଏସ୍ ରୁଟ୍ ୨୦, ଆମେରିକା | ୫,୪୧୫ କି.ମି. |
| ୮- | ୟୁଏସ୍ ରୁଟ୍ ୬, ଆମେରିକା | ୫,୧୪୮ କି.ମି. |
| ୯- | ଆଇ- ୯୦, ଆମେରିକା | ୪,୮୬୦ କି.ମି. |
| ୧୦- | ଆଇ- ୮୦, ଆମେରିକା | ୪,୬୬୬ କି.ମି. |




ପାନ୍ ଆମେରିକାନ୍ ହାଇୱେ

ୟୁଥ ଆଲର୍ଟ

# ଶୀଘ୍ର କମୁଥିଲେ ମୋବାଇଲ୍‌ର ଚାର୍ଜ

ବର୍ତ୍ତମାନ କାହା ହାତରେ ବା ନାହିଁ ସ୍ମାର୍ଟ ଫୋନ। ବିଶେଷ କରି ଯୁବପିଢିଙ୍କ ଲାଗି ଏହା ଯେମିତି ଏକ ମୌଳିକ ଆବଶ୍ୟକତା ପାଲଟି ଯାଇଛି କହିଲେ ଅତ୍ୟୁକ୍ତି ହେବନି। ପ୍ରତିଟି ସମୟରେ ଏବଂ ପ୍ରତିଟି କାର୍ଯ୍ୟରେ ସେମାନେ ଏହା ଉପରେ ନିର୍ଭରଶୀଳ। ଏମିତିରେ ଶୀଘ୍ର ଚାର୍ଜ କମିବା ସେମାନଙ୍କ ଲାଗି ସାଜେ ଚିନ୍ତାର କାରଣ। ହେଲେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେଲେ ଫୋନ୍‌ର ଚାର୍ଜ ଅଧିକ ସମୟ ରହିପାରିବ ଜାଣି ରଖନ୍ତୁ କେତୋଟି ଟିପ୍ସ...






➔ ଆବଶ୍ୟକ ନ ଥିବା ବେଳେ ମଧ୍ୟ ଅନେକେ ମୋବାଇଲ ଫୋନ ଅନ୍ ରଖୁଥିବାରୁ ଚାର୍ଜ ସରିଥାଏ। ତେଣୁ ଶୋଇବାକୁ ଗଲାବେଳେ, କୌଣସି ମିଟିଙ୍ଗ୍‌ରେ ଥିଲେ କିମ୍ବା ଫ୍ଲାଇଟ୍‌ରେ ଥିବା ସମୟରେ ଫୋନ୍ ସ୍ଲିପିଂ ମୋଡ କିମ୍ବା ଇନଆକ୍ଟିଭ୍ ବଦଳରେ ସୁଇଚ୍ ଅଫ୍ କରିଦିଅନ୍ତୁ। ଏହାଦ୍ୱାରା ବ୍ୟାଟେରିର ଚାର୍ଜ କମ୍ ଖର୍ଚ୍ଚ ହୋଇଥାଏ।

➔ ମୋବାଇଲ ସ୍କ୍ରିନର ବ୍ରାଇଟ୍‌ନେସ୍ ଅଧିକ ରଖିବା ଦ୍ୱାରା ମୋବାଇଲ ବ୍ୟାଟେରି ସର୍ବାଧିକ ଖର୍ଚ୍ଚ ହୋଇଥାଏ । ତେଣୁ ଫୋନ୍‌ର ବ୍ରାଇଟନେସ୍ ସବୁବେଳେ ସାମାନ୍ୟ ରଖନ୍ତୁ।

➔ ଅନେକଙ୍କ ମନରେ ଏକ ଧାରଣା ଥାଏ ଯେ, ଫୋନ୍‌କୁ ଭାଇବ୍ରେସନ ମୋଡ୍‌ରେ ରଖିଲେ ବ୍ୟାଟେରି କମ୍ ଖର୍ଚ୍ଚ ହୋଇଥାଏ। ହେଲେ ଏହା ଏକ ଭୁଲ ଧାରଣା। କାରଣ ରିଂଟୋନ ଅପେକ୍ଷା ଭାଇବ୍ରେସନରେ ଫୋନ ବ୍ୟାଟେରି ଅଧିକ ସରିଥାଏ। ତେଣୁ ଆବଶ୍ୟକ ନ ଥିଲେ ଫୋନକୁ ଭାଇବ୍ରେସନ ପରିବର୍ତ୍ତେ ସ୍ଲୋ ରିଂ ଟୋନରେ ରଖନ୍ତୁ।

➔ ଫୋନ ସ୍କ୍ରିନ ଉପରେ ଏକାଧିକ ଆପ୍ଲିକେସନ ରଖିବା ଦ୍ୱାରା ବି ବ୍ୟାଟେରି ଅଧିକ ଖର୍ଚ୍ଚ ହୋଇଥାଏ । ତେଣୁ ଏଥିପ୍ରତି ସଚେତନ ହୁଅନ୍ତୁ। ସେହିପରି ଡାଟା, ୱାଇଫାଇ, ଜିପିଏସ, ମ୍ୟାପ୍ କିମ୍ବା ନ୍ୟାଭିଗେସନ ଏବଂ ବ୍ଲୁ ଟୁଥ୍ ଆଦି ବ୍ୟବହାର କରୁ ନ ଥିବା ସମୟରେ ଏହାକୁ ଖୋଲାକରି ରଖିବାଦ୍ୱାରା ବ୍ୟାଟେରି ଚାର୍ଜ ସରିଥାଏ। ତେଣୁ ଆବଶ୍ୟକ ପରେ ଏ ସବୁକୁ ବନ୍ଦ କରି ଦିଅନ୍ତୁ।

➔ ମୋବାଇଲର ବ୍ୟାକ ଲାଇଟ୍ ଟାଇମ୍ ବା ସ୍କ୍ରିନ ଟାଇମ୍ ଯେତେ ସମ୍ଭବ କମ୍ ରଖନ୍ତୁ ।

➔ ପ୍ରତ୍ୟକ୍ଷ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା କିମ୍ବା ଗରମ ସ୍ଥାନରେ ରହିବା ଦ୍ୱାରା ବି ମୋବାଇଲ ବ୍ୟାଟେରି ଅଧିକ ସରିଥାଏ। ତେଣୁ ଏହାକୁ ସାମାନ୍ୟ ତାପମାତ୍ରା ଥିବା ସ୍ଥାନରେ ରଖନ୍ତୁ। ଅନେକେ ମୋବାଇଲକୁ ସାରା ରାତି ଚାର୍ଜରେ ବସେଇଥାନ୍ତି। ଏହାଦ୍ୱାରା ବ୍ୟାଟେରି ଚାର୍ଜ କ୍ଷମତା ହ୍ରାସ ହେବା ସହ ଅନେକ ସମୟରେ ଫାଟି ମଧ୍ୟ ଯାଏ।

ଜାଣନ୍ତୁ ଦୁନିଆ

# ଦୃଷ୍ଟିହୀନଙ୍କ ଗାଁ

ପ୍ରତ୍ୟେକ ଜୀବଙ୍କ ଲାଗି ଚକ୍ଷୁ ପ୍ରକୃତିର ଏକ ଅମୂଲ୍ୟ ବରଦାନ; ଯାହା ବିନା ଦୁନିଆ ଲାଗେ ଅନ୍ଧାର ଆଉ ଜୀବନ ଦୁର୍ବିଷହ। ହେଲେ ଥରେ ଭାବିଲେ ଗୋଟିଏ ଗ୍ରାମରେ ଯଦି ଜଣେ କିମ୍ବା ଦୁଇଜଣ ନୁହନ୍ତି ସମସ୍ତ ଲୋକ ଅନ୍ଧ ହୋଇଥିବେ, ସେଠାକାର ଦୃଶ୍ୟ କେତେ ଦୁଃଖଦପୂର୍ଣ୍ଣ ହୋଇଥିବ। ତେବେ ଏହା କୌଣସି କାଳ୍ପନିକ କଥା ନୁହେଁ, ବରଂ ବାସ୍ତବ। ଟିଲ୍‌ଟେପେକ୍ ନାମରେ ଏଭଳି ଏକ ଗ୍ରାମ ରହିଛି ମେକ୍ସିକୋରେ। ଜାଣିବା ଏହା ସମ୍ପର୍କରେ କିଛି ତଥ୍ୟ...

➤ ଘଞ୍ଚ ଜଙ୍ଗଲଘେରା ଏହି ଗାଁରେ ଜୋପୋଟେକ୍ ନାମକ ଏକ ଜନଜାତି ବାସ କରନ୍ତି। ତେବେ ଏଠାରେ ରହୁଥିବା କେବଳ ମଣିଷ ନୁହେଁ ବରଂ କୁକୁର, ବିଲେଇ, ଗାଈ ଆଦି ବିଭିନ୍ନ ପଶୁ ପକ୍ଷୀମାନେ ମଧ୍ୟ ଦୃଷ୍ଟିହୀନ; ଯେଉଁଥିପାଇଁ ସମଗ୍ର ପୃଥିବୀରେ ଏହା ଦୃଷ୍ଟିହୀନଙ୍କ ଗାଁ ଭାବେ ପରିଚିତ।

➤ ଏଠାରେ ପ୍ରାୟ ୩୦୦ଲୋକ ରହୁଥିଲେ ହେଁ କାହାରି ଘରେ କରେଣ୍ଟ କିମ୍ବା ଦୀପଟିଏ ମଧ୍ୟ ନାହିଁ।

➤ ଏଠାକାର ଲୋକେ ଚଢେଇର ରାବ ଶୁଣି ସକାଳ ହେବା ଏବଂ ରାବ ବନ୍ଦ ହୋଇଗଲେ ରାତି ହୋଇଗଲା ବୋଲି ଜାଣି ପାରନ୍ତି।

➤ ଏଠାକାର ଲୋକେ ସେମାନଙ୍କ ଦୃଷ୍ଟିହୀନତା ଲାଗି ଲାବ୍‌ଜୁଏଲା ନାମକ ଏକ ଗଛ ଦାୟୀ ବୋଲି ମାନିଥାନ୍ତି। ସେମାନେ କୁହନ୍ତି, ସେଠାରେ ଜନ୍ମ ସମୟରେ ସମସ୍ତଙ୍କର ଦୃଷ୍ଟିଶକ୍ତି ଠିକ୍ ଥାଏ ହେଲେ ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ପର୍ଯ୍ୟନ୍ତ ଯିଏ ବି ଉକ୍ତ ଅଭିଶପ୍ତ ଗଛକୁ ଦେଖେ ମାତ୍ର ୭-୮ ଦିନ ମଧ୍ୟରେ ଦୃଷ୍ଟିଶକ୍ତି ହରାଇ ବସେ। ହେଲେ ବିଜ୍ଞାନ ମତରେ ଏହା ପଛରେ ଏକ ବିଶାକ୍ତ କଳା ମାଛି ଦାୟୀ।



DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ୭ ଫେବୃୟାରୀ, ୨୦୨୧ Dhenkanal, Sunday, February 7/2021

# ସ୍ମିଥ୍‌ଙ୍କୁ ତୃତୀୟ ଆଲାନ ବର୍ଡର ପଦକ

**ମେଲବୋର୍ନ, ୬।୨(ପି.ଟି.):** ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ତୃତୀୟ ଥର ଆଲାନ ବର୍ଡର ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ମହିଳା ବିଭାଗରେ ବେଥ୍ ମୁନି ପ୍ରଥମ ଥର ପାଇଁ ବେଲିଣ୍ଡା କ୍ଲାର୍କ ପୁରସ୍କାର ହାସଲ କରିଛନ୍ତି। ସମସ୍ତ ତିନୋଟି ଫର୍ମାଟର ପ୍ରଦର୍ଶନକୁ ଭିତ୍ତି କରି ସ୍ମିଥ୍ ଏହି ପୁରସ୍କାର ପାଇଛନ୍ତି। ଏହା ହେଉଛି ଅଷ୍ଟ୍ରେଲିଆନ କ୍ରିକେଟର ଦୁଇ ଶ୍ରେଷ୍ଠ ସମ୍ମାନ। ଭୋଟିଂ ପ୍ରକ୍ରିୟାରେ ୨୦୨୦-୨୧ ବର୍ଷର ପୁରସ୍କାର ବିଜେତାଙ୍କୁ ବଛାଯାଇଥିଲା। ଗତ ଭାରତ ବିପକ୍ଷ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ସ୍ମିଥ୍ ଏଥର ପୁରସ୍କାର ଜିତିବେ ଏହା ଅନେକଙ୍କ କଳ୍ପନା ବାହାରେ ଥିଲା। ସ୍ମିଥ୍ କହିଛନ୍ତି ମାର୍ନସ ଲାବୁସେନ୍ କିମ୍ବା ପ୍ୟାଟ୍ କମିନ୍ସ ଏଥର ପୁରସ୍କାର ଜିତିବେ ବୋଲି ତାଙ୍କର ଧାରଣା ଥିଲା, କାରଣ ଉକ୍ତ ବର୍ଷରେ ଉଭୟଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ସ୍ମିଥ୍ ଆହୁରି ମଧ୍ୟ ଲେଗ୍ ଆରୋନ ଫିଞ୍ଚଙ୍କଠାରୁ ୨୮ ଭୋଟ ବ୍ୟବଧାନରେ ଆଗୁଆ ରହି ବର୍ଷର ଶ୍ରେଷ୍ଠ ପୁରୁଷ ଅନ୍ତର୍ଜାତୀୟ ଦିନିକିଆ ଖେଳାଳି ପୁରସ୍କାର ଲାଭ କରିଛନ୍ତି। ଏହି ଦୌଡ଼ରେ ଲେଗ୍ ସ୍ପିନର ଆଡାମ ଜାମ୍ପା (୧୯) ମଧ୍ୟ ରହିଥିଲେ। ସ୍ମିଥ୍ ୭୩.୧୧ ଆଭରେଜରେ ୫୬୮ ରନ ସଂଗ୍ରହ କରିଥିଲେ। ସେ ବାଙ୍ଗାଲୋରରେ ଗୋଟିଏ ଏବଂ ଏସସିଜିଠାରେ ୩ ଦିନ ମଧ୍ୟରେ ଦୁଇଟି ଓ ରାଜକୋଟରେ ୯୮ ରନ ସଂଗ୍ରହ କରିଥିଲେ। ଲେଗ୍ ସ୍ପିନର ଜାମ୍ପା ଓ ଫିଞ୍ଚଙ୍କୁ ପଛରେ ପକାଇ ଆଷ୍ଟନ ଅଗର ପୁରୁଷ ଟି୨୦ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଡେଭିଡ୍ ୱାର୍ନର ଆଲାନ ବର୍ଡର ପଦକ ଏବଂ ଅଲ୍‌ରାଉଣ୍ଡର ଏଲିସ ପେରି ବେଲିଣ୍ଡା କ୍ଲାର୍କ ପୁରସ୍କାର ଲାଭ କରିଥିଲେ।


ଷ୍ଟିଭ୍ ସ୍ମିଥ୍ ବେଥ୍ ମୁନି

# ପ୍ରଥମ ଦିବସରେ ଓଡ଼ିଶାକୁ ୨ପଦକ

## ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୬।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଗୁଆହାଟୀସ୍ଥିତ ସାରସୁଜାଇ ଷ୍ଟାଡିୟମରେ ଶନିବାରଠାରୁ ୩୬ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୧ ଆରମ୍ଭ ହୋଇଛି। ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ୧୨ଜଣ ଜୁନିୟର ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ଦଳ ପ୍ରଥମ ଦିବସରେ ୨ ପଦକ ହାସଲ କରିଛି। ସବିତା ଟପ୍ପୋ ପ୍ରଥମ ସ୍ୱର୍ଣ୍ଣ ପଦକ ବାଳିକା ୧୬ବର୍ଷରୁ କମ୍ ଶ୍ରେଣୀ ଲଙ୍ଗଜମ୍ପ (୫.୫୯ମିଟର) ରେ ପାଇଛନ୍ତି। ଦ୍ୱିତୀୟ ପଦକ ୨୦ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ମିଳିଛି। ମନୀଷା ମେରାଲ ୫.୬୩ ମିଟର ଜମ୍ପ କରି ରାଜ୍ୟ ପାଇଁ ଦ୍ୱିତୀୟ ପଦକ ଜିତିଥିଲେ। ଅନ୍ୟ ଇଭେଣ୍ଟଗୁଡ଼ିକ ମଧ୍ୟରେ ଦିଲୀପ ନାଏକ ୨୦ ବର୍ଷରୁ କମ୍ ବାଳକ ୧୫୦୦ ମିଟର ଦୌଡ଼ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୧୬ବର୍ଷରୁ କମ୍ ବାଳିକା ବିଭାଗ ଶଟପୁଟ୍ ଇଭେଣ୍ଟରେ ଅଂଶିକା ରାଉତରାୟ ୬ଷ୍ଠ ସ୍ଥାନ ଅଧିକାର କରିଥିବା ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସୂତ୍ରରୁ ପ୍ରକାଶ।



ମନୀଷା ମେରାଲ ସବିତା ଟପ୍ପୋ







# ପ୍ରତିଭା ଚିହ୍ନଟ ଜୋନାଲ କମିଟିରେ ପ୍ରତାପ

**ଭୁବନେଶ୍ୱର, ୬।୨ (ସ୍ପୋର୍ଟ୍ସ ବ୍ୟୁରୋ)**

କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ଉଦ୍ୟମ କ୍ରମେ ଖେଲୋ ଇଣ୍ଡିଆ ଆଇଡେଣ୍ଟିଫିକେଶନ ପ୍ରୋଗ୍ରାମ୍ ପାଇଁ ପୂର୍ବାଞ୍ଚଳ (ହକି) ଅଧୀନରେ ଓଡ଼ିଶା ରାଜ୍ୟ ପାଇଁ ପ୍ରତିଭା ଚିହ୍ନଟ ଜୋନାଲ କମିଟି ଗଠନ କରାଯାଇଛି। ଏଥିରେ ଜଣେ ସଦସ୍ୟ ଭାବେ ପ୍ରତାପ ଶତପଥୀ ମନୋନୀତ ହୋଇଛନ୍ତି। ବିନା ପ୍ରତିଯୋଗିତାରେ ଉପଯୁକ୍ତ ପଦ୍ଧତି ଜରିଆରେ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରିବା ଏନଏସ୍‌ଆରଏସ୍‌ର ତଥ୍ୟକୁ ଭିତ୍ତି କରି ଆଥ୍‌ଲେଟଙ୍କ ର୍‍ୟାଙ୍କିଙ୍ଗ ସ୍ଥିର କରିବା ବ୍ୟତୀତ ଏହାର ଅନ୍ୟାନ୍ୟ ଦାୟିତ୍ୱ ରହିଛି।


ପ୍ରତାପ ଶତପଥୀ

# ଅଷ୍ଟ୍ରେଲିଆନ ଓପନ୍ ପାଇଁ କେନିନ୍ ଫିଟ୍

**ମଲବୋର୍ନ, ୬।୨ (ଏପି):** ଗତଥରର ଚାମ୍ପିୟନ ସୋଫିଆ କେନିନ୍ ଅଷ୍ଟ୍ରେଲିଆନ ଓପନ୍ ବେଳକୁ ଶତପ୍ରତିଶତ ଫିଟ୍ ହୋଇଯାଇଥିବେ ବୋଲି କହିଛନ୍ତି। ସିଜନ ଆରମ୍ଭ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ପାଇଁ ଖେଳାଯାଉଥିବା ଏକ ଟ୍ୟୁନ୍ ଅପ୍ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲ ମ୍ୟାଚ ଖେଳୁଥିବାବେଳେ ତାଙ୍କ ଗୋଡରେ ଆଘାତ ଲାଗିଥିଲା। ଗାର୍ବାଇନ୍ ମୁଗୁରୁଜା ବିପକ୍ଷ ଏହି ମ୍ୟାଚରେ ସେ ୬-୨, ୬-୨ ସେଟ୍‌ରେ ହାରିଯାଇଥିଲେ। ଆବଶ୍ୟକ ଚିକିତ୍ସା ପରେ ଶନିବାର ତାଙ୍କ ଗୋଡରୁ ଯନ୍ତ୍ରଣା ଦୂର ହୋଇଛି। ପ୍ରଥମ ରାଉଣ୍ଡରେ ସେ ଅଷ୍ଟ୍ରେଲିଆର ୱାଇଲ୍ଡ କାର୍ଡ ମାଡିସନ ଇଙ୍ଗ୍ଲିଶଙ୍କୁ ଭେଟିବେ। କୋଭିଡ୍ ପ୍ରୋଟୋକଲ ଯୋଗୁ ଅଂଶଗ୍ରହଣକାରୀ ଖେଳାଳିମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ ରହିଥିବାରୁ ଏଥର ଅଷ୍ଟ୍ରଲିଆନ ଓପନ୍ ୩ ସପ୍ତାହ ବିଳମ୍ବରେ ଆସନ୍ତା ସୋମବାରଠାରୁ ଆରମ୍ଭ ହେବ। କେନିନ ଯଦି ଅଗ୍ରସର ହୁଅନ୍ତି ତେବେ ଚତୁର୍ଥ ରାଉଣ୍ଡରେ ସେ ଜେନିଫର ବ୍ରାଡି କିମ୍ବା ଜୋହାନ୍ନା କୋଣ୍ଟାଙ୍କୁ ଭେଟିବେ। ସେ ଯଦି କ୍ୱାର୍ଟରଫାଇନାଲରେ ପ୍ରବେଶ କରନ୍ତି ତେବେ ତାଙ୍କୁ ଦୁଇଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଭିକ୍ଟୋରିଆ ଆଜାରେଙ୍କା କିମ୍ବା ଏଲିନା ସ୍ୱିତୋଲିନାଙ୍କୁ ଭେଟିବାକୁ ପଡ଼ିପାରେ। ୨୦୨୦ରେ କେନିନ୍ ଫ୍ରେଞ୍ଚ ଓପନରେ ରନର୍ସ ଅପ୍ ହୋଇଥିଲେ। ସେ ଭଲ ରୂପେ ଜାଣିଛନ୍ତି ଯେଉଁମାନଙ୍କୁ ସେ ପରାସ୍ତ କରିଛନ୍ତି, ସେମାନେ ପ୍ରତିଶୋଧ ନେବାକୁ ଚାହିଁବେ। ଏସବୁ ସତ୍ତ୍ୱେ ସେ ଅଷ୍ଟ୍ରେଲିଆନ ଓପନରେ ଟାଇଟଲ ବଜାୟ ରଖିବାକୁ ଚେଷ୍ଟା କରିବେ ବୋଲି କେନିନ କହିଛନ୍ତି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ